ଅଭାବର ଅନୁଭୂତି:

ଅଜଣା ପଥିକର ଅଭୂଲା ଅତୀତ



ରବି ନାରାୟଣ ସୁବୁଦ୍ଧି

ତରାପି (ଚିଲିକା ତହସିଲ), ଖୋର୍ଦ୍ଧା

ଅଭାବର ଅନୁଭୂତି:

ଅଜଣା ପଥିକର ଅଭୁଲା ଅତୀତ

ରବି ନାରାୟଣ ସୁବୁଦ୍ଧି

ତରାପି (ଚିଲିକା ତହସିଲ), ଖୋର୍ଦ୍ଧା

ପ୍ରଥମ ସଂସ୍କରଣ: ୨୦୨୫ [July, 2025]

© ସତ୍ତ୍ୱ: ରବି ନାରାୟଣ ସୁବୁଦ୍ଧି rabisubudhi@gmail.com

ପ୍ରକାଶକ:

ରବି ନାରାୟଣ ସୁବୁଦ୍ଧି

ମୁଦ୍ରଣ:

ଏସ ଏସ ଗ୍ରାଫିକସ, ଭୁବନେଶ୍ୱର

ମୂଲ୍ୟ: ୧୪୫ [Rs.145/- INR]

ISBN: 978-93-343-4893-4

9 789334 348934

ସୂଚୀପତ୍ର

୧. ଚିଲିକା ଅଞ୍ଚଳର ଇତିହାସ ଓ କିମ୍ବଦନ୍ତୀ 1
୨. ପିଲାଦିନ ସ୍କୁଲ ଯିବା ବେଳର କଥା 3
୩. ମୋ ନିଜ କଥା, ମୋ ଗାଁ କଥା 3
୪. ପାହାଡ, ଜଙ୍ଗଲ ଓ ଚିଲିକା ସ୍ମୃତିରେ ପିଲାଦିନ 7
୫. ବାଘଛାଲ ମୁଣ୍ଡିଆ 12
୬. ବୋଇତି ପାହାଡ଼ ଜଙ୍ଗଲରେ ଶିକାର ଅନୁଭୂତି 14
୭. ପ୍ରଥମ ଘରକିଣା ଅନୁଭୂତି 18
୮. ମିରଠ ବିଶ୍ୱବିଦ୍ୟାଳୟ ପାଠପଢା ଅନୁଭୂତି 20
୯. ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ପାଠପଢ଼ା 22
୧୦. ଦେଶ ବିଦେଶର ପ୍ରଖ୍ୟାତ ଶିକ୍ଷାନୁଷ୍ଠାନ ସହ ସମ୍ପର୍କ 23
୧୧. ମୋ ଗବେଷଣା ଅନୁଭୂତି 25
୧୨. ଆମ ଗାଁ ପ୍ରାଥମିକ ବିଦ୍ୟାଳୟର ଶହେ ବର୍ଷ 26
୧୩. ଆମ ଗାଁ ରାମଲୀଳା 32
୧୪. ସେକାଳର କଟକ କଥା 35
୧୫. ଅଭାବର ଅନୁଭୂତି 43
୧୬. ଛାତ୍ରାବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ 61
୧୭. ମୋ ଭାଇ ଭଉଣୀର ବାହାଘର 63
୧୮. ବୁଢ଼ା କଂସାରି କଥା 66
୧୯. ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ଅନୁଭୂତି 69
୨୦. ପତ୍ରିକା ପ୍ରକାଶନ ଅନୁଭୂତି 74
୨୧. ପୁଅ, ଝିଅ ବାହାଘର କଥା 79
୨୨. ବିଦେଶ ଭ୍ରମଣ ଅନୁଭୂତି 81
୨୩. ମୋ ପ୍ରକାଶିତ ଲେଖା 93
୨୪. ରେଖାପାତ କରିଥିବା କେତେଜଣ ଭଲ ମଣିଷ 100
୨୫. ରାଜ୍ୟର ପ୍ରମୁଖ ଘଟଣା 117

ଉପକ୍ରମ:

ଚିଲିକା କୁଳର ଗାଁ, ତରାପି ତା' ର ନାଁ

ଚିଲିକାର ପ୍ରାଚୀନ ଇତିହାସ:

ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଗ୍ରାମ ପାଖ ଆଖରେ କରାଯାଇଥିବା ସର୍ଭେ (ଓ ବିଜ୍ଞାନ ସମ୍ମତ ରେଡିଓ କାର୍ବନ ଡ଼େଟିଙ୍ଗ ପଦ୍ଧତି ଅନୁଯାୟୀ) ଚିଲିକା କୂଳରେ ପ୍ରାକ-ଐତିହାସିକ (ଖ୍ରୀ.ପୂ. ୨୩୦୦ ସମୟର) ସଭ୍ୟତା ରହିଥିବା କଥା ଜଣାପଡିଛି । ଇତିହାସ ପୃଷ୍ଠା ଖୋଜି ବସିଲେ, ଖ୍ରୀ.ପୂ. ୧୫୦ ସମୟର ଟୋଲେମି (ସେ ପାଲୁର ଓ କଣ୍ଟିଆଗଡ କଥା ଲେଖିଛନ୍ତି) ଓ ଫାହୀୟାନ (୬୩୯ ମସିହା), ହୁଏନସାଙ୍ଗ ଙ୍କ ଲେଖାରେ ଚିଲିକା କଥା ଉଲ୍ଲେଖ ଅଛି । ଦୟା, ମଲାଗୁଣି (ନିରାକାରପୁର ଓ ଗୋଳବାଇ ନିକଟରେ) ଓ ଲୁଣା (କଣାସ ନିକଟରେ) ନଦୀ ଅବବାହିକାରେ, ପ୍ରତ୍ନତତ୍ଵ ବିଭାଗର ସର୍ଭେରୁ ସପ୍ତମ ଶତାବ୍ଦୀ ସମୟର ବଡ ଜାହାଜର ଅଂଶ ବିଶେଷ ମିଳିଛି । ଏହି ସବୁ ନଦୀ ମୁହାଣରୁ ଚିଲିକା ଭିତର ଦେଇ ଦୂର ଦେଶ (ଯଥା- ଜାଭା, ମାଳୟ, ସିଂହଳ, ବାଲି ଦ୍ଵୀପ ଇତ୍ୟାଦି) ସହ ବେପାର ବଣିଜ ପାଇଁ ବୋଇତ/ ଜାହାଜ ଯାଉଥିବା ପ୍ରମାଣ ମିଳିଛି ।

ଭାରତ ଇଂରେଜ ଶାସନାଧୀନ ହେବା ସମୟରେ, ୧୮୦୩ ମସିହାରେ (ଫତେ ମହମ୍ମଦ ର ସହାୟତାରେ) ଚିଲିକା ମଧ୍ୟ ଦେଇ ଇଂରେଜ ସେନା ପୁରୀ ପହଞ୍ଚି ଯାଇଥିଲେ । ପରେ ପୁରୀ ଓ ଖୋର୍ଦ୍ଧା ଅଧିକାର କରିବା ପରେ, ଫତେ ମହମ୍ମଦ କୁ ପାରିକୁଦ ଓ ମାଲୁଦ ଅଞ୍ଚଳର ଜାଗିରି ଉପହାର ଦେଇଥିଲେ ଇଂରେଜ ମାନେ ।

ଚିଲିକା କିମ୍ବଦନ୍ତିରେ ରକ୍ତବାହୁ ଓ ମାଣିକି ଗଉଡୁଣୀ:

ପୁରାଣରେ କିଛି ରୋଚକ ତଥ୍ୟ ମିଳୁଛି ଚିଲିକା ର ଅବସ୍ଥିତି ଓ ତାର ଉପକୂଳ ସଭ୍ୟତା ଓ ସଂସ୍କୃତି ସମ୍ପର୍କରେ । ଜନଶୃତି ଓ କିମ୍ବଦନ୍ତୀର ଏକ କଥା ହେଉଛି, ପରାକ୍ରମୀ ଜଳଦସ୍ୟୁ ମାନଙ୍କ ଦଳପତି (କିମ୍ବଦନ୍ତୀ ପୁରୁଷ) ରକ୍ତବାହୁ କଥା । ପୁରୀ ସହରର ବୈଭବ କଥା ଶୁଣି, ଧନ ସମ୍ପଦ ଲୁଟିବା ଅଭିପ୍ରାୟରେ ସେ ଥରେ ଶତାଧିକ ଜାହାଜ ରେ ଜଳଦସ୍ୟୁ ମାନଙ୍କୁ ନେଇ, ସମୁଦ୍ର ପଟୁ ଆକ୍ରମଣର ଗୁପ୍ତ ଯୋଜନା କରିଥିଲା । ଜାହାଜ ସବୁକୁ ପାଣି ଭିତରେ ଅଧା ଲୁଚାଇ ଥିଲେ ବି ଉପରିସ୍ଥ ମାସ୍ତୁଲ ପତାକା ଦୂରରୁ ଦେଖି ଦେଇ ପୁରୀ ସହର ବାସିନ୍ଦା/ ପ୍ରଜାମାନେ ରକ୍ତବାହୁ ଭୟରେ ଜନପଦ ଛାଡ଼ି, ସବୁ ଧନ ସମ୍ପଦ ନେଇ ଦୂର ଜଙ୍ଗଲ ଭିତରେ ଲୁଚିଗଲେ । ରକ୍ତବାହୁ ଆସିଲାବେଳକୁ ପୁରୀ

ସହର ପୁରା ଖାଲିଥିଲା । ରାଗିଗଲା ରକ୍ତବାହୁ, ସମୁଦ୍ର ଉପରେ: ରାଗ ତାର ଏଥିପାଇଁ ଯେ 'ସମୁଦ୍ର ଭିତରେ ଲୁଚିଥିବା ଖବର, ସମୁଦ୍ର ହିଁ ଦେଇଛି' । ସମୁଦ୍ରକୁ ଆକ୍ରମଣ କରିବାକୁ ଆଦେଶ ଦେଲା ପରାକ୍ରମୀ ରକ୍ତବାହୁ । ଭୟରେ ସମୁଦ୍ର ଶୁଖିଗଲା କିଛି ସମୟ, ପରେ ଅଧିକ ବଳ (ଅଧିକ ଜଳ ଓ ଜୁଆର) ନେଇ ବୁଡାଇଦେଲା ରକ୍ତବାହୁର ସମସ୍ତ ସେନା/ ଦସ୍ୟୁ ମାନଙ୍କୁ । ପୁରୀ ନିକଟସ୍ଥ ସମୁଦ୍ର ଶୁଖିଯାଇ ପୁଣି ଉଭା ହେବା ବେଳେ, ସେଠାରେ ଚିଲିକା ହ୍ରଦର ସୃଷ୍ଟି ଏହିଭଳି ହୋଇଛି ବୋଲି କିମ୍ବଦନ୍ତୀ କହେ ।

ସାଂପ୍ରତିକ ତଥ୍ୟ:

୩୫୬୦ ବର୍ଗ କିଲୋମିଟର କ୍ଷେତ୍ରଫଳ (Catchment Area) ବିଶିଷ୍ଟ, ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଚିଲିକା, ଓଡ଼ିଶାର ବୃହତ୍ତମ ହ୍ରଦ ଭାବରେ ବେଶ ଜଣାଶୁଣା । ଚିଲିକାରେ ଶୀତଦିନ ବିତାଇବା ପାଇଁ ବିଦେଶାଗତ ପକ୍ଷୀମାନେ ସୁଦୂର ଉତ୍ତର ଗୋଲାର୍ଦ୍ଧ ଓ ସାଇବେରିଆ ଅଞ୍ଚଳରୁ, ହଜାର ହଜାର ମାଇଲ ଉଡ଼ି ଆସନ୍ତି । ଏଠାରେ ଥିବା ପାରିକୁଦ ଓ ମାଲୁଦ ଦ୍ୱୀପରେ ଥିବା ମନ୍ଦିର ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ। ଏହା ଏପରି ଏକ ଜଳଭାଗ ଯାହାର ପ୍ରାୟ ତିନିପାର୍ଶ୍ୱ ସ୍ଥଳଭାଗଦ୍ୱାରା ପରିବେଷ୍ଟିତ ହୋଇଥିବା ବେଳେ ଏକ ପାର୍ଶ୍ୱ ସମୁଦ୍ର ସହ ସଂଯୁକ୍ତ। ସୁତରାଂ ଚିଲିକାକୁ ହ୍ରଦ ପରିବର୍ତ୍ତେ ଏକ ଲାଗୁନ୍ ବୋଲି କୁହାଯିବା ମଧ୍ୟ ଯୁକ୍ତିଯୁକ୍ତ ।

ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ସୂଚନା ମିଳୁଛି ଯେ, ଏହି ଚିଲିକା ହ୍ରଦରେ, ବିଭିନ୍ନ ଉଦ୍ଭିଦ-ଶୈବାଳ ଓ ସରୀସୃପ ବ୍ୟତୀତ, ୨୨୫ ପ୍ରକାର (ପ୍ରଜାତି) ର ମାଛ ଓ ୧୫୬ ପ୍ରକାର (ପ୍ରଜାତିର) ପକ୍ଷୀ ଦେଖିବାକୁ ମିଳନ୍ତି ।



୧ |

ପିଲାଦିନ ସ୍କୁଲ ଯିବା ବେଳର କଥା

ମନେ ପଡୁଛି, ସେକାଳର ଆମ ପିଲାଦିନର କଥା, ଷାଠିଏ-ସତୁରୀ ଦଶକର କଥା (1960-1970) । ମୋ/ ଆମ ସ୍କୁଲ ଯିବା ବେଳର, ସେକାଳର କଥା । ମୋ ଗାଁ କଥା, ବିଲ ତୋଟାମାଳ ଦେଇ ବର୍ଷାଦିନେ ଚାଲି ଚାଲି ସ୍କୁଲ ଯିବା ବେଳର କଥା, ଶ୍ରାବଣ-ଭାଦ୍ରବର ଏମିତିଆ ଝଡି-ବର୍ଷା-ପାଗ ଦିନର କଥା...। ସକାଳୁ ସକାଳୁ ମା' (ବୋଉ) ତର ତରରେ ରାନ୍ଧିବା ବେଳର, ସେକାଳର ବିକଳ ଅବସ୍ଥା କଥା ।

ଗ୍ୟାସ ଚୁଲି ଓ କଳପାଣି ତ ସ୍ୱପ୍ନ ଥିଲା ସେବେ, କାଠ ଚୁଲି, ଅଧା ଓଦା କାଠ, କୂଅରୁ ପାଣି କାଢି, ବାରିରୁ ପନି ପାରିବା ନିଜେ ତୋଳି ରାନ୍ଧିବାର କି କଷ୍ଟ (ବୋଉର), କି ସେ ବିକଳ ଅବସ୍ଥା ସତେ । ଅଧା ପୋଡା, ଅଧା ସିଝା, ଅଧା ରନ୍ଧା, ବିକଳରେ ଗିଳିଦେଇ, ଧାଇଁବାର ଆମର ସେ ବିକଳ ଅବସ୍ଥା କଥା । ତିନି କିମି ପାଦଚଲା କର୍ଦ୍ଦମାକ୍ତ ରାସ୍ତା ଚାଲିବାକୁ ହୁଏ ସବୁଦିନ, ମୋ ଗାଁ ଠାରୁ କୁହୁଡି ସ୍କୁଲ ପର୍ଯ୍ୟନ୍ତ । ପିଠି ପଛରେ ଝୁଲା ବ୍ୟାଗ ନୁହେଁ, ହାତରେ ବା କାନ୍ଧରେ ରହିଥିବ ଝୁଲା 'ବସ୍ତାନି'॥ ପବନାଧୀନ ବର୍ଷାର ପାଣି ଛିଟିକା ଅଧା ଓଦା କରିଦେଇଥିବ ବହିପତ୍ର । ସହଳ ନପହଞ୍ଚିଲେ ପିଇଟି ସାରଙ୍କ ବେତ ମାଡ଼ । ପଛକୁ ପଛ ଗଣିତ, ଇଂରାଜୀ ଓ ସଂସ୍କୃତ ପଣ୍ଡିତଙ୍କ (ନରହ, ନରଉ, ନରାହା) ବ୍ୟାକରଣ ପାଠ, ଓ ବେତ ମାଡ଼ । ଥରେ ଅଧେ ତ' ହେଇଯିବ ସମସ୍ତଙ୍କୁ ମାଡ଼ । ପୁଅ ଝିଅ, ସମସ୍ତଙ୍କୁ ମାଡ଼ । ମାଡ଼ ପରେ, ପାଠ ପଢା ପରେ, ଖେଳ କୁଦ କିନ୍ତୁ ମନଭରି ହୁଏ । ପୁଅଙ୍କ ଖେଳ ପଡିଆ ଅଲଗା ଥାଏ । ଖେଳ ହୁଏ ସଞ୍ଜ ହେବା ଯାଏଁ । ଝିଅ ମାନେ ଖେଳନ୍ତି ବୋହୁଚୋରି ପୁଚି ଖେଳ ।

ଦଶ ପଇସାରେ ମିଳୁଥିଲା ଦୁଇ ମୂଠା ଭଜା ବାଦାମ, ଫେରିବା ବାଟ ଯାକର ସାଥି ହୁଏ ସେତକ .... ।

ମନେ ପଡେ ଆଜି....ପିଲାଦିନ କଥା, ମୋ ସ୍କୁଲ ଯିବା କଥା, ସେକାଳର ସବୁ କଥା । ସେତ ଅଭୂଲା ଅତୀତ ।

ମୋ ନିଜ କଥା, ମୋ ଗାଁ କଥା:

ଖୋର୍ଦ୍ଧା ଜିଲ୍ଲା ର ଛୋଟ ଏକ ଗାଁ, ତରାପି ତା ନାଁ । ଚିଲିକା କୂଳର ଏହି ଗାଁ, ଦୁଇ ଶହରୁ କିଛି ଅଧିକ ଘର ଥିବା ଏହି ଗାଁ । ଚାଷ ବାସ ହିଁ ଗ୍ରାମବାସୀଙ୍କ ମୁଖ୍ୟ

ବେଉସା । ଚାଷୀ ପରିବାରରୁ ମୋ'ର ଜନ୍ମ; ଚାଷ କାମ ଅଳ୍ପେ ବହୁତେ ମତେ ବି ଜଣା। ହଳକାମ, ଧାନବୁଣିବା, ରୁଆ-ବଛା, ଧାନକାଟିବା, ବେଂଗଳା ପକାଇ ଧାନ ଅମଳ କରିବା ଜାଣିଛି; ଏବେବି ମନେ ଅଛି.. କିଛି କିଛି (ବହୁତ କିଛି) । ପାଠ ପଢି, ଚାକିରୀ ମୁଁ କଲି, ଗାଁ ବାହାରେ ରହିବାକୁ ହେଲା । ଗ୍ରାମ, ଆଉ ଚାଷକାମ କଥା ଏବେ ଅନେକ ମାତ୍ରାରେ ଭୁଲି ଭାଲି ଗଲିଣି । ଏବେ ଗାଁ କୁ ଗଲେ, ଗାଁ ର ପିଲାମାନଙ୍କୁ ଚିହ୍ନି ହେଉନି, ନାଁ ଧରି ଡାକି ହେଉନି । ବଦଳି ଗଲାଣି ଗାଁ ।

ଏବେ ଅନ୍ୟ ଉପରେ ଭରସା, ସବୁକଥାରେ । ହେଲେ ଦିନ ଥିଲା, ନିଜ ର ସବୁ କାମ, ଲୋକେ ନିଜେ କରୁଥିଲେ ! ମାଛ ଖାଇବାକୁ ହେଲେ, ମାଛ ଧରି ଆଣିବାକୁ ଯାଉଥିଲେ ଆମ ଗାଁ ଲୋକେ, ପାଖ ଚିଲିକାକୁ। କି ଆନନ୍ଦ ସତେ, ମାଛ ଧରିବାରେ....। ମାଛ ଧରିଛି ଚିଲିକାରୁ... ମୁଁ ନିଜେ, କେତେ ପ୍ରକାରର ମାଛ ଓ କଙ୍କଡା । କ୍ଷୀର ଖାଇବାକୁ ହେଲେ, ଗାଁ'ର ଘରେ ଘରେ ରଖୁଥିଲେ ଗାଈ ମଇଁଶୀ । ମିଳି ଯାଉଥିଲା ଘରବାରିରୁ ଶାଗ, ମୁଗ, ସବୁ କିଛି । ଏବେ ଆଉ ସେତେ ପଶୁଧନ ନାହିଁ, ପନିପରିବା, ଚାଷକାମ ପାଇଁ ହଳ-ବଳଦ ବ୍ୟବହାର ସେତେ ଆଉ ନାହିଁ । ଗାଁ କୁ ଗଲେ, ସାଧାରଣ ପରିବାର ବି ଏବେ ବାହାରୁ ପରିବା କିଣୁଛି ।

ଏବେ ଗାଁ ରେ, ଘରେ ଘରେ ପିଲାଏ ଚାକିରୀ କଲେଣି । ମାଗଣା ଚାଉଳ ବି ମିଳୁଛି ଗ୍ରାମର ଅନେକ ପରିବାରକୁ, ଆଉ ଅଛି ଅନ୍ୟାନ୍ୟ ସରକାରୀ ସହାୟତା । ସବୁ ଗାଁ ରେ ଏବେ ଏକା କଥା, ବଦଳିଛି ଚଳଣି । ବଦଳିଛି ସବୁ ଗାଁ ର ଛବି । ଚାଲିବା ବି ଆଜି କମ୍, ଗାଁ ରେ ବି ଛୁଟୁଛି ଗାଡିଘୋଡା । ଘରେ ଘରେ ବାଇକ, ଥାଇପାରେ ଯୋଡା, ଯୋଡା । ବଜାରକୁ ଗଲେ ବା ମେଳା ମହୋତ୍ସବ ରେ ଅନ୍ୟ ଗାଁକୁ ଗଲେ, ସେତେବେଳେ ଚାଲି ଚାଲି ଯିବାକୁ ହେଉଥିଲା । ଭାର ପାଇଁ, ଭାରି ଜିନିଷ ପାଇଁ ଶଗଡ ହିଁ ଥିଲା ପ୍ରମୁଖ ସାଧନ । ବଦଳିଛି ସମୟ, ବଦଳିଛି ସବୁ ଗାଁ ର ଛବି ।

ଏବେ ପାଣି ପାଇଁ, କାଠଜାଳ ପାଇଁ, ଆଉ ଜଂଜାଳ ନାହିଁ, କେତେ ସୁବିଧା ଏବେ ଯେ ଏବେ ମା ଭଉଣୀ ଙ୍କ ପାଇଁ। ଗାଁ ରେ ପାଇପରେ ଏବେ ମିଳିଯାଉଛି ପାଣି, ସାଙ୍ଗକୁ ଏବେ ମିଳୁଛି ରନ୍ଧା ଗ୍ୟାସ ଜାଳେଣି । ଅନ୍ୟତ୍ର କହିବା, ଆଉ ଥରେ, ଗାଁ କଥା, ସେକାଳର କଥା, ବିସ୍ତାରରେ ସବୁ।

ଆମ ବଂଶ ଲତିକା



ମୋ ଜେଜେ ଥିଲେ ଇନ୍ଦ୍ରମଣି ସୁବୁଦ୍ଧି । ଶୁଣାଯାଏ, ତାଙ୍କ ଜେଜେ ଭିକାରି ସୁବୁଦ୍ଧି ଓ ଅନ୍ୟ କିଛି ପରିବାର ଚିଲିକା କୂଳର ଅନ୍ୟ କେଉଁ ଏକ ଗାଁ ରୁ ଆସି ତରାପି ରେ ଘର କରି ବସବାସ କରିଥିଲେ (ପ୍ରାୟ 200 ବର୍ଷ ପୂର୍ବେ)। ସେତେବେଳେ ତରାପିକୁ ପ୍ରଥମ କରି ଆସିଥିଲେ ସୁନ୍ଦରରାୟ ଓ ସାମନ୍ତସିଂହାର ପରିବାର । ପରେ ପରେ ଆଉ କିଛି ପରିବାର ଆସିଥିଲେ ଓ ଗ୍ରାମ ଦେବତୀ (ମା ମହାମାଳ) ଙ୍କ ମନ୍ଦିର ସ୍ଥାପନ କରିଥିଲେ। ଗାଁ ଚାରିପାଖେ ଥିବା ଖାଲୁଆ ଜାଗାରେ ଚାଷ ବାସ ଆରମ୍ଭ କରିଥିଲେ ।

ଭିକାରୀଙ୍କ ପୁଅ ଥିଲେ ମାଧବ, ତାଙ୍କ ପୁଅ ଇନ୍ଦ୍ରମଣି, ମୋ ଜେଜେ । ଇନ୍ଦ୍ରମଣୀଙ୍କ ଚାରି ଥିଲେ ପୁଅ (ରାମଚନ୍ଦ୍ର, ଗୋପୀନାଥ, ତ୍ରିଲୋଚନ ଓ କଣ୍ଡୁରି) ଓ ସଭା ସାନ ଥିଲେ ଗୋଟିଏ ଝିଅ- ବିଦ୍ୟୁତଲତା । ମୋ ବାପା ତ୍ରିଲୋଚନ ରାଜ୍ୟ ସରକାରଙ୍କ ସଶସ୍ତ୍ର ପୋଲିସ ବିଭାଗରେ କାମ କରୁଥିଲେ । ତାଙ୍କ ଚାକିରି ବିଷୟରେ ରୋଚକ କଥା ଅନ୍ୟତ୍ର ବିସ୍ତାରରେ ଲେଖିଛି । ମୁଁ ହେଉଛି ବଡ ପୁଅ, ସାନ ଭାଇ ନିରଞ୍ଜନ, ସଭା ସାନ ଥିଲା ଆମ ଭଉଣୀ, ବୈଜୟନ୍ତୀ । ଆମେ ଭାଇ ଭଉଣୀ, ତିନିଜଣ କୁହୁଡି ଉଚ୍ଚ ବିଦ୍ୟାଳୟରେ ପିଲାବେଳେ ପାଠ ପଢୁଥିଲୁ । ଆମ ତିନିଜଣଙ୍କ ପ୍ରାଥମିକ ଶିକ୍ଷା କିନ୍ତୁ ଅନ୍ୟ ସ୍ଥାନରେ ହୋଇଥିଲା ।

ବାପା ବୋଉଙ୍କ ସହ ଆମେ ଭାଇ ଭଉଣୀ

ଜେଜେ ଇନ୍ଦ୍ରମଣି ଓ ଜେଜିମା ଅନ୍ନପୂର୍ଣ୍ଣା

୨।

ପାହାଡ, ଜଙ୍ଗଲ ଓ ଚିଲିକା ସ୍ମୃତିରେ ପିଲାଦିନ

ଷାଠିଏ ବର୍ଷ ତଳର ଗାଁ ସ୍ମୃତି କଥା, ସେକାଳର କଥା

ସବୁ ଗାଁ ର ଏମିତି କିଛି ସ୍ମୃତି ବିଜଡିତ ଅଭୁଲା ଘଟଣା ରହିଥିବ, ଯେମିତି ଆମ ଗାଁ ତରାପିର ବହୁତ କିଛି ଅଛି। ଏଭଳି ଛୋଟବଡ ଘଟଣା, ଯାହା ଇତିହାସ ପୃଷ୍ଠାରେ ନ ମିଳିପାରେ, ଜନ ଶ୍ରୁତିରେ କିନ୍ତୁ ରହିଥାଏ । ତାହା ଲେଖାଯିବା ଉଚିତ, ପରପିଢ଼ି ଜାଣିବା ପାଇଁ, ପଢିବା ପାଇଁ। ସେମାନଙ୍କର ଅନୁଭୂତି ପାଇଁ, ଗାଁ ଇତିହାସ ଜାଣିବା ପାଇଁ । ଗାଁ ଗହଳର କଥା ସେକାଳର ଅଭୂଲା କଥା, ସେତେବେଳର ସାମାଜିକ ସ୍ଥିତି କଥା ।

ଚାଷ ଉପରେ ନିର୍ଭର କରି ଆସୁଥିବା ଆମ ଗାଁ , ୨୫୦ ବର୍ଷ ପୂର୍ବେ ସ୍ଥାପିତ ଚିଲିକା କୂଳିଆ ଏକ ଗାଁ, ତରାପି ତା'ର ନାଁ । ଏହାର ଭୌଗଳିକ ବା ଐତିହାସିକ ପ୍ରସିଦ୍ଧି ନଥିଲେ ମଧ୍ୟ, ଆମ ଅଞ୍ଚଳ ପାଇଁ ଏହା ଏକ ଆଦର୍ଶ, ଶିକ୍ଷିତ ଗାଁ ଭାବେ ପରିଗଣିତ । ୧୯୬୨ ମସିହାରେ ମୋ ଜନ୍ମ, ତେଣୁ ଷାଠିଏ ବର୍ଷ ତଳର କଥା ଏଠି ଲେଖିବି । ଏଠାରେ ଲେଖୁଛି 1960-70 ମସିହା ବେଳର ସାମାଜିକ ସ୍ଥିତି କଥା । ଯେତେବେଳେ ପକ୍କା ରାସ୍ତା, ବିଜୁଳି ଆଲୁଅ ସ୍ୱପ୍ନ ଥିଲା । ଆମ ଗାଁ' ରେ ଛାତଘର ଗୋଟିଏ ମଧ୍ୟ ନ ଥିଲା । ଅଧାରୁ ଅଧିକ ଲୋକ ନିମ୍ନ ମଧ୍ୟବିତ୍ତ ପରିବାରର ଥିଲେ ଏବଂ ମୁଖ୍ୟତଃ ଚାଷ ଉପରେ ହିଁ ନିର୍ଭର କରୁଥିଲେ । କଷ୍ଟରେ ଚଳୁଥିଲେ ଆମ ଗାଁ' ରେ ଅନେକ ପରିବାର ।

ମାଛ ଗାଡ଼ି-ପ୍ରତାପ ହନୁଆଡ଼ ବସ କଥା:

ବାହାରକୁ ଯାତାୟତ ପାଇଁ ଯେଉଁ କେତୋଟି ସରକାରୀ ପରିବହନ ବ୍ୟବସ୍ଥା ସେତେବେଳେ ଥିଲା, ସେଥିରେ ମନକୁ ଆସେ ରେଳଗାଡ଼ି ମଧ୍ୟରୁ ମାଛଗାଡ଼ି । ସେଥିରେ ମାଛ ଲଦା ହେଉଥିବାରୁ, ବହୁ ସମୟ ପର୍ଯ୍ୟନ୍ତ କୁହୁଡି ରେଳ ଷ୍ଟେସନରେ ଠିଆ ହୋଇ ରହିଥାଏ, ତେଣୁ ଗପସପ କରି, ଟ୍ରେନ ରେ ଜିନିଷ ଲଦିବାରେ ଲୋକଙ୍କ ପାଖରେ ଥାଏ ପର୍ଯ୍ୟାପ୍ତ ସମୟ ଅନ୍ୟ ମାଧ୍ୟମ ଟି ଥିଲା, ସେତେବେଳେ ଚାଲୁଥିବା ଗୋଟେ ସରକାରୀ ବସ (ଓଂଆରଂଟିଂ ସଂସ୍ଥା ଅଧୀନରେ ଥିଲା) । ଆମ ଗାଁ' ରୁ, କୁହୁଡି ବସଷ୍ଟାଣ୍ଡକୁ ୭କିମି ଚାଲି ଚାଲି ଯିବାକୁ ହୁଏ । ଘଣ୍ଟେ, ଦୁଇଘଣ୍ଟା ଅପେକ୍ଷା କରିବା ପରେ ଆସେ, ବାଣପୁର-ପ୍ରତାପ ଶାସନ ହନୁଆଡ଼ ବସ, ଭୁବନେଶ୍ୱର ଯିବା ପାଇଁ । ଯେଉଁ ଅଳ୍ପ କେତେଜଣ ହାତଗଣତି ଭଦ୍ରଲୋକ ସେତେବେଳେ ଗାଁ ରୁ ଭୁବନେଶ୍ୱର ଯାଉଥିଲେ, ସେମାନଙ୍କୁ ବସ ଡ୍ରାଇଭର ବ୍ୟକ୍ତିଗତ ଭାବେ ଜାଣୁଥିଲା । ଦୁଃଖ ସୁଖ କଥା

ବାର୍ତ୍ତା ଭିତରେ, ସେ ବସ ଡ୍ରାଇଭର ସବୁ ଅଞ୍ଚଳ କଥା ମନେ ରଖୁଥିଲା । ଯଦି କେବେ ଜଣେ ମଉସା ବସରେ ଚଢିଯାଇ, ଡ୍ରାଇଭର ବାବୁଙ୍କୁ କହିଦବ, " ହେଇଟି, ମାଉସୀ ଆସୁଛି, ଟିକେ ରହିଯା ବାପ", ତା' ହେଲେ, ବସ ସେଇଠି ରହିଲା, ମାଉସୀ ଲସର ପସର ହୋଇ ଆସିବା ଯାଏଁ । ନାଡିଟୋକାକୁ ଗୋଟେ ହାତରେ ଧରିଥିବ ମାଉସୀ, ଆଉଗୋଟେ ହାତରେ ଗଣ୍ଠିଲି ।

ଆମ ଗାଁରୁ ଯଦି ଝିଅ ବୋହୁ ବା ବୟସ୍କ ସ୍ତ୍ରୀ ଲୋକ ବସଷ୍ଟାଣ୍ଡକୁ ଯାଉଥିଲେ, ସେତେବେଳେ ସବାରୀ ଶଗଡ଼ରେ ଓଳିକ ଆଗରୁ ସଜବାଜ ହୋଇ, ବସଷ୍ଟାଣ୍ଡ ପାଖରେ ଯାଇ ଅପେକ୍ଷା କରୁଥିଲେ । ଆଜିର ବିମାନବନ୍ଦରକୁ ଆମେ ଯେମିତି ପାଛୋଟି ନେବାକୁ ସପରିବାର କାର୍ ନେଇ ଯାଉଛେ, ସେତେବେଳେ କୁହୁଡି ବସଷ୍ଟାଣ୍ଡରେ ବସଧରିବା, ପରିବାର ପାଇଁ ଗୋଟେ ବଡ଼ ଘଟଣା ଥିଲା ।

ଏହି କ୍ରମରେ ମୋ ସ୍ତ୍ରୀ ମଧ୍ୟ କେତେଥର ଯାଇଛନ୍ତି ସବାରୀ-ଶଗଡ଼ରେ, ଷ୍ଟେସନକୁ ଓ ବସଷ୍ଟାଣ୍ଡକୁ । ଆମ ପଡୋଶୀ, ମୁକୁନ୍ଦ ତରାଇ (ପିଉସା) ବା ଶଙ୍କର ସୁବୁଦ୍ଧି (ସାଆନ୍ତ) ମୋ ସ୍ତ୍ରୀ ଙ୍କୁ ସବାରୀ-ଶଗଡ଼ରେ ଅନେକଥର ନେଇଛନ୍ତି । ସବାରୀ-ଶଗଡ଼ରେ ସାନ ପିଲାଏ ମଧ୍ୟ ସାଙ୍ଗରେ ଯାଇଥିବେ, ଛାଡିଦେଇ ଆସିବାକୁ ।

ବାହାଘର ଭାର-ଶଗଡ଼, ମାଛ-ଶଗଡ଼ କଥା:

ଗାଁରେ ବାହା-ପୁଆଣୀ ରେ ଭାର ଯାଏ, ଅନ୍ୟ ଗାଁରୁ ମଧ୍ୟ ଆସେ । ଗୋଟିଏ ନୁହେଁ, ଦୁଇ-ଚାରିଟି ଶଗଡ଼ରେ, ମୁଆଁ ପିଠା-ମିଠା ଓ ଅନ୍ୟ ଜିନିଷ ଯାଏ / ଆସେ । କାହାର କେତେ ଭାର ଗଲା/ ଆସିଲା, ଭାର-ଶଗଡ଼ ସାଙ୍ଗରେ କିଏ କିଏ ଯିବେ (କୁଣିଆ ଚର୍ଚ୍ଚା କେମିତି ହେବ) ସେ ବାବଦରେ ବଡ ଚର୍ଚ୍ଚା ହୁଏ, ଗାଁ ଭାଇମାନେ ସପ୍ତାହେ, ଦୁଇ ସପ୍ତାହ ଆଗରୁ ଠିକ କରନ୍ତି । ବହୁତ ଦୂର ବାଟର ଗାଁକୁ ଗଲେ, ପାହାନ୍ତି ପହରରୁ ଯିବାକୁ ହୁଏ । ମୁଁ ମଧ୍ୟ ଅଳି କରି ଯାଇଛି କେତେଥର, ମୋ ବଡ଼ବାପା ରାମଚନ୍ଦ୍ର ସୁବୁଦ୍ଧିଙ୍କ ସାଙ୍ଗରେ) ବଉଳାବନ୍ଧ, ବରୁଣପଡ଼ା ଏମିତି ଆଉ କେତେ ଗାଁକୁ) ଭୋଜି ଖାଇବା ପାଇଁ ଓ କୁଣିଆ ଚର୍ଚ୍ଚାର ଲୋଭରେ ।

ସେତେବେଳେ ଯାତ୍ରା ବା ବାହାଘର ଭୋଜି ବେଳକୁ ପେଟ୍ରୋ ମ୍ୟାକ୍ସ ଆଲୁଅ ବ୍ୟବସ୍ଥା ଥିଲା । କିରୋସିନ ଦ୍ଵାରା ପ୍ରେସର ଦେଇ ଜଳୁଥିଲା ପେଟ୍ରୋମ୍ୟାକ୍ସ ଆଲୁଅ । ବାହାଘରରେ ବାଜିବ ଗ୍ରାମଫୋନ ରେକର୍ଡ (ବାଣିକଣ୍ଠ ନିମାଇଁ ହରିଚନ୍ଦନଙ୍କ ଗୀତ) । ଏବେବି ମନେ ଅଛି ଆମ ଦାଦାଙ୍କ ବାହାଘର (1971 ମଇ ମାସରେ) ବେଳେ ଭଡାରେ

ଆସିଥିବା ଗ୍ରାମଫୋନ ରେକର୍ଡ କୁ ଜଗି ବସିବା ଦାଇତ୍ୱ ମୋର ଥିଲା । ସେତେବେଳେ ମୁଁ ପଞ୍ଚମ ଶ୍ରେଣୀ ପାସ କରିଥାଏ ।

ସେତେବେଳେ ଆମ ଗାଁରେ ହାତୀ-ସଦୃଶ ବହୁତ ବଡ଼ ବଡ଼ ପଣ୍ଡା ହଳ ଥିବା ମଜବୁତ ଶଗଡ଼ିଆ ବେଶ ଜଣାଶୁଣା ଥିଲେ । ସେମାନଙ୍କ ପଣ୍ଡା ଶଗଡ଼, ସୋରଣ ପେଣ୍ଠରୁ, କୁହୁଡି ଷ୍ଟେସନକୁ ମାଛଝୁଡ଼ି ନେଉଥିଲେ ପ୍ରତିଦିନ । ମାଛଗାଡ଼ିରେ ମାଛ ଲଦାହେବା ପରେ ଯାଇ ଫେରୁଥିଲେ ସେମାନଙ୍କ ଗାଁକୁ । ମାଛ ଲଦିବାପରେ ସେମାନଙ୍କୁ କିଛି କିଛି ମାଛ ମିଳେ ପ୍ରତିଦିନ । ଅଧିକା ମିଳିଥିଲେ ସେମାନେ ପଡୋଶୀଙ୍କୁ ଦିଅନ୍ତି । ତାଙ୍କ ମାଛ ଆସିବା ଯାଏଁ ଆମେ ମଧ୍ୟ ସନ୍ଧ୍ୟାଯାଏଁ ଅପେକ୍ଷା କରୁଥିଲୁ । ଏହି ମର୍ମରେ ମନେପଡ଼ନ୍ତି ଜମ୍ବୁ ସୁନ୍ଦରାୟ, ବାନାମ୍ବର ପ୍ରଧାନ, ଜପି ତରାଇ, ଯାହାଙ୍କର (ହାତୀ-ସଦୃଶ ବିଶାଳକାୟ) ପଣ୍ଡା ହଳ ଦେଖିଲାଭଳି ଥିଲା ।

ଗାଁରେ ପଶୁସମ୍ପଦ ପ୍ରଚୁର ଥିଲା ସେତେବେଳେ । ସମସ୍ତଙ୍କ ଘରେ ଗାଈ, ବଳଦ, ମଇଁଷି ଇତ୍ୟାଦି ଥିଲେ । ଗୋଟିଏ ସମୟରେ ଆମର ମଧ୍ୟ ୨୦ରୁ ଅଧିକ ଗାଈ ଓ ମଇଁଷି ଥିଲେ । କ୍ଷୀର, ଘିଅ ମିଳୁଥିଲା । ଆମ ଜେଜେ ମା' (ଅର୍ଣ୍ଣପୂର୍ଣ୍ଣା) କ୍ଷୀରରୁ ଦହି ଓ ଘିଅ ବାହାର କଲାବେଳେ, ନାତି-ନାତୁଣୀଙ୍କ ଭାତ ଥାଳିରେ ଦେଲାବେଳେ, କେତେ ଖୁସି ହୁଏ ସତେ ଜେଜେ ମା' !!

ଧାନଖଣି/ ଘରପୋଡି କଥା:

ସତୁରୀ ଦଶକରେ (୧୯୭୦ ମସିହାରେ) ଏକାଧିକ ବାର ତରାପିରେ ଭୟାବହ ଘରପୋଡ଼ି ହୋଇଥିଲା । ଶୀତଦିନେ ଘଷି ଉମହେଇ ନିଆଁ ହେଉ ଅବା, ଚୁଲିଜାଳ ପାଇଁ ମହଜୁଦ ଥିବା ଶୁଖିଲା ପତ୍ର ଅଖାରେ ନିଆଁ ଲାଗିବା କାରଣରୁ ନିଆଁ ଲାଗିଯାଉଥିଲା । ଗାଁ ର ଗରିବ ପରିବାର ସବୁ ଏଥିରେ ପ୍ରବଳ ଦୁର୍ଦ୍ଦଶା ଭୋଗୁଥିଲେ । ଏବେ କିନ୍ତୁ ଗାଁ ରେ ବହୁତ ପକ୍କାଘର, ଆଉ ଲୋକେ ମଧ୍ୟ ସତର୍କ ଓ ସଜାଗ । ତେଣୁ ପୂର୍ବଭଳି ଆଉ ଘରପୋଡ଼ି ପ୍ରାୟ ନାହିଁ । ସେତେବେଳେ ଆମ ଗାଁ ମଙ୍ଗରାଜ ପରିବାର ଘର ଆଗରେ ମାଟିଖୋଳି ଧାନଖଣି କରାଯାଉଥିଲା । ସେଥିରେ ଅନେକ ପରିବାର ଧାନ ଏକାଠି, ଅଥବା ଭିନ୍ନ ଭିନ୍ନ ଖଣିରେ ପୋତା ଯାଇ ରଖାଯାଉଥିଲା, ତାହା ଏବେ ଆଉ ନାହିଁ । ଖଣି ପକା ଧାନ ଦେହ ପାଇଁ ହିତକର ବୋଲି କୁହାଯାଏ ।

ଗାଁ ର ପ୍ରଥମ ଛାତଘର ଓ ବିଜୁଳି ଆଲୁଅ:

ଆମ ଗାଁ ମହାମାଳା ଠାକୁରାଣୀ ଓ ରଘୁନାଥ ଦେବଙ୍କ ପାଇଁ ଅର୍ଥ ସଂଗ୍ରହ କରାଯାଇଥିଲା (ଷାଠିଏ ଓ ସତୁରୀ ଦଶକରେ) । ରାମଲୀଳା ସରଞ୍ଜାମ ରଖିବା ପାଇଁ

ଓ ରାମଲୀଳା କଳାକାରମାନଙ୍କୁ ପ୍ରଶୀକ୍ଷଣ ଦେବାପାଇଁ ଏକ ପକ୍କାଘରର ଆବଶ୍ୟକତା ପଡୁଥିଲା । ସେତେବେଳେ ଗୋଡ଼ି ସିମେଣ୍ଟରେ ଘରଛାତ କେମିତି ପକାଯାଏ ଗାଁ'ରେ ଅନେକଲୋକ ଜାଣିନଥିଲେ । ଯେଉଁଦିନ ଗାଁ'ରେ ରଘୁନାଥ କୋଠାଘରର ପ୍ରଥମ କରି ଛାତ ପଡ଼ିଲା, ତାହା ଆମପାଇଁ ସେତେବେଳେ ଏକ ପ୍ରମୁଖ ଘଟଣା ଥିଲା । ଏଥିରେ ସମସ୍ତ ଯୁବକ ଶ୍ରମଦାନ କରିଥିଲେ । ନାଥ ତରାଇ, ବାନାମ୍ବର ପ୍ରଧାନ, ଗୋପୀନାଥ ସୁବୁଦ୍ଧି, ବାନାମ୍ବର ପାତ୍ର, ଜମ୍ବୁ ସୁନ୍ଦରାୟ, ପୂର୍ଣ ବିଶ୍ୱାଳ ଇତ୍ୟାଦି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଛାତ ପଡିବା ସମୟରେ ଏମାନଙ୍କ ପାଟି ବେଶି ଶୁଭିଥିଲା ।

ମୋ ମାଟ୍ରିକ ପାସ କରିବା (୧୨୭୪) ପରେ ହିଁ ଆମ ଗାଁକୁ ବିଜୁଳି ଆଲୁଅ ସଂଯୋଗ ହୋଇଥିଲା । ଆମ ଗାଁରେ, ବିଜୁଳି ଆଲୁଅ ଘରକୁ ନେବାପାଇଁ ସେତେବେଳେ ଆଗ୍ରହୀ ପରିବାରଙ୍କ ସଂଖ୍ୟା କମଥିଲା । ତଥାପି ଆମେ ଯେଉଁମାନେ କଲେଜ ପଢୁଆ ଯୁବକ ଥିଲୁ, ଚେଷ୍ଟା କଲୁ ଆଣିବା ପାଇଁ । ବିଷ୍ଣୁ ଛୋଟରାୟ ଓ ଅନ୍ୟମାନଙ୍କ ସହଯୋଗରେ ଟାଙ୍ଗିରୁ ଶଗଡ଼ରେ ବିଜୁଳି ଖୁଣ୍ଟ ଅଣାଯାଇ, ଗହୀର ବିଲରେ ନିଜ ଉଦ୍ୟମରେ ଖୁଣ୍ଟ ପୋତାଗଲା ଓ ବିଜୁଳି ଆଲୁଅ ଆସିଲା । କିନ୍ତୁ ସେତେବେଳେ, ଅନେକ ବର୍ଷଯାଏଁ ବିଜୁଳି ଆଲୁଅ ଭଲ ନଥିଲା, ପୋତାଖୁଣ୍ଟ ନିଆଁ ଭଳି ନିଷ୍ପ୍ରଭ ରହୁ ଥିଲା ବିଜୁଳି ଆଲୁଅ । ଏବେ କିନ୍ତୁ ଅବସ୍ଥା ଭଲ ଅଛି ।

ଗାଁ ରେ ଆମ ପୁରୁଣା ଓ ନୂଆ ଘର

ସୁଆଁ-ଶ୍ରୀଧର କଥା ଓ ଅଭାବୀ ଗାଁ ତରାପି କଥା

ସେତେବେଳେ ଚାଷରେ କୀଟନାଶକ ଔଷଧ ର ପ୍ରୟୋଗ ପ୍ରାୟ ନଥାଏ । ବର୍ଷେ ଦୁଇବର୍ଷ ହଠାତ (ବର୍ଷା ଅଭାବ ସମୟରେ) ଧାନ ବିଲରେ ସୁଆଁ ଘାସ ଅତି-ପ୍ରବଳ ମାତ୍ରାରେ ମାଡିଯାଏ, ଧାନ ଗଛ ଉଧାଏ ନାହିଁ, ଧାନର ମରୁଡି ପଡିଯାଏ ।

ସେଭଳି ଅଭାବୀ ପରିସ୍ଥିତିରେ ବିଚରା ଚାଷୀ କରିବ ବା କଣ ? ସେତେବେଳେ ତ ମାଗଣା ସରକାରୀ-ଚାଉଳ ବଣ୍ଟା ଯାଉନଥିଲା, ଦୁଇ ଓଳି ଖାଦ୍ୟ ପାଇବା ଚାଷୀ ପରିବାର ପାଇଁ କଷ୍ଟକର ଥିଲା । ସୁଆଁ ପାଚି ଝଡିବା ସମୟକୁ, ସେଥିରୁ ସୁଆଁ ଚାଉଳ ସଂଗ୍ରହ କରାଯାଉଥିଲା । ଗରିବ ଲୋକ ସୁଆଁ ଦାନାକୁ ରାନ୍ଧି ଯାଉ-କ୍ଷୀରୀ କରି ଖାଉ ଥିଲେ । ମୁଁ ମଧ୍ଯ ପିଲାଦିନେ କେତେଥର ସଂଗ୍ରହ କରିଥିଲି ସୁଆଁ ଚାଉଳ, ଆମ ଧାନ ବିଲରୁ । {ସୁଆଁ ଚାଉଳକୁ ଅନ୍ୟ ଅଞ୍ଚଳରେ ମୋରଧନ, ଭଗର, ସମା ଚାଉଳ ବୋଲି ମଧ୍ଯ କୁହାଯାଏ। ସୁଆଁ ଚାଉଳ ଏକ ପ୍ରକାରର ଘାସ ମଞ୍ଜି। ଏହା କ୍ଷେତରେ ଆପେ ଆପେ ଉଠେ। ଏହି ଚାଉଳ ମଧ୍ଯ ସାଧାରଣ ଚାଉଳ ଭଳି ହୋଇଥାଏ। ଏହା କୌଣସି ଖାଦ୍ୟ ଶସ୍ୟ ନୁହେଁ। କିନ୍ତୁ ଶସ୍ୟ ଭଳି ହିଁ ଏହା ଶରୀରକୁ ପୋଷଣ ଯୋଗାଇଥାଏ।}

ଆମ ଗାଁ କୁ ଲାଗିଛି ଚିଲିକା ହ୍ରଦର ମନୋରମ ଶୋଭା ଓ ପ୍ରାକୃତିକ ସମ୍ପଦ । ଚିଲିକାରୁ ମାଛ ଧରିବାରେ ସୁଯୋଗ ଓ ଆନନ୍ଦ ଅବର୍ଣନୀୟ । ସେତେବେଳେ ଗାଁ' ର ଯେ କେହି ଯାଇ ଅବାଧରେ ମାଛ ଧରିପାରୁଥିଲେ । (ଏବେ ଧୀବର ମାନେ ପ୍ରାୟତଃ ମାଛ ଧରି ଯୋଗାଉଛନ୍ତି ।) ଚିଙ୍ଗୁଡି, କେରାଣ୍ଡି ଓ ଅନ୍ୟ ଛୋଟ ପ୍ରଜାତିର ମାଛ ମୁଁ ବି ଧରିଛି ପିଲାଦିନେ କେତେଥର, ବିଭିନ୍ନ ପଦ୍ଧତ୍ତି ରେ । ସେହିପରି ବର୍ଷେ ବର୍ଷେ ଚିଲିକାରେ ଅସମ୍ଭବ ପ୍ରକାରରେ ଅତି-ପ୍ରବଳ ମାତ୍ରାରେ ଶ୍ରୀଧର ଲାଗି ଯାନ୍ତି । ଏହା ଅତି ଛୋଟ ଚିଙ୍ଗୁଡିର ଜନ୍ମ ପରର ଅବସ୍ଥା । ହାତରେ ଅଞ୍ଜୁଳା ଅଞ୍ଜୁଳା ଉଠାଇ ହୁଏ ପାଣିରୁ। ଗାମୁଛରେ, ବୋଝ ପାଛିଆ ରେ ଯିଏ ଯେତେ ପାରେ, ବୋହି ଆଣି ପାରୁଥିଲେ ଚିଲିକାରୁ । ସଜ ଶ୍ରୀଧର ରନ୍ଧା ଭଜା କରିବା ସହ ତାକୁ ଶୁଖାଇ ଦେଇ ରଖାଯାଉଥିଲା, ଭବିଷ୍ୟତରେ (ମାସାଧିକ କାଳ, ଶ୍ରୀଧର ଶୁଖୁଆ ଫଟା ଭାବେ ରଖି) ତରକାରୀରେ ବ୍ୟବହାର ପାଇଁ । ଅଭାବି ପରିବାର ପାଇଁ ସେସବୁ ଭଲ କାମରେ ଆସି ଯାଉଥିଲା । ଏବେ ଆଉ ପ୍ରାୟତଃ ଶ୍ରୀଧର ଦେଖା ଯାଉ ନାହିଁ ।

ପିଲାଦିନର ଗାଁ ସ୍ମୃତି ଏମିତି ସବୁ ଲେଖି ବସିଲେ ପୋଥି ର ପୃଷ୍ଠା ସଂଖ୍ୟା ବଢିଯିବ । ଗୋଟିଏ କଥା ଏଠି ମନେ ପକେଇବି । ଆମେ ସେତେବେଳେ (ସତୁରୀ ଦଶକରେ) ଆମ ଗାଁ' ରେ କରିଥିବା ଏକ ପାଠାଗାର କଥା । (ବାନାମ୍ବର/ ରମେଶ) ପାତ୍ର ଘର (ସାମନାରେ ଥିବା ଏକ) ବାହାଲି ଘରେ, ରମେଶ ପାତ୍ର, ଶରତ ପାତ୍ର ଓ ସୁର ସୁନ୍ଦରାୟ ଇତ୍ୟାଦିଙ୍କ ନେତୃତ୍ୱ ରେ 'ନବ ଜାଗରଣ ପାଠାଗାର' ଆମେ ଆରମ୍ଭ କରିଥିଲୁ, ପାଠ ପଢାରେ ଆଗ୍ରହ ସୃଷ୍ଟି କରିବା ପାଇଁ । ବହି ସଂଗ୍ରହ କରି ଆଗ୍ରହୀ ପାଠକ ମାନଙ୍କୁ ପଠନ ନିମନ୍ତେ ବହି ବିତରଣ କରୁଥିଲୁ । ମୁଁ ତାହାର ତତ୍ତ୍ୱାବଧାନ ରେ ଥିଲି ।

୩ |

ବାଘଛାଲ ମୁଣ୍ଡିଆ

ମୋ ପ୍ରାଥମିକ ଶିକ୍ଷା ଚାରିଟି ସ୍ଥାନ (ତରାପି, ସୋରଣ, ତାରଡ଼ି, ରତନପୁର ଓ ଚାରବାଟିଆ ଉ.ପ୍ରା. ବିଦ୍ୟାଳୟ) ରୁ ସଂପର୍ଣ୍ଣ ହୋଇଥିବା ବେଳେ, ମୋର ହାଇସ୍କୁଲ ପାଠପଢା ପଡୋଶୀ ଗାଁ କୁହୁଡ଼ି (ଜନତା ଉଚ୍ଚ ବିଦ୍ୟାଳୟ) ରୁ ସଂପର୍ଣ୍ଣ ହୋଇଥିଲା। ଷଷ୍ଠରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛ' ବର୍ଷ କାଳ, ଆମ ଗାଁ ତରାପିରୁ କୁହୁଡ଼ି ପର୍ଯ୍ୟନ୍ତ ତିନି କି.ମି. ପାଦଚଲା ରାସ୍ତାରେ ଯିବାକୁ ହୋଇଥିଲା। ଅଧା ଧାନବିଲ ହୁଡ଼ା ଦେଇ, ଏବଂ ବାକି ଅଧା ଆମ୍ବ ତୋଟା ଦେଇ ଯାଇଥିବା ଅଙ୍କାବଙ୍କା ରାସ୍ତା। ଠିକ ମଝିରେ ପଡିବ ବାଘଛାଲ ମୁଣ୍ଡିଆ (ପାହାଡ଼)। କାହିଁ କେତେ ବର୍ଷ ପୂର୍ବେ କିଛି ଲୋକ ଏହି ପାହାଡ଼ ଉପରେ ଗୋଟିଏ କଲରା ପତରିଆ ବାଘର କଙ୍କାଳ ଓ ଛାଲ ପଡିଥିବା ଦେଖିଥିଲେ ବୋଲି, ଏହି ପାହାଡ଼ର ସେଭଳି ନାମକରଣ କରାଯାଇଥାଇପାରେ ବୋଲି ଅନୁମାନ କରାଯାଏ।

କୁହୁଡ଼ି ଗଡ଼ର କିଛି କ୍ଷତ୍ରୀୟ ପରିବାର (ଦଳ ବେହେରା) ଏବଂ ଅନ୍ୟ 'ପାଇକ' ଶ୍ରେଣୀର ଯୋଦ୍ଧାମାନଙ୍କର (ସ୍ୱାଧୀନତା ପ୍ରାପ୍ତିର ଯଥେଷ୍ଟ ପୂର୍ବରୁ) ଘରେ ଘରେ ବନ୍ଧୁକ ଥିଲା ଓ ସେମାନେ ପାହାଡ଼-ଜଙ୍ଗଲରେ ପଶୁ ଶିକାର କରୁଥିଲେ। ଥରେ ଅଧେ ଏହି କ୍ରମରେ ସେମାନଙ୍କର ବାଘର ସାମ୍ନା-ସାମ୍ନି ହୋଇଯିବା ଘଟଣା ଜନଶୃତିରେ ଏବେବି ଅଛି। ଗୋଟେ, ଦି'ଟା ବାଘ ଶିକାରର ଘଟଣା ମଧ୍ୟ ଘଟିଛି। ସେହି କ୍ରମରେ ବାଘଛାଲ ମୁଣ୍ଡିଆ ଅଞ୍ଚଳରେ, ସେତେବେଳେ ବାଘ ଦେଖାଯିବା ସ୍ୱାଭାବିକ ବୋଲି ଆମେ ଗ୍ରହଣ କରିବା। ଆମେ ପଢିବା ବେଳକୁ ସେହି ବାଘଛାଲ ମୁଣ୍ଡିଆ ପାଦଦେଶ ପର୍ଯ୍ୟନ୍ତ ଲୋକେ ଚାଷ କରିବାକୁ ଲାଗିଲେ। ଆମ ଗାଁ'ର ଗହୀର (ଚାଷ ଜମି) ସେହି ବାଘଛାଲ ମୁଣ୍ଡିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ତରାପି ଠାରୁ ଏହି ପାହାଡ଼ ପର୍ଯ୍ୟନ୍ତ ପଡ଼େ ଧାନବିଲ-ଗହୀର ଏବଂ ସେହିଠାରୁ ଆରମ୍ଭ ହୁଏ କୁହୁଡ଼ି (ଓ ତାରଡି) ଗାଁ ଲୋକଙ୍କ ବିଶାଳ ଆମ୍ବତୋଟା।

ଏହି ବାଘଛାଲ ମୁଣ୍ଡିଆ ପାଦଦେଶରେ ଆମର ଥରେ, ଦୁଇଥର ସ୍କୁଲ ପକ୍ଷରୁ ବଣଭୋଜି ହୋଇଛି। ପିଲାଙ୍କ ସହ ଅଧିକ ମିଶୁଥିବା ଶିକ୍ଷକ ମାନେ ବାଘ ଦେଖିଥିବା ଲୋକମାନଙ୍କ କଥା କୁହନ୍ତି । (ବୀରବର ବଳବନ୍ତରାୟ, ସଂକର୍ଷଣ ପାଇକରାୟ ଙ୍କ କଥା ଏଠି ମନେ ପଡେ ।) ପାହାଡ ଉପରକୁ ନଯିବାକୁ ତାଗିଦ କରନ୍ତି । ଶିକ୍ଷକ ମାନଙ୍କ ବାରଣ ସତ୍ୱେ ଆମେ ଚଢ଼ିଛୁ ଏହି ବାଘଛାଲ ପାହାଡ଼ର ଶିଖରକୁ। ପିଲାବେଳେ ସେହି ପାହାଡ଼ ଉପରୁ ଆମ ଗାଁ ଏବଂ ନିକଟସ୍ଥ ଚିଲିକାହ୍ରଦର ବିଶାଳ ଜଳରାଶି ଦେଖିବାକୁ

ଭଲଲାଗେ। ଏଇ ବାଘଛାଲ ପାହାଡ଼ ପାଦଦେଶରେ ଏନ୍.ସି.ସି. କ୍ୟାଡେଟ ଭାବରେ ଦଳଗତ ଫାୟାରିଂ/ସୁଟିଂ ପ୍ରଶିକ୍ଷଣ ହୋଇଛି କେତେଥର। ଏନ୍.ସି.ସି. ପ୍ରଶିକ୍ଷକଙ୍କ ଠାରୁ ଗାଳି ଓ ତାଗିଦ ସତ୍ତ୍ୱେ, ଜଣେ ଦି'ଜଣ ସାଙ୍ଗ ଉପରକୁ ବନ୍ଧୁକଟେକି ଫାୟାରିଙ୍ଗ କରିଦେଇଥିବା ଘଟଣା ମନେଅଛି। ବିଶୃଙ୍ଖଳା ପାଇଁ ଖରାରେ ୪,୫ ଘେରା ଦୌଡାଇବାର ଦଣ୍ଡବିଧାନ ବିଧି ଥିଲା। ଏନ୍.ସି.ସି. ରେ ଯୋଗ ଦେବାର ଆଉଏକ ଆକର୍ଷଣ ଥିଲା, ମାଗଣା ଜଳଖିଆ, ଯାହା ପ୍ରତ୍ୟେକଙ୍କୁ, ପ୍ରତି ଅଧିବେଶନରେ ମିଳିଥାଏ। ପ୍ରତିଦିନ ମିଳେ ୩,୪ ଟି ବରା, ସିଙ୍ଗଡା ବା ଆଳୁଚପ ।

ଆମେ ସବୁ ବାଘଛାଲ ମୁଣ୍ଡିଆକୁ ଦଳଗତ ପରିଦର୍ଶନରେ ଯାଉ । ଏହା ବ୍ୟତୀତ, ଆମର କେବେ କେବେ ବ୍ୟକ୍ତିଗତ ଭାବେ ଦୁଃସାହାସ କରିବାକୁ ଇଚ୍ଛାହୁଏ, ଏକୁଟିଆ ଚଢ଼ିଯିବାକୁ ଇଚ୍ଛାହୁଏ, ସେହି ବାଘଛାଲ ମୁଣ୍ଡିଆ ଉପରକୁ। ୨,୩ ଜଣିଆ ଦଳ ହୋଇ ଚଢ଼ିଛୁ ମଧ୍ୟ କେତେଥର। ସେଇ ପାହାଡ଼ ଉପରେ ବସି ଆମେ କେତେ ସ୍ୱପ୍ନ ଦେଖିଛୁ, ଆହୁରି ଏମିତି ଅଧିକ ଉପରକୁ ଚଢି ସାରା ବିଶ୍ୱକୁ ଦେଖିବାର ସ୍ବପ୍ନ ଦେଖିଛୁ। ରାଇଟସ ବ୍ରଦର୍ସ/ ଭାଇ ଦୁଇଜଣଙ୍କ ପ୍ରଥମ ବିମାନ ଉଡାଣ ଭଳି, ଏକ ଉଡ଼ନ୍ତା ଯାନ ଦ୍ୱାରା ପାହାଡ଼ ଉପରୁ ଗାଁ କୁ ଉଡିଯିବାର କଳ୍ପନା କରିଛୁ ଆମେ ସାଥିମାନେ ସେତେବେଳେ । ମନେପଡୁଛି, ପିଲାବେଳେ ଏମିତି କେତେ ସ୍ୱପ୍ନ ଦେଖୁଥିଲୁ, ଏହିଭଳି।

୪ |

ବୋଇତି ପାହାଡ଼ ଜଙ୍ଗଲରେ ଶିକାର ଅନୁଭୂତି

କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟରେ ମୁଁ ପଢ଼ିଲାବେଳେ, ଶେଷବର୍ଷ (୧୯୭୮ ମାଟ୍ରିକ ପରୀକ୍ଷା ପୂର୍ବରୁ) ଛ'ମାସ ସ୍କୁଲ ହଷ୍ଟେଲରେ ରହି ପଢ଼ିବା ପାଇଁ, ଆମ ଘରେ ରାଜି ହୋଇଥିଲେ। ସ୍କୁଲ ଆଗରେ ଲମ୍ବା ଚାଳ ଛପର ଘର (ପରେ ଆଜବେଷ୍ଟସ ପଡିଥିଲା) ହିଁ ଥିଲା ଆମ ଛାତ୍ରାବାସ। କୂଅରୁ ପାଣି କାଢ଼ି ଗାଧୋଇବାକୁ ହୁଏ, ରାତିରେ ଲଣ୍ଠନ ଆଲୁଅରେ ପାଠପଢା । ପଢା ଅପେକ୍ଷା ଅଧିକ ଗପସପ। ପାଠରେ କମ୍ ଆଗ୍ରହ ଥିବା କିଛି ଜଣ ମୋର ସାଙ୍ଗ ହୋଇଗଲେ, ସେହି ଛାତ୍ରାବାସରେ । ତାଙ୍କ ସହ ବୁଲାବୁଲି, ଗପସପ ଅଧିକ ହେଲା। ସେମାନଙ୍କ ମଧ୍ୟରେ ଅର୍ଜୁନ ବଳିଆରସିଂହ ଆସିଥିଲା ପାଖ ଗାଁ କୋଚିଲାରୁ, ଯାହା ବୋଇତିଆ ପାହାଡ଼ର ପାଦଦେଶରେ ଅବସ୍ଥିତ। କୁହୁଡ଼ି ବସଷ୍ଟାଣ୍ଡ ପରେ ପରେ, ପଶ୍ଚିମ ପଟେ ଆରମ୍ଭ ହେଉଥିଲା ଘଞ୍ଚ ଜଙ୍ଗଲ, ଆଉ ଜଙ୍ଗଲ ଭିତରେ ବୋଇତ ଭଳି (ଦୂରରୁ) ଦେଖାଯାଉଥିବା ବିଶାଳ ପାହାଡ଼ (ତେଣୁ ଆମ ଅଞ୍ଚଳରେ ତା' ନାଁ ଥିଲା ବୋଇତ ପାହାଡ଼ ବା ବୋଇତିଆ ମୁଣ୍ଡିଆ)। ୧୯୭୮ ମସିହାର ଏ କଥା।

ଛାତ୍ରାବାସ ରହଣି ସମୟରେ ଏମିତି ଗପ ସପ ଭିତରେ ଶିକାର କଥା କହେ ଅର୍ଜୁନ। ନିଜେ କେତେଥର ବୋଇତିଆ ଜଙ୍ଗଲରେ ହରିଣ, ବାରହା ଶିକାର କରି ବଣଭୋଜି କରିଥିବା କଥା ସେ ଆମକୁ କହେ। ସେ ବାହାଦୁରି ନିଏ ଓ ଆମେ ସବୁ ପିଲାଏ ଅଭିଭୁତ ହେଉ। ପ୍ରବଳ ଇଚ୍ଛାହୁଏ, ସେମିତି ଥରେ ରାତିରେ ବଣ ଜଙ୍ଗଲରେ ଆମେ ବୁଲି, ଶିକାରର ଅଭିଜ୍ଞତା ନେବାପାଇଁ। ଚପଳ ମନ, ଭୁଲି ଯାଉଥିଲା ତା' ସହ ସମ୍ଭାବିତ ବିପଦ କଥା। ଆଉଜଣେ ସାଙ୍ଗ ନିରଞ୍ଜନ ରଣା ମଧ୍ୟ ନିଆଁରେ ଘିଅ ଢ଼ାଳିଲା ଭଳି ଅର୍ଜୁନକୁ କହିଲା, "ତୁ ସତରେ କେବେ ଶିକାର କରିଛୁ ନା ମିଛରେ ବାହାବା ନେବାକୁ ବାହାଦୁରୀ ମାରୁଛୁ?" ଅର୍ଜୁନକୁ ବାଧିଲା ଭଳି ଏ କଥା ଥିଲା। ସେ ଥିଲା ସରଳ, (ହୁଣ୍ଡା ଗୁଣ୍ଡା ପ୍ରାୟ ସ୍ୱଭାବ, ଯାହା ବୁଝିଥିବ ସେଇଆ) । ତେଣୁ ପ୍ରମାଣ ଦେବାପାଇଁ ଆମ ଦୁଇଜଣଙ୍କୁ କହିଲା / ଡାକିଲା, 'ତମର ସାହସ ଥିଲେ, ଆଜି ରାତିରେ ଚାଲ ମୋ ସାଙ୍ଗରେ, ଦେଖିବ ଶିକାର'।

ପ୍ରଲୋଭିତ ହେଲୁ ଆମେ (ନିରଞ୍ଜନ ଓ ମୁଁ) । ଅର୍ଜୁନ, ନିରଞ୍ଜନ ଓ ମୁଁ ସତରେ ସନ୍ଧ୍ୟା ପୂର୍ବରୁ ଯାଇ ପହଞ୍ଚିଗଲୁ ତା' ଗାଁ କୋଚିଲାରେ। ସେଇଠୁ ଆରମ୍ଭ ବୋଇତିଆ ଜଙ୍ଗଲ ଓ ପାହାଡ଼। ସେ ତା' ଗାଁର ଜଣେ ବଡ଼ଭାଇ (ଶିକାରୀ) କୁ କହିଥାଏ, ଆମ

ଆଗ୍ରହ କଥା, ଶିକାର ଦେଖିବାକୁ ଯିବାକଥା। ରାତି ୮/୯ଟା ବେଳକୁ ଆମେ ତିନିଜଣ ଓ କୋଚିଲା ଗାଁ' ର ସେ ଶିକାରୀ, ଜଙ୍ଗଲ ଭିତରକୁ ପଶିଲୁ। ଶିକାରୀ ହାତରେ ନଳିବନ୍ଧୁକ (ସେଥିରେ କ୍ୟାଟ୍ରଜ ଭିତରେ ବାରୁଦ ଓ ଶିଶା ନିର୍ମିତ ଅତି ଛୋଟ ଗୋଲି ଥାଏ, ଯାହାକୁ ଛେରରା ମଧ କହନ୍ତି), ଏବଂ ଏକ ବଡ଼ ଟର୍ଚ୍ଚ ଲାଇଟ।

ଜଙ୍ଗଲର ଅତି ଭିତର, ଭିତରକୁ ଆମେ ଚାଲିବାକୁ ଲାଗିଲୁ। ମନରେ ପ୍ରବଳ ଆଗ୍ରହ ଉଦ୍ଦୀପନା ଥାଏ। ଏମିତି ରାତିରେ ଚାଲୁଛୁ ଯେ ଚାଲୁଛୁ ଜଙ୍ଗଲରେ, ୨ଘଣ୍ଟା/୩ଘଣ୍ଟା ବିତିଗଲା । କିଛି ରାତ୍ରିଚର ପଶୁ ଦେଖିବାକୁ ମିଳିଲେ ନାହିଁ। ସେତେବେଳକୁ ଆମେ ଥକି ଗଲୁଣି। ନିରଞ୍ଜନ ଅର୍ଜୁନକୁ ରାଗରେ ଗାଳି ଦେଲା। "ତୋ ଚଉଦ ପୁରୁଷରେ କିଏ କେବେ ଶିକାର କରିଥିଲା ବେ? ତୁ ଆମକୁ ଭାଣ୍ଡିଆ କରୁଛୁ, ମିଛଟାରେ"। ଏତିକିବେଳେ ଗୋଟିଏ ବଡ଼ ଠେକୁଆ ଆମ ଆଗରେ ଜୋରରେ ଦୌଡ଼ି ପଳାଇବାକୁ ଲାଗିଲା। ଶିକାରୀ ଗୁଳି ମାରିଲା, କିନ୍ତୁ ବାଜିଲା ନାହିଁ। ନିରଞ୍ଜନର ଆହୁରି ରାଗ ବଢିଗଲା। କିନ୍ତୁ ଶିକାରୀ ବଡ଼ଭାଇ ଆମକୁ ଚୁପ ରହିବାକୁ, ଶାନ୍ତ ରହିବାକୁ କହିଲେ। କହିଲେ, 'ସବୁବେଳେ ଶିକାର ମିଳି ମଧ ନପାରେ '।ଏ ଭିତରେ, ଆମେ ଚାଲି ଚାଲି ଜଙ୍ଗଲ ଭିତରେ ଥିବା ଆଉ ଏକ ଛୋଟ ଗାଁ ପର୍ଯ୍ୟନ୍ତ ପହଞ୍ଚିଯାଇଥିଲୁ। ସେ ଗାଁ ପୂର୍ବରୁ ଥିବା ଏକ ଚାଳ ଭାଡ଼ି (ଫସଲ, ବଗିଚା ପାଇଁ କରାଯାଇଥିବା ମଞ୍ଚା) ଦେଖି ମୁଁ ଏବଂ ନିରଞ୍ଜନ ବସିପଡ଼ିଲୁ। ସେତେବେଳକୁ ରାତି ୧୨ଟା। ବଣଭୋଜି କରିବା ପାଇଁ ସରଞ୍ଜାମ ସବୁକୁ ଅର୍ଜୁନ କାନ୍ଧରେ ଗଣ୍ଠିଲି କରି ବୋହି ଚାଲି ଥିଲା। ସେ ଗଣ୍ଠିଲି ଓ ଆମ ଦୁଇଜଣଙ୍କୁ (ନିରଞ୍ଜନ ଓ ମୋତେ) ଛାଡି, ସେ ଦୁଇଜଣ ପୁଣି କିଛିବାଟ ଗଲେ। ଆମକୁ ପ୍ରବଳ ନିଦ ମାଡୁଥାଏ। ହଠାତ ଗୁଳି ଫୁଟିଲା। ନିରଞ୍ଜନ ଓ ମୁଁ ଦୂରରୁ ଦେଖିଲୁ, ସେ ଶିକାରୀ ଗୋଟେ ଗଛ ଡାଳରେ ବସିଥିବା କୁଟ୍ରା (କି ବଣ କୁକୁଡ଼ା) ଟାଏ କଣ ଗୋଟେ ମାରିଲା।

ସେ ଦୁଇଜଣ ମିଶି ଭାତ ଓ (ଅଳ୍ପ କଣ) ମାଂସ ତରକାରୀ (ଶୁଖିଲା କାଠ ଗୋଟାଇ ଚୁଲି କରି) ରନ୍ଧା ରନ୍ଧି କଲେ । ଆମେ ୪ଜଣ ଖାଇଲୁ। ଆମେ କିନ୍ତୁ ସନ୍ତୁଷ୍ଟ ନଥିଲୁ। ରାତି 2 ଟା କି 3 ଟା ହେଲାଣି । ସକାଳ ପାହିବା ପୂର୍ବରୁ ଆମକୁ ହଷ୍ଟେଲ ଭିତରେ ପଶିଯିବାର ଥିଲା। ଠିକ ସମୟରେ ଆମେ ହଷ୍ଟେଲ ଆସି ଯାଇଥିଲୁ, କିନ୍ତୁ ଖବରଟା ତତ୍ତ୍ୱାବଧାରକ ସାର (ଶ୍ରୀ ଶଙ୍କର୍ଷଣ ଜେନା) ଙ୍କ ପାଖକୁ ଯାଇସାରିଥିଲା। ସେହିଦିନ ସ୍କୁଲ ଆରମ୍ଭ ହେବା ପୂର୍ବରୁ ଆମ ତିନିଜଣଙ୍କୁ ଡକରା ଆସିଲା। ମୁଁ ପରୀକ୍ଷାରେ ଭଲ କରିବି ବୋଲି ସବୁ ସାରଙ୍କ ଆଶା ଥାଏ। ଏହି ଅର୍ଜୁନ ହିଁ ଆମକୁ ଉସୁକାଇ, ବିପଥଗାମୀ କରୁଛି, ପଢ଼ାରେ ବ୍ୟାଘାତ କରୁଛି ବୋଲି ସାରଙ୍କ ଧାରଣା

ଥିଲା। ମୋର ସେତେବେଳେ ଅତି ନିରୀହ ଚେହେରା, ଅର୍ଜୁନ ଟିକେ ବଦରାଗି ପିଲା ଥିଲା। ଗୁଣ୍ଡା ଭଳି ଚେହେରା । ଜେନା ସାର ଗାଳି ଦେବା ଆରମ୍ଭ କରୁ କରୁ ଅର୍ଜୁନ ରାଗିଗଲା। ଓଲଟା ସାରଙ୍କୁ ଜବାବ ଦେଲା। 'ମୋର ଏଠି ଆଉ ରହିବାର ନାହିଁ, କି ପଢ଼ିବାର ନାହିଁ', କହି ଅର୍ଜୁନ ସତରେ ସେହିଦିନ ହଷ୍ଟେଲ ଛାଡି ତା ଟିଣ ବାକ୍ସ ଧରି ଚାଲିଯାଇଥିଲା ତା ଗାଁକୁ ।

ମୁଁ ସେଦିନ ବହୁତ ଅନୁତାପ କଲି, ମୋ ଚପଳତା ପାଇଁ। ମାଟ୍ରିକ ପରୀକ୍ଷା ଦେବା ପର୍ଯ୍ୟନ୍ତ ଲାଜରେ ସାରଙ୍କ ମୁହଁକୁ ଆଉ ଅନାଇ ପାରୁନଥିଲି। ସାମ୍ନା-ସାମ୍ନି ହେବାପାଇଁ ମଧ ସାହସ ହେଉନଥିଲା। ମାଟ୍ରିକ ପରୀକ୍ଷା ଦିନ ଆସିଲା । ଆମ ବେଳକୁ, ଆମ ମାଟ୍ରିକ ପରୀକ୍ଷା ଆମ ନିଜ ସ୍କୁଲ (କୁହୁଡ଼ି) ରେ ହେଲା ନାହିଁ। ୧୫କି.ମି. ଦୂରରେ ଥିବା ଆଉ ଏକ ସ୍କୁଲ (ଗମ୍ଭାରିମୁଣ୍ଡା) ଠାରେ ହେଲା। ସାର ମାନେ ମୋ' ଠୁ ଯାହା ଆଶା କରୁଥିଲେ, ମୁଁ ଯେତେ ଅଧିକ ମାର୍କ ରଖିବି ବୋଲି ଆଶା କରୁଥିଲେ, ମୁଁ ସେତେ ଭଲ କରିପାରିଲି ନାହିଁ।

ମୋ ଅବହେଳାରୁ ଏଭଳି ହେଲା ବୋଲି ଅନୁତାପ ସବୁଦିନ ପାଇଁ ରହିଗଲା।

କୁହୁଡି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ (ଜିଲ୍ଲା – ଖୋର୍ଦ୍ଧା)

Our teachers of 1978 Matric: Sitting on chaors (L to R) - Shri 1. Trilochan Dash, 2. Birabar Balabantray, 3. Pitambar Ghadai, 4. Sankarshan Jena, 5. Ashok Jena, 6. Laxman Mishra, 7. Purushottam Patnaik (head Master), 8. Purna Ch Sahu, 9. Subhas Mohapatra, 10. Sankarshan Paikaray, 11. Prasanna Mohapatra, 12. 13. Krutibash Dash (Pandit), 14. Debendra Mansingh, 15. Tripathy Sir, 16. ... 17. Trinath bhaina (Daptari/ peon)

ଆମ ମାଟ୍ରିକ ବ୍ୟାଚ ସତୀର୍ଥଙ୍କ ସହ ୧୯୭୮ ରେ ଏବଂ ପରେ ୨୦୧୮ ରେ

1978 Matric-batch get-together, held on 16.6.2018, at JHS Kuhuri

[Sitting L-R: Sri Bidhubhusan Patnaik, Sri Krutibas Raiguru & Sri Sankarshan Jena]

ପାଠପଢା ର ୪୫ ବର୍ଷ ପରେ ମୋ ସ୍କୁଲ ଶିକ୍ଷକ ମାନଙ୍କୁ ଆମେ ସହପାଠିମାନେ ସମ୍ବର୍ଦ୍ଧିତ କରିବା ସମୟରେ ଆମ ପ୍ରାକ୍ତନ ଶିକ୍ଷକ ମାନଙ୍କ ସହ (ଚିତ୍ରରେ ବାମରୁ: ଶ୍ରୀ ବିଧୁଭୂଷଣ ପଟ୍ଟନାୟକ, କୃତିବାସ ରାୟଗୁରୁ, ଶଙ୍କର୍ଷଣ ଜେନା)।

୫ |

ମୋ ପ୍ରଥମ ଘରକିଣା ଅନୁଭୂତି

ପାଠପଢ଼ା ସରିବା ପରେ ପରେ କେନ୍ଦ୍ର ସରକାରଙ୍କ ଗୋଟିଏ ଚାକିରୀ ମିଳିଗଲା, ନିଯୁକ୍ତି ମିଳିଲା ବ୍ରହ୍ମପୁରରେ। ଦୈବୀ ସଂଯୋଗ କ୍ରମେ ସେହିବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏମ.ବି.ଏ. ବିଭାଗ ଖୋଲୁଥାଏ ଏବଂ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଚାଲୁଥାଏ। ଅଧ୍ୟାପକ ଚାକିରୀ ମିଳିଗଲା ସେହି ଏମ.ବି.ଏ. ବିଭାଗରେ। ଯେଉଁଠି ମୋ ବାହାଘର ସ୍ଥିର ହୋଇଥିଲା, ଅଧ୍ୟାପକ ହେବା ପରେ ପରେ ସେହି ସ୍ଥାନରେ ବାହାଘର ହୋଇଗଲା। ବାହାହୋଇ ସ୍ତ୍ରୀଙ୍କ ସହ ଜିନିଷପତ୍ର ଧରି ବ୍ରହ୍ମପୁର ଆସିଲି ଗୋଟେ ଭଡାଘରେ ରହିବା ପାଇଁ (ଅଯୋଧ୍ୟା ନଗର/ଗଜପତି ନଗର ଅଞ୍ଚଳରେ)। କିନ୍ତୁ ଘର ମାଲିକ, କୌଣସି ଏକ ଭୁଲ ବୁଝାମଣା କ୍ରମେ ରୋକଠୋକ ମନାକରିଦେଲେ ଘରଭଡ଼ା ଦେବାପାଇଁ, (ଆଗରୁ ସେ ଅଗ୍ରୀମ ନେଇଥିଲେ ସୁଦ୍ଧା) । ଅପଦସ୍ଥ ହେବା ସହ, ସେଦିନ ରାଗ, ଅଭିମାନ ହେଲା, ନିଜର ଗୋଟେ ଘର ନ ଥିବା ଯୋଗୁଁ ।

ହଠାତ ତ ଘର କିଣି ହେବନି, ଭଡାଘର ଖୋଜି ବି ହେବନି ତେଣୁ ବାଧ୍ୟ ହୋଇ ମାସେ, ଦୁଇମାସ ମୋ ବନ୍ଧୁ ତଥା ସହକର୍ମୀ ସଞ୍ଜୟ ପାତ୍ରଙ୍କ ଭଡାଘରେ ଗୋଟିଏ ବଖରାରେ ଆମେ ସ୍ୱାମୀ ସ୍ତ୍ରୀ ରହିଲୁ। ତା'ପରେ ଆଉ ଏକ ପାଖଘରକୁ ଭଡାନେଇ ଚାଲିଯାଇଥିଲୁ। ମନରେ କିନ୍ତୁ ଇଚ୍ଛା ଥାଏ ଘରଟିଏ ଯେମିତି ହେଲେ କିଣିବା ପାଇଁ। କେନ୍ଦ୍ର ସରକାରଙ୍କ ବିଭାଗର ଯେଉଁ ଚାକିରୀ କରୁଥିଲି, ସେ ସମୟରେ ଗଜପତି ନଗରରେ ଏକ ଛୋଟ (ହାଉସିଂ ବୋର୍ଡ) ଘରେ ଆମେ ୩,୪ ଜଣ ସାଙ୍ଗ (ଭାଗୀରଥୀ ପଣ୍ଡା, ପାର୍ଥ ସାହୁ, ବିଷ୍ଣୁ ଚରଣ ରଥ ଓ ମୁଁ) ମେସ କରି ରହୁଥିଲୁ। ସେ ଘରମାଲିକ (କେଦାରନାଥ ଆପଟ), ମୋ ଅନୁରୋଧ କ୍ରମେ, ଘରଟି ବିକ୍ରି କରିଦେବା ପାଇଁ ରାଜି ହେଲେ। ସେଇଟା ଦୁଇ ବଖରା ବିଶିଷ୍ଟ ଅତି ଛୋଟ ଘର ଟିଏ ଥିଲା। ସେତେବେଳେ (୧୯୮୯ ମସିହାରେ) ତାହାକୁ ମାତ୍ର ୮୫ ହଜାର ଟଙ୍କାରେ ବିକ୍ରିପାଇଁ ସେ ଘର ମାଲିକ (କେଦାରନାଥ ଆପଟ) ରାଜିହେଲେ। ସେତେବେଳେ ସେତିକି ଟଙ୍କା ମଧ୍ୟ ନଥିଲା ମୋ ପାଖରେ। ଅନେକ ମାଧ୍ୟମରୁ (ବାପା, ବୋଉ, ସାନଭାଇ ମଧ୍ୟ କିଛି କିଛି ଅର୍ଥ ସହାୟତା କରିଥିଲେ) ବହୁ କଷ୍ଟରେ, ଘର କିଣିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ ହେଲା। ସେ (ଗଜପତି ନଗର, ଏଲ.ଆଇ.ଜି- ୪୧) ଘର ଆମେ କିଣି ରହିଲୁ, ପ୍ରାୟ ଦଶବର୍ଷ। କିନ୍ତୁ ସେ ଘର ଅତି ଛୋଟ ଥିବାରୁ, ଖୋଡା ସିଂ ଅଞ୍ଚଳରେ (ଜଗନ୍ନାଥ ବିଲ୍ଡର କରୁଥିବା) ଆଉ ଏକ ଘର କିଣିଲୁ। ଗଜପତି ନଗର ଘର (ଗୋପାଳପୁର ନିବାସୀ ଓ ସେଠାକାର ପ୍ରାକ୍ତନ

ବିଧାୟକ) ତ୍ରିନାଥ ବେହେରାଙ୍କୁ ବିକ୍ରୟ କରିଦେଲୁ। ସେହି ଅର୍ଥ ଓ ବ୍ୟାଙ୍କ ଲୋନ ମାଧ୍ୟମରେ ଶରଧାବାଲି (ହାଉସିଂ କମ୍ପ୍ଲେକ୍ସ) ରେ ଘର କିଣି, ସେଠି ରହିଲୁ ପରବର୍ତ୍ତୀ ଦଶବର୍ଷ। ସେହି ଶରଧାବାଲି ଘରେ ଥିବା ସମୟରେ ୧୯୯୯ ମହାବାତ୍ୟାରେ ସେ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା। ଗୋଳିଆ, ପଙ୍କ ବନ୍ୟାଜଳ ଘରଭିତରେ ପଶି ରହିଥିଲା। ୨୪ ଘଣ୍ଟା ଆମେ ସବୁ ଛାତ ଉପରେ ଆଶ୍ରୟ ନେଇଥିଲୁ। ଦୁଇ, ତିନିଦିନ ପରେ ପାଣି ଛାଡ଼ିବା ପରେ ସେ ହାଉସିଂ କମ୍ପ୍ଲେକ୍ସ ର ସମସ୍ତ ଘର ସଫାସଫି କରି, ଆସବାବ ଶୁଖାଇବାକୁ ପ୍ରାୟ ୪, ୫ ଦିନ ଲାଗିଥିଲା। ଜଳମଗ୍ନ ଅବସ୍ଥାରେ ବିଚ୍ଛିନ୍ନ ହୋଇ ରହିଥିବାବେଳେ, ବ୍ରହ୍ମପୁର ଜଗନ୍ନାଥ ପଟ୍ଟନାୟକଙ୍କ ସାନପୁଅ ଏବଂ ପରେ ପରେ କାଳିପଣ୍ଡା ଙ୍କ ପରିବାର ଆମପାଇଁ ଖାଦ୍ୟ ଧରି ପହଞ୍ଚିଥିଲେ। ସେ ଏକ ଅବିସ୍ମରଣୀୟ ଘଟଣା ଥିଲା।

ଏତେ କଷ୍ଟରେ କରିଥିବା ବ୍ରହ୍ମପୁରର ଘରକୁ ମଧ ବିକ୍ରି କରିଦେବାକୁ ସ୍ଥିର କଲୁ। କାରଣ, ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାକିରୀ ଛାଡ଼ି ଭୁବନେଶ୍ୱରରେ ରହିବାକୁ ସ୍ଥିର କଲି, କିଟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗ ଦେଲି । ଭୁବନେଶ୍ୱରରେ ପଟିଆ ଅଞ୍ଚଳ ରେ ଆପାର୍ଟମେଣ୍ଟ ଘର ଏବେ ଆମ ପାଇଁ ସ୍ଥାୟୀ ଠିକଣା ହୋଇ ରହିଛି । ତାହା ପୁଣି କେତେ ଦିନ ପାଇଁ କେଜାଣି ?

୬ |

ମିରଠ ବିଶ୍ୱବିଦ୍ୟାଳୟ ପାଠପଢା ଅନୁଭୂତି

(୧୯୮୫-୮୬ ମସିହା ବେଳର କଥା)

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ପରିସଂଖ୍ୟାନ ବିଷୟରେ ସ୍ନାତକୋତ୍ତର ପରୀକ୍ଷା ପାଇଁ ଜଣେ ବିଶାରଦ (ପରୀକ୍ଷକ) ଙ୍କୁ ବାହାରୁ ଅଣାଯାଇଥାଏ। ଆମ ସମୟରେ ମିରଠ ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗ ମୁଖ୍ୟ ପ୍ରଫେସର ଗୋଏଲ ଆସିଥାନ୍ତି। ତାଙ୍କୁ ଆମ ମାନଙ୍କ ବ୍ୟବହାର ଭଲ ଲାଗିଲା। ତାଙ୍କ ପାଖରେ ଏମ୍.ଫିଲ. ପଢ଼ିବା ପାଇଁ ନିମନ୍ତ୍ରଣ କଲେ। ମୁଁ ଏବଂ ମୋ ବନ୍ଧୁ ପ୍ରଭାତ (ଷଡଙ୍ଗୀ) ପିଜି କଲାପରେ, ହଠାତ୍ ଚାକିରୀ କିଛି ପାଇ ନଥାଉ। ଆମ ଘରେ (ଆର୍ଥିକ ସମ୍ବଳ କମ ଥିବାରୁ ଏବଂ ମୋ ସାନଭାଇ, ଭଉଣୀ ପଢିବାକୁ ଥିବାରୁ) ମୋ ବାପା-ବୋଉ ପ୍ରଥମେ ଅମଙ୍ଗ ହେଉଥିଲେ, ପି.ଜି. ପରେ ପୁଣି ଆଉ କିଛି ପଢ଼ାଇବାରେ ଅଯଥା ଖର୍ଚ୍ଚ କରିବା ପାଇଁ। ପ୍ରଭାତର ମଧ୍ୟ ପ୍ରାୟ ସେହି ସମାନ ଅବସ୍ଥା। ଥିଲା । ଆମେ ଦୁହେଁ କୌଣସି ପ୍ରକାରେ ଘରେ ରାଜି କରାଇଲୁ। କହିଲୁ, ଆମେ ଅଯଥା ଅଧିକ ଖର୍ଚ୍ଚ କରିବୁ ନାହିଁ । ମୁଁ ଆମ ଘରେ ପ୍ରତିଶ୍ରୁତି ଦେଲି, ସେଠାରେ (ମିରଠ ଯାଇ) ଅନ୍ୟ ପିଲାଙ୍କୁ ଟ୍ୟୁସନ ପଢ଼ାଇ କିଛି ଅର୍ଥ ନିଜେ ରୋଜଗାର କରିବି ଓ ନିଜର ପଢା ଖର୍ଚ୍ଚ ଭରଣ କରିବି । ଘର ଉପରେ ବୋଝ ହେବି ନାହିଁ ।

ସେ ସମୟରେ ଆମସହ ଆମ ଉପର ଶ୍ରେଣୀର କୁଞ୍ଜବିହାରୀ ପଣ୍ଡା ଓ ଶିଶିର ନାୟକ ମଧ୍ୟ ଯିବାକୁ ବାହାରିଲେ, ମିରଠରେ ପଢିବା ପାଇଁ । ଆମ ଚାରିଜଣଙ୍କ ନାମଲେଖା ଦରଖାସ୍ତ ଗୋଏଲ ସାହେବ ନିଜେ ମଞ୍ଜୁର କରିଦେଲେ। କୁଞ୍ଜ ପଣ୍ଡା ଦିଲ୍ଲୀରେ ପଢିବେ ବୋଲି ମନସ୍ଥ କରି ତାଙ୍କ ବଡ଼ଭାଇ (ଦିଲ୍ଲୀର ଜଣେ ବରିଷ୍ଠ ଅଧିକାରୀ) ଙ୍କ ପାଖରେ ରହିବା/ ସହାୟତା କଥା ପ୍ରଥମେ ଚିନ୍ତା କରିଥିଲେ। କିନ୍ତୁ ଆମେ ସବୁ ଯିବାରୁ ସେ ମଧ୍ୟ ଆମ ସହ ଯୋଗଦେଲେ। ପ୍ରାୟ ସେପ୍ଟେମ୍ବର - ୧୯୮୫ ରେ ଦିଲ୍ଲୀ ବାଟଦେଇ ମିରଠ ବିଶ୍ୱବିଦ୍ୟାଳୟ ପହଞ୍ଚିଗଲୁ। ଆମ ରହଣି ବ୍ୟବସ୍ଥା (ଏକମାତ୍ର) ଛାତ୍ରାବାସରେ କରାଯାଇଥିଲା। ସଂଧ୍ୟା ପୂର୍ବରୁ ପହଞ୍ଚି ଯାଇଥିଲୁ। ରାତ୍ରିଭୋଜନ ପରେ ପରେ ହିଁ ଆମ ଚାରିଜଣ (ଓ ଆଉ ଦୁଇଜଣ ଓଡ଼ିଆ) ଛାତ୍ରଙ୍କ ଡକରା ଆସିଗଲା ସିନିୟର ବ୍ୟାଚ ଛାତ୍ରଙ୍କ ରୁମକୁ, ସାମାନ୍ୟ ରାଗିଙ୍ଗ ପାଇଁ। ଥଣ୍ଡାରେ ତଳେ ବସିବାକୁ କୁହାଗଲା। ଥଣ୍ଡା ପାଣି ପିଇବାକୁ କୁହାଗଲା। କିଛି ସାମାନ୍ୟ ପ୍ରଶ୍ନ ପରେ ଶିଶିର ନାୟକଙ୍କ ବ୍ୟତୀତ ଆମ ସମସ୍ତଙ୍କୁ ଶୀଘ୍ର ଛାଡିଦେଲେ। ଅନ୍ୟମାନଙ୍କର ଟିକେ ତିକ୍ତ ଅନୁଭୂତି ହେଲା, କିନ୍ତୁ ମତେ ଟିକେ ମଜାଲାଗିଲା (ବର୍ତ୍ତିଗଲି ବୋଲି)। ଶିଶିର ନାୟକ ସେଠାକାର ସିନିୟର ଅନ୍ତେବାସୀ ମାନଙ୍କ ପାଖରେ ପ୍ରାୟ ଦୁଇଘଣ୍ଟା ରହିଗଲେ।

ସେ ଘଟଣାରେ ସେ ଟିକେ ବିଗିଡି ଗଲେ। ବିରକ୍ତିରେ ମାସେ ଭିତରେ ଏମ.ଫିଲ ପାଠ ଛାଡ଼ି, ସେ ଓଡିଶା ଫେରିଗଲେ। ଆମେ ତିନିଜଣ (ପ୍ରଭାତ ଷଡଙ୍ଗୀ, କୁଞ୍ଜ ପଣ୍ଡା ଓ ମୁଁ) ସେଠାରେ ରହି ପାଠ ପଢା ସାରି ଫେରିଲୁ, ତା' ପରବର୍ଷ, ଜୁନ - ୧୯୮୬ ରେ।

ମିରଠରେ ରହିବା ସମୟରେ ନିକଟସ୍ଥ ଏକ ଭଦ୍ର ପରିବାରର ଗୋଟେ ୮/୯ମ ଶ୍ରେଣୀର ପୁଅକୁ ମୁଁ ଟ୍ୟୁସନ କରୁଥିଲି, ଗଣିତ। ସପ୍ତାହକୁ ୩ ଦିନ ପଢାଇବ, ମିଳିବ ମାସିକ ୨୫୦ ଟଙ୍କା (ସେ ସମୟରେ ଏହା ଯଥେଷ୍ଟ ଥିଲା)। ୪/୫ ମାସ ହିଁ ଟ୍ୟୁସନ କରିଛି, ତା'ପରେ ଏକ ରିସର୍ଚ୍ଚ ପ୍ରୋଜେକ୍ଟରେ କାମ କରିବାକୁ ସୁଯୋଗ ମିଳିଗଲା। ସୌଭାଗ୍ୟକୁ ଏମ.ଫିଲ ପରୀକ୍ଷା ପୂର୍ବରୁ, କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗର ଏକ ଚାକିରୀ ପାଇଁ ଦିଲ୍ଲୀ ଯାଇ ଏକ ସାକ୍ଷାତକାର ଦେଲି ଓ ସଫଳତା ପାଇଲି । ଓଡ଼ିଶାରେ ପରିସଙ୍ଖ୍ୟାନ ବିଭାଗ କାର୍ଯ୍ୟାଳୟ ରେ (NSSO office, statistical investigator ଭାବେ) ଖୁବଶୀଘ୍ର ଯୋଗ ଦେବାପାଇଁ ଚିଠି ମଧ୍ୟ ମିଳିଗଲା। ବାପା-ବୋଉଙ୍କୁ ଏ ଖୁସି ଖବର ଜଣାଇ ଦେଲି। ସେମାନେ (ଓ ମୋ ସାନଭାଇ, ଓ ଭଉଣୀ) ଏ ଖବର ଶୁଣି ବହୁତ ଖୁସି ହେଲେ।

ମିରଠରେ ୧୦ ମାସ ରହିବା ସମୟରେ ଶୀତଦିନେ ପ୍ରଚଣ୍ଡ ଶୀତ ଓ ଖରାଦିନେ ଅତି ଅସହ୍ୟ ଖରା ସହିଛୁ। ଟଙ୍କା-ପଇସା ଯଥେଷ୍ଟ ନଥିଲେ ମଧ୍ୟ, ପାଖ ଆଖର ଦର୍ଶନୀୟ ସ୍ଥାନ ସବୁ ବୁଲି ଦେଖିବାକୁ ଯାଇଛୁ। ହରିଦ୍ୱାର ଥରେ ଯିବା ସହ, ଦୁଇ ତିନିଥର ଦିଲ୍ଲୀ ଯାଇ ଜେ.ଏନ.ୟୁ ରେ ଓ ଅନୁଷ୍ଠାନରେ ଥିବା ସାଙ୍ଗମାନେ ମିଶି, ଅନ୍ୟସ୍ଥାନ ବୁଲାବୁଲି କରିଥିଲୁ। ମିରଠ ବିଶ୍ୱବିଦ୍ୟାଳୟରେ ପରିସଂଖ୍ୟାନ ବିଭାଗ ଛୋଟ ହୋଇଥିଲେ ବି, ପ୍ରଥମଥର ପାଇଁ ଓଡ଼ିଶାରୁ ଏତେଜଣ ସେଠାକୁ ଯାଇଥିଲୁ ବୋଲି, ସେଠାକାର ଶିକ୍ଷକ ମାନେ ଆମର ଯତ୍ନ ନେଉଥିଲେ। ସେଠୁ ଏମ.ଫିଲ କରିବାପରେ ପ୍ରଭାତ ଷଡଙ୍ଗୀ (ବିଭିନ୍ନ କଲେଜ ଯୋଗଦେବା ପରେ) ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗ ମୁଖ୍ୟ ଭାବେ ଏବେ ଅବସର ନେଇଛନ୍ତି। କୁଞ୍ଜବିହାରୀ ପଣ୍ଡା ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ (ସହ ଅନ୍ୟ ପଦପଦବୀରେ ରହିବାପରେ) ଅବସର ନେଇଛନ୍ତି। (ଶିଶିର ନାୟକ ଅଧ୍ୟାପନା ସହ ଜଣେ ଶିକ୍ଷା ନିର୍ଦ୍ଦେଶକ ଭାବେ ଏବେ ନିକଟରେ ଅବସର ନେଇଛନ୍ତି)।

ପରିସଂଖ୍ୟାନ ବିଷୟ ଆମକୁ (ବିଶେଷକରି ମୋତେ) ଅନେକ ସଫଳତା ଦେଇଛି।

୭ |

ସରକାରୀ ସହାୟତାରେ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ପାଠପଢ଼ା

ଗାଁ ପରିବେଶରୁ ପ୍ରାଥମିକ ଶିକ୍ଷା ସାରିବାପରେ, ରାଜ୍ୟର ଭଲ ବିଦ୍ୟାଳୟ (ବି.ଜେ.ବି ଓ ରେଭେନ୍ସା) ରେ ଉଚ୍ଚଶିକ୍ଷା କରିଥିଲି ସତ, କିନ୍ତୁ ଅଧ୍ୟାପନା ଚାକିରୀ ପରେ ଅନେକ ସହକର୍ମୀଙ୍କୁ ଭେଟିଲି, ଯେଉଁମାନେ ଦେଶର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ (ଯଥା- ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍) ଓ ବିଦେଶରୁ ପଢ଼ି ଅଧ୍ୟାପନା କରୁଛନ୍ତି ଓ ଭଲ ମଧ୍ୟ କରୁଛନ୍ତି। ଅଧ୍ୟାପନାରେ ଆବଶ୍ୟକତା ଦୃଷ୍ଟିରୁ ଏବଂ ନିଜ ଭିତରେ ରହିଯାଇଥିବା ଅବଶୋଷ (ମୋର ଜେ.ଏନ.ୟୁ. ବା ଆଇ.ଆଇ.ଟି. ରେ ଉଚ୍ଚଶିକ୍ଷା ପାଇଁ ନାମଲେଖା ହୋଇପାରିନଥିଲା) ଥିବା ଦୃଷ୍ଟିରୁ, ଯେତେ ସବୁ ସୁଯୋଗ ଚାକିରୀ କରିବା ପରେ ଆସିଥିଲା, ତାହା ମୁଁ କେବେ ହାତଛଡା କରିନଥିଲି। ଯେଉଁ ଜେ.ଏନ.ୟୁ. ରେ (ଇଚ୍ଛା ଥାଇ ମଧ୍ୟ) ମୁଁ ଏମ.ଫିଲ କରିପାରିନଥିଲି, ସେଇଠି ସରକାରୀ ଖର୍ଚ୍ଚରେ, ଏକମାସ ପାଇଁ ରିଫ୍ରେସର କୋର୍ସ କରିବାର ସୁଯୋଗ ମିଳିଥିଲା। କ୍ୟାମ୍ପସ ଭିତରେ, ପାଠାଗାର ବ୍ୟବହାର କରିପାରିବା ଭଳି ସବୁ ପ୍ରକାରର ସୁଯୋଗ ମିଳିଥିଲା। କିଛି ନୂଆ ବନ୍ଧୁ ପାଇବାର ସୁଯୋଗ ମିଳିଥିଲା ସେଠି।

ସେହିକ୍ରମରେ 'ଟିଚର ଟ୍ରେନିଂ ପ୍ରୋଗ୍ରାମ' ଯୋଜନାରେ ମୁଁ ଆଇ.ଆଇ.ଟି. ଖଡଗପୁରରେ ଦେଢ଼ମାସ ଏବଂ ଆଇ.ଆଇ.ଟି. ର ଦିଲ୍ଲୀ, କାନପୁର, ମୁମ୍ବାଇ ଓ ଚେନ୍ନାଇ ସ୍ଥିତ କ୍ୟାମ୍ପସରେ ଏକ ସପ୍ତାହ ଲେଖାଏଁ ରହି ଟ୍ରେନିଂ ବା କର୍ମଶାଳାରେ ଯୋଗଦେବା (ଓ କ୍ୟାମ୍ପସ ଭିତରେ ଅନ୍ତେବାସୀ ଭାବେ ରହିବା) ସୁଯୋଗ ମିଳିଥିଲା।

ମୋ ପାଇଁ ସବୁଠୁ ଅଧିକ ଲାଭଦାୟକ ଥିଲା ଆଇ.ଆଇ.ଏମ. ଅହମଦାବାଦରେ ଦୀର୍ଘ ଚାରିମାସ (ଏଫ.ଡି.ପି.ଏମ. ଶିକ୍ଷା ପାଇଁ) ରହି ପାଠ ପଢିବା ଏବଂ ଚଣ୍ଡିଗଡ଼ସ୍ଥିତ ଟିଚର ଟ୍ରେନିଂ ଅନୁଷ୍ଠାନରେ ତିନିମାସ ରହି ଭଲ ଶିକ୍ଷା ଲାଭ କରିବା ସୁଯୋଗ। ଚଣ୍ଡିଗଡ଼ରେ କମ୍ପ୍ୟୁଟର ସମ୍ବନ୍ଧରେ ପ୍ରଥମ ଶିକ୍ଷା ପାଇବା ମୋ ପାଇଁ ଉପାଦେୟ ଥିଲା। ସେଥିଯୋଗୁଁ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଲାବ୍ରୋଟେରୀ ଦାୟିତ୍ୱ ପାଇଥିଲି ଓ ତା'ର ସଦୁପଯୋଗ କରିପାରିଥିଲି।

ମୁଁ ଏମ.ବି.ଏ ଅଧ୍ୟାପକ ହୋଇ ମଧ୍ୟ ନିଜେ ଏମ.ବି.ଏ. ପାଠ ପଢିନଥିଲି। ତେଣୁ ଆଇ.ଆଇ.ଏମ. ଅହମଦାବାଦରେ ମୁଁ ପାଇଥିବା ଉପଯୋଗୀ ପ୍ରଶିକ୍ଷଣ, ପରେ ମୋ ଅଧ୍ୟାପନା ଜୀବନରେ ଅଧିକ ସଫଳତା ଦେବାରେ ସହାୟକ ହୋଇଥିଲା।

ଅହମଦାବାଦ ପ୍ରଶିକ୍ଷଣ ପାଇଁ ଆଇ.ଆଇ.ଏମ ପକ୍ଷରୁ ପ୍ରଦତ୍ତ ଆଂଶିକ ବୃତ୍ତି ମୋତେ ମିଳିଯାଇଥିଲା। (ନିମ୍ନୋକ୍ତ ଛବି ଆଇ.ଆଇ.ଏମ. ଅହମଦାବାଦ, ୨୦୦୦ ବେଳର)

ଦେଶ ବିଦେଶର ପ୍ରଖ୍ୟାତ ଶିକ୍ଷାନୁଷ୍ଠାନ ସହ ସମ୍ପର୍କ

ପାଠପଢ଼ି ଚାକିରୀ କରିବା ପର୍ଯ୍ୟନ୍ତ ମୁଁ ଥରେ ହେଲେ ଉଡ଼ାଜାହାଜରେ ବସିନଥିଲି। ୧୯୮୯ ମସିହାରେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଥିବା ସମୟରେ ପ୍ରଥମଥର, ସରକାରୀ ଟ୍ରେନିଂ ପାଇଁ, ଭୁବନେଶ୍ୱରରୁ ଦିଲ୍ଲୀ ଓ ସେଠାରୁ ଚଣ୍ଡିଗଡ଼ ଯାଇଥିଲି ବିମାନ ଯୋଗେ । କିନ୍ତୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୧/୨୨ ବର୍ଷ ଚାକିରୀ ସମୟରେ ମୁଁ କେବେବି ବିଦେଶ ଯାଇ ପାରିନଥିଲି (ବୋଧହୁଏ ମୋର ଯଥେଷ୍ଟ ଉଦ୍ୟମ ନଥିଲା, ଅଥବା ସେ ସମୟରେ ସରକାରୀ ପ୍ରୋତ୍ସାହନ ଯଥେଷ୍ଟ ନଥିଲା)।

ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଯୋଗଦେବା ପରେ ପରେ, ଗବେଷଣା କାମ ଅଧିକ ତ୍ୱରାନ୍ୱିତ ହେବାସହ, ଅନେକବାର (ଗବେଷଣା ସନ୍ଦର୍ଭ ପାଠ ପାଇଁ) ବିଦେଶ ଯିବାର ସୁଯୋଗ ମିଳିଲା। ବିଦେଶର ପ୍ରଫେସର ମାନଙ୍କ ସହ ସମ୍ପର୍କ ବଢ଼ିଲା। ବାଙ୍ଗଲାଦେଶର ଢାକା ବିଶ୍ୱବିଦ୍ୟାଳୟ ତଥା କୃଷି ବିଶ୍ୱବିଦ୍ୟାଳୟ, ନେପାଳର କାଠମାଣ୍ଡୁ ବିଶ୍ୱବିଦ୍ୟାଳୟ, ଶ୍ରୀଲଙ୍କାର ପେରେଡାନିଆ ଓ କେଲେନିଆ ବିଶ୍ୱବିଦ୍ୟାଳୟ ଓ ମାଳଦ୍ୱିପ (ମାଲଡିଭସ୍) ଜାତୀୟ ବିଶ୍ୱବିଦ୍ୟାଳୟରେ ଶୈକ୍ଷୀକ କର୍ମଶାଳାରେ ଯୋଗଦେବା ସହ, ଅଷ୍ଟ୍ରେଲିଆର ଆଡିଲେଡ ଓ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ, ଇଂଲଣ୍ଡର ଲିସେଷ୍ଟର ଓ ସ୍କଟଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ (ଏଡୀନବର୍ଗ), ଆମେରିକାର ମିନେପଲିସ ସହରସ୍ଥିତ ସେଣ୍ଟ କ୍ଲାଉଡ଼ ଷ୍ଟେଟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏକ କର୍ମଶାଳାରେ ଭାଗ ନେବାର ସୁଯୋଗ ମିଳିଥିଲା।

ସବୁଠି ନୂଆ ନୂଆ କଥା ଶିଖିବାର ସୁଯୋଗ ମିଳୁଥିଲା। ସ୍କଟଲ୍ୟାଣ୍ଡ-ଏଡିନବର୍ଗର ପ୍ରଫେସର ରୋଜର ଜେଫ୍ରି, ଜୋ ସ୍ମିଥ ଓ ମାର୍କ ସଟନ, ଆମେରିକାର ପ୍ରଫେସର ଦାରିଅଶ ଓ ବେନ ବାଲିଗା, ଅଷ୍ଟ୍ରେଲିଆର ପ୍ରଫେସର ଆବୁ ସାଲେ ଇତ୍ୟାଦି ଅନେକ ପ୍ରଫେସର ମାନେ ଏବେ ସୁଦ୍ଧା ମୋର ବ୍ୟକ୍ତିଗତ ସମ୍ପର୍କରେ ଅଛନ୍ତି। ଆମେରିକାର ପ୍ରଫେସର ଦାରିଅଶ, ଅଷ୍ଟ୍ରେଲିଆର ପ୍ରଫେସର ଆବୁ ସାଲେଙ୍କ ସହ ମିଶି ବହି ମଧ୍ୟ ଲେଖିଛି ।

ଏବେତ ମୁଁ ଶିକ୍ଷାଦାନ ବୃତ୍ତିରୁ ଅବସର ନେଇସାରିଛି । ତଥାପି, ଅନ୍ୟ ଅନୁଷ୍ଠାନର ଗବେଷଣା ସନ୍ଦର୍ଭ ସମୀକ୍ଷା ପାଇଁ, ସେମାନଙ୍କ ପରୀକ୍ଷା ପାଇଁ, ମୋର ଏହି ବ୍ୟକ୍ତିଗତ ସମ୍ପର୍କ କାମରେ ଆସିବ।

(ଆମ ଦେଶର ବିଭିନ୍ନ ଅନୁଷ୍ଠାନର ପ୍ରାୟ ୪୦ଟି ପି.ଏଚ.ଡି. ଥେସିସ ଓ ବିଦେଶର ୩ଟି ଥେସିସ ମୁଁ ଏଯାବତ ସମୀକ୍ଷା କରି ସାରିଛି । ସେଥିପାଇଁ ଭଲ ପାରିଶ୍ରମିକ ମିଳିଥାଏ)।

KIIT IIM Ahmedabad BGU BHU

ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରେ ନିମନ୍ତ୍ରିତ ଅଭିଭାଷଣ ସୁଯୋଗ: (ଦେଶ ବିଦେଶରେ ଅନେକ ପ୍ରଖ୍ୟାତ ଅନୁଷ୍ଠାନରୁ ନିମନ୍ତ୍ରଣ ପାଇ ସେଠାରେ ଅଭିଭାଷଣ ପ୍ରଦାନ କରିବା ସୁଯୋଗ, ମୋ ପାଇଁ ସୌଭାଗ୍ୟ । ଅନ୍ୟୁନ ପ୍ରାୟ ୪୦ଟି ପ୍ରଖ୍ୟାତ ଅନୁଷ୍ଠାନରେ ଅଭିଭାଷଣ ପ୍ରଦାନ କରିପାରିଛି ।)

୮ |

ମୋ ଗବେଷଣା ଅନୁଭୂତି

ଗବେଷଣା ସହ ନିଜେ ପି.ଏଚ.ଡି. କରିବା ଅଧ୍ୟାପକ ଭାବେ ନିହାତି ଆବଶ୍ୟକ। ଈଶ୍ବରଙ୍କ ଆଶୀର୍ବାଦରୁ, ଅଧ୍ୟାପକ ହେବାର ୫ ବର୍ଷ ପରେ ପି.ଏଚ.ଡି. କରିବାପାଇଁ ମୋତେ ଗୋଟିଏ ସମ୍ମାନ ଜନକ ବୃତ୍ତି/ ଫେଲୋସିପ୍ (ସି.ଏସ.ଆଇ.ଆର - ଏସ.ଆର.ଏଫ) କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଗଲା। କିନ୍ତୁ ମୁଁ ଏହାର ସଠିକ ସଦୁପଯୋଗ କରିପାରିଲି ନାହିଁ। ଠିକ ଚେଷ୍ଟା କରିଥିଲେ ମୁଁ କୌଣସି ଆଇ.ଆଇ.ଟି. ରୁ ପି.ଏଚ.ଡି. କରିପାରିଥାଆନ୍ତି, ହେଲା ନାହିଁ। କେବଳ ଖଡଗପୁର ଆଇ.ଆଇ.ଟି ଆବେଦନ କରିଥିଲି, ସେଠାରେ ଶେଷ ମୁହୁର୍ତ୍ତରେ (ମୋ ଚାକିରୀ ସ୍ଥାନରୁ ଯିବାକୁ ଥିବା ଅନୁମୋଦନ ପତ୍ର ସେଠାରେ ଠିକ ସମୟରେ ପହଞ୍ଚି ପାରି ନଥିବାରୁ) ମୋର ପି.ଏଚ.ଡି. ନାମଲେଖା ଆବେଦନ ନାକଚ ହେଇଗଲା, ଦୁଃଖ ଓ ରାଗ ବି ଲାଗିଲା। ତା'ପରେ ଆଉ ଥରେ ଚେଷ୍ଟା କରିଥିଲେ ମୋ ନାମଲେଖା ବୋଧେ ହୋଇଥାଆନ୍ତା। କିନ୍ତୁ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଶେଷରେ ପି.ଏଚ.ଡି. କରିବାକୁ ସ୍ଥିର କଲି। ଏଥିପାଇଁ ଦରମା ସହ ବୃତ୍ତି ଟଙ୍କା ଉଭୟ ପାଇହେବ ଏବଂ ପରିବାର କଥା ମଧ୍ୟ ବୁଝିହେବ (ମୋ ପୁଅ ସେତେବେଳକୁ ସ୍କୁଲରେ ପାଠ ପଢ଼ିବା ଆରମ୍ଭ କରିଥାଏ), ଏପରି ଭାବି ମୁଁ ନିଷ୍ପତି ନେଲି।

ମୋ ସୌଭାଗ୍ୟକୁ ଆଇ.ଆଇ.ଏମ. ଅହମଦାବାଦର ଜଣେ ବରିଷ୍ଠ (ଓଡ଼ିଆ) ପ୍ରଫେସର, ଅରବିନ୍ଦ ତ୍ରିପାଠୀ, ସଦୟ ସମ୍ମତି ଦେଲେ ମୋର ଗାଇଡ଼ (ଯୁଗ୍ମ ତତ୍ତ୍ୱାବଧାରକ) ହେବା ପାଇଁ। ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କୁ ଗାଇଡ଼ ନେବା ବିଧି ଥିଲା । ତେଣୁ ମୋ ଶିକ୍ଷକ ପ୍ରଫେସର ଜିତେନ୍ଦ୍ରୀୟ ଷଢଙ୍ଗୀ ଅନ୍ୟତମ (ଯୁଗ୍ମ) ଗାଇଡ଼ ହେଲେ। ବାଣୀବିହାରରେ ଗବେଷଣା ଛାତ୍ର ଭାବେ ଏକ ବର୍ଷରୁ ଅଧିକ ରହିବାକୁ ପଡିଲା। ମଝିରେ ମଝିରେ ଅହମଦାବାଦ ଯାଇ ପ୍ରଫେସର ଅରବିନ୍ଦ ତ୍ରିପାଠୀଙ୍କୁ ଦେଖା କରୁଥିଲି। ସେତେବେଳେ ସିଧାସଳଖ (ଗୋଟିଏ) ଟ୍ରେନ ନଥିଲା ଅହମଦାବାଦ ଯିବାପାଇଁ। ଦୁଇଦିନ ଲାଗୁଥିଲା ପହଁଞ୍ଚିବା ପାଇଁ। ଯାତ୍ରା କଷ୍ଟକର ଥିବାରୁ, ପ୍ରତ୍ୟକ୍ଷ ଭାବେ ବ୍ୟକ୍ତିଗତ ସାକ୍ଷାତ କମ ଥର ହେଉଥିଲା । ତା'ପରେ ଚିଠିପତ୍ର ମାଧ୍ୟମରେ ଗବେଷଣା ଦିଗଦର୍ଶନ ଅଧିକ ଚାଲିଲା। ଗବେଷଣା କାମ (ମୋ ମତରେ) ଏତେ ଭଲ ହୋଇପାରୁନଥାଏ। "ଯେନତେନ ପ୍ରକାରେଣ" ଗବେଷଣା ସାରି, ଥେସିସ୍ ଦାଖଲ କଲି। ଥେସିସ୍ ମୂଲ୍ୟାୟନରେ ଅହେତୁକ ବିଳମ୍ବ ଘଟିଲା। ମୋର ପି.ଏଚ.ଡି.

ଏହିପରି ବହୁ ଡେରିରେ (୨୦୦୦ ରେ) ସରିଲା (ଉପାଧି ମିଳିଲା)। ଏଥିଯୋଗୁଁ ଗବେଷଣା ପାଇଁ ମୋର ଅନାଗ୍ରହ ସୃଷ୍ଟି ହେଲା, କିଛି କାଳ ପାଇଁ । ତା' ପରେ ସରକାରୀ ସଂସ୍ଥା (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) ଛାଡି ବେସରକାରୀ ସଂସ୍ଥା (କିଟ, ଭୁବନେଶ୍ୱର) ରେ ଯୋଗଦେବା ପରେ ଗବେଷଣା କରିବାପାଇଁ ବାଧବାଧକତା ରହିବା ସହିତ ଅଧିକ ସୁଯୋଗ ମିଳିଲା। ଶେଷ ୧୫ ବର୍ଷରେ ପ୍ରକୃତ ଗବେଷଣା କଣ, ନିଜେ ଜାଣିବା ସହ, ଅକ୍ଳାନ୍ତ ପରିଶ୍ରମ କଲି। ସଫଳତା ପାଇଲି। ପ୍ରାୟ ୮୦ ଟି ଗବେଷଣା ଲେଖା ପ୍ରକାଶକରି ପାରିବା ସହ ୧୭ ଖଣ୍ଡ ବହି ଏହି ସମୟ ମଧ୍ୟରେ ପ୍ରକାଶ କରିପାରିଲି। ଗବେଷଣା ପତ୍ରିକା (ପରିକଳ୍ପନା) ର ସମ୍ପାଦନା ଦାୟିତ୍ୱ ମଧ୍ୟ ମିଳିଥିଲା। ଏଥିରେ ମୋତେ ଯଥେଷ୍ଟ ଶୈକ୍ଷିକ ସନ୍ତୋଷ ମିଳିଲା। ଗବେଷକମାନଙ୍କ ଗବେଷଣା ସମ୍ପର୍କରେ ଗୁଗୁଲ ସ୍କଲାର ଭଳି ଅନେକ ୱେବ ସାଇଟ ରେ ତଥ୍ୟ ଉପଲବ୍ଧ ।



ମୋ ଗବେଷଣା ଲେଖାର ସ୍ୱୀକୃତି (ଗୁଗୁଲ ସ୍କଲାର ସାଇଟେସନ)



ଇଂରାଜୀ ରେ ଲିଖିତ ମୋ ଜୀବନୀ ପୁସ୍ତକର ଉନ୍ମୋଚନ ଅବସର

୯ |

ଆମ ଗାଁ ପ୍ରାଥମିକ ବିଦ୍ୟାଳୟର ଶହେ ବର୍ଷ: ଗାଁ'କୁ ଆସିଥିଲେ ରାଜ୍ୟପାଳ

୨୦୧୯ ରେ କରୋନା ମହାମାରୀ ସମୟର (ବହିରାଗମନ ପାଇଁ ରହିଥିବା ସରକାରୀ) କଟକଣା ସମୟରେ ଥରେ ଏମିତି, ମୋ ଦାଦା ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ ଆମ ଗାଁ ଇତିହାସ ସମ୍ପର୍କରେ ଦୁଇ ଘଣ୍ଟା ଗପିଲେ । ମୁଁ ତାଙ୍କ କହିବା କଥା ରେକର୍ଡ କରିଥିଲି । ସେତେବେଳେ ସେ କହିଲେ, ଆମ ଗାଁ ଚାହାଳି ରୁ ହୋଇଥିବା ପ୍ରାଥମିକ ବିଦ୍ୟାଳୟ ୨୦୨୩ ରେ ୧୦୦ ବର୍ଷ ପୂରଣ କରିବ । ଶତବାର୍ଷିକୀ ଉତ୍ସବ ପାଳନ କରାଗଲେ ଭଲ ହୁଅନ୍ତା । ତମେ ମୁଖ୍ୟ ଦାୟିତ୍ୱ ନେଲେ ହେବ । ଇଚ୍ଛା ତ ହେଲା ଆୟୋଜନ ର ପ୍ରସ୍ତୁତି କରିବା ପାଇଁ, କିନ୍ତୁ ଗ୍ରାମବାସୀଙ୍କୁ ଏକାଠି କରି ତାଙ୍କ ସହଯୋଗ ରେ କାମ କରିବା କଷ୍ଟକର ଥିଲା । ଗାଁ' ର ଜଣେ ଉଦୀୟମାନ ଯୁବ ପ୍ରତିଭା ଦୁର୍ଯ୍ୟୋଧନ ତରାଇ (ଶ୍ରଦ୍ଧା ନାମ ରାଉଳ, ମୋ ସାନ ଭାଇ) ଆଗେଇ ଆସିଲେ ଦାୟିତ୍ୱ ନେବା ପାଇଁ ସହଯୋଗ କରିବା ପାଇଁ । ଡିସେମ୍ବର ୨୦୨୨ ଏକ ସନ୍ଧ୍ୟାରେ ଆମେ ଗ୍ରାମବାସୀଙ୍କୁ ଏକାଠି କରି ପ୍ରଥମ ବୈଠକ କଲୁ ଗ୍ରାମ ଦେବତୀ (ମହାମାଳା ଠାକୁରାଣୀ) ଙ୍କ ଆଗରେ। ଆମ ପ୍ରସ୍ତାବ କିଛି ଲୋକଙ୍କ ମନକୁ ପାଇଲା ଆଉ କିଛି ଲୋକ ଆମ ପାରିବା ପଣରେ ସନ୍ଦେହ ପ୍ରକାଶ କଲେ । ଆମେ କିନ୍ତୁ ସେଇଠି ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଲୁ ଏକ ବଡ ଧରଣର ସଭା ପାଇଁ ।

୨୦୨୩ ଜାନୁଆରୀ ଓ ଫେବୃଆରୀ ମାସରେ ଆଉ ଦୁଇଟି ବୈଠକ ହେଲା । ଆଉ କିଛି ଉଦ୍ୟମୀ ଯୁବକ ଆମ ସହ ଯୋଗ ଦେଲେ । ସଭା ପାଇଁ ନିଜେ ଅର୍ଥ ସଂଗ୍ରହ କଲୁ । ସିଦ୍ଧାର୍ଥ ପାତ୍ର (ବାବୁନି) ବିରାଞ୍ଚି ନାରାୟଣ ପାତ୍ର ଙ୍କ ସୁପୁତ୍ର କୋଷାଧ୍ୟକ୍ଷ ଦାୟିତ୍ୱ ରେ ରହିଲେ । ପ୍ରଥମ ମାସରେ ଏକ ଲକ୍ଷ ଟଙ୍କା ରୁ ଅଧିକ ସଂରୁହିତ ହେଲା । ଦୁର୍ଜ୍ୟୋଧନ ସବୁବେଳେ ସାହସ ଦେଉଥାଏ । ବ୍ରହ୍ମା ଛୋଟରାୟ ଙ୍କ ମାଧମ ରେ ଆମେ ମହାମହିମ ରାଜ୍ୟପାଳଙ୍କୁ ସାକ୍ଷାତ କରିପାରିଲୁ ଓ ତାଙ୍କ ସଦୟ ଯୋଗଦାନ ର ସମ୍ମତି ପାଇଗଲୁ । ଏହି ଖବର ଅନ୍ୟମାନଙ୍କୁ ଅନୁପ୍ରାଣିତ କଲା । ଗାଁ' ର ଅନ୍ୟମାନେ ଏଥିରେ ପ୍ରବଳ ଉତ୍ସାହ ରେ ଲାଗିପଡିଲେ । ସ୍କୁଲ ପରିସର ରଙ୍ଗ ଦିଆଗଲା ଆଉ ନୂଆ ଏକ ସ୍ଥାୟୀ ମଞ୍ଚ (ପେଣ୍ଡାଲ) ଆମ ଖର୍ଚ୍ଚରେ ନିର୍ମାଣ କରାଗଲା । ଗ୍ରାମବାସୀଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ମିଳିଗଲା । ଏମିତି ସମୁଦାୟ ଆମେ ପାଞ୍ଚ ଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିବାରେ ସମର୍ଥ ହେଲୁ ।

ଶେଷରେ ୨୦୨୩ ଏପ୍ରିଲ 22 ତାରିଖରେ ସଭାରେ ମହାମହିମ ରାଜ୍ୟପାଳଙ୍କ ସହ (ସମ୍ବାଦ ଖବର କାଗଜର ସମ୍ପାଦକ) ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେବା ପାଇଁ ସମ୍ମତି ମିଳିଲା । ପ୍ରଫେସର ଅଚ୍ୟୁତ ସାମନ୍ତ ଆସିନପାରିବାରୁ ଶେଷ ମୁହୂର୍ତ୍ତରେ ତାଙ୍କ ସ୍ଥାନରେ ଶ୍ରୀ ହିମାଂଶୁ ଶେଖର ଖଟୁଆ ମହୋଦୟଙ୍କୁ ଆମେ ଅତିଥି ଭାବେ ପାଇ ପାରିଲୁ । ଶ୍ରୀ ହିମାଂଶୁ ଶେଖର ଖଟୁଆ କଳିଙ୍ଗ ଟିଭିର ମୁଖ୍ୟ ଥିଲେ ଓ କିଟ ବିଶ୍ୱବିଦ୍ୟାଳୟ ରେ ମୋ ସହକର୍ମୀ ଥିଲେ । ଏବେ ସେ କଲିକତା ସ୍ଥିତ ସତ୍ୟଜିତ ରାୟ ଚଳଚ୍ଚିତ୍ର ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଛନ୍ତି । ସେ କେତେକ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ରର ସଫଳ ନିର୍ଦ୍ଦେଶକ ମଧ୍ୟ ।

ରାଜ୍ୟପାଳ ଏବଂ ଅନ୍ୟ ଅତିଥିଙ୍କ ପାଇଁ (ଖରାଦିନ ହୋଇଥିବାରୁ) ବଡ ବଡ 3ଟି ଏ.ସି. ଖୋଲା ମଞ୍ଚରେ ଲଗାଇଥିଲୁ ଓ ସ୍କୁଲ ପରିସରକୁ ଖୁବ ଭଲ ଭାବେ ସଜାଇଥିଲୁ । ବିଷ୍ଣୁ ଛୋଟରାୟ ସ୍ମରଣିକା ପ୍ରକାଶନ ଦାୟିତ୍ୱ ନେଇଥିଲେ, ଭଲ ମଧ୍ୟ କରିପାରିଥିଲେ (ଅଧ୍ୟାପକ ବେଣୁଧର ଦାଶଙ୍କ ସହାୟତାରେ)। ରାଜ୍ୟପାଳ ଆମ ଗାଁ' କୁ ଆସିବା ଏକ ଐତିହାସିକ ଘଟଣା ଥିଲା । ଶଙ୍ଖ ଧ୍ୱନି ଓ ବେଦ ପାଠ ସହ ଆମେ ପାଛୋଟି ନେଇଥିଲୁ । ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିଲେ ଓ ମୁଁ ସ୍ୱାଗତ ଅଭିଭାଷଣ ଦେଇଥିଲି । ସଭା କାର୍ଯ୍ୟ ଖୁବ ସୁନ୍ଦର ହେଲା । ତାପରେ ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଖୁବ ଭଲ ହୋଇଥିଲା । ସଭା ଶେଷରେ 1000 ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା ହୋଇଥିଲା । ଏହି ସଭାରେ ଯୋଗଦେବା ପାଇଁ ମୋ ସମୁଦି (ପଙ୍କଜ ପ୍ରତାପ ଦେବ) ଓ ସମୁଦୁଣି (ନୀଳିମା) ଭୁବନେଶ୍ବରରୁ ଯାଇଥିଲେ । ଗାଁ'

ର ଆବାଳ ବୃଦ୍ଧ ବନିତା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ଓ ଉପଭୋଗ କରିଥିଲେ। ଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସଭା ସଫଳ ହୋଇଥିବାରୁ ସମସ୍ତେ ଖୁସି ଥିଲେ ।

ଏହା ଥିଲା ଆମ ଗାଁ' ପାଇଁ ଏକ ସ୍ୱର୍ଣ୍ଣିମ, ଐତିହାସିକ ଦିବସ । ସମସ୍ତେ ଏକମନରେ ପ୍ରବଳ ଉତ୍ସାହ ସହ କାମ କରିବାର ଆଉ ଏକ ବିରଳ ଘଟଣା । ଏହି ସଭା ଆୟୋଜନରେ ପାଞ୍ଚ ଲକ୍ଷ ରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ସମସ୍ତେ ମିଶି ଆଗ୍ରହର ସହ ସ୍ୱେଚ୍ଛାରେ ଦେଇଥିଲେ ।

ଯୋଗ ଦେଇଥିଲେ ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲ

ଶିକ୍ଷକ ଓ କୃତି ଛାତ୍ର ଛାତ୍ରୀ ମାନଙ୍କ ଗହଣରେ ମହାମହିମ ରାଜ୍ୟପାଳ



ଗାଁ ବିଦ୍ୟାଳୟ ର ପୁରାତନ ଗୃହ ଓ ନୂତନ କୋଠା

ତରାପି ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ; ଯୋଗଦେବେ ଓଡ଼ିଶା ରାଜ୍ୟପାଳ

ହରିପୁର ଶାସନ (ଚିଲିକା), ୧୬।୪ (ନି.ପ୍ର): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ହାଟବରଡ଼ିହ ପଞ୍ଚାୟତର ତରାପି ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଚଳିତ ମାସ ୨୨ରେ ଅନୁଷ୍ଠିତ ହେବ । ଏହି ଶତବାର୍ଷିକୀ ଉତ୍ସବରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି । ତତସହିତ ବିଶିଷ୍ଟ ଶିକ୍ଷାବିତ ତଥା ସାଂସଦ ଡ଼. ଅଚ୍ୟୁତ ସାମନ୍ତ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ବରିଷ୍ଠ ଶିକ୍ଷାବିତ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବୋଲି ସୂଚନା ମିଳିଛି । ଏଥି ନିମନ୍ତେ ଶତବାର୍ଷିକୀ ପାଳନ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା । ବରିଷ୍ଠ କର୍ମକର୍ତ୍ତା ତଥା ଶତବାର୍ଷିକୀ କମିଟି ମୁଖ୍ୟ ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜ, ଉପଦେଷ୍ଟା ବିଷ୍ଣୁମୋହନ ଛୋଟରାୟ, ସଭାପତି କେଳୁଚରଣ ସିଂହ, ଉପସଭାପତି ରମାକାନ୍ତ ଶ୍ରୀଚନ୍ଦନ, ଗୋଲେଖା ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସୁବାସ ରାଉତରାୟ ଓ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ସାମନ୍ତସିଂହାର, ଉପାଧ୍ୟକ୍ଷ ଜୟନ୍ତୀ ପାଇକରାୟଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ରୂପରେଖ ଦିଆଯାଉଛି । ରବିବାରର ବୈଠକରେ ବିଦ୍ୟାଳୟକୁ ସୁସଜ୍ଜିତ କରିବା ସହିତ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାଳୟର ଶତବାର୍ଷିକୀ କମିଟି, ବିଦ୍ୟାଳୟ ପରିଚାଳନା କମିଟି ସମେତ ଗ୍ରାମବାସୀ ଯୋଗଦାନ କରିଥିଲେ ।

ଖବରକାଗଜରେ ପ୍ରକାଶିତ କିଛି ଫଟୋ

ତରାପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

ନିଜକୁ ନିଜେ ଶିଖିବାହିଁ ଅସଲ ଶିକ୍ଷା: ରାଜ୍ୟପାଳ

ବାଲୁଗାଁ/ନାରୁଣୀ/ଗଙ୍ଗା,୨୨।୪(ଆପ୍ର): 'ନିଷ୍ଠାର ସହ ଅଧ୍ୟୟନ କଲେ କିଛି ଅସମ୍ଭବ ନୁହେଁ। ନିଜକୁ ନିଜେ ଶିଖିବାହିଁ ଅସଲ ଶିକ୍ଷା'। ଚିଲିକା ବ୍ଲକ ହାଟବରଡିହ ପଞ୍ଚାୟତ ତରାପି ସ୍ଥିତ ତରାପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବକୁ ଉଦଘାଟନ କରି ଏକଥା କହିଚନ୍ତି ମହାମହିମ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଶତବାର୍ଷିକୀ ସମାରୋହରେ ରାଜ୍ୟପାଳ ଆହୁରି କହିଥିଲେ ଯେ, ବୟସ ନିର୍ବିଶେଷରେ ବାଳକ ସ୍ୱଭାବର ହୋଇ ବିନୟୀ ରହିଲେ ଜଗତରନାଥ ଜଗନ୍ନାଥ ସ୍ୱାମୀଙ୍କ ଅଶେଷ ଆଶିଷ ଲାଭ କରି ଆପଣା ଜୀବନ ସାର୍ଥକ ଲାଭ ହୋଇପାରିବ। ସମ୍ମାନିତ ଅତିଥି ଭାବେ 'ସମ୍ବାଦ' ସମ୍ପାଦକ,ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ମାଆ, ମାଟିକୁ ଭଲପାଇ ନିଜର,ନିର୍ଭିକ,ନିରହଂକାର ରହି ନିଶା ଠାରୁ ନିଜକୁ ଦୂରେଇ ରଖି ଆପଣା ଜୀବନକୁ ନିରୋଗୀ ଓ ଆଦର୍ଶ ସ୍ଥାନୀୟ କରିବାକୁ ଆହ୍ୱାନ ଦେଇଥିଲେ। ଡଃ ମୃତ୍ୟୁଞ୍ଜୟ ରଥ ଉତ୍ସବ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ପୁରାତନଛାତ୍ର ତଥା କିଟ୍ କଲେଜ ପ୍ରଫେସର ଡ଼ଃ ରବି ନାରାୟଣ ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସଂଗୀତ ଗାନ ଓ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନର ନୂତନ ଶତବାର୍ଷିକୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ, ବିଦ୍ୟାଳୟର ମୁଖପତ୍ର ଓ ନୂତନ ଡ଼ାକ ଟିକଟ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ମେଧାବୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ ପାଳନ କମିଟି ପକ୍ଷରୁ ମୁଖ୍ୟ ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜ, ଉପଦେଷ୍ଟା ବିଷ୍ଣୁ ମୋହନ ଛୋଟରାୟ, ସଭାପତି କେଳୁଚରଣ ସିଂହ, ଉପସଭାପତି ଉମାକାନ୍ତ ଶ୍ରୀଚନ୍ଦନ, ଗୋଲଖ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତି ସ୍ମିତା ସାମନ୍ତସିଂହାର, ଜୟନ୍ତୀ ପାଇକରାୟଙ୍କ ସହ କମିଟିର ସମସ୍ତ ସଦସ୍ୟ,ବିଦ୍ୟାଳୟର ବର୍ତ୍ତମାନ ଓ ପ୍ରାକ୍ତନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଛାତ୍ର ଛାତ୍ରୀ ଅଭିଭାବକ, ଶୁଭେଚ୍ଛୁ ତରାପି ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବ ସଫଳତାର ସହ ପାଳନ ହୋଇଥିଲା।

୧୦ |

ଆମ ଗାଁ ରାମଲୀଳା

ଆମ ଗାଁ ର ଆଉ ଏକ ଆକର୍ଷଣ ହେଉଛି ଏହାର ପ୍ରସିଦ୍ଧ ରାମଳୀଳା । ପ୍ରତିବର୍ଷ ଅତି ନିଷ୍ଠାରେ (ପ୍ରାୟ ଏକ ମାସ ଧରି) ପାଳିତ ହୁଏ ଏହି ରାମଳୀଳା । ଛୋଟ ବଡ କଳାକାର ମାନଙ୍କ ଦ୍ୱାରା ଅଭିନୀତ ହୁଏ, ବ୍ୟବହାର ହୁଏ ବିଭିନ୍ନ ଚରିତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ମୁଖା ଓ ମୁକୁଟ । ଶହେ ବର୍ଷ ହେଲା ପାଳିତ ହୋଇ ଆସୁଛି ଆମ ଗାଁ' ର ଏହି ରାମଳୀଳା । ପ୍ରଥମ ପିଢୀର (1950-75 ବେଳର) କଳାକାର ଓ ଉଦ୍ୟୋକ୍ତା ମାନଙ୍କ ମଧ୍ୟରେ ଜମ୍ବୁ ସୁନ୍ଦରରାୟ (ଗାୟକ), ପ୍ରଭାକର ହରିଚନ୍ଦନ (ପ୍ରବନ୍ଧକ), ଈଶ୍ୱର ପ୍ରଧାନ (ହନୁମାନ), ଦାମୋଦର ସୁବୁଦ୍ଧି (ରାବଣ), ସୁଧାକର ସୁବୁଦ୍ଧି (ରାମ), ବୁଦ୍ଧିଆ ତରାଇ (ବାଳି), ନାଥ ତରାଇ, ତ୍ରିଲୋଚନ ସୁବୁଦ୍ଧି (ମାରିଚ), ସୂରଥ ବେହେରା ଙ୍କ ଭଳି ପୂର୍ବଜ ମାନଙ୍କ ନାମ ମନକୁ ଆସେ । ଏବେ ଗୋଲଖ ପ୍ରଧାନ ଗାୟକ ଭୂମିକା ନିର୍ବାହ କରୁଥିବାବେଳେ, ପ୍ରମୋଦ ସୁବୁଦ୍ଧି ଓ ଅନ୍ୟମାନେ ପରିଚାଳନା ଦାୟିତ୍ୱ ନେଉଛନ୍ତି । ନୂତନ ପିଢୀର ପିଲାମାନେ ହନୁମାନ, ରାବଣ, ରାମ, ଲକ୍ଷ୍ମଣ, ସୀତା ଆଦି ବିଭିନ୍ନ ଭୂମିକାରେ ଅଭିନୟ କରି ଏହି ଗୌରବମୟ ପରମ୍ପରାକୁ ଏଯାବତ ବଜାୟ ରଖିପାରିଛନ୍ତି ।

ଡରାପି ଗାଁ ରାମଲୀଳାରେ ନୂଆ ପିଢୀ କଳାକାର ମାନଙ୍କ ଅଭିନୟ ।

ଆମ ଗାଁ ରଘୁନାଥ ମନ୍ଦିର ।

ଶ୍ରୀରାମଙ୍କ ଭକ୍ତ ଓ ଅନୁଗାମୀ ମାନଙ୍କ ପ୍ରତୀକ ମୁଖା ପୂଜା ପାଆନ୍ତି ସବୁଦିନ

୧୧ |

ସେକାଳର କଟକ କଥା:

୧୯୮୦ ମସିହାରେ ମୋ ପଢିବା ବେଳର କଥା

ଐତିହାସିକ ସହର, ଏକଦା 'ଅଭିନବ ବାରଣାସୀ ବିଡ଼ାନାଶୀ କଟକ' ଭାବେ ପରିଚିତ, କଟକ ସହର । କଟକ ସହର, ଅନେକ 'ପ୍ରଥମ' କୁ ପାଇ ଅନ୍ତତଃ ସମଗ୍ର ଓଡ଼ିଶାରେ ନିଆରା ଏକ ସହର। ଐତିହାସିକ ଦୃଷ୍ଟିକୋଣରୁ ସାରା ଭାରତରେ ମଧ୍ୟ ଏହାର ପ୍ରଖ୍ୟାତି ରହିଛି । ସୁନା ଓ ରୂପାର ତାରକସି କଳା ପାଇଁ, କାହିଁ କେତେକାଳରୁ ଖୁବ ଜଣାଶୁଣା ଏହି କଟକ ସହର । ସ୍ଥାନୀୟ କାରିଗରମାନେ, ପ୍ରାଚୀନ ଓଡ଼ିଶାର ସାଧବମାନଙ୍କ ଅମଳରୁ, ଆଜିକୁ ପ୍ରାୟ ୫୦୦ ବର୍ଷ ଧରି ଏହି କଳାକୁ ଜୀବିତ ରଖିଛନ୍ତି। ଅତୀତରେ ଇଣ୍ଡୋନେସିଆ ଓ ଅନ୍ୟାନ୍ୟ ଦେଶସମୂହକୁ ଓଡ଼ିଶାର ସାଧବମାନେ ଏହି ସୁନା ରୂପାର ଅଳଙ୍କାର ନେଇ କଳିଙ୍ଗରୁ ଯାଉଥିଲେ, ଏଇଠୁ ମହାନଦୀ ନଦୀ ମଧ୍ୟ ଦେଇ (ଯୋବ୍ରା ଠାରୁ), ସମୁଦ୍ର ମଧରେ ଯାଉଥିଲେ ।

ରେଭେନ୍ସା କଲେଜର ଅନ୍ତେବାସୀ ଛାତ୍ରଭାବରେ କଟକ ସହରରେ ମୋ ରହଣି, ୧୯୮୦ ମସିହା ବେଳଠାରୁ ଆରମ୍ଭ । ସତୁରୀ ଦଶକରୁ କଟକ ସହରକୁ ମୋର ସାମାନ୍ୟ ଯିବା ଆସିବା ଥିଲେ ମଧ, କଟକ ସହରରେ ରହି ରେଭେନ୍ସାରେ ବି.ଏ. ପଢ଼ିବା ସୁଯୋଗ ମିଳିଥିଲା, ୧୯୮୦ ମସିହାରେ । ଏହି ପରି ମୋ ଅନୁଭୂତି କ୍ରମରେ ଏଠି ଲେଖିବା ପଚାଶ ବର୍ଷ ତଳର କଟକ କଥା ।

ମୋ ରହିବା ପାଇଁ ପଶ୍ଚିମ ଛାତ୍ରାବାସରେ ବିଧିବଦ୍ଧ ଭାବେ ସିଟ ମିଳିବା ପୂର୍ବରୁ, ଯୋବ୍ରାସ୍ଥିତ ଜଗନ୍ନାଥ ଛାତ୍ରାବାସରେ ଏକ ସପ୍ତାହ ପାଇଁ ପ୍ରଥମେ ରହିବାକୁ ପଡିଥିଲା। ଜଗନ୍ନାଥ ଛାତ୍ରାବାସରେ ପ୍ରଥମ ରାତି କଥାଟି ଏବେବି ମୋର ସ୍ପଷ୍ଟ ମନେ ପଡୁଛି। ଗାଁ ସ୍କୁଲ ପରେ ଭୁବନେଶ୍ୱର ଏବଂ ତା'ପରେ କଟକରେ ଆସି ପଢ଼ିବା ବେଳେ ପ୍ରଥମଥର ପାଇଁ ହଷ୍ଟେଲ ରହଣି । ମୋର କଟକ ସହରର ପ୍ରସିଦ୍ଧି କଥା ଏବଂ ରେଭେନ୍ସା ମହାବିଦ୍ୟାଳୟର ସୁଖ୍ୟାତି ଯୋଗୁଁ, ପ୍ରବଳ ଆଗ୍ରହ ଥାଏ ମୋ ମନରେ। ଟିଣବାକ୍ସରେ ମୋ ଜିନିଷ ଧରି କଲେଜରେ ହାଜର ହେବାପରେ ମୋତେ କୁହାଗଲା, 'ପଶ୍ଚିମ-ଛାତ୍ରାବାସ ସିଟ ମିଳିବା ପର୍ଯ୍ୟନ୍ତ ଜଗନ୍ନାଥ ଛାତ୍ରାବାସରେ ରୁହ'। ମନଟା କିଛି ମାତ୍ରାରେ ଖଟା ହୋଇଯାଇଥିଲା ସେତେବେଳେ। ଅଗତ୍ୟା ବାଧ ହୋଇ ପହଞ୍ଚିଥିଲି ଜଗନ୍ନାଥ ଛାତ୍ରାବାସରେ। ବଗଡ଼ା ଚାଉଳ ଭାତ, ପାଣିଆ ଡାଲିରେ ଯେତେ ଅସୁବିଧା ନ ଥିଲା,

ଅସଲ ଅସୁବିଧା ଟା କଣ, ତାହା ଜଣା ପଡ଼ିଲା ରାତିକୁ। ମଶା! ଆରେ ବାପ୍ ରେ, କେତେ ବଡ଼ ବଡ଼ ମଶା ଏବଂ କେତେ ସଂଖ୍ୟାରେ? ଗାଁ ରେ (ବା ଭୁବନେଶ୍ୱରରେ) ପଢ଼ିଲା ବେଳେ ଏଭଳି ମଶା ଦେଖି ନ ଥିବାରୁ, କେମିତି ଶୋଇହେବ, ତାହା ଭାବି ଭାବି ପ୍ରଥମ ରାତିରେ ନିଦ ହେଲା ନାହିଁ। ପ୍ରଥମ ଦିନ ମଶାରୀ କିଣି ନ ଥାଏ। ମଶା ନୁହେଁ ତ, ଡାଆଁଶ। ଅଜଣା ନୂଆ ଅତିଥିର ଅବସ୍ଥା ମଶା ମାନେ ବୁଝିଲେ ନାହିଁ। ସାରା ରାତି ଖଟ ଉପରେ ବସି ଗାମୁଛାରେ ମଶା ଘଉଡ଼େଇବାରେ କଟିଗଲା। ତାହାଥିଲା ମୋ କଟକ ରହଣୀର ପ୍ରଥମ ଦିନ।

ତା'ପରେ କଲେଜ ପରିସର ମଧ୍ୟରେ ଥିବା ପ୍ରଖ୍ୟାତ ପଶ୍ଚିମ ଛାତ୍ରାବାସରେ ରହିବା ପାଇଁ ସ୍ଥାନ ମିଳିଗଲା। ନୂଆ ସାଙ୍ଗ, ପାଠପଢା, ଖେଳକୁଦ, ବୁଲାବୁଲି ମଧ୍ୟରେ ମଶା ଗୁଡ଼ିକ ମଧ୍ୟ (ଦେହସୁହା ହୋଇ) ଆପଣାର ହୋଇ ଯାଇଥିଲେ, ଧିରେ-ଧିରେ। ପ୍ରଥମ ବର୍ଷ ୫, ୬ ଜଣ ଛାତ୍ରଙ୍କ ସହ ଗୋଟିଏ ରୁମ ରେ ରହିଥିଲି । ସୌଭାଗ୍ୟ କ୍ରମେ, ପ୍ରତି ସମ୍ମାନ (ଅନର୍ସ) ବିଷୟର ପ୍ରଥମ ଛାତ୍ର କୁ ଜଣିକିଆ ପ୍ରକୋଷ୍ଠ (ସିଙ୍ଗଲ ରୁମ) ମିଳିବା ବିଧି କ୍ରମରେ (ଏବଂ ପରିସଙ୍ଖ୍ୟାନ ବିଷୟରେ ମୁଁ ଏକମାତ୍ର ଅନ୍ତେବାସୀ ଛାତ୍ର ହୋଇଥିବାରୁ ଦ୍ୱିତୀୟ ବର୍ଷକୁ ମୋତେ ତଳ ମହଲାରେ ଥିବା ଜଣିକିଆ ପ୍ରକୋଷ୍ଠ ମିଳିଯାଇଥିଲା ।

୧୯୮୦ ମସିହା ବେଳର ରେଭେନ୍ସା ମହାବିଦ୍ୟାଳୟ ଚିତ୍ର

୧୨ |

ସ୍ୱାଧୀନୋତ୍ତର କଟକ ସହରର କଥା:

କଟକରେ ଆସି ରହିବା ପୂର୍ବରୁ, କଟକ ବିଷୟରେ ଅନେକ କଥା ଶୁଣିଥିଲି ଓ ପଢ଼ିଥିଲି। ପ୍ରଥମ ଛାପାକଳ (ପ୍ରିଣ୍ଟିଂ ପ୍ରେସ୍), ଅଗ୍ରଣୀ ଦୈନିକ ଖବର କାଗଜ ଗୁଡିକର ପ୍ରକାଶନ ସ୍ଥାନ ଏବଂ ଶିକ୍ଷା, କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ କଟକର ସ୍ଥାନ ଶିକ୍ଷିତ ସମାଜ ପାଇଁ ଏକ ଗୌରବଗାଥା ବହନ କରୁଥିବା ଏକ ପ୍ରଖ୍ୟାତ ସହର ଥିଲା। (1837 ରେ କଟକରେ ଓଡିଶାର ପ୍ରଥମ ପ୍ରିଣ୍ଟିଙ୍ଗ ପ୍ରେସ ସ୍ଥାପିତ ହୋଇଥିଲା । ଓଡିଆ ଖବରକାଗଜ, 'ଉତ୍କଳ ଦୀପିକା' ୧୮୬୮ ମସିହାରେ କଟକକୁ ଅଣାଯାଇଥିଲା)। ପ୍ରଥମେ ଓଡିଶାର ରାଜଧାନୀ କଟକରେ ରହିଥିବା କଥା, ଏହି ପୃଷ୍ଠ ଭୂମିରେ ଏକ ସ୍ୱାଭାବିକ ଘଟଣା ଥିଲା। ମୁଁ କଟକରେ ପଢ଼ିବା ପୂର୍ବରୁ (ସତୁରୀ ଦଶକର ପ୍ରଥମାର୍ଦ୍ଧରେ ସହର ଉପକଣ୍ଠ ଚାରବାଟିଆ ଠାରେ ପ୍ରାଥମିକ ବିଦ୍ୟାଳୟ ପଢ଼ିବା ସମୟ ପୂର୍ବରୁ) ଓଡ଼ିଶାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କଟକରେ ହିଁ ରୁହନ୍ତି ବୋଲି ଶୁଣିଥାଏ। ଶିକ୍ଷା, ରାଜନୀତି, ଡାକ୍ତରୀ, ଖେଳ, ସିନେମା ଇତ୍ୟାଦି ସବୁ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଏହି କଟକରେ ରୁହନ୍ତି ବୋଲି ମୁଁ ଆଗରୁ ଶୁଣିଥାଏ। ସେମାନଙ୍କୁ ଦେଖିବାକୁ ମୋର ପ୍ରବଳ ଇଚ୍ଛା ଥାଏ। ସାନ ପିଲା ବେଳର କଥା । ସେତେବେଳେ ମୋର ଚାରବାଟିଆ ରେ (ପ୍ରାଥମିକ) ପାଠପଢା ସମୟରେ, ଚୌଦ୍ୱାର ପଟରୁ କଟକ-ଜୋବ୍ରା ପଟକୁ ମହାନଦୀ ଲଞ୍ଚରେ ବସି ନଦୀ ପାରହେଲା ବେଳେ, ଅପୂର୍ବ ଶିହରଣ ଖେଳୁଥାଏ। ସେ ସମୟରେ (୧୯୬୦ ଦଶକରେ) ମାନେ ହେଉଥାଏ, ସତେ ଯେମିତି ଏକ ପୂଜ୍ୟପୀଠକୁ ଯାଉଛି ମୁଁ।

ଆଗରୁ ବାଦାମବାଡ଼ି ବସଷ୍ଟାଣ୍ଡ ନଥିଲା। ଓ.ଏମ.ପି. ଛକକୁ ଚୂନଭାଟି ଛକ କୁହାଯାଉଥିଲା। ବସ ସିଧାସଳଖ ଚୌଧୁରୀ ବଜାର ଷ୍ଟାଣ୍ଡ ଯାଇ ରହିପାରୁଥିଲା। ସେଠୁ ବସ୍ ବାହାରି, ଝୋଲା ସାହି, ପିଠାପୁର, ଦୋଳମୁଣ୍ଡାଇ, ବଜ୍ରକବାଟୀ ରୋଡ୍, ରାଣୀହାଟ, କଲେଜ୍ ଛକ ଓ ଷ୍ଟେସନ୍ ଲେଭଲ୍ କ୍ରସିଂ ପାର ହେଇ ପାରାଦୀପ ଅଭିମୂଖେ ଯାତ୍ରା କରୁଥିଲା। କଟକର ସାହି ବାସିନ୍ଦା ଭିତରେ 'ଶଗଡ଼ିଆ ସାହି ଲୋକ ହିଁ ପ୍ରକୃତ କଟକିଆ ବୋଲି ଯାହା ମୁଁ ଶୁଣିଥିଲି। ମହାନଦୀରେ ଡଙ୍ଗାରେ ଆସି ଯାହା ମାଲ୍ ଲାଗେ, ତାକୁ ଶଗଡ଼ରେ ବୋହିବା, ଏହି ସାହିର ଲୋକମାନଙ୍କ ମୁଖ୍ୟ ଜୀବିକା ଥିଲା। ମାଲଗୋଦାମ ଜିନିଷ ମଧ୍ୟ ସେହି ଶଗଡ଼ ମାନଙ୍କରେ ବୁହାଯାଉଥିଲା। ସେହି ଶଗଡ଼ିଆ ମାନଙ୍କ ମଧ୍ୟରୁ ଜଣେ ସାଧାରଣ (ଶଗଡ଼ିଆ) ଲୋକ ଫଗୁ ଖୁଣ୍ଟିଆ, ପରେ ବିଶିଷ୍ଟ ପରିବା ମହାଜନ

ହୋଇଥିଲେ ବୋଲି ଶୁଣିଛି। ସେ କଟକର ବିଶିଷ୍ଟ ରାଜନୀତି ସମର୍ଥକ, ପୃଷ୍ଠପୋଷକ (ଏବଂ ମହତାବ ବାବୁଙ୍କ ପାଖଲୋକ) ଥିଲେ ବୋଲି ଶୁଣିଛି। ବିଶିଷ୍ଟ ବ୍ୟବସାୟୀ ମାନେ କଟକ ସହରକୁ ଆପଣେଇ ନେଇଥିବା ବେଳେ ଅନେକ ପ୍ରଖ୍ୟାତ ବୁଦ୍ଧିଜୀବୀ (ନାମକରା ପ୍ରଫେସର) ଏକତ୍ର ରହିବା ପାଇଁ "ପ୍ରଫେସର୍-ପଡା" ନାମରେ ଏକ ସାହି କରିଥିବା ମଧ୍ୟ ଶୁଣିଥିଲି। ଅତି ପ୍ରଖ୍ୟାତ ଡାକ୍ତର ମାନେ ଏହିଠାରେ ହିଁ ରହୁଥିଲେ (ଡାକ୍ତର ରଘୁ ସାହୁ, ମହେନ୍ଦ୍ର ବାବୁ, ତେଜେଶ୍ୱର ରାଓ ଇତ୍ୟାଦି)। ରେଭେନ୍ସାରେ ଆସି ପଢ଼ିବା ବେଳକୁ ଏମାନଙ୍କୁ ସମସ୍ତଙ୍କୁ ଦେଖିବାକୁ ମୋ ମନରେ ପ୍ରବଳ ଆଗ୍ରହ ଥାଏ।

୧୯୮୦ ମସିହା ବେଳକୁ ନୂଆ କଟକ ସହର, ତାର ରୂପ ବଦଳାଇ ସାରିଥାଏ। ବାଦାମବାଡ଼ିରେ ନୂଆ ବସଷ୍ଟାଣ୍ଡ, ନଦୀ କୁ ଲାଗି ରିଙ୍ଗ ରୋଡ୍, ସହର ସାରା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ଗମନା-ଗମନର ଅନ୍ୟ ସବୁ ସୁବ୍ୟବସ୍ଥା ହୋଇଯାଇଥାଏ। କଟକ ସହର ଜନଗହଳି ବଢୁଥିଲେ ମଧ୍ୟ ନୂଆ ଭୁବନେଶ୍ୱର ଉପରେ ନିର୍ଭରଶୀଳତା କ୍ରମଶଃ ବଢିବାରେ ଲାଗିଥାଏ। ଭୁବନେଶ୍ୱର ରୁ ସବୁଦିନ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଦୁଇଟି ବଡ଼ ବଡ଼ ବସକୁ ଯୋଡ଼ି, ରାଜ୍ୟ-ପରିବହନ ସଂସ୍ଥା କିଛିଦିନ 'ରୋଡ଼ ଟ୍ରେନ୍' ନାମରେ ଗୋଟିଏ ଲମ୍ବା ବସ ଚଲାଉଥିଲା। ତାହା ପରେ ଭୁବନେଶ୍ୱର-ବାଣୀବିହାରରେ କିଛିଦିନ ଚାଲିବା ପରେ, ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

ଅଙ୍ଗେ ନିଭାଇଥିବା କଥା, ମୋ ଅନୁଭୂତି:

କଟକ ରହଣୀ ସମୟରେ ଅନେକ ଲବ୍ଧ ପ୍ରତିଷ୍ଠ ବ୍ୟକ୍ତି ମାନଙ୍କ ସହ ସାକ୍ଷାତର ସୁଯୋଗ ମିଳିଥିଲା। ଏହା କେବଳ ମୋ ପାଇଁ ନୁହେଁ, ବରଂ ମୋ ଭଳି ଅନେକ ଛାତ୍ରଙ୍କ ଉପରେ ପ୍ରଭାବ ପକାଇଥିଲା। ରେଭେନ୍ସା ପଶ୍ଚିମ ଛାତ୍ରବାସର ହୀରକ ଜୟନ୍ତୀ ଆମେ ପାଳନ କରିଥିଲୁ। ବର୍ଷ ତମାମ୍ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରୁଥିଲୁ। ମୋର ମଧ୍ୟ ଅଳ୍ପ କିଛି ଲେଖା (ପ୍ରଥମଥର ପାଇଁ) ଦୁଇ ତିନୋଟି ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ବନ୍ଧୁ ପ୍ରସାଦ ହରିଚନ୍ଦନ (କଂଗ୍ରେସ ଦଳ ବିଧାୟକ) ଓ ଅନ୍ୟ ସାଙ୍ଗମାନଙ୍କ ସହ ମିଶି 'ସବୁଜ ମୈତ୍ରୀ' ନାମରେ ସଂଗଠନ ଗଢ଼ିଥିଲୁ, ସେହି ସମୟରେ।

ମନେଅଛି, ସେହି 'ସବୁଜ ମୈତ୍ରୀ' ର ଏକ ରାଜ୍ୟସ୍ତରୀୟ ସଭା ପାଇଁ ମୁଁ ଫତୁରାନନ୍ଦ (ରାମଚନ୍ଦ୍ର ମିଶ୍ର) ଙ୍କୁ ଧରି ଭୁବନେଶ୍ୱର ସଭାସ୍ଥଳରେ ପହଞ୍ଚିବା ବେଳେ, ସେ ମୋ କାନ୍ଧରେ ଭରା ଦେଇ ଧୀରେ ଧୀରେ ସଭାମଞ୍ଚ କୁ ଉଠିବା ବେଳେ, ଅନେକ ମତେ ଫତୁରାନନ୍ଦଙ୍କ ପୁଅ ବୋଲି ଭାବିଥିଲେ।

ସେତେବେଳେ ପ୍ରମୁଖ ଘଟଣା ମଧ୍ୟରେ କଟକ-କଥା ଖବରକାଗଜର ମୁଖ୍ୟ ପୃଷ୍ଠା ମଣ୍ଡନ କରୁଥିଲା। ଖେଳ ହେଉ, ଚଳଚ୍ଚିତ୍ର ହେଉ ବା (ପ୍ରଜାତନ୍ତ୍ର-ବିଷୁବ ମିଳନ ଭଳି) ସାହିତ୍ୟ ଆସର ହେଉ, କଟକ ସବୁବେଳେ ଘଟଣା ବହୁଳ ରହୁଥିଲା। ମୋ ପଢ଼ିବା ସମୟରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ ବାରବାଟି ଷ୍ଟାଡିୟମରେ ଖେଳାଯାଇଥିଲା। ଜେ. ବୟକଟ, ଫ୍ଲେଚର ଓ ଗାୱର ଆସିଥାନ୍ତି। ଗାଭାସ୍କର ଓ ଅନ୍ୟ ଭାରତୀୟ ଖେଳାଳୀ ମାନେ ଏକା ସମୟରେ ଆସିବା ବେଳେ, ରୋଜର୍ ବିନି କୌଣସି ବ୍ୟକ୍ତିଗତ କାରଣରୁ ପଛରେ ଟ୍ରେନଯୋଗେ ଏକୁଟିଆ ଆସି କଟକ ରେଳଷ୍ଟେସନରେ ଓହ୍ଲାଇଥିଲେ। କଲେଜ ଛକର ଏକ ହୋଟେଲ ପର୍ଯ୍ୟନ୍ତ ରିକ୍ସାରେ ବସି ଆସିବା ସମୟରେ, ଆମେ କେତେଜଣ କଲେଜ ଛାତ୍ର ତାଙ୍କ ସହ ବିନା ବାଧାରେ କଥା ହୋଇଥିଲୁ। ବୋଧହୁଏ ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ କ୍ରିକେଟ ଟିମ୍ ର କୌଣସି ଖେଳାଳୀ ଏକା ରିକ୍ସାରେ ବସି ଆସିବା କଥା ଆଉ ଚିନ୍ତା କରିହେବନି। ସେହି ମ୍ୟାଚ ସମୟର ଟିକେଟ କଳାବଜାରୀ ଭଳି ଦୁଃଖଦ ଘଟଣା ମଧ୍ୟ ମନେପଡୁଛି। ନକଲି ଟିକେଟ ସାଙ୍ଗକୁ ଅସଲି ଟିକଟ ବ୍ଲାକ୍ ପାଇଁ ପ୍ରବଳ ପାଟିତୁଣ୍ଡ, ମାଡ଼ପିଟ କଥା ମନେଅଛି। ଛାତ୍ର-ମାନଙ୍କ ପାଇଁ ଉଦିଷ୍ଟ ଅଳ୍ପକିଛି ଟିକେଟ ରେଭେନ୍ସା ହଷ୍ଟେଲକୁ ଆସିଥାଏ। ଟିକେଟ ପାଇଥିବା ଛାତ୍ର ଖୁସିହେବେ କଣ, ବରଂ ପ୍ରମାଦ ଗଣିଲେ। ରାତି ପାହିଲା ବେଳକୁ ତାହା ତତ୍କାଳୀନ ଗୁଣ୍ଡା ମାନଙ୍କ ହାତରେ ପଡିଥିଲା।

ସ୍ୱଳ୍ପ ତିକ୍ତ ଅନୁଭୂତି ସହ, ମୋର ଅନେକ ଅଭୁଲା ଅନୁଭୂତି ଅଛି। ସେତେବେଳେ ଆମ ଘରର ଆର୍ଥିକ ଅବସ୍ଥା (ଖରାପ ନ ଥିଲେ ବି) ଏତେ ଭଲ ନଥିଲା। ମେଧାବୃତ୍ତି ମିଳିବାରେ ଡେରି ହେଉଥାଏ। ଶୁଣିଥାଏ ବିଜୁବାବୁ ଜଣେ ଅତ୍ୟନ୍ତ ଉଦାର ହୃଦୟର ବ୍ୟକ୍ତି ଏବଂ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ମାଧ୍ୟମରେ ଅନେକ ଛାତ୍ରଙ୍କୁ ବୃତ୍ତି ପ୍ରଦାନ କରନ୍ତି। ଦିନେ ହଠାତ୍ ସାହସ କରି ବିଜୁବାବୁଙ୍କ ତୁଳସୀପୁରସ୍ଥିତ ବାସଭବନରେ ତାଙ୍କୁ ଦେଖାକଲି। ଡର ଲାଗୁଥାଏ। ସେ ଟିକେ ରାଗିଲୋକ ବୋଲି ମଧ୍ୟ ଶୁଣିଥିଲି। ସେତେବେଳେ କ୍ଷମତାରେ ମଧ୍ୟ ନଥାନ୍ତି। ତାଙ୍କ ଦଳ ଶୋଚନୀୟ ପରାଜୟ ବରଣ କରିବା ସହ ନିଜର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥାଏ। ବୃତ୍ତି ପାଇଁ ଦରଖାସ୍ତ ଦେବା ସହ ବିନମ୍ରତା ସହ ପ୍ରଣାମ କଲି। ଡରରେ ମୋ ପାଟି ଫିଟୁନଥାଏ। ସନ୍ଧ୍ୟା ହେବାକୁ ଯାଉଥାଏ, ଏକୁଟିଆ ବାରଣ୍ଡାରେ ଚୌକି ଉପରେ ବିଜୁବାବୁ ଗମ୍ଭୀର ମୁଦ୍ରାରେ ବସିଥାନ୍ତି। ଦରଖାସ୍ତ ଦେଖି ହଠାତ୍ ବଡ଼ପାଟିରେ କହିଲେ - 'ତୁମ ମୁଖ୍ୟମନ୍ତ୍ରୀ ପାଖକୁ ନ ଯାଇ, ମୋ ପାଖକୁ କାହିଁକି ଆସିଛ, ମୋ ପାଖରେ ଆଉ କଣ ଅଛି?' ଗର୍ଜନ ଶୁଣି ମୋର ସତରେ ଝାଳ ବାହାରି ଯାଇଥିଲା। ତା'ପରେ ଦୁଇ ମିନିଟ ପରେ କଣ ଭାବିଲେ

କେଜାଣି, ଗମ୍ଭୀର ହୋଇ କହିଲେ, ହଉ ଠିକ ଅଛି! ଯା' ଏ ଦରଖାସ୍ତଟା 'ଚନ୍ଦ୍ର' କୁ ଯାଇ ଦେଇଦେ'। ଆଉ କିଛି କହିଲେନି। "କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ" ର ଚନ୍ଦ୍ରବାବୁ କିନ୍ତୁ ଠିକ କରିଦେଲେ । ଅଳ୍ପ କିଛି ବୃତ୍ତି ମିଳିଲା। (ପରେ ସରକାରୀ ମେଧାବୃତ୍ତି ଏମ. ଏ. ପାଇଁ ମୋତେ ମିଳିଯାଇଥିଲା।) ।

କଟକରେ ଥିବାବେଳେ ସିନେମା ପ୍ରିମିୟର ଶୋ' ସମୟରେ ଓଡ଼ିଆ ସିନେମା ତାରକା ଓ ନିର୍ଦ୍ଦେଶକ ମାନଙ୍କ ସହ ଦେଖା ହେଲେ ଆନନ୍ଦ ମିଳୁଥିଲା। ମନେଅଛି, ଚଳଚ୍ଚିତ୍ର "ସମୟ ବଡ଼ ବଳବାନ" ପ୍ରିମିୟର ବେଳକୁ ପ୍ରଶାନ୍ତ ନନ୍ଦ, ଶିଶିର ମିଶ୍ରଙ୍କ ସହ ଦେଖା ହୋଇଥିଲା। ପ୍ରଖ୍ୟାତ ବକ୍ତା ହିସାବରେ ଶ୍ରୀରାମ ଦାସ, ରଙ୍ଗନାଥ ମିଶ୍ର ଇତ୍ୟାଦି ଅନେକ ଆଗଧାଡିର ବ୍ୟକ୍ତି ମାନଙ୍କୁ ବରାବର ଦେଖୁଥିଲୁ ଓ ଶୁଣୁଥିଲୁ। ଛାତ୍ରମାନେ ଖୁବ ଅନୁପ୍ରାଣିତ ମଧ୍ୟ ହେଉଥିଲେ। ଆମ ସମୟରେ ଆମ ସାଥି, ସଂତୃପ୍ତ ମିଶ୍ର (ଯିଏ ବର୍ତ୍ତମାନ ବିରଳା କଂପାନୀର ବରିଷ୍ଠ ଅଧିକାରୀ) ଚ୍ୟାନ୍ସେଲର୍ କପ (ଡିବେଟ) ପାଇଥିଲା। ପ୍ରଖ୍ୟାତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି (ଖୋକା ଭାଇ) ଙ୍କୁ ସବୁ ଭାବ/ ଅବସ୍ଥାରେ ଦେଖିଛୁ। ଲେଖକ ହିସାବରେ, ବକ୍ତା ହିସାବରେ ଏବଂ ଖଟିରେ ଚା' ଖାଇବା ସମୟରେ ତାଙ୍କୁ ମନ ପୂରାଇ ଦେଖିବାକୁ/ ଶୁଣିବାକୁ ଭଲଲାଗେ।

ଚଳଚ୍ଚିତ୍ର 'ତଅପୋଇ' ର ନାୟିକା କ୍ଷଣପ୍ରଭା ସେହି ସମୟରେ ଆମସହ ରେଭେନ୍ସାରେ ପଢୁଥିଲେ। କଟକ ଛତ୍ରାବଜାରର ଅଳ୍ପ କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ରେଭେନ୍ସା ପରିସରରେ ଦୌରାତ୍ମ୍ୟ ଭଳି ଅଳ୍ପ କିଛି ତିକ୍ତ ଅନୁଭୂତି ଛଡା, କଟକରେ କଟିଥିବା ଛାତ୍ର ଜୀବନ, ଅଭୁଲା ହୋଇ ରହିବ, ସବୁଦିନ ପାଇଁ । ଖାଲି ଚର୍ଚ୍ଚିତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରି ଅନୁଭୁତି ଲେଖା ସମାପ୍ତ କରିଦେଲେ ବୋଧହୁଏ ଠିକ ହେବନାହିଁ। ରେଭେନ୍ସାର ଅଧ୍ୟକ୍ଷ (ପରିଜା ସାହେବ ବା ମହେନ୍ଦ୍ର କୁମାର ରାଉତ) ମାନଙ୍କ ନିଜସ୍ୱ ପ୍ରତିଷ୍ଠା ପାଇଁ, ସେମାନେ ଛାତ୍ରମାନଙ୍କ ମଧ୍ୟରେ ଯେତିକି ଜଣାଶୁଣା (ସମ୍ମାନସ୍ପଦ) ଥିଲେ, ସେହି ଭଳି ଖେଳ ଶିକ୍ଷକ 'ଜଗଦା' (ପି.ଇ.ଟି) ସାର (ତିନି ଦଶନ୍ଧି ଧରି) ଛାତ୍ର ମାନଙ୍କ ପାଇଁ ଅଧିକ ଅଭୁଲା ଥିଲେ ତାଙ୍କ ମୁଖନିସୃତ (ବିକୃତ?) ଇଂରାଜୀ ଶବ୍ଦ ପାଇଁ।

କଟକ ସହରର ସ୍ମୃତି ମୋ ପାଇଁ ଅଭୁଲା ହୋଇ ରହିଯିବ ଚିରକାଳ ପାଇଁ।

Ravenshaw College, 1978

ରେଭେନ୍ସାରେ ବିଏ ପଢିସାରିବାପରେ, ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଆସି ଏମଏ (ପରିସଙ୍ଖ୍ୟାନ) 1982-84 ମଧ୍ୟରେ ଆବାସିକ ଛାତ୍ର ଭାବେ ପଢୁଥିଲି । ବାଣୀବିହାର ପରିସର ମଧ୍ୟରେ ରହିବା ସମୟରେ ଶିକ୍ଷା ସହ କିଛି ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସାମିଲ ହୋଇଥିଲି । ସେତେବେଳେ ପରିସଙ୍ଖ୍ୟାନ ବିଭାଗ ମୁଖ୍ୟ ଥିଲେ ପ୍ରଫେସର ଜିତେନ୍ଦ୍ରିୟ ଷଡଙ୍ଗୀ । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଥିଲେ ମନ୍ମଥ ନାଥ ଦାସ । ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ କୁଳପତି ମୋତେ ସାହାଜ୍ୟ କରିଥିଲେ । ଏମଏ ପଢିବା ସମୟରେ ମୋତେ ଛାତ୍ର ବୃତ୍ତି ମିଳୁଥିଲା ।

୧୯୮୪ ରେ ବାଣୀବିହାର ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳର (ସହଯୋଗ କରିଥିବା ବନ୍ଧୁମାନଙ୍କ ସହ) ଫଟୋଚିତ୍ର ।

ବାଣୀବିହାର ପରିସଙ୍ଖ୍ୟାନ ବିଭାଗ ରେ ୧୯୮୪ ରେ ପାଳିତ ସରସ୍ୱତୀ ପୂଜା

ସହପାଠୀ ଓ ଶିକ୍ଷକ ମାନଙ୍କ ସହ (୧୯୮୪)

କଲେଜ ପଢିବା ସମୟର ମୋ ପରିସଙ୍ଖ୍ୟାନ ଶିକ୍ଷକ

(ବାମରୁ:) ଶରତ ସେନାପତି; ଜିତେନ୍ଦ୍ରିୟ ଷଡଙ୍ଗୀ; ଉଦୟ ନାଥ ରାଉତ

୧୩ |

ଅଭାବର ଅନୁଭୂତି

୧୩.୧: ପାଇଖାନା ଘର କରିବା ବେଳର ଅଭୂଲା ଅନୁଭୂତି

ପ୍ରାୟ ଚାଳିଶି ବର୍ଷ ତଳର (1982 ବେଳର) କଥା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମୋ ଚାକିରି ମିଳିଗଲା, ଆଉ ତା'ର ଛ' ମାସ ପରେ ମୋ ବାହାଘର ହୋଇଗଲା । ତା ପର ବର୍ଷ (ବଡ କଷ୍ଟରେ) ଛୋଟ ଘର ଟିଏ କିଣି ପାରିଲି । ବ୍ରହ୍ମପୁର, ଗଜପତି ନଗରରେ। ଅତି ଛୋଟ ଘର, ଦୁଇଟି ବେଡ୍ ରୁମ ଥିଲେ ବି ଛୋଟ ବଖରା ସବୁ । ଗୋଟିଏ ମାତ୍ର ପାଇଖାନା-ଓ-ଗାଧୁଆ ଘର । ସାନ ଭାଇ ଭଉଣୀ ପାଖରେ ରହି ପଢୁଥାନ୍ତି, ମଝିରେ ମଝିରେ ବାପା ବୋଉ ଆସନ୍ତି କିଛିଦିନ ରହି ଯାଆନ୍ତି । ପାଇଖାନା-ଓ-ଗାଧୁଆ ଘର ଉପରେ ସମସ୍ତେ ନିର୍ଭର । ତାହା ପୁଣି ଥିଲା ରୋଷେଇ ଘର ସାମନାରେ ।

ଚିନ୍ତା କଲୁ, ସେ ପାଇଖାନା-ଓ-ଗାଧୁଆ ଘର ଭାଙ୍ଗି ଘର ବାହାରକୁ ଲାଗି ପାଇଖାନା ଓ ଗାଧୁଆ ଘର (ଅତି ସୀମିତ ଜାଗା ଭିତରେ) ପୃଥକ ପୃଥକ କରିଦେବା ।

କରିବାକୁ ହେବ/ ହେଲା ସେହି ଘରେ ସମସ୍ତେ ରହୁଥିବା ସମୟରେ ।

କେମିତି ହେବ ? କେମିତି ସମ୍ଭବ ??? ଅସମ୍ଭବ (ଘର ଲୋକ କହିଲେ)!!!

ସକାଳ ପାହିଲେ ଯେ ସମସ୍ତଙ୍କ ଲୋଡା .... (ପାଇଖାନା-ଓ-ଗାଧୁଆ ଘରର ଅତ୍ୟାବଶ୍ୟକ 'ପ୍ରାଥମିକ ଜରୁରୀ ବ୍ୟବହାର')...।

ହେବ କେମିତି, (ପାଇଖାନା) ଘର ଶୁଖିବ କେମିତି, ଆଉ ଆମେ ସକାଳୁ କୁଆଡେ କେମିତି ....।

'ଅସମ୍ଭବ', ଆମ ଘର ଲୋକ କହିଲେ!!!

ସେତେବେଳେ ଜଣେ ବୁଢା ମିସ୍ତ୍ରୀଟିଏ (ଅରକ୍ଷିତ କୁ ଦଇବ ଭଳି) ସେ ଅଞ୍ଚଳରେ ସେତେବେଳେ କାମ କରୁଥାନ୍ତି । ନାଁ ଥିଲା 'ଗୋବିନ୍ଦ ମିସ୍ତ୍ରୀ' । ଗେଡା ଲୋକଟିଏ, କିନ୍ତୁ ବଳିଷ୍ଠ ଚେହେରା। ସବୁବେଳେ ଖାଲି ପାଦରେ, ବିନା ଚପଲରେ ଚାଲନ୍ତି। ବ୍ରାହ୍ମଣ କୁଳ କିନ୍ତୁ ରାଜ ମିସ୍ତ୍ରୀ। ଘର ମରାମତି କାମ ପାଇଁ ବରାବର ଆସୁଥାନ୍ତି।

'ହବ ମା', ହେଇଯିବ । କରିଦେବି', କହିଲେ ଗୋବିନ୍ଦ ମିସ୍ତ୍ରୀ ।

ତଥାପି କାହାର ଭରଷା ହେଉ ନଥାଏ , କିନ୍ତୁ ୧୦/୧୨ ଦିନରେ ଛୋଟ ଛୋଟ ଦୁଇ ବଖରା ପାଇଖାନା ଓ (ଅଲଗା) ଗାଧୁଆ ଘର ପ୍ରସ୍ତୁତ ହେବା ପରେ ଅସଲ ଘଡିସନ୍ଧି ସମୟ ଆସିଲା ।

ପୁରୁଣା ପାଇଖାନା ପ୍ୟାନ ଖୋଲି, ସେପ୍ଟିକ ଟ୍ୟାଙ୍କ ଚ୍ୟାମ୍ବର ବାଟ ବନ୍ଦ କରି, ରାତା-ରାତ ନୂଆ ପାଇଖାନାରେ ପ୍ୟାନ ବସାଇ, ପୁଣି ସେଇ (ଏକା/ ସମାନ) ସେପ୍ଟିକ ଟ୍ୟାଙ୍କ ଚ୍ୟାମ୍ବର କୁ ଯୋଡା ଯିବ, ତା ପରେ ସିମେଣ୍ଟ ପଲସ୍ତରା ହେବ । ରାତା-ରାତ । ବିଳମ୍ବିତ ସନ୍ଧ୍ୟା ରେ ସମସ୍ତେ ଶୌଚ କର୍ମ ସାରିବା ପରେ ଏ କାମ ଆରମ୍ଭ ହେବ ଏବଂ ସକାଳ ପାହିବା ପୂର୍ବରୁ ନୂଆ ପାଇଖାନା ସମସ୍ତେ ବ୍ୟବହାର କରିବେ ।

ଖାଇ, ପିଇ ରାତି ୯ ଟା କୁ ଆସିଲେ ଗୋବିନ୍ଦ ମିସ୍ତ୍ରୀ । କାମରେ ଲାଗିଲେ ସେ। ରାତି ଦୁଇଟା ରେ ସବୁ ସାରିଲା (କଞ୍ଚା ପଲସ୍ତରା କାମ) । ଟେବୁଲ ପଙ୍ଖା ଲଗାଇ ପଲସ୍ତରା ଶୁଖାଗଲା । ସକାଳ ପାହିଲା ବେଳକୁ ପାଇଖାନା ବ୍ୟବହାର ଯୋଗ୍ୟ ହୋଇ ଯାଇଥିଲା ।

ଏବେବି ମନେ ଅଛି ବ୍ରହ୍ମପୁରର ସେ ଘଟଣା ଓ (ଲୋଚାପଡ଼ା ଗାଁ' ର) ଗୋବିନ୍ଦ ମିସ୍ତ୍ରୀ ଓ (ଭାବିନିପୁରର) ସହଯୋଗୀ ମିସ୍ତ୍ରୀ ପରଶୁ କଥା ।

(ପରେ ମୋ ଆର୍ଥିକ ଅବସ୍ଥା ଭଲ ହେବା ପରେ, ଆମେ ଆଉ ଗୋଟେ ଭଲ ଘର କିଣି ରହିଥିଲୁ । ସହଯୋଗୀ ରୁ ପରେ ରାଜ ମିସ୍ତ୍ରୀ ହୋଇଥିବା, ପରଶୁକୁ ନୂଆ ଘରର କିଛି କାମ ଦେଇଥିଲି । ଗୋବିନ୍ଦ ମିସ୍ତ୍ରୀଙ୍କ ର ଦେହାନ୍ତ ହୋଇ ଯାଇଥିଲା ।)

୧୩.୨: ଅଭାବର ଅନୁଭୂତି

ପାଣି କଷ୍ଟ ଓ ଦୁର୍ଯୋଗ

୫୦/୫୨ ବର୍ଷ ତଳର କଥା। ଗାଁ ରେ ବିଜୁଳି ନଥିବା ବେଳର କଥା (ତେଣୁ କଳ ପାଣି କଥା 'ଦିବା ସ୍ୱପ୍ନ' ଭଳି ଥିଲା) ।

ଗାଁ ରେ କଟିଛି ପିଲାଦିନ। ବାପା ଚାକିରି କରୁଥିଲେ ବି ଚାଷ କାମ ପାରମ୍ପରିକ, କୌଳିକ ବେଉସା ଥିଲା।

ଖରାଦିନେ ପାଣି ର ଅଭାବ। ଚିଲିକା କୂଳ ଗାଁ ହୋଇଥିଲେ ବି କେବଳ ଦୁଇ ଚାରିଟା କୂଅ କୁ ଛାଡ଼ିଦେଲେ ଗାଁ ର ସବୁ କୂଅ ଶୁଖିଯାଏ ଖରାଦିନେ । ଦୁଇ ଚାରିଟା କୂଅ ରେ ବି ଖୁବ୍ ଅଳ୍ପ ପାଣି ମୁନ୍ଦେ, ମୁନ୍ଦେ ଝରି କୂଅ ର ତଳେ ପଡ଼ିଥିବ, କାହିଁ କେତେ

ତଳେ। ଗରା ମାଠିଆ ବୁଡ଼ିବ ନାହିଁ। ଢାଳ ଅଥବା ଛୋଟ ବାଲ୍ଟିରେ ଥର ଥର କରି କାଢି, ଗରା ମାଠିଆ ପୂର୍ଣ୍ଣ କରାଯାଏ।

ଏହାକୁ ପାଣି ଛଣା (ଛଣା ପାଣି) କୁହାଯାଏ। ଏଥିପାଇଁ ରୀତିମତ କସରତ କରିବାକୁ ପଡ଼େ ମା ଭଉଣୀ ମାନଙ୍କୁ।

ବହୁତ ଗଭୀର କୂଅ, ଓହଟା ପଡ଼େ । ଖରାଦିନେ ପାଣି କଷ୍ଟ ଗ୍ରାମାଞ୍ଚଳ ରେ ଯିଏ ଅନୁଭବ କରିଛି ସିଏ ଜାଣିଛି।

୧୯୭୫-୭୮ ସମୟର କଥା।

ମୋ ସାନ ଭଉଣୀ (ମୋ ଠାରୁ ୮ ବର୍ଷ ସାନ) ବୋଉ କୁ ସାହାଯ୍ୟ କରେ ଘର କାମରେ।

ଅନ୍ୟ କିଏ ପାଣି ନେଇଯିବା ପୂର୍ବରୁ କୂଅ ପାଖକୁ ଯାଇ ପ୍ରଥମେ ପାଣି (ଛାଣି) କାଢି ଦେଇଥିବ।

୨୨-୨୪ ଫୁଟ ଗଭୀର କୂଅ। ଖରାଦିନେ ପାଣି ପୁରା ତଳେ, କାଢ଼ିବାକୁ ହେଲେ ତଳକୁ ଝୁଙ୍କି ଓହଟି ଲମ୍ବା ଦଉଡ଼ି ପକାଇ କାଢ଼ିବାକୁ ହୁଏ କଷ୍ଟରେ। (ସେଥିରେ କିନ୍ତୁ ତାର ଆନନ୍ଦ, ଅନ୍ୟ କେହି ନେଇଯିବା ପୂର୍ବରୁ ସେ ଆମ ଘର ପାଇଁ ଆବଶ୍ୟକ ସବୁ ପାଣି ଆଣି ପାରୁଛି ବୋଲି।) । ଦିନେ, ବୋଧେ ବେଳା ଖରାପ ଥିଲା, ଖରାଦିନେ ଏମିତି ପାଣି କାଢିବା ବେଳେ (୨୨ ଫୁଟ ଗଭୀର) କୂଅ ଭିତରକୁ ଖସି ପଡ଼ିଲା ମୋ ସାନ ଭଉଣୀ। ୨୨ ଫୁଟ ଗଭୀର କୂଅ ଭିତରକୁ !!

ଭାବିଲୁ ଆମ ସଂସାର ଉଜୁଡ଼ି ଗଲା। କିନ୍ତୁ ଦୈବୀ କୃପାରୁ କିଛି ବି ହୋଇ ନଥିଲା ତା'ର।

ସେ ଦିନର ଦୁଃଖଦ ଘଟଣା ଏବେବି ମୋର ମନେ ଅଛି।

ସେଦିନ ମୁଁ କୂଅ ଭିତରକୁ ପଶି ନଥିଲେ ବି, ପରେ ଏକା ଏକା ମୁଁ ଦୁଇ ତିନିଥର ୨୨ ଫୁଟ ତଳକୁ ପଶି ବାହାରିବା ଅଭ୍ୟାସ (ଦୁଃସାହସ?) କରିଥିଲି, ବିନା ସାହାଯ୍ୟ ରେ। ତଳକୁ ଖସିପଡ଼ିବା ଦୁର୍ଯୋଗ ମୋ ପରିବାର ରେ ଏକାଧିକ ବାର ଆସିଛି।

ମ୍ୟାଟ୍ରିକ ପଢ଼ିବା ବେଳେ ରାତି ଅନ୍ଧାରରେ ସାଇକେଲ ଧରି କୁହୁଡି ବଜାର ରୁ ଗାଁ କୁ ଫେରିବା ବାଟରେ ହାଇ ସ୍କୁଲ ପାଖରେ ଥିବା ୫ ଫୁଟ ଗଭୀର ପଥର ଖଣିରେ ସାଇକେଲ ସହ ଖସି ପଡ଼ିଥିଲି। କେହି ନଥାନ୍ତି ପାଖାରେ, ଦିଶୁ ନଥାଏ କିଛି ଘନ ଅନ୍ଧାରରେ।

କେମିତି ନିଜେ ଉଠିଲି, ସାଇକେଲକୁ ୫ ଫୁଟ୍ ଉପରକୁ କେମିତି ଉଠେଇଲି ସେଦିନ, ମୁଁ ଜାଣି ପାରୁନଥାଏ।

ମୁଁ ଉଠାଇଲି କି, ଭଗବାନ ସେଦିନ ମୋତେ ଉଠାଇଲେ, ସତରେ ଜଣାନାହିଁ। କିଛି ବି (କ୍ଷତ) ହୋଇ ନଥିଲା ମୋର। ସତରେ ଆଶ୍ଚର୍ଯ୍ୟ ସେ ଘଟଣା, ଆଶ୍ଚର୍ଯ୍ୟ ସେ ଅନୁଭୂତି ।

ବାହାଘର ପରର ଏମିତି ଆଉ ଏକ ପଡ଼ିବା ଘଟଣା/ ଦୁର୍ଘଟଣା । ବ୍ରହ୍ମପୁର ରେ ଆମେ ରହୁଥିବା ସମୟର ଘଟଣା । ଖୋଡାସିଂ ସ୍ଥିତ ନୂଆ ଘର କୁ ଆସି ଆମେ ରହୁ ଥିଲୁ, ଏକ ଖୋଲା (ଜନଶୂନ୍ୟ) ଜାଗାରେ। ସେଠାରେ ପଡୋଶୀ ଖୁବ୍ କମ ଥିଲେ। ସେତେବେଳେ ମୋ ପୁଅକୁ ମାତ୍ର ୧୦/୧୨ ବର୍ଷ ହୋଇଥାଏ ।

ଖେଳୁ ଖେଳୁ, ଛାତ ଉପରୁ ସେ ଖସି ପଡ଼ିଲା ତଳକୁ। ୧୫ ଫୁଟ ତଳକୁ। ଡରିଗଲୁ ସମସ୍ତେ, ସମ୍ପୂର୍ଣ ଛାନିଆ ହୋଇଯିବା ଭଳି ଅବସ୍ଥା। ଆଖି ଖୋସି ହୋଇଗଲା ଭଳି ଅବସ୍ଥା। ଦୈବୀ କୃପାରୁ ପୁଅର କିଛି ହୋଇନଥିଲା। ଭଗବାନ ରକ୍ଷା କରିଦେଇଥିଲେ ସେଦିନ ଯେମିତି ।

ଭଉଣୀ ର କୂଅରେ ପଡ଼ିଯିବା, ମୋର ପଥର ଖଣି ଭିତରେ ପଡ଼ିଯିବା ଓ ପୁଅ ଛାତ ଉପରୁ ପଡ଼ିଯିବା ଦୁର୍ଯୋଗ ଥିଲା।

ଥିଲା ଅତ୍ୟନ୍ତ ଦୁଃଖଦ ଘଟଣା। ସବୁଥର ସାହା ହୋଇଥିଲେ ଭଗବାନ।

ବଞ୍ଚାଇ ଦେଇଥିଲେ (ଏହିକଥା ଲେଖିବା ପାଇଁ, ଆଉ ଆପଣ ମାନେ ଧର୍ଯ୍ୟର ସହ ପଢ଼ିବା ପାଇଁ, ମୋ କଥା)।

ଅନୁଭୂତି କହିବା ପାଇଁ।

ଅଭାବର ଅନୁଭୂତି – ୧୩.୩

ନିଜ ଘରେ, ନିଜେ ହେଲୁ ଜଳବନ୍ଦୀ

୨୫ ବର୍ଷ ତଳର କଥା । ୧୯୯୯ ମସିହାର ମହାବାତ୍ୟା ବେଳର କଥା ।

ଆମେ ସେତେବେଳେ ରହୁଥାଉ ବ୍ରହ୍ମପୁର ଖୋଡାସିଙ୍ଗ ଶରଧାବାଲି ଅଞ୍ଚଳରେ, ନିଜ ଘରେ । ସକାଳ ପାହିଲେ ଦଶ ଦିନିଆ ଦଶହରା ପୂଜା ଛୁଟି ଆରମ୍ଭ ହେବ । ସବୁ ପୂଜା ଛୁଟିରେ ଆମେ ସପରିବାର ଆମ ଗାଁ କୁ ଚାଲି ଯାଉ, କିଛିଦିନ ବାପା ବୋଉଙ୍କ

ପାଖରେ ରହି ସମୟ କାଟିବା ପାଇଁ । ଏବର୍ଷ ମଧ୍ୟ ପ୍ରସ୍ତୁତି (ଲୁଗାପଟା ସଜାଇବା, ଗାଁ ର ସମସ୍ତଙ୍କ ପାଇଁ କଣ କିଛି କିଣାକିଣି କରି ନେବା କାମ) ସରିଥିଲା । ସକାଳ ପାହିଲେ ଗାଁକୁ ଯିବାକୁ ଥିବାରୁ, ରାତି ଖାଇବା କାମ ଇତ୍ୟାଦି ଶୀଘ୍ର ତୁଟାଇ ଦେଲେ ମୋ ସ୍ତ୍ରୀ । ଶୀଘ୍ର ବିଶ୍ରାମ ନେଲେ, ରାତି ପାହିଲେ ସହଳ ଉଠି ଘର କାମ ସାରି ବାହାରିବାକୁ ହେବ।

କିନ୍ତୁ ସେ ରାତି ଟା ଥିଲା ସତେ ଯେମିତି ଏକ କାଳ ରାତି ।

୧୯୯୯ ଅକ୍ଟୋବର ମହାବାତ୍ୟାର ପ୍ରଥମ ରାତି ।

ଯେଉଁ ମହାବାତ୍ୟା ଓଡିଶାର ଉପକୂଳ ଅଞ୍ଚଳ କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲା । ହଜାର ହଜାର ସଂଖ୍ଯାରେ ଧନ ଜୀବନ ନଷ୍ଟ ହେବା ସହ, ତଳିଆ ଅଞ୍ଚଳ ସମ୍ପୂର୍ଣ ଜଳମଗ୍ନ ହୋଇ ଯାଇଥିଲା ।

ଏବେ କହିବି ସେ ରାତି (ଓ ତା ପର ଦିନର) ମୋ/ ଆମ ଅନୁଭୂତି କଥା।

ରାତିରେ ଆମେ ଶୋଇଥିଲୁ ନିଘୋଡ ନିଦରେ । ହଠାତ କିଏ ଝରକା ଓ କବାଟ ବାଡାଉ ଥିବା ଭଳି ଶବ୍ଦ ହେଲା । ନିଦ ଭାଙ୍ଗିଗଲା, ଡରିଗଲୁ ଚୋର ହୋଇଥିବ ଭାବି । କିନ୍ତୁ ପରେ ପରେ ପବନର ସୁଁ ସୁଁ ଶବ୍ଦ, ପ୍ରଖର ରୁ ଅତି ପ୍ରଖର ହେଲା । ସବୁ ଆଡେ ଧଡ ଧାଡ ପ୍ରଚଣ୍ଡ ଶବ୍ଦ ହେବା ସହ ଖୁବ ଜୋରରେ ବର୍ଷା ବି ହେଲା । ରାତି ପାହୁନଥାଏ, ସେ ଯେ ଥିଲା ଏକ କାଳ ରାତି ।

ପବନ ର ବେଗ ଅତି ମାତ୍ରାରେ ବଢ଼ି, ବଡ ବଡ ଗଛ ଭାଙ୍ଗି ପଡୁଥିବାର ଶବ୍ଦ ଆସୁଥାଏ । ଆମେ (ପୁଅ ଝିଅ ସହ) ସମସ୍ତେ ଏକାଠି ଜାକି ଯୁକି ହୋଇ ବସିଥାଉ ଗୋଟିଏ ଖଟ ଉପରେ।

ଏତେ ଭୟଙ୍କର ସେ ଅବସ୍ଥା, ସତରେ ଅବର୍ଣନୀୟ । ପବନ ଓ ବର୍ଷା କମୁ ନଥାଏ ।

ପାହାନ୍ତି ପହରକୁ ପରିଶ୍ରା ଯିବା ପାଇଁ ଖଟରୁ ତଳକୁ ପାଦ ପକାଇବା ବେଳକୁ ଗୋଡରେ ଲାଗିଲା ପାଣି । ଭାବିଲି ଝରକା କବାଟ ଦେଇ ପାଣି ଛିଟିକା ଆସିଥିବ । ପରିଶ୍ରା ନଯାଇ ପୁଣି ଉଠିଗଲି ଖଟ ଉପରକୁ ।

ସକାଳ ପାହି ଆସୁଥାଏ, ଝରକା ଦେଇ ବାହାରକୁ ଅନାଇ ଦେଖିଲୁ ଅବସ୍ଥା ଟା କଣ । ଦେଖିଲୁ, କେବଳ ଘର ଭିତରେ ନୁହେଁ ଘର ବାହାରେ ସବୁଆଡ ଜଳାର୍ନବ ।

ଆମ ଘରଟି ସେ କଲୋନୀର ଶେଷ ଘର ଥିଲା ଏବଂ ଆମ ଘର ପରେ ଥିଲା ବିସ୍ତିର୍ନ ଚାଷ ଜମି, ଖୋଲା ପଡିଆ। ବାହାର କୁ ଯେତେବାଟ ଯାଏଁ ଆଖି ପାଉଥିଲା ସବୁଆଡେ ଖାଲି (ବନ୍ୟା) ପାଣି । ସେତେବେଳକୁ ବାହାରେ ଚାରି ଫୁଟ ପାଣି ଓ ଘର

ଭିତରେ ଦେଖୁ ଦେଖୁ ଏକ ଫୁଟ ପାଣି ହୋଇଗଲା । ଦିନ ବଢିବା ସହ ପାଣି ବଢିବାରେ ଲାଗିଲା । ଆମେ କୌଣସି ପ୍ରକାରେ ଆମ ଘର ଛାତ ଉପରକୁ ପଳାଇ ଯିବାକୁ ଉଦ୍ୟମ କଲୁ । କିନ୍ତୁ ବାହାରେ (ଲୁହା ଗ୍ରୀଲ ଓ ସିଢି ଉପରେ) ଆଶ୍ରୟ ନେଇଥିଲେ (ନିରାଶ୍ରୟ) ସର୍ପ । ସାପକୁ ଦେଖି ଦେଇ ପତ୍ନୀଙ୍କ ବିକଟାଳ ଶବ୍ଦ/ ଚିତ୍କାର ଓ ଅର୍ଦ୍ଧ-ମୂର୍ଚ୍ଛା ଅବସ୍ଥା ।

କୌଣସି ପ୍ରକାରେ ପ୍ରାଣ ବିକଳରେ ଆମେ ଛାତ ଉପରକୁ ପହଞ୍ଚି ଗଲୁ । ପାଣି ଓ ଅଳ୍ପ କିଛି ଖାଦ୍ୟ ନେଇ ଗଲୁ (ଯାହା ଗାଁ କୁ ନେବା ପାଇଁ କିଣା ଯାଇଥିଲା) । ପବନ ପୁରା କମିଗଲା କିନ୍ତୁ ପାଣି ବଢି ଚାଲିଲା । ଦିନ ୧୨ ଟା ବେଳକୁ ବାହାରେ ଆଠ ଫୁଟ ପାଣି ଓ ଘର ଭିତରେ ଚାରି ଫୁଟ ପାଣି ହୋଇ ଗଲା ।

ପଡୋଶୀ ମାନେ ଏଭିତରେ ନିଜ ନିଜ ଛାତ ଉପରକୁ ଆସି ଯାଇ ଥାନ୍ତି । ଶରଧାବାଲି (କଲୋନୀ) ଅଞ୍ଚଳ ଟି ବାହ୍ୟ ଜଗତ/ ବ୍ରହ୍ମପୁର ସହର ଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲା, ଦୁଇ ଦିନ ଯାଏଁ ।

ବାତ୍ୟା ଗଞ୍ଜାମ ଛାଡି ପୁରୀ କେନ୍ଦ୍ରାପଡା ଆଡକୁ ଚାଲି ଯାଇଥିଲା । ଆମେ ଦୁଇ ଦିନ ବଡ କଷ୍ଟରେ ଛାତ ଉପରେ ହିଁ ରହିଥିଲୁ ।

୨ୟ ଦିନ ସନ୍ଧ୍ୟା ପୂର୍ବରୁ ଜଣେ ଶୁଭେଚ୍ଛୁ ଅଣ୍ଟେ ପାଣିରେ ସାହସ କରି ଆମ ପାଖକୁ ଆସି ପାଣି ଓ ଖାଇବା ଜିନିଷ ଦେଇ ଯାଇଥିଲେ । ୩ୟ ଦିନ ପାଣି ଛାଡିବା ପରେ ଘର ଭିତରକୁ ଆସି ଘରର (ପଙ୍କ କାଦୁଅ) ଅବସ୍ଥା ଯାହା ଦେଖିଲୁ ସେକଥା ଲେଖି ବସିଲେ ଆଉ ଦୁଇ ପୃଷ୍ଠା ହୋଇଯିବ ।

(ଅନୁଭୂତି-୧ ରେ ଲେଖିଥିବା) ପରଶୁ ମିସ୍ତ୍ରୀ ଓ ତା ସାଥି ମାନେ ଆସି ଆମକୁ ସାହାଯ୍ୟ କରିଥିଲେ, ଘର ସମ୍ପୂର୍ଣ ପରିଷ୍କାର କରି ଥଇଥାନ କରିଥିଲେ । ସେ ଅନୁଭୂତି ଆହୁରି ବିସ୍ତାରିତ ଭାବରେ ବର୍ଣ୍ଣନା କରିବି ଆଉ କେବେ ।

ମନେ ଅଛି ସେ ଅନୁଭୂତି ଆଜି ଯାଏଁ ।

ଅଭାବର ଅନୁଭୂତି: ୧୩.୪

ଚକୁଳି-ଚଣା, କାନ୍ଦୁଲ ଡାଲି

ମୋ ପାଠ ପଢା ସରୁ-ନସରୁଣୁ (ମୋ MPhil ପରୀକ୍ଷା ଫଳ ବାହାରିବା ପୂର୍ବରୁ ହିଁ) ଗୋଟେ କେନ୍ଦ୍ର-ସରକାରଙ୍କ ଚାକିରି ମିଳି ଯାଇଥିଲା ୧୯୮୬ ରେ । ପରିସଙ୍ଖ୍ୟାନ ବିଭାଗରେ, ପୂର୍ବ ଓଡିଶା ପାଇଁ ନିଯୁକ୍ତି । ପ୍ରଥମେ ଭୁବନେଶ୍ବର ଆଞ୍ଚଳିକ କର୍ଜ୍ୟାଳୟ ରେ ଯୋଗ ଦେବାପରେ ମୋତେ ବ୍ରହ୍ମପୁର/ ଦକ୍ଷିଣ ଓଡିଶା ପାଇଁ

ଅବସ୍ଥାପିତ କରାଗଲା । ଭୁବନେଶ୍ବର ରେ ରହିବାର ଇଚ୍ଛା ଥିଲେ ମଧ୍ୟ, ବ୍ରହ୍ମପୁର ବଦଳି ମୋ ପାଇଁ ପରେ ଦୈବୀ ବରଦାନ ଥିଲା ବୋଲି ଜଣା ପଡିଥିଲା ।

ଏ ଚାକିରି (Statistical Investigator) କାମ ହେଉଛି ଗାଁ ଗାଁ ବୁଲି ଲୋକଙ୍କ ସାମାଜିକ ତଥା ଆର୍ଥିକ ଅବସ୍ଥା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା । ଦରମା ସାଙ୍ଗକୁ ଗସ୍ତ ଖର୍ଚ୍ଚ ଠିକ ଠାକ ମିଳୁଥିଲା ଏଥି ପାଇଁ ।

କିନ୍ତୁ କଷ୍ଟ କଥା ହେଉଛି, ଦକ୍ଷିଣ ଓଡିଶାର କିଛି ଆଭ୍ୟନ୍ତରୀଣ ଗାଁ ସେତେବେଳେ ଅତ୍ୟନ୍ତ ଅଗମ୍ୟ ଥିଲା ଓ କୌଣସି କର୍ମଚାରୀ ରହିବା ଭଳି (ରାତ୍ରି ଯାପନ ପାଇଁ) ସୁବିଧା ନଥିବାରୁ, ଗ୍ରାମାଞ୍ଚଳରୁ ତଥ୍ୟ ସଂଗ୍ରହ କରିବା କଷ୍ଟକର ହେଉଥିଲା ।

ଏଠାରେ ମୁଁ କହୁଛି ୧୯୮୬-୮୭ ସମୟର କଥା, ଯେତେବେଳେ ଗମନା ଗମନ ବ୍ୟବସ୍ଥା ବହୁତ ଖରାପ ଥିଲା । କହୁଛି ମୋର ସେମିତି ଏକ ଅଗମ୍ୟ ଗାଁ ରେ ରାତ୍ରୀ ଯାପନ କରିବା କଥା ଓ ଖାଲି ଭାତ ସହ କାନ୍ଦୁଲ ଡାଲି ଖାଇ ରାତ୍ରିଯାପନ କରିଥିବା କଥା ।

କନ୍ଧମାଳ ଜିଲ୍ଲାର ଏକ ଅଖ୍ୟାତ ଛୋଟ ଗାଁ (ନାଁ ଏବେବି ମନେ ଅଛି), ବୁରବୀନାଜୁ କଥା।

ନୂଆ ନୂଆ ଚାକିରି, ଯୁବକ ସମୟ ପୁଣି ମୁଁ ନିଜେ ଗାଁ ରୁ ଆସିଛି ।

ତେଣୁ ଦୂର ଦୂରାନ୍ତ ଗାଁ କୁ ଯିବାରେ ମୋର କିଛି ଆପତ୍ତି ନଥିଲା, ବରଂ ଆଗ୍ରହ ଥିଲା ।

ବ୍ରହ୍ମପୁର ର ମୋ ବରିଷ୍ଠ ଅଧିକ୍ଷକ ମୋ ଭଳି ଜଣେ ସରଳ ନିରୀହ 'ମୁର୍ଗା' ପାଇଗଲେ । ପ୍ରଥମ କାମ ଭାବେ ଦେଇଥିଲେ ଫୁଲବାଣୀ-କନ୍ଧମାଳ ଜିଲ୍ଲା ଅନ୍ତର୍ଗତ, ପାହାଡ ଜଙ୍ଗଲ ଘେରା ଏକ ଅଗମ୍ୟ ଆଦିବାସୀ ଗାଁ, ବୁରବିନାଜୁ । ବ୍ରହ୍ମପୁରରୁ ପ୍ରଥମେ ବସ ରେ ଭଞ୍ଜନଗର ଯିବାକୁ ହେବ । ସେଠାରୁ ଆଉ ଏକ ଛୋଟ ଯାତ୍ରୀ ବାହୀ ଗାଡି ଧରି ଘୁ-ଉଦୟଗିରି (ଗ୍ରେଶିଙ୍ଗା) ଦେଇ ଯିବାକୁ ହେବ । ଏବଂ ଯେଉଁ (ନିକଟତମ) ବସ ଷ୍ଟାଣ୍ଡ ଓଲ୍ହାଇବ ସେଠାରୁ ଜଙ୍ଗଲ ରାସ୍ତା ଦେଇ ୧୪ କିମି ଚାଲି ଚାଲି ଯାଇ ପହଞ୍ଚିବ ବୁରବିନାଜୁ ।

ଭୋର ୫ ଟା ରୁ ବ୍ରହ୍ମପୁରରୁ ବସ ଧରି ଯିବାକୁ ହେବ । ନହେଲେ ପରବର୍ତ୍ତୀ ବସ ମିଳିବା କଷ୍ଟକର ହେବ ।

ସେଦିନ ଭଞ୍ଜନଗର ରୁ ଘୁ-ଉଦୟଗିରି ଦେଇ, ସେ ଗାଁ ର ନିକଟତମ ବସଷ୍ଟାଣ୍ଡ ରେ ଯାଇ ପହଞ୍ଚିଲା ବେଳକୁ ପ୍ରାୟ ୧୦-୧୧ ଟା ସମୟ ହୋଇ ଯାଇଥିଲା । ସେ ଏକମାତ୍ର ଚାଳିଆ ଜଳଖିଆ ଦୋକାନ ରେ ମିଳୁଥିଲା ଗରମ ଚଣା (ଘୁଗୁନି) ଓ (ଭଲ ବିରି ର) ବଢିଆ ଚକୁଳି । ଭୋକ ଲାଗୁଥିଲା । ପେଟ ପୁରା ଖାଇଦେଲି ।

ଚାରି ପଟ ଚକୁଳି ଓ ଚଣା ତରକାରୀ ଖାଇ ସେଠି ପଚାରି ବୁଝିଲି ବୁରବିନାଜୁ ଗାଁ କୁ ରାସ୍ତା ।

ସେଠାରୁ ୧୪ କିମି ଚାଲି ଚାଲି ଯାଇ ପହଞ୍ଚିବାକୁ ହେବ ବୁରବିନାଜୁ । ପାହାଡ ଜଙ୍ଗଲ ଭିତରେ, ପାଦ ଚଲା ଡାଙ୍ଗର ରାସ୍ତା । ବାଟରେ ବଣ ଝରଣା, ମହୁଲ ଗଛ, କେତେ ପ୍ରଜାତିର ପକ୍ଷୀ । ଭଲ ଲାଗୁଥାଏ ମତେ । ବାଟ ଜଣା ପଡୁ ନଥାଏ । ଶେଷରେ ପହଞ୍ଚିଲି ସେହି ଗାଁ ରେ । ଗାଁ ନୁହେଁ ତ ଛୋଟ ପଡା । ପ୍ରାୟତଃ ସବୁ କୁଡିଆ ଘର ।

ଛୋଟ ପାହାଡ ତଳେ କିଛି ଘର ଆଉ କିଛି ପାହାଡ/ ଟାପୁ ଉପରେ । ଉପରେ ଥିବା ବସ୍ତି/ ପଡା ସହିତ ଥିଲା ଗୋଟେ ଛୋଟ ମଠ । ମଠଟି ମଧ୍ୟ ଗୋଟେ ଛୋଟ ଚାଳଘର ଥିଲା । ତେଣୁ ମୁଁ (ଟାପୁ) ଉପରେ ମଠରେ ହିଁ ରହିବାକୁ ସ୍ଥିର କଲି । ସେଠାରେ ପହଞ୍ଚିଲା ବେଳକୁ ପ୍ରାୟ ଅପରାହ୍ନ ଦୁଇଟା ହୋଇ ଯାଇଥିଲା । ଗାଁ ରେ ପୁରୁଷ କାହାକୁ ଦେଖିବାକୁ ପାଇଲି ନାହିଁ । ପରିଚୟ ଦେବା ପରେ ମଠ ମହନ୍ତ ରହିବାକୁ ଜାଗା ଦେଇଥିଲେ ରହିବା ପାଇଁ ।

ମଠରେ ଗୋଟିଏ ଓଳି ରନ୍ଧା ହୁଏ । ସନ୍ଧ୍ୟା ପୂର୍ବରୁ ଖାଇଦେବାକୁ ହୁଏ । (ଦକ୍ଷିଣ ଓଡିଶାର ଅନେକ) ମଠରେ ଅତିଥି ଅଭ୍ୟାଗତ ଙ୍କ ପାଇଁ 'ପାର୍ଶ୍ୱକ' ବ୍ୟବସ୍ଥା ଥାଏ, ତାହା ଜଣେ ଦୁଇଜଣ ଖାଇ ପାରିବେ (କିଛି ପ୍ରାପ୍ୟ ଦେଇ) ।

ମୋ ପାଇଁ ମହନ୍ତ (ତାଙ୍କ ନିଜର ନୀତିଦିନିଆ ଖାଦ୍ୟ) ଭାତ ଓ କାନ୍ଦୁଲ ଡାଲି ରାନ୍ଧି ଦେଲେ । ଦୁହେଁ ଏକାଠି ବସି ଖାଇଲୁ । ପ୍ରବଳ ଭୋକ ହେଉଥିଲା । ଅତି ଆଗ୍ରହ ରେ ଖାଇଦେଲି ଭାତ ଓ (ବହଳିଆ) କାନ୍ଦୁଲ ଡାଲି । ସାଙ୍ଗରେ ଦେଇଥିଲେ ଆମ୍ବ ଆଚାର ଖଣ୍ଡେ ।

ଖାଇବା ବେଳେ ପଚାରି ବୁଝିଲି ଗାଁ ଟି ପୁରୁଷ ଶୂନ୍ୟ କାହିଁକି ?

ସେ ସମୟ ରେ ଧର୍ମ ପରିବର୍ତ୍ତନ କୁ ନେଇ ଗଞ୍ଜାମ ଫୁଲବାଣୀ ଆଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରାହୁଥାଏ । ଚକାପାଦ ତହସିଲ ଓ ରାଇକିଆ ତହସିଲ ମଧ୍ୟବର୍ତ୍ତୀ ଏ ଆଞ୍ଚଳ ।

ସେହିଭଳି ଏକ ଧର୍ମ ପରିବର୍ତନ ବିବାଦକୁ ନେଇ, ଥାନା ରେ ଲାଗିଥିବା କେସ ଓ ଗିରଫ ଭୟରେ ଗ୍ରାମର ପୁରୁଷ ମାନେ (ମୁଁ ଯିବା ସମୟରେ) ଅନ୍ୟତ୍ର ଚାଲିଯାଇ ଥିଲେ । ବୁଝିଗଲି ଗାଁ ଟି କାହିଁକି ପୁରୁଷ ଶୂନ୍ୟ ।

(ଫେରିବା ପାଇଁ ବସ ନଥିବାରୁ) ମୋର ସେହିଦିନ ସେଠାରୁ ଫେରିବା ସମ୍ଭବ ନଥିଲା । ସନ୍ଧ୍ୟାରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଦେଲି । ତା' ପର ଦିନ ସକାଳୁ ସକାଳୁ ଜଙ୍ଗଲ ରାସ୍ତା ରେ ଚାଲି ଚାଲି ଆସି ପହଞ୍ଚିଥିଲି ସେହି ନିକଟତମ ବସଷ୍ଟାଣ୍ଡ । ପୁଣି ଖାଇଥିଲି ଚଣା ଓ ଚକୁଳି । ମନେ ଅଛି ଆଜିବି ସେକଥା ଚଣା ଚକୁଳି ଓ କାନ୍ଦୁଲ ଡାଲି କଥା ।

ଠିକ ଏକ ବର୍ଷ ପରେ ମୋତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ଅଧ୍ୟାପକ ଚାକିରି ମିଳିଯାଇଥିଲା । ବ୍ରହ୍ମପୁର ପାଲଟି ଯାଇଥିଲା ମୋ କର୍ମଭୂମି । ଘର ପରିବାର ସହ ବ୍ରହ୍ମପୁର ରେ ରହିଥିଲି ବାଇଶି ବର୍ଷ ।

ଅଭାବର ଅନୁଭୂତି: ୧୩.୫

'ରାମ ତେରି ଗଙ୍ଗା ମଇଲି' ଚଳଚ୍ଚିତ୍ର ନାୟିକା କିଏ?

ମୋ ବାପା ଥିଲେ ଜଣେ ସ୍ୱଳ୍ପ ବେତନର ଚାକିରିଆ । ଆମେ ଭାଇ ଭଉଣୀ ତିନିଜଣ କଲେଜରେ ପଢୁଥିଲୁ । ବାପା ବୋଧେ ଭାବୁଥିଲେ (ସତୁରୀ ଦଶକରେ) ମୁଁ ବିଏ ଏମଏ ପଢିସାରି ଚାକିରି କରି ଭାଇ ଭଉଣୀ ଙ୍କ ପଢାଖର୍ଚ୍ଚ କଥା ବୁଝିବି । ବିଏ ଶେଷ ବର୍ଷରେ ଅଳ୍ପ କିଛି ବୃତ୍ତି ଓ ଏମଏ ବେଳକୁ ମେଧା ବୃତ୍ତି ମିଳିଯାଇଥିଲା । ମୋର କିନ୍ତୁ ଆଗକୁ ଆହୁରି ପଢିବାର ଇଚ୍ଛା ଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ ରେ ଆମ ବିଷୟ (ପରିସଙ୍ଖ୍ୟାନ) ରେ ସେତେବେଳେ ଏମଫିଲ ନଥିଲା । ସଂଯୋଗ ବଶତଃ ଶେଷ ପ୍ରାକ୍ଟିକାଲ ପରୀକ୍ଷା କରିବାକୁ ମିରଠ ବିଶ୍ୱବିଦ୍ୟାଳୟ ରୁ ଆସିଥିଲେ ପ୍ରଫେସର ଗୋୟେଲ । ସେ ପ୍ରସ୍ତାବ ଦେଲେ ଆମେ ଚାହିଲେ ମିରଠ ବିଶ୍ୱବିଦ୍ୟାଳୟ ରେ ଯାଇ ଏମ ଫିଲ କରି ପାରିବୁ ।

ସେଠାକୁ ଯିବାପାଇଁ ଆମ ମନ ବଳାଇଲା । ମୋ ବ୍ୟାଚ ର ମୁଁ ଏବଂ ପ୍ରଭାତ ଷଡଙ୍ଗୀ, ଏବଂ ଉପର ବ୍ୟାଚ ର କୁଞ୍ଜ ପଣ୍ଡା ଓ ଶିଶିର ନାୟକ, ଏମିତି ଆମେ ଚାରି ଜଣ ବିଚାର କଲୁ ଯିବା ପାଇଁ ଏବଂ ନାମ ମଧ୍ୟ ଲେଖାଇ ଦେଲୁ ସେଠି ଏକା ସାଙ୍ଗରେ । ୧୯୮୫ ଅଗଷ୍ଟ ମାସରେ ।

ଟ୍ରେନ ରେ ଦିଲ୍ଲୀ ଯାଇ, ସେଠାରୁ ଯିବାକୁ ହେବ ମିରଠ । ସାଧାରଣ ବଗିରେ ଯାଇ ଦିଲ୍ଲୀ ପହଞ୍ଚିବା ବେଳକୁ ରାତି ହୋଇ ଯାଇଥାଏ । କୁଞ୍ଜ ପଣ୍ଡାଙ୍କ ବଡ ଭାଇ ସେତେବେଳେ ଦିଲ୍ଲୀ ରେ ରହୁଥାନ୍ତି । ରାତିଟା ତାଙ୍କ ଘରେ ବିତାଇଦେଲୁ । ତାଙ୍କୁ ରାତିରେ ହଇରାଣ ନକରିବା ପାଇଁ, ବାଟରୁ ବ୍ରେଡ କିଣି ନେଇଯାଇଥିଲୁ । ବ୍ରେଡ ଓମଲେଟ ଖାଇ ଶୋଇ ପଡିଲୁ । ସକାଳୁ ବାହାରିଗଲୁ ମିରଠ ଅଭିମୁଖେ ବସ ରେ । ଦିଲ୍ଲୀରୁ ମିରଠ ୮୦ କିମି । ଅତି ପ୍ରଖ୍ୟାତ ଐତିହାସିକ ସହର ମିରଠ । ସହରର ଦୁଇ ପଟେ ଦୁଇଟି ବଡ ନଦୀ (ଗଙ୍ଗା ଓ ଯମୁନା), ଅତି ଉର୍ବର ସମତଳ (ସିନ୍ଧୁ ଉପତ୍ୟକା ର ସହର) ମାଟି । ଦିଲ୍ଲୀ ସୁଲତାନ ତଥା ଅନ୍ୟ ଶାସକ ଙ୍କ ପାଇଁ ଏହା ଥିଲା ଭାତ ହାଣ୍ଡି (ଗହମ, ଫଳ ପନି ପରିବା ମଧ୍ୟ ପ୍ରଚୁର ହୁଏ ଏଠି) । ଏହି ସହର ଦେଶ ସ୍ୱାଧୀନତା ସଂଗ୍ରାମ ବେଳକୁ 'ସିପାହୀ ବିଦ୍ରୋହ' ଘଟଣା କୁ ନେଇ ଅଧିକ ପ୍ରଖ୍ୟାତ ହୋଇଥିଲା । ଏଠି (ଏବେ ବି) ଅଛି ବୃହତ ସେନା ଛାଉଣି 'ମିରଠ କ୍ୟାଣ୍ଟନମେଣ୍ଟ' ।

ପ୍ରଫେସର ଗୋୟେଲ ଆମ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରିଦେଇଥିଲେ। ହଷ୍ଟେଲ ପହଞ୍ଚି ମଧ୍ୟାହ୍ନ ଭୋଜନ କରି ଆମେ ନିଜ ନିଜର ରୁମ ରେ ଜିନିଷ ସଜଡା ସଜାଡି କଲୁ । ଆମକୁ ବଡ ବଡ ଆଖିରେ ଖାଲି ଅନାଉଥାନ୍ତି ସେଠାକାର ଅନ୍ୟ ଅନ୍ତେବାସୀ । ଆମେ କାହାରିକୁ ଖାତିର ନକରି, ହସ ଖୁସିରେ ଖାଣ୍ଟି ଓଡିଆରେ କଥାବାର୍ତ୍ତା ହେଉଥାଉ । ପ୍ରଭାତ ମୁଁ ଗୋଟେ ରୁମ ଓ ଶିଶିର- କୁଞ୍ଜ ପଣ୍ଡା ଆଉ ଗୋଟେ ରୁମରେ ରହିଲୁ । ସନ୍ଧ୍ୟା ପୂର୍ବରୁ ମିରଠ ବିଶ୍ୱବିଦ୍ୟାଳୟ ପରିସର ବୁଲି ଦେଖିଲୁ ଓ ପ୍ରଫେସର ଗୋୟେଲ ଙ୍କୁ ସୌଜନ୍ୟ ସାକ୍ଷାତ କଲୁ । ସନ୍ଧ୍ୟାରେ ହଷ୍ଟେଲ ମେସ ରେ ଖାଇ ବସିଲୁ । ରୁଟି ସାଙ୍ଗକୁ କେବଳ ଗୋଟିଏ ତରକାରୀ । ଓଡିଶା ଛାତ୍ରାବାସରେ ଦୁଇ (ତିନି) ଥର/ ଓଳି ଭାତ ସାଙ୍ଗକୁ ଅନ୍ୟୁନ ଦୁଇଟି ତରକାରୀ କଥା ମନେ ପଡିଲା । କିନ୍ତୁ ଗରମ ଗରମ ରୁଟି, ଘିଅ ଓ ତରକାରୀ ସତରେ ଭଲ ଲାଗିଲା । (ଓଡିଶା ଭଳି ରୁଟି କରି ଆଗୁଆ ରଖା ଯାଏ ନାହିଁ, ଖାଇ ବସିବା ପରେ ରୁଟି ସେକା ଯାଇ ଦିଆଯାଏ ଗରମ ଗରମ ରୁଟି ।)

ଖାଇବା ନସରୁଣୁ କିଛି ପୁରୁଣା ଅନ୍ତେବାସୀ ଆସି ରୁକ୍ଷ କଣ୍ଠରେ କହିଲେ, 'ଏ ..., ଆଯାନା ହମାରେ ରୁମ କୋ' । ଦିନବେଳେ ଆମକୁ ବଡ ବଡ ଆଖିରେ ଦେଖୁଥିବା ସେହି ପିଲା ।

ମୁଁ, ପ୍ରଭାତ ଓ କୁଞ୍ଜ ପଣ୍ଡା ଖାଇ ସାରି ସେମାନଙ୍କ ରୁମକୁ ଏକାଠି ଗଲୁ । ରାତି ପ୍ରାୟ ଦଶଟା । ଆମକୁ ରୁମରେ ତଳେ ବସିବାକୁ ରୁକ୍ଷ କଣ୍ଠରେ ସେମାନେ କହିଲେ । ଏତେବେଳେ ହିଁ ଜାଣିଲୁ ରାଗିଙ୍ଗ ପାଇଁ ଡ଼ାକିଛନ୍ତି ବୋଲି । ନିରୀହ, ନିର୍ବୋଧ, ଗାଉଁଲି

ଚେହେରା ଥିଲା ମୋର । ପ୍ରଥମ ପ୍ରଶ୍ନ ହେଲା ମୋତେ । 'ଆବେ ତୁ ବୋଲ, ମିରଠ କିଉଁ ଫେମସ ହେ' ।

ପାଠୁଆ ପିଲା ଭଳି କହି ଚାଲିଲି, 'ଐତିହାସିକ ସହର ମିରଠ । ସହରର ଦୁଇ ପଟେ ଦୁଇଟି ବଡ ନଦୀ (ଗଙ୍ଗା ଓ ଯମୁନା), କ୍ରିଡା ସାମଗ୍ରୀ ଉତ୍ପାଦନରେ ପ୍ରଥମ ଏହି ସହର ...' । ମୋ କଥାକୁ ବନ୍ଦ କରାଇ, ବଡ ପାଟିରେ ସେ ପିଲା କହିଲା, 'ଆରେ ମନ୍ଦାକିନୀ ନାମ ସୁନା ହେ, 'ରାମ ତେରି ଗଙ୍ଗା ମଇଲି' ନାୟିକା ...'

ସେହି ବର୍ଷ ମୁକ୍ତି ଲାଭ କରିଥିଲା 'ରାମ ତେରି ଗଙ୍ଗା ମଇଲି' ଏବଂ ନାୟିକା ମନ୍ଦାକିନୀ ମିରଠ ସହରର । ସେକଥା ମୁଁ ଜାଣି ନଥିଲି । ମୋ ପରେ ପ୍ରଭାତକୁ ଦୁଇ ଗ୍ଲାସ ପାଣି ପିଇବାକୁ କହିଥିଲେ । ଶିଶିର ନାୟକ ରୁମ କୁ ଟିକେ ଡେରିରେ ପହଞ୍ଚିବାରୁ ତାଙ୍କୁ ଟିକେ ଅଧିକ ରାଗିଙ୍ଗ ହୋଇଥିଲା ସେଦିନ ।

ମିରଠ ରେ ଆମେ ଥିଲୁ ଏକ ବର୍ଷ । ଆଖ ପାଖ ଢେର ବୁଲିଥିଲୁ । ମିରଠ ରେ ଅତି ପ୍ରବଳ ଗରମ ଏବଂ ଅତି ପ୍ରବଳ ଶୀତ ଆମ ପାଇଁ ପ୍ରଥମ ଅନୁଭୂତି ଥିଲା । ଖରା ଦିନେ ହଷ୍ଟେଲ ରୁମ ରେ ତଳେ ପାଣି ଢାଳି ଫ୍ୟାନ ଦେଇ ଶୋଉଥିଲୁ ଶୀତରେ ହିଟର ଲଗାଇ ଶୋଉଥିଲୁ । ମନେ ଅଛି ଦିନବେଳେ ମଧ୍ୟ ଶୀତରେ ଲେଖିବା ପାଇଁ ହାତ ଚଳୁନଥିଲା । ପ୍ରଫେସର ଗୋୟେଲ ଆମ ପାଇଁ ଦୟା ପରବସ ହୋଇ ଶ୍ରେଣୀ ପ୍ରକୋଷ୍ଠ ରେ ହିଟର ଲଗାଇ ଦେଇଥିଲେ । ଶିଶିର ନାୟକଙ୍କୁ ସେଠାକାର ଜଳବାୟୁ ଭଲ ନାଲାଗିବାରୁ ଅଧାରୁ ଛାଡି ଚାଲି ଆସିଥିଲେ । ଆମେ ତିନି ଜଣ ଏମ ଫିଲ ସାରି ଫେରିଥିଲୁ ।

ମୁଁ ମୋ ଆର୍ଥିକ ସହାୟତା ପାଇଁ ଦୁଇ ମାସ ଏକ ପ୍ରୋଜେକ୍ଟ ରେ କାମ କରିଥିଲି ଏବଂ ଚାରି ମାସ ପାଖରେ ରହୁଥିବା ଏକ ପରିବାରକୁ ଯାଇ ତାଙ୍କ ପୁଅ କୁ ପଢାଉ ଥିଲି (ଟୁଇସନ) । ସଂଯୋଗ ବଶତଃ ମୋତେ ପ୍ରଥମେ କେନ୍ଦ୍ର ସରକାରଙ୍କ ଏକ ଚାକିରି (ଓଡିଶା ପାଇଁ) ମିଳିଯାଇଥିଲା ଏମ ଫିଲ ପାଠ୍ୟକ୍ରମ ର ଶେଷ ମାସରେ ।

ମିରଠ ରହଣି ସମୟର ଅନେକ ରୋଚକ ଅନୁଭୂତି ରହିଛି । କେମିତି କେତେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ହିନ୍ଦୀ ଶବ୍ଦ କଣ ହେବ ଆମକୁ କାହାକୁ ଜଣା ନଥିଲା । ବଜାରରୁ ମଶାରୀ ଟିଏ କିଣିବା ବେଳେ (ହିନ୍ଦୀ ଶବ୍ଦ ଖୋଜିବାରେ), ମୋତେ ଥଣ୍ଡା ସର୍ଦ୍ଦି ହୋଇଥିବାବେଳେ ଡାକ୍ତର ପାଖରେ 'ସିଙ୍ଗାଣି ବାହାରୁଛି' ର ହିନ୍ଦୀ ଶବ୍ଦ ଖୋଜିବାରେ ଯେଉଁ ଅସୁବିଧା (ଓ ତାକୁ ନେଇ ପରବର୍ତ୍ତୀ ହାସ୍ୟରୋଳ), ସେକଥା ଏବେ ମନେ ପଡୁଛି। ମିରଠ କ୍ୟାଣ୍ଟନମେଣ୍ଟ ବୁଲି ଯାଇଥିବା ବେଳେ ଜଣେ ଓଡିଆ ସୈନିକ, ଆମେ

ଓଡିଆ ବୋଲି ଜାଣିଲା ପରେ ସେଦିନ ତାଙ୍କର ଖୁସି ଏବେବି ମନେ ଅଛି । ମିରଠ କ୍ୟାଣ୍ଟନମେଣ୍ଟ ରେ ସବୁ ସୈନିକ ମାନଙ୍କ ପାଇଁ ହେଉଥିବା ମାସାନ୍ତ 'ବଡା ଖାନା' କୁ ଆମକୁ ସେ ଅତି ଆଦରରେ ନିମନ୍ତ୍ରଣ କରିଥିଲେ । ଏମିତି କେତେ କଥା, କହିବସିଲେ ଅସରନ୍ତି ଜଣାଯିବ ।

୧୩.୬:

ଅପା'ର ଆଦର ଅପାର

ଚାରି ଭାଇ ରେ ଗୋଟିଏ ବୋଲିଭଉଣୀ, ସେ ପୁଣି ସବୁଠୁ ସାନ ।

ଅତି ଗେଲ୍ହା ଥିଲା ମୋ ପିଇସୀ, ବିଦୁ ଅପା । ବିଦ୍ୟୁତଲତା ।

ଷାଠିଏ ଦଶକରେ, ସେତେବେଳେ ଆମର ଥିଲା ଏକ ବଡ ଚାଷୀ ପରିବାର ।

ବିଦୁ ଅପା ବାହାଘର ପାଇଁ ଭାଇ ମାନେ ଯେତେ ପ୍ରସ୍ତାବ ଆଣୁଥିଲେ, ଖୁଣି ଦେଉଥିଲେ ମୋ ଜେଜେ । ଜେଜେ ସେବେ ଏକା ଜିଦ କରିଥିଲେ, 'ଘର ପାଖରେ ହିଁ ବାହାଘର ହେବ, ଜ୍ୱାଇଁ ଅତି ସୁନ୍ଦର ହୋଇଥିବେ, ଚାକିରିଆ ହୋଇଥିବେ' । ଝିଅ ଜ୍ୱାଇଁ ଙ୍କୁ ଦେଖିବେ ପାଖରେ ଯେମିତି ।

ଯୋଗକୁ ସେହିଭଳି ପ୍ରସ୍ତାବଟିଏ ମୋ କପାଳିଆ ପିଇସୀ, ବିଦୁ ଅପାକୁ ମିଳିଥିଲା ପାଖ ଗାଁ ସୋରଣ, ବଇରିଗଞ୍ଜନ ପରିବାରରେ । ପିଉସା (ଶ୍ରୀ ନାରାୟଣ ବଇରିଗଞ୍ଜନ) ଅତି ନମ୍ର ଭଦ୍ର ସ୍ୱଭାବ ଓ ସୌମ୍ୟକାନ୍ତ ସୁଦୃଶ୍ୟ ଚେହେରା ଥିବା ସରକାରୀ ଶିକ୍ଷକ ଥିଲେ ।

ତା ବାହାଘର ବେଳକୁ ଆମେ ପ୍ରାୟ ତାର ବାର, ତେର ଜଣ ପୁତୁରା ଝିଆରୀ ଜନ୍ମ ହୋଇ, ବଡ ହୋଇ ସାରିଥିଲୁ ।

କଥା କଥାକେ, (ଘରୁ କିଛିବି ଜିନିଷ, ଶାଗ-ମୁଗ, ପିଠା-ପଣା, ଲୁଗାପଟା, ପିଇସୀ ଘରକୁ ଯିବାର ଥିଲେ) ତା ଘରକୁ ଆମେ ଧାଉଁଥିଲୁ ବଡ ଆଗ୍ରହ ରେ। ଅପାର ଆଦର ସ୍ନେହ ଅପାର । କେହି କେବେ ଖାଲି ହାତରେ ତା ଘରୁ ଫେରେ ନାହିଁ ।

ସୋରଣ ଗାଁ ରେ ରଜ ଯାତ୍ରା ଭାରି ପ୍ରସିଦ୍ଧ । ପ୍ରତିବର୍ଷ ରଜ ସଙ୍କ୍ରାନ୍ତି ଠାରୁ ସପ୍ତାହ ବ୍ୟାପୀ ବିରାଟ ମେଳା ବସେ, ଆଉ ରାତିକୁ ହୁଏ (ନାମୀ ଦାମୀ ଗଣନାଟ୍ୟ ଦ୍ୱାରା ପରିବେଷିତ) ଯାତ୍ରା । ଆମେ ଦଶ ବାର ଜଣ ପୁତୁରା ଝିଆରୀ, ପ୍ରତି ବର୍ଷ ରଜକୁ ତା ଘରେ ଯାଇ ରୁଣ୍ଡ ହୋଇ ଯାଉ । ସପ୍ତାହେ ପର୍ଯ୍ୟନ୍ତ ଖାଇ ପିଇ ରାହିଯାଉ ସେଇଠି।

ଯାତ୍ରା ପେଣ୍ଡାଲ କୁ ଲାଗି ପ୍ରଥମ ଧାଡି ରେ ହିଁ ଆମ ପାଇଁ (ବସି ଦେଖିବାକୁ) ସ୍ଥାନ ସରଂକ୍ଷିତ ନିଶ୍ଚୟ କରିଦେଇଥିବ ସେ, ତା ସାଇ ପଡିଶା ଙ୍କୁ କହି ।

ସେ ମଧ୍ୟ ଆଗୁଆ ଡାକି ନେଇଯିବ ଆମକୁ । ଗୋଟି ଗୋଟି କରି ଖୋଜିବ ସମସ୍ତଙ୍କୁ । ମେଳା ଦେଖିବାକୁ ପିଉସା ଟଙ୍କା ଦିଅନ୍ତି, ଆଉ ଭଲ ଖାଇବାକୁ ଦିଏ ବିଦୁ ଅପା ।

କେମିତି ଏତେ ଲୋକଙ୍କ କଥା ସେ ବୁଝି ପାରୁଥିଲା, ସେକଥା ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଯାତ ଦେଖା ରାତି ଅନିଦ୍ରା ପରେ ଆମେ ତା ଘରେ ଖାଲି ଖାଇ ଦେଇ ଦିନ ଯାକ ଶୋଇ ରହୁ । ଆମେ ଶୋଇବା ଭିତରେ ଆମ ପାଇଁ ଭଲିକି ଭଲି ଖାଇବା ଜିନିଷ ପ୍ରସ୍ତୁତ କରି ପୁଣି ନିଦରୁ ଉଠାଇବ, ଖାଇବାକୁ ଦେବ ।

ସମସ୍ତଙ୍କୁ ସମାନ ଭଲ ପାଉଥିଲା ପିଇସୀ, ବିଦୁ ଅପା । କେବଳ ଆମେ ନୁହେଁ, ସମସ୍ତଙ୍କ ପାଇଁ ସେ ଥିଲା 'ପରୋପକାରୀ' ବିଦୁ-ମା ।

ସେ ତା ଝିଅ ଓ ତିନି ପୁଅଙ୍କୁ ବାହା କରି, ଭଲ ଘରଟିଏ କରି, ଖୁବ ଭଲରେ ଥିଲା ।

କିଛି ବର୍ଷ ହେଲା ତା ଦେହ ଭଲ ନଥିଲା ।

କାର୍ଯ୍ୟ ବ୍ୟସ୍ତତା ଭିତରେ ମୁଁ ମଝିରେ ମଝିରେ ଯାଇ ତାକୁ ଦେଖି ଆସୁଥିଲି ।

ହଠାତ ଚାଲିଗଲା ପିଇସୀ, ବିଦୁ ଅପା ଗତ ସପ୍ତାହ ରେ । ଚାଲିଗଲା 'ପରୋପକାରୀ' ବିଦୁ-ମା ।

ସୋରଣ ରଜ-ଯାତ୍ରା ବେଳର କଥା, ତା ଆଦର କଥା, ଏବେ ତା ଅବର୍ତ୍ତମାନ ରେ ବହୁତ ମନେ ପଡୁଛି ।

ଯେଉଁଠି ଥିବୁ ଭଲରେ ଥିବୁ, ବିଦୁ ଅପା । (Anupam Bharat, 28.5.24 ରେ ପ୍ରକାଶିତ)

୧୩.୭: ଅଭାବର ଅନୁଭୂତି

ବାପାଙ୍କ ବଦଳି

ସରକାରୀ ଚାକିରିରେ ବଦଳି ଭୟ, କାହିଁ କେତେକାଳରୁ ଅଛି । ଉପରିସ୍ଥ ଅଧିକାରୀ ସହ ଅପଡ ହେଲେ ବା ତାଙ୍କ କଥା ନମାନିଲେ ବା ତାଙ୍କ କାର୍ଯ୍ୟ ଶୈଳୀ କୁ ନେଇ ପ୍ରଶ୍ନ ଉଠାଇଲେ ବଦଳି 'ଛାଟ' ସୁନିଶ୍ଚିତ । ରାଗ/ ଅସନ୍ତୋଷ ର ପରିମାଣ ଅନୁଯାୟୀ 'ଫିଙ୍ଗାଯାଇଥିବା' ଦୂରତା (ସମାନୁପାତ ରେ) ଅନୁମାନ କରାଯାଇପାରେ ।

ଫୁଲବାଣୀ କି ଭବାନିପାଟଣା, ନହେଲେ ହେବ କୋରାପୁଟ । ଅନେକ ଲୋକଙ୍କ (/ପରିବାରର) ଏମିତି ବହୁତ କିଛି ଅନୁଭୂତି ଥିବ ।

କିନ୍ତୁ ମୋ ବାପାଙ୍କ ଭଳିଆ 'ବଦଳି ଅନୁଭୂତି' (ରେକର୍ଡ) ବୋଧହୁଏ କମ ଲୋକଙ୍କର ଥିବ ।

ସଶସ୍ତ୍ର ପୋଲିସ ସେବାରେ ଥିଲେ ସେ, ଷାଠିଏ ବର୍ଷ ତଳ କଥା (ମୋ ବାପା ଏବେ ଆଉ ନାହାନ୍ତି, ତେଣୁ ଏ ଲେଖା ସେ କଣ ଦେଖିବେ/ ପଢିବେ??) ।

ଅନେକ ସ୍ଥାନକୁ ବାପାଙ୍କର ବଦଳି ହେଉଥାଏ, ତେଣୁ ତାଙ୍କ ପାଖରେ ଆମେ ରହିବା ସୁଯୋଗ କମ ଥାଏ (କେବଳ ଥରେ ହିଁ, ଚାରବାଟିଆ କ୍ୱାର୍ଟର ରେ ହିଁ ଆମେ ଏକାଠି ରହିଥିଲୁ, ମାତ୍ର 2 ବର୍ଷ), ବାକି ସବୁ ସମୟ ରହିବାକୁ ହେଲା ଗାଁ ରେ ।

ମୁଁ ହାଇସ୍କୁଲ ପଢିବା ବେଳକୁ ବୋଧେ ତାଙ୍କର ଏମିତି କିଛି ଗୋଟେ ବଡ ଧରଣର 'ଅପଡ' ହୋଇ ଯାଇଥିଲା ବଡ ଅଧିକାରୀଙ୍କ ସହ ।

ବଦଳି ହୋଇ ଗଲେ କୋରାପୁଟ । ସେତେବେଳେ ଫୋନ ସୁବିଧା ନଥିଲା କି ଗମନା ଗମନ ସୁବିଧା ଏତେ ଭଲ ନଥିଲା ।

ଗାଁ କୁ ଆସିବାକୁ ହେଲେ ଅନ୍ୟୁନ ଗୋଟିଏ ଦିନ ପୁରା ଲାଗି ଯାଉଥିଲା । ଚିଠି ପହଞ୍ଚିବାକୁ 5-7 ଦିନ ଲାଗୁଥିଲା (ବା କେବେ କେବେ ହଜି ଯାଉଥିଲା) । ତେଣୁ ସେ ଆମ କଥା, ଅବା ଆମେ ତାଙ୍କ କଥା ବୁଝିବାରେ ଆହେତୁକ ବିଳମ୍ବ ହେଉଥିଲା ।

ସେ କୋରାପୁଟ କୁ ବଦଳି ହୋଇ ଗଲେ ଯେ, ରହିଗଲେ ବହୁ ବର୍ଷ । ରହିଗଲେ 4 ବର୍ଷ, 6 ବର୍ଷ, 8 ବର୍ଷ ଏମିତି କଟିଗଲା । ବଦଳି ପାଇଁ ବହୁବାର ଦରଖାସ୍ତ କଲେ, କିନ୍ତୁ ସୁଫଳ ମିଳିଲାନି। ସେ ଆଉ ଫେରି ଆସି ପାରିଲେନି ।

ଏଭିତରେ ମୁଁ ହାଇସ୍କୁଲ ସାରି କଲେଜ ପଢିଲି, ବାପା ସେହି କୋରାପୁଟ ରେ ରହିଗଲେ । ବାପାଙ୍କ ମନସ୍ତାପ ଥିଲା (ସେ ତାଙ୍କ ବାପା ମା' ଙ୍କୁ ହରାଇବା ପରେ ଏବଂ ଆମ ପାଠ କଥା, ଜମି ବାଡି କଥା କେବଳ ବୋଉକୁ ବୁଝିବାକୁ ପଡୁଥିବାରୁ), ଦୁଃଖ ଥିଲା ତାଙ୍କ ମନରେ । ଶେଷରେ ସେ ବଦଳି ଆଶା ଛାଡିଦେଲେ ।

ମୁଁ ବିଜେବି କଲେଜରେ ଆଇଏ ପଢିବା ପରେ, କଟକ ରେଭେନ୍ସା ରେ ବିଏ ପଢିବାକୁ ଗଲି । ଗୋଟେ ଦିନ ବାପା ଅତି ଉଦାସ ହୋଇ ବୋଉ କୁ କହିଲେ, 'କୋରାପୁଟ ରେ ହିଁ କଟିଯିବ ମୋ ବାକି ଜୀବନ' ।

ସେକଥା ବୋଉ ଠାରୁ ଶୁଣିବା ପରେ, ବହୁତ ବାଧି ଥିଲା ମୋତେ ସେଦିନ ।

ମୁଁ ତାଙ୍କୁ (ବାପଙ୍କୁ) କିଛି ନକହି, ନିଜକୁ କହିଲି, 'ମୁଁ ଚେଷ୍ଟା କରିବି, ବାପାଙ୍କ ବଦଳି ପାଇଁ' । ସେତେବେଳକୁ ସେ କୋରାପୁଟ ରେ ଦୀର୍ଘ 11 ବର୍ଷ ରହି ସାରିଥିଲେ।

କଟକ ରେ ସେତେବେଳେ ପୋଲିସ ମୁଖ୍ୟାଳୟ ଥିଲା । ଏ ହେଉଛି 1980-81 ବେଳର କଥା ।

ତା ପୂର୍ବବର୍ଷ ତଳିଆ ପୋଲିସ କର୍ମଚାରୀ ସଂଘ (ଅବହେଳା ଅଭିଯୋଗ ଆଣି) ଭୟଙ୍କର ବିକ୍ଷୋଭ କରିଥିଲେ । ରାଜ୍ୟ ବାସୀଙ୍କ ସହ ପୋଲିସ ଉଚ୍ଚ ଅଧିକାରୀ ମାନେ ହୃଦୟଙ୍ଗମ କରୁଥିଲେ, 'ଅଣଦେଖା' ର ବାସ୍ତବତା ବିଷୟରେ ।

ପୋଲିସ ମୁଖ୍ୟାଳୟରେ ପସିବାକୁ, ମୋର ସେତେବେଳେ ପ୍ରବଳ ଡର ଥିଲେ ବି, ଦିନେ କଲେଜ ପରେ ସନ୍ଧ୍ୟାରେ, ସାହସ କରି ଗଲି କଟକ ସହର ସ୍ଥିତ ପୋଲିସ ମୁଖ୍ୟାଳୟ ପରିସର ଭିତରକୁ ।

ସେତେବେଳେ ମୋର ଥିଲା ଅତି ସରଳିଆ (ଡରୁଆ) ଚେହେରା । ପୋଲିସ ମୁଖ୍ୟ (ଡ଼ିଜିପି) ସେତେବେଳେ ଏକୁଟିଆ ଅଫିସରେ ବସିଥାନ୍ତି । ରେଭେନ୍ସା କଲେଜର ବିଏ ପଢୁଥିବା ଜଣେ ଛାତ୍ର ଭାବେ ଅନୁମତି ମାଗି ପ୍ରବେଶ କରିଥିଲି । ଡରରେ, ଧୀରେ ଧୀରେ କହିଲି ବାପାଙ୍କ କଥା । କଥାରେ ମୋର କ୍ଷୋଭ ଥିଲା, ଦୁଃଖ ଥିଲା । କହିଲି, 'ଜଣେ ଏକାଦିକ୍ରମେ କୋରାପୁଟ ରେ 12 ବର୍ଷ ରହିଲାଣି, ବାରମ୍ବାର ଆବେଦନ କଲେ ବି ଉତ୍ତର ମିଳୁନି । ଏମିତି କେମିତି ସମ୍ଭବ ସାର ? '

ସେ ନୂଆ କରି ଡ଼ିଜିପି ହୋଇଥାନ୍ତି (ସେ କିଏ, ଏବେ ମୋର ମନେ ନହିଁ), ତେଣୁ ସେ ବାପାଙ୍କ ଘନ ଘନ ବଦଳିରେ ସାମିଲ ନଥିଲେ, ଜାଣି ବି ନଥିଲେ ।

ଆଶ୍ଚର୍ଯ୍ୟ ହୋଇଗଲେ ନିଜେ ଡ଼ିଜିପି, 'ବାର ବର୍ଷ ହେଲା ସେଠାରେ ଅଛନ୍ତି ?'

କହିଲେ, 'ହଉ, ନାଁ ଟା ଖାଲି କୁହ, ତୁମ କାମ ହୋଇଯିବ, ତୁମେ ଏବେ କଲେଜ ଫେରିଯାଅ' ।

ସତରେ ବାପାଙ୍କ ବଦଳି କାମ ହୋଇଗଲା (ହୋଇଯାଇଥିଲା) ।

ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ, ଏତେ ସହଜରେ କେମିତି ବଦଳି କାମ ଟା ହୋଇଗଲା ।

କୋରାପୁଟ ରୁ ବାପା ବଦଳି ହୋଇ ଆସିଲେ ରାଜଧାନୀ ଭୁବନେଶ୍ୱରକୁ । ଭୁବନେଶ୍ୱର ଆସିବାର କିଛି ମାସ ପରେ (ତାଙ୍କ ଅବସର ପୂର୍ବରୁ) ସେ ପଦୋନ୍ନତି ମଧ୍ୟ ପାଇଥିଲେ ।

ବାପାଙ୍କ ଅପେକ୍ଷା ମୁଁ ଅଧିକ ଖୁସି ଥିଲି, କାରଣ:

'ଶାସନ, ପ୍ରଶାସନ ଉପରେ ହଟି ଯାଇଥିବା ବାପାଙ୍କ ଆସ୍ଥାକୁ ଫେରାଇ ଆଣିବାରେ ସହାୟକ ହୋଇଥିଲି ବୋଲି' ।

ଉଚ୍ଚ ପଦବୀରେ ଥିବା ଜଣେ ଭଲ ମଣିଷଙ୍କୁ ଭେଟି ପାରିଥିଲି ବୋଲି ।

୧୩.୮ ଅଭାବର ଅନୁଭୂତି

ବାପାଙ୍କ ବିୟୋଗ

୨୦୦୬ ଡିସେମ୍ବର ମାସ ର କଥା । ବାପାଙ୍କ ଦେହ ଭଲ ନଥାଏ । ମୁଁ ଥାଏ ଭେଲୋର ସ୍ଥିତ VIT ବିଶ୍ୱବିଦ୍ୟାଳୟରେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାକିରି ଥାଇ (ହାତରେ ଲିୟନ ସୁବିଧା ରଖି), ସେଠାରେ ରେ ପ୍ରଫେସର ଭାବେ ଛ' ମାସ ହେଲା

ଯୋଗ ଦେଇଥାଏ । ମୋ ପରିବାର ବ୍ରହ୍ମପୁରରେ (ଉପକଣ୍ଠ ଅଞ୍ଚଳ ଖୋଡାସିଙ୍ଗ ଅଞ୍ଚଳ ଶରଧାବାଲି ରେ) ରହୁଥିଲେ । ବାପା ସେତେବେଳେ ମୋ ବ୍ରହ୍ମପୁର ଘରେ ରହି ଚିକିସ୍ଛିତ ହେଉଥିଲେ । ଡାକ୍ତର ବନ୍ଧୁମାନେ ବରାବର ଦେଖାଶୁଣା କରୁଥିଲେ । ମୋ ସ୍ତ୍ରୀ ବାପାଙ୍କ ଯତ୍ନ ନେଉଥିଲେ । ପରିବାର ବ୍ରହ୍ମପୁର ରେ ଥିବାରୁ ଏବଂ ବାପାଙ୍କ ଦେହ ଭଲ ନଥିବାରୁ ମୁଁ ଭେଲୋର ରୁ ବାରମ୍ବାର ଆସୁଥାଏ ବ୍ରହ୍ମପୁର । ନଭେମ୍ବର ମଧ୍ୟଭାଗରେ ଥରେ ଆସିଥିଲି । ମୁଁ ପୁଣି ଥରେ ଆସିଲି ବ୍ରହ୍ମପୁର, ଆଉ ଦଶଦିନ ପରେ, ଡିସେମ୍ବର ୧୦ ଶନିବାର ସକାଳେ । ବାପାଙ୍କ ଦେହ ଅଧିକ ଖରାପ ହେବାରୁ, ବୋଉ ଇଚ୍ଛାକରୁଥିଲା ବାପାଙ୍କୁ ଗାଁ କୁ ନେଇଯିବାକୁ । ତା ପରଦିନ (ରବିବାର ଡିସେମ୍ବର ୧୧, ୨୦୦୬) ଗାଁ ରୁ ସାନ ମାମୁଁ ଆସି ପହଞ୍ଚିଲେ । ବୋଉ, ମୁଁ ଆସିବା ଦେଖି ଏବଂ ମାମୁଁଙ୍କୁ ଦେଖି ବହୁତ ଖୁସି ହେଲା, ସାହସ କଲା (ଓ ବିଚାର କଲା) ବାପଙ୍କୁ ଗାଁ କୁ ନେଇଯିବାକୁ । ବାପାଙ୍କ ଅବସ୍ଥା ଅତି ଖରାପ । ସାନ ମାମୁଁଙ୍କୁ ଓ ମୋତେ ଦେଖି ବାପା ବି ଖୁସି ହେଲେ, କିନ୍ତୁ କିଛି କହିବା ଅବସ୍ଥାରେ ନଥିଲେ । ଗାଁ କୁ ନେଇଯିବାକୁ ପ୍ରସ୍ତୁତି ଚାଲିଲା, ରୋଷେଇ ପରେ ସମସ୍ତେ ଖାଇ ସାରି ମଧ୍ୟାହ୍ନ ରେ ଯିବା ପାଇଁ ସ୍ଥିର ହେଲା । ମୋ ସ୍ତ୍ରୀ ଓ ବୋଉ ଗପ ସପ କରୁଥିଲେ, ଆଉ ମୁଁ ବସିଥିଲି ବାପାଙ୍କ ପାଖରେ, ସମୟ ହେବ ୧୧-୧୨ ଭିତରେ । ହଠାତ ବାପା ବଡ ବଡ ଆଖିରେ ଅନେଇଲେ, କିଛି ସମୟ। ତାପରେ ଆଖି ହଠାତ ବନ୍ଦ କରିଦେଲେ, ସବୁଦିନ ପାଇଁ । ଏକଥା ମୋ ସ୍ତ୍ରୀ ଓ ବୋଉ ଜାଣି ନଥାନ୍ତି, ସେମାନେ ଅନ୍ୟ ପ୍ରକୋଷ୍ଠରେ ଗପ ସପ କରୁଥିଲେ, ଯିବା ପାଇଁ ସଜବାଜ ହେଉଥିଲେ । ହତବାକ ହୋଇଗଲି । କଣ କରିବି (ଜଣାଇବି କି ନାହିଁ), ଜାଣି ପାରିଲିନି। କେମିତି ବା ଜଣେଇବି ବୋଉକୁ, ଯେ ବାପା ଆଉ ନାହାନ୍ତି ବୋଲି । କାନ୍ଦରେ ଯେ ଫାଟି ପଡିବ ଘର । ସେତେବେଳକୁ ମୋର ନିଜର କାର ନଥିଲା । ଗୋଟେ ୮ ସିଟ ଥିବା ଭଡା ଗାଡ଼ି କହିରଖିଥିଲି, ସମସ୍ତେ ଗାଁ କୁ ଯିବୁ ବୋଲି । ବୁଝି ପାରିଲିନି କଣ ବା କରିବି। ମୋ ପୁଅ ଝିଅ ବି ସାନ ପିଲା ଥିଲେ ।

ମାମୁଁ ଙ୍କୁ ଡାକିଲି ଘର ବାରିପଟକୁ । ଘଟଣା (ଦୁର୍ଘଟଣା) ଟି କହିଲି । କହିଲି, 'ବାପା ଚାଲିଯିବା କଥା କହିବସିଲେ ବୋଉ ଓ ମିତା କାନ୍ଦି କାନ୍ଦି ଗଡିବେ, ପୁଣି ଶବ ନେବାକୁ ସେ ଗାଡ଼ି ବାଲା ରାଜି ହେବନି । ନକହି ନେଇଯିବା । ବାଟରେ କହିବା ।' ମାମୁଁ ସମର୍ଥନ କଲେ, ମୋ କଥାକୁ । ଗାଡ଼ି ଟି ଠିକ ସମୟରେ ଆସିଗଲା । ମୁଁ ଓ ମାମୁଁ ତର ତର ହେଉଥାଉ, ଶୀଘ୍ର କେମିତି ବାହାରିଯିବା । ମାମୁଁ ଓ ମୁଁ ଯୋଜନା କରିଥିଲୁ, ଗାଡ଼ି ର ମଝି (ଲମ୍ବା) ସିଟ ରେ ବାପାଙ୍କୁ ଆଗୁଆ ଟେକି ନେଇ କୋଳରେ ଧରି ମାମୁଁ ବସିଯିବେ, ସବା ପଛରେ ବସିଯିବେ ବୋଉ, ମିତା ଓ ପିଲା ଦୁଇ ଜଣ । ମୁଁ ବସିବି ଆଗରେ, ଡ୍ରାଇଭର ପାଖ ସିଟରେ । ସବୁ ଜିନିଷ ରଖି ବାପାଙ୍କୁ ନେଇ ଯତ୍ନ ସହକାରେ

ମାମୁଁ ବସିଗଲେ ମଝି (ଲମ୍ବା ସିଟ ରେ, ଚାଦର ଘୋଡାଇ ଦେଲେ ବାପାଙ୍କୁ। ବଡ ପାଟିରେ ସମସ୍ତଙ୍କୁ ସେ କହିଲେ, 'ଶୀତ ପବନ ହେଉଛି, ନନା ଟିକେ ଶୋଇ ପଡିଛନ୍ତି, ଆଉ କେହି ପାଟି କରନି' । ଡ୍ରାଇଭର ବି ଜାଣିଲା ଯେ ସେ ଜଣେ ମୁର୍ମୁଷୁ ରୋଗୀ ଲୋକଙ୍କୁ ନେଉଛି; ଯତ୍ନବାନ ହୋଇ ଗାଡ଼ି ଚଲାଉ ଥାଏ ।

ସେ ସମୟରେ ମୋ ସାନ ଭଉଣୀ ଥାଏ ପୁରୀରେ, ଓ ସାନ ଭାଇ ଥାଏ ଇନ୍ଦୋରରେ । ସେ ଦୁଇ ଜଣକୁ ସତ ଘଟଣା ଜଣାଇଦେଲି । ତୁରନ୍ତ ଆସିବାକୁ କହିଲି। ଗାଁ ଭାଇ ମାନଙ୍କୁ କହିଲି ଅନ୍ତିମ ସତ୍କାର ବ୍ୟବସ୍ଥାର ପ୍ରସ୍ତୁତି ପାଇଁ । ବ୍ରହ୍ମପୁର ରୁ ମୋ ଗାଁ ୮୦ କିମି । ଅଧ ବାଟରେ ଡ୍ରାଇଭର ପେଟ୍ରୋଲ ପକାଇବାକୁ ରଖିଲା । ବୋଉ, ମିତା ଓ ପିଲା ଦୁଇ ଜଣ ପରିଶ୍ରା ଯିବା ପାଇଁ ଓହ୍ଲାଇଲେ। ସେତେବେଳେ ଯାଇ କହିଲି ସେମାନଙ୍କୁ ସତ ଘଟଣା/ ଦୁର୍ଘଟଣା କଥା । ଅନୁରୋଧ କଲି ଆଉ କନ୍ଦା କଟା ବା ପାଟି ନକରିବା ପାଇଁ । ଗାଁ ପାଖ ହେବା ବେଳକୁ ଡ୍ରାଇଭର କୁ କହିଲି 'ବାପା ଚାଲିଗଲେ' । ସେ ଖାଲି ଦୁଖ ପ୍ରକାଶ କଲା । (ତା ଭଡା ଟଙ୍କା ଛଡା, ଆଉ କିଛି ଅଧିକ ଟଙ୍କା ଦେଲି।) ଆମେ ଗାଁ ଘରେ ପହଞ୍ଚିବା ବେଳକୁ ଗାଁ ଲୋକ ରୁଣ୍ଡ ହୋଇ ଯାଇଥିଲେ ଖବର ପାଇ। ଭଉଣୀ ଭିଣୋଇ ଆସି ଯାଇଥିଲେ । ଗାଁ ଭାଇ ଟି କାଠ ଏବଂ ଅନ୍ୟ ସାମଗ୍ରୀ ଯୋଗାଡ କରିଦେଇଥିଲା । କିନ୍ତୁ ଗାଡ଼ି ଗାଁ ଘର ସାମ୍ନାରେ ପହଞ୍ଚୁ ପହଞ୍ଚୁ, ବୋଉ, ମିତା ଓ ଅନ୍ୟ ସମସ୍ତଙ୍କର କାନ୍ଦ ଓ ପ୍ରବଳ ଚିତ୍କାରରେ ପରିବେଶ ଫାଟିପଡିଲା ।

ମୁଁ କିନ୍ତୁ ସେତେବେଳେ ଆଉ କାନ୍ଦୁ ନଥିଲି, କେମିତି କେଜାଣି, କଠୋର/ କାଠ ହୋଇ ଯାଇଥିଲି । ଶବ ସତ୍କାର ପ୍ରସ୍ତୁତି ବ୍ୟବସ୍ଥା ବୁଝବୁଝି କଲି । ସାନ ଭାଇ ନଥିଲା (ଆସିବା ଡେରି ହେବ ଜାଣି), ବାପାଙ୍କ ଅନ୍ତିମ ସତ୍କାର ବିଦ୍ଧି ଅନୁସାରେ କରିଥିଲି ସେଦିନ ।

ବାପା ଚାଲିଯିବା ଆଜିକୁ ପ୍ରାୟ କୋଡିଏ ବର୍ଷ ହୋଇଗଲାଣି । ମନେ ପଡୁଛି ଆଜିବି ସେଦିନର କଥା ।

୧୪ |

ଛାତ୍ରାବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ

ମୁଁ ଥିଲି ଗାଁ' ରୁ ଆସିଥିବା ଜଣେ ଲାଜକୁଳିଆ ଛାତ୍ର, ସଭା ସମିତିରୁ ଦୂରେଇ ରହୁଥିବା ଛାତ୍ର । ତା' ଜୀବନରେ ପୁଣି ଆସିବ ଦୁଇ-ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ହେବାର ସୁଯୋଗ? ନିଜେ ବି ବିଶ୍ବାସ କରିପାରୁନି ସେ ଘଟଣା । ୧୯୮୦-୮୨ ମସିହାର କଥା। ମୋର ବନ୍ଧୁ ପ୍ରସାଦ ହରିଚନ୍ଦନ, (ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି) ସଂଗଠନ ଗଢି, ଗଠନମୂଳକ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ଥିଲା ତାଙ୍କ ଛାତ୍ରାବସ୍ଥାରୁ । ସେ ସେସମୟରେ "ସବୁଜ ମୈତ୍ରୀ" ନାମକ ଏକ ସଂସ୍ଥା ଗଢ଼ିଥିଲେ। ତା'ର ଏକ ରାଜ୍ୟସ୍ତରୀୟ ସଭା ଭୁବନେଶ୍ଵର ସୂଚନା ଭବନରେ କରିବାକୁ ଯୋଜନା କଲେ। ଭଲ ବକ୍ତା ଆସିବେ, ଭଲ ଏକ ସ୍ମରଣିକା ପତ୍ରିକା ପ୍ରକାଶିତ ହେବ, ଭଲ ପ୍ରତିଭାଙ୍କୁ ସମ୍ମାନିତ କରାଯିବ, ଏହିଭଳି ବଡ଼ ଯୋଜନା ସବୁ ସେ ରଖିଥାନ୍ତି। ଆମେ କେତେଜଣ ତାଙ୍କୁ ସହଯୋଗ ଓ ସମର୍ଥନ କରୁଥାଉ। ସମ୍ବଳ ଓ ଦିଗଦର୍ଶନ ପାଇଁ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଦେଖାକରିବାକୁ ପ୍ରସ୍ତାବ ଦେଲେ ପ୍ରସାଦ । ଦିନ ସ୍ଥିର ହେଲା । ରାତି ୯ଟା ବେଳକୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ରେ ଆମେ କିଛି ଛାତ୍ର ଯାଇ ଦେଖାକରିବୁ ବୋଲି ଅନୁମତି ମିଳିଲା । (ପ୍ରସାଦ ହରିଚନ୍ଦନଙ୍କ ବାପା ଫକିର ହରିଚନ୍ଦନ ଓ ଜାନକୀ ବାବୁ ଗୋଟିଏ ହାଇସ୍କୁଲରେ ପଢ଼ିଥିଲେ ଓ ସେମାନେ ଅନ୍ତରଙ୍ଗ ବନ୍ଧୁ ଥିଲେ। ସେହିକ୍ରମରେ ମୋର ବନ୍ଧୁ ପ୍ରସାଦ, ଛାତ୍ରାବସ୍ଥାରେ ଜାନକୀ ବାବୁଙ୍କର ନିକଟତର ହୋଇପାରିଥିଲେ)।

ଆମେ ଯେତେବେଳେ ମୁଖ୍ୟମନ୍ତ୍ରୀ ଙ୍କ ଅଭ୍ୟର୍ଥନ ପ୍ରକୋଷ୍ଠ ଭିତରକୁ ପଶିଲୁ, ଏତେ ବିଳମ୍ବିତ ସମୟରେ ସେ ଏତେ ସତେଜ, ସକ୍ରିୟ ଓ ଅବିଚଳିତ ଦେଖାଯାଉଥାନ୍ତି, ତାହା ସତରେ ଅବର୍ଣ୍ଣନୀୟ। ତାହା ସେଦିନ ଆମ ମନରେ ଛାତ୍ର ଭାବରେ ଗଭୀର ରେଖାପାତ କରିଥିଲା। ଆମେ ଯେଉଁ ଅନୁରୋଧ ନେଇ ଯାଇଥିଲୁ, ତାହା ସବୁ ସେ ଆଗ୍ରହର ସହିତ ୨-୩ ମିନିଟ ମଧ୍ୟରେ ପୂରଣ କରିଦେଲେ। ପତ୍ରିକା ପାଇଁ ବିଜ୍ଞାପନ, ସଭାଗୃହ ପରିଚାଳନା ଓ ଆନୁସଙ୍ଗିକ ଖର୍ଚ୍ଚର ଅନୁଦାନ ମିଳିଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଏତେ ନିକଟରେ, ବ୍ୟକ୍ତିଗତ ଭାବରେ ଏପରି କଥା ହୋଇପାରିବା, ମୋ ପାଇଁ ଏକ ବଡ଼ ଘଟଣା ଥିଲା। ସେହି ଘଟଣା ଏବେ ବି ଅଭୁଲା ହୋଇ ରହିଛି।

ତା' ପରବର୍ଷ, ମୋର ରେଭେନ୍ସାରେ ବି.ଏ ପଢ଼ିବାର ଶେଷବର୍ଷ। ଆଗକୁ କେମିତି ପଢ଼ିହେବ, ବାପାଙ୍କ ଉପରେ ନିର୍ଭର ନ କରି ଏମ୍.ଏ ପଢ଼ିବା ପାଇଁ କେଉଁଠୁ ଛାତ୍ରବୃତ୍ତି (ଆର୍ଥିକ ସହାୟତା) ମିଳିପାରିବ ମୁଁ ସେହି ଚିନ୍ତାରେ ଥାଏ। ଶୁଣିଥାଏ ବିଜୁବାବୁଙ୍କ ମହନୀୟ ପରୋପକାରୀ ଗୁଣ, ଶୁଣିଥାଏ ତାଙ୍କ ଦ୍ୱାରା ସ୍ଥାପିତ "କଳିଙ୍ଗ

ଫାଉଣ୍ଡେସନ ଟ୍ରଷ୍ଟ" ଦ୍ୱାରା ଛାତ୍ରବୃତ୍ତି ଦିଆଯାଉଥିବା କଥା। ସେ ସମୟରେ ବିଜୁବାବୁ ନିର୍ବାଚନରେ ହାରିଯାଇଥାନ୍ତି। ତାଙ୍କର ଆର୍ଥିକ ଓ ମାନସିକ ଅବସ୍ଥା ଭଲ ନଥାଏ। କିନ୍ତୁ ତାଙ୍କର ଲୋକପ୍ରିୟତା ଆଦୌ କମି ନଥାଏ। ଦିନେ କଲେଜ ସରିବା ପରେ ପରେ ରେଭେନ୍ସା କଲେଜରୁ ଚାଲିଚାଲି 'ତୁଳସୀପୁର' ଅଞ୍ଚଳରେ ଥିବା ତାଙ୍କ ବାସଭବନ 'ଆନନ୍ଦଭବନ' କୁ ଗଲି। ସନ୍ଧ୍ୟା ହୋଇଆସୁଥାଏ। ବିଜୁବାବୁଙ୍କୁ ସାମ୍ନା କରିବାପାଇଁ ପ୍ରବଳ ଡର ଲାଗୁଥାଏ। ବଡ଼ ସନ୍ତର୍ପଣରେ ଗେଟ ଖୋଲି ଭିତରକୁ ଗଲି, ଘଡିଏ ଏପଟ-ସେପଟ ଚାହିଁଲି, ପଚାରିବା ପାଇଁ କାହାକୁ ପାଇଲି ନାହିଁ। ଆଉ ଟିକେ ଭିତରକୁ ପଶିବାପରେ ଦେଖିଲି ବାରଣ୍ଡାରେ ବେତଚୌକିରେ ବସିଛନ୍ତି ନିଜେ "ବିଜୁବାବୁ" । ମତେ ଦେଖି ଗମ୍ଭୀର ସ୍ୱରରେ ବଡ଼ପାଟିରେ କହିଲେ "କିଏ"?

ଡରରେ ମୋ ପାଟି ଖନି ମାରିଗଲା। ବଡ଼କଷ୍ଟରେ କହିଲି, "ମୁଁ" ।

ପୁଣି ଉଚ୍ଚ ସ୍ୱରରେ ସେ କହିଲେ, ଆରେ "ମୁଁ" କିଏ?

ତା'ପରେ ଟିକେ ସାହସ କରି ମୁଁ ମୋର ଆସିବା ଅଭିପ୍ରାୟ କହିଥିଲି। 'ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସମ୍ବଳ ନାହିଁ, ଆପଣଙ୍କ କଳିଙ୍ଗ ଫାଉଣ୍ଡେସନ ଦ୍ୱାରା କିଛି ବୃତ୍ତି ମିଳିଲେ, ମୁଁ ଏମ୍.ଏ କରିପାରିବି'।

ଏତିକି କଥା ଶୁଣିବା ପରେ ସେ ବିରକ୍ତ ହୋଇ କହିଲେ, 'ମୋ ପାଖକୁ କାହିଁକି ଆସିଛ? ତମ ମୁଖ୍ୟମନ୍ତ୍ରୀ ଜାନକୀ ପାଖକୁ ଯାଉନ'।

ମୁଁ ଭୟରେ କିଛି ଉତ୍ତର ଦେଇ ପାରିଲିନାହିଁ। ମୁଣ୍ଡ ତଳକୁ କରି ୫ମିନିଟ ତାଙ୍କ ଆଗରେ ଛିଡାହେଲି। କଣ ହେଲା କେଜାଣି, ସେ ଦୟାପରବଶ ହୋଇ କହିଲେ,'ହଉ, ହଉ ଯା, କାଲି ଚନ୍ଦ୍ର (ଟ୍ରଷ୍ଟର ସଚିବ)କୁ ଆସି ତମ ଦରଖାସ୍ତ ଟା ଦେଇଦେବ, ହେଇଯିବ । ଯାଅ ।

ତା'ପରଦିନ ମୁଁ ବୃତ୍ତି ପାଇଁ ଦରଖାସ୍ତ ଦେଇଥିଲି। ସୌଭାଗ୍ୟକୁ ତା' ପରମାସରେ ହିଁ ଚିଠି ଆସି ପହଞ୍ଚିଗଲା, ଏମ୍.ଏ ପଢ଼ିବା ପାଇଁ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଛାତ୍ରବୃତ୍ତି ମାସିକ ୧୫୦ଟଙ୍କା ଲେଖାଏଁ ଏକବର୍ଷ ପାଇଁ ଦିଆଯିବ। ମୋ ଖୁସି କହିଲେ ନ ସରେ। ସେତେବେଳେ (୧୯୮୨) ମାସିକଖର୍ଚ୍ଚ ୧୫୦ଟଙ୍କା ଜଣେ ଛାତ୍ରପାଇଁ ଯଥେଷ୍ଟ ଥିଲା । ଏମ ଏ ଦ୍ୱିତୀୟ ବର୍ଷ ରେ ଅବଶ୍ୟ ରାଜ୍ୟ ସରକାରଙ୍କ ମେଧା ବୃତ୍ତି ମିଳିଯାଇଥିଲା । କିନ୍ତୁ ବିଜୁ ବାବୁଙ୍କ ସହ ସାକ୍ଷାତ ଅଭୁଲା ରହିଯାଇଥିଲା ସବୁଦିନ ପାଇଁ ।

୧୫ |

ମୋ ଭାଇ ଭଉଣୀର ବାହାଘର

ସେକାଳର ସମାଜ, ସଂସ୍କାର ଓ ସଂସ୍କୃତିର ଏକ ଦୃଷ୍ଟାନ୍ତ

ଆମ ରକ୍ଷଣଶୀଳ ଓଡିଆ ସଂସ୍କୃତିରେ ଆଗରୁ ବାହାଘର ସବୁ ମୁଖ୍ୟତଃ ମୁରବି ମାନେ ଦୂର ସମ୍ପର୍କୀୟ ମାନଙ୍କ ଦ୍ୱାରା ଆସିଥିବା ପ୍ରସ୍ତାବ ଭିତରୁ ଗୋଟିଏ ବାଛୁଥିଲେ ଓ ସେଥିରେ ପୁଅ ଓ ଝିଅଙ୍କର ସମ୍ମତି ରହୁଥିଲା । ଏହି ପତ୍ରିକା ପଢୁଥିବା କିଛି ବରିଷ୍ଠ ମାନେ ତାଙ୍କ ଜୀବନରେ ଗୋଟେ ଅଧେ ରୋଚକ ଘଟଣା ନିଶ୍ଚୟ ଶୁଣିଥିବେ । ସେକାଳର ବାହାଘର ଖୋଜା ଓ ବୁଝା କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ମୁଁ ପଚାଶ ବର୍ଷ ପୂର୍ବେ କଲେଜରେ ପଢିଲା ବେଳେ (ଯେତେବେଳେ ଗମନା ଗମନ ଅଥବା ଦୂର ସଂଚାର ବ୍ୟବସ୍ଥା ଭଲ ନଥିଲା), ଏମିତି ଏକ ଘଟନା ମୁଁ ଶୁଣିଥିଲି । ମୋ ଠାରୁ ଚାରି ବର୍ଷ ବଡ ଜଣେ ବିଦ୍ୟାର୍ଥୀଙ୍କ (ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟସ୍ଥ ଏକ ଗ୍ରାମର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ବଡ ପୁଅ) ପାଇଁ ତାଙ୍କ ବାପା ଗୋଟେ ପ୍ରସ୍ତାବ ପାଇଥିଲେ, ଦୂର ସମ୍ପର୍କୀୟ ଠାରୁ । ବାରିପଦା ଠାରୁ ଆହୁରି 30 କିମି ଦୂର ଏକ ଗାଁ ର ଏକ ସମ୍ଭ୍ରାନ୍ତ ପରିବାରର ଏକ ଝିଅ ପାଇଁ । ବାଣପୁର ଠାରୁ କଟକ ଆସିବାକୁ ହେବ ବସ ଯୋଗେ । କଟକ ରେ 4 ଘଣ୍ଟା ରହିବା ପରେ ବାରିପଦା ପାଇଁ ଥାଏ ଆଉ ଗୋଟେ ବସ । ଖରାଦିନ । କଟକ ରେ ଚୂଡା ଜଳଖିଆ ଖାଇ ବାରିପଦା ବସ ପାଇଁ ଅପେକ୍ଷା କରିବା ସମୟରେ, ଆଉ ଜଣେ ସମବୟସୀ (ବୟସ୍କ) ଭଦ୍ରଲୋକ ସେହି ବାରିପଦା ବସ ପାଇଁ ଅପେକ୍ଷା କରିଥାନ୍ତି । ସଂଯୋଗ ବଶତଃ ଦେଖା, ଦେଖାରୁ ଗପ, ଓ ଗପରୁ ଉଭୟଙ୍କର ଉଭୟଙ୍କ ପ୍ରତି ଅଧିକ ରୁ ଅଧିକ ଆନ୍ତରିକତା ସୃଷ୍ଟି ହେଲା ।

ବସ ଛାଡିବା ପୂର୍ବରୁ ଗପ, ପୁଣି ବସରେ ବସିବା ପରେ ମଧ୍ୟ ଗପ । ତା' ଭିତରେ ନିଜ ନିଜ ସମ୍ପର୍କରେ, ପରିବାର ବିଷୟରେ, ଘର ବାଡ଼ି ସବୁ ଆଲୋଚନା ଭିତରକୁ ଆସିଲା ଓ ଅଧିକ ବଢିଲା ଆନ୍ତରିକତା । ବାରିପଦା ପହଞ୍ଚିଲା ବେଳକୁ ବେଳ ରତ ରତ, ସନ୍ଧ୍ୟା । ବାରିପଦା ଭଦ୍ରବ୍ୟକ୍ତି ବାଣପୁର ଭଦ୍ରବ୍ୟକ୍ତିଙ୍କୁ ଅନୁରୋଧ କରି ବାଧ୍ୟ କଲେ, ରାତିଟା ତାଙ୍କ ଘରେ ରହିଯିବାକୁ । ଆଗରୁ ପରିଚୟ ନଥିଲେ ମଧ୍ୟ ସନ୍ଧ୍ୟାରେ ଅଜଣା ଗାଁ ସନ୍ଧାନରେ ଆଉ ନଯାଇ ସେ ଆତିଥ୍ୟ ଗ୍ରହଣ କରି ରହିଗଲେ ସେହି ବାରିପଦା ଭଦ୍ରବ୍ୟକ୍ତିଙ୍କ ଘରେ । ଭଦ୍ରବ୍ୟକ୍ତି ଘରେ ପ୍ରବେଶ କରୁ କରୁ ପାଟି କରି କହିଲେ, ଆହେ ଶୁଣୁଛ, ଆମ ଘରକୁ କୁଣିଆ ଆସିଛନ୍ତି । ତାଙ୍କର ଏକ ସୁନ୍ଦର, ସୁଶିଳା ବଢିଲା ଝିଅ ଟିଏ

ଥିଲା । ସେ ଝିଅର ଅକୁଣ୍ଠ ସେବାରେ ପ୍ରୀତ ହୋଇ, ବାଣପୁର ଭଦ୍ରବ୍ୟକ୍ତି ତାଙ୍କ ଆସିବା ଅଭିପ୍ରାୟ କହି, ସେହି ଝିଅ କୁ ବୋହୂ କରିବା ପାଇଁ ସେଇଠି ପ୍ରସ୍ତାବ ଦେଲେ । ଆଉ ପୂର୍ବ ନିର୍ଦ୍ଧାରିତ ଗାଁ କୁ ଗଲେ ନାହିଁ । ସେଇଠି ହିଁ ବାହାଘର ହେଲା । ବାପା ଯାହା ବୁଝିଲେ, ଯାହା ଦେଖି ନିଷ୍ପତ୍ତି ନେଲେ ସେଥିରେ ସମସ୍ତେ ରାଜି ହେଲେ ।

ଏମିତି ଥିଲା ସେତେବେଳେ ଆମ ଘର, ପରିବାର ଓ ସାମାଜିକ ସଂସ୍କୃତି । ଏବେ ସେଇଟା ସେତେ ପ୍ରାସଙ୍ଗିକ ମନେ ନହୋଇ ପାରେ । କିନ୍ତୁ ମୋ ପରିବାରରେ ମଧ୍ୟ ଏମିତି କିଛି ଘଟିଥିଲା ମୋ ଭାଇ ଓ ଭଉଣୀର ବାହାଘର ବେଳେ । ଘରେ ମୁଁ ବଡ଼। ଅଧ୍ୟାପକ ଥାଏ, ମୋ ବାହାଘର ହୋଇଯାଇଥାଏ । ମୋ ତଳେ ସାନ ଭାଇ (ନିରୁ) ଦିଲ୍ଲୀରେ ଚାକିରି କରୁଥାଏ । ସଭା ସାନ ମୋ ଭଉଣୀ ।

ତିରିଶ ବର୍ଷ ତଳେ, ଏମିତିଆ ଏକ ଖରାଦିନ ... ମୋ ସାନ ଭଉଣୀର 'ଝିଅ' (ମୋ ସାନ ଭଉଣୀର ଶ୍ରଦ୍ଧା ନାମ) ର ବାହାଘର ଠିକ ହୋଇଯାଇଥାଏ । କାର୍ଡ ଛପା ହୋଇ ବଣ୍ଟା ସରିଥାଏ ଭଉଣୀ ବାହାଘର ପାଇଁ । ଚିନ୍ତା କଲି ସାନ ଭାଇ (ନିରୁ) ବାହାଘର ଏକା ଦିନରେ କରିଦେଲେ ଭଲ ହେବ । ମୋ ନିଜ କକା ଶଶୁର (ବେଣୁଧର ଶ୍ରୀଚନ୍ଦନ) ଙ୍କ ଝିଅ ଟିଏ ଥାଏ ।

ମୋ ବାପା ବୋଉଙ୍କ ସହ, ଜ୍ୱାଇଁ ହିସାବରେ, ବେଣୁକକାଙ୍କର ମୋ ଉପରେ ଭରସା ଥାଏ । ଘରେ ପ୍ରାୟତଃ ମୋ କଥା/ ପ୍ରସ୍ତାବ/ ନିଷ୍ପତ୍ତି ସବୁବେଳେ ରହୁଥାଏ... ସାନ ଭାଇ ନିରୁ (ନିରଞ୍ଜନ) ଥାଏ ଦିଲ୍ଲୀରେ ... ଝିଅ ବାହାଘର ଯୋଗ ଦେବାପାଇଁ ଛୁଟି ଆବେଦନ କରିସାରିଥାଏ । ବାହାଘର ଥାଏ ମାତ୍ର ସାତ ଦିନ । ଘରେ ମୋବାଇଲ ବା ଲ୍ୟାଣ୍ଡ ଫୋନ ନଥିଲା ।

ଚିନ୍ତା କଲି ନିରୁ ବାହାଘର ଏକା ଦିନରେ କରିଦେଲେ ଯିବ । ପ୍ରଥମେ ବାପାଙ୍କୁ ରାଜି କରାଇଲି, ତାପରେ ଗଲି ସିଧା ମୋ ଶଶୁର ଘର ନିଜ ଗାଁ (ଖୋର୍ଦ୍ଧା ମଳିପଡା) । ବେଣୁ କକା ବୋଧହୁଏ ମୋ ଭଳି ମାନସିକତା ରଖୁଥିବା ଖୋଲାଲୋକ । କହିଲି ଆପଣ ସାତଦିନରେ ଖାଲି ଗୋଟେ ଭୋଜି କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ, ସମି (ତାଙ୍କ ଝିଅ) ସହ ନିରୁର ବାହାଘର କରିଦେବା । ମଳିପଡା ଶଶୁର ଘରେ ସମସ୍ତେ ଛାନିଆ ହୋଇଗଲେ । ସମୀ ଗୋଟେ ଘରେ କବାଟ ବନ୍ଦ କରି ରହିଲା (ହଠାତ ଏମିତି ବାହାଘର ପାଇଁ ପ୍ରସ୍ତୁତ ନଥିଲା, ସେ କେବେ ଭାବି ବି ନଥିଲା) । ଏଯାଏଁ ନିରୁର ମତାମତ ମଧ୍ୟ ନେଇ ନଥିଲି, କି ଜଣାଇ ନଥିଲି । କକା ରାଜି ହୋଇଗଲେ । କହିଲେ, ହଉ କରିବା । ତାପରେ ହିଁ ମୁଁ ମୋ ସାନ ଭାଇ ନିରୁକୁ ଜଣାଇଲି, ସେଇଟା ପୁଣି ଟାଙ୍ଗୀ ର ଏକ ଟ୍ରଙ୍କ କଲ ବୁଥରୁ । ତାକୁ ଖାଲି ଦୁଇ ପଦ କହିଲି: 'ନିରୁ, ତୋ ବାହାଘର ବି

ସେହିଦିନ ହେବ' । ସେ ଏତିକି କେବଳ ପଚାରିଥିଲା, 'କନ୍ୟା କିଏ, ସେଇଟା ମୁଁ ଜାଣି ପାରିବି କି ନାହିଁ । କହିଲି କନ୍ୟାକୁ ତ ଜାଣିଛୁ, ତେଣୁ ଦେଖା ଦେଖି ପର୍ବ/ ଝାମେଲା ଆଉ ନାହିଁ ।

ତା ବାହାଘର କାର୍ଡ ମୁଁ ଆଉ ଛାପି ପାରି ନଥିଲି, ସେ ଦିଲ୍ଲୀ ରେ ଅଳ୍ପ ଛାପି ସେଇଠି ବାଣ୍ଟି ଥିଲା । ଝିଅ (ସାନ ଭଉଣୀ) ର ବାହାଘର ଯୋଗ ଦେବାକୁ ଆସିଥିବା ଅନେକ ଅତିଥି ସେଇ ଦିନ ହିଁ ଜାଣିଲେ ନିରୁ (-ସମୀ) ବାହାଘର କଥା ।

ଏ ଭିତରେ ତିରିଶ ବର୍ଷ ହେଇଗଲା, (ସେମାନଙ୍କ) ପିଲାମାନେ ଏବେ ସମସ୍ତେ ଭଲ କରୁଛନ୍ତି, ସେଇଟା ହିଁ ବଡ ମାପକାଠି, ଖୁସିର ସଂସାର ଜାଣିବାରେ, ଖୁସିରେ ରୁହ ସମସ୍ତେ, ବାପା ଉପରେ ରହି ଖୁସି ହେଉଥିବେ ।

ଏସବୁ ପାଠକମାନଙ୍କୁ ଅପ୍ରାସଙ୍ଗିକ ଓ ଗପ-କାହାଣୀ ଭଳି ଲାଗୁଥିବ । ଏଠାରେ ଅବତାରଣା କରିବାର ଏକମାତ୍ର ଲକ୍ଷ୍ୟ ହେଉଛି ସେକାଳ ସମ୍ପର୍କ ର ଅବତାରଣା କରିବା।

୧୬ |

ବୁଢ଼ା କଂସାରି କଥା

ମୁଁ ଜାଣିଥିବା ଜଣେ ବୁଢା କଂସାରିର କଥା ଏଠାରେ ଲେଖିଲା ବେଳକୁ ମନେପଡେ 'ବୁଢା ଶଙ୍ଖାରୀ' କଥା । ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩)ଙ୍କ କ୍ଷୁଦ୍ରଗଳ୍ପ ବୁଢ଼ା-ଶଙ୍ଖାରୀ, ରଙ୍ଗ ବେରଙ୍ଗର ଚୂଡି ପେଟି ବୋଝେଇ କରି ଗାଁକୁ ଗାଁ ବୁଲୁଥିବା ଜଣେ ବୁଢା ଶଙ୍ଖାରୀ କଥା । ଏଠି ମୁଁ ଲେଖୁଛି, କଂସା ଧାତୁରେ ବାସନ ତିଆରି କରୁଥିବା ଓ ଗାଁ ଗାଁ ବୁଲି ବିକ୍ରି କରୁଥିବା ଜଣେ ଚିହ୍ନା ଜଣା କଂସାରିର କଥା ।

ବୁଢ଼ା-ଶଙ୍ଖାରୀ ଗପଟିରେ ଥିଲା ଭାବାବେଗର କଥା, ସେକାଳର ବେପାର-ବଣିଜ କଥା, ବୋଝ-ଟୋକେଇ ଅଥବା ଝୁଲା ଗଣ୍ଠିଲି ରେ ଗାଁ ଗଣ୍ଡାରେ, ବୁଲି ବୁଲି କିଣାବିକାର ସାମାଜିକ ଓ ଅର୍ଥନୈତିକ ଚିତ୍ର । ସେତେବେଳ ଗାଡି ମଟର ତ ଏତେ ନଥିଲା, ସାଇକେଲ ମଧ୍ୟ ସ୍ୱପ୍ନ ଥିଲା, ଛୋଟ ବେପାରୀ ଅଥବା ବୁଣାକାର, ଶଙ୍ଖାରୀ, କଂସାରି ମାନଙ୍କ ପାଇଁ । ଯେଉଁ ପରିସ୍ଥିତି ପରିବେଶ (100 ବର୍ଷ ପୂର୍ବେ ଲିଖିତ) 'ବୁଢା ଶଙ୍ଖାରୀ' କଥା ସମୟରେ ଥିଲା, ତାହା ଦେଶ ସ୍ୱାଧୀନତା ପରେ ଅନେକ ବର୍ଷ ଯାଏଁ ଦେଖି ବାକୁ ମିଳୁଥିଲା । ଏମିତି ଏକ ଅଙ୍ଗେ ନିଭାଇଥିବା କଥା, ମୋ ପିଲା ବେଳର (ଷାଠିଏ – ସତୁରୀ ଦଶକର) କଥା ହେଉଛି, ମୁଁ ଜାଣିଥିବା ଏକ 'ବୁଢା କଂସାରି' ର କଥା। କଂସାରି କୁ 'ଖରୁଡା' ବୋଲି ମଧ୍ୟ ସମ୍ବୋଧନ କରାଯାଏ ।

ତାଙ୍କ ନାଁ ଥିଲା ଲୋକନାଥ, କିନ୍ତୁ ଲୋକା ଖରୁଡା ଭାବେ ସେ ଆମ ଅଞ୍ଚଳରେ ଅଧିକ ପରିଚିତ । ବଉଳାବନ୍ଧ ଗାଁ ରେ ତାଙ୍କ କୌଳିକ ବୃତ୍ତି ଥିଲା କଂସା ବାସନ ତିଆରି ଓ ବିକ୍ରି । ସେତେବେଳେ କଂସା ବାସନ ର ଚାହିଦା ଓ ବ୍ୟବହାର ଅଧିକ ଥିଲା । କିନ୍ତୁ ଏହା ତ ନିତିଦିନିଆ କିଣାବିକାର ଜିନିଷ ନୁହେଁ, ତେଣୁ ଲୋକା ଖରୁଡା ମାସକୁ ଥରେ (ବା କେବେ କେବେ ଦୁଇ ଥର) ହିଁ ଗାଁ କୁ ଆସି କଂସା ବାସନ ବିକ୍ରି (ବା ବଦଳ) କରିଥାଏ । କଂସା ବାସନ ଅଖାରେ ବାନ୍ଧି ମୁଣ୍ଡେଇ ଚାଲି ଚାଲି ଆସି, ପହଞ୍ଚେ ଆମ ଗାଁ ରେ । ପ୍ରତି ଗାଁରେ ତାର ଥାଏ ଜଣେ ଜଣେ ପରିଚିତ ବା 'ନାଗୁଆଣୀ' ଘର । ସେଇଠି ରଖେ ଅଖା ଭର୍ତ୍ତି କଂସା ବାସନ ଜିନିଷ । ଥକା ମାରେ, ତାଙ୍କ ଘରେ ଦୁଇ ବକ୍ତ ଖାଇ, ବିଶ୍ରାମ କରିବା ବ୍ୟବସ୍ଥା ସେଇଠି ହୁଏ । ସତେ ଯେମିତି, ସେ ଜଣେ ସେହି ପରିବାରର ସଦସ୍ୟ । ସେଇ ଘରର ପିଲାଠୁ ବୁଢା-ବୁଢୀ ଯାଏଁ ସମସ୍ତେ ତା ପ୍ରିୟ । ସମସ୍ତଙ୍କୁ ସେ ନାଁ ଧରି (ଯଥା ମାନ୍ୟ) ଡାକେ, ଖୁସି ଗପ କରେ, ବୁଢା ବୁଢୀ ଙ୍କୁ ତା ପାନ ବଟୁଆ ରୁ

ପାନ ଭାଙ୍ଗି ଦିଏ, ପିଲାଙ୍କ ପାଇଁ ସାଙ୍ଗରେ ଆଣିଥାଏ ବୁଟ ଭଜା, ନହେଲେ ବର କୋଳି ଆଚାର ଖଟା ବା ଆଉ କିଛି ।

ଷାଠିଏ–ସତୁରୀ ଦଶକର କଥା, ପ୍ରଥମେ ପ୍ରଥମେ ଲୋକା ଖରୁଡା, ଅଖା ଭର୍ତ୍ତି କଂସା ବାସନ ଆମ ଗାଁ ମଠରେ ରଖୁଥିଲା, ମଠ ବାବାଜୀଙ୍କ ଅନୁଗ୍ରହରୁ ସେଠାରେ ଖାଇବା ବ୍ୟବସ୍ଥା ବି ହୋଇଯାଉଥିଲା । ବର୍ଷେ ମଠରେ ବଡ ଧରଣର ଚୋରୀ ହେଲା, ସମସ୍ତଙ୍କ ମନ ଖରାପ ହୋଇଗଲା । ଲୋକା ଖରୁଡା ର କଂସା ବାସନ ଜିନିଷ ଚୋରୀ ହୋଇନଥିଲେ ବି ସେ ଆଉ ମଠ ବାବାଜୀଙ୍କୁ ଅଯଥା ହଇରାଣ ନକରିବା ଇଚ୍ଛା କରି, ତା ପର ଠାରୁ ଆମ (ପୁରୁଣା) ଘରେ ରଖି ବାକୁ ସ୍ଥିର କଲା ଓ ରଖିଲା । ସେତେବେଳେ ମୋ ବାପା, ବଡବାପା ସବୁ ଏକାଠି ଥିଲେ ଓ ଜେଜେ (ଇନ୍ଦ୍ରମଣି) ଘର ବୁଝୁଥିଲେ । ଜେଜେ ଙ୍କ ଶଶୁର ଘର ଥିଲା ଲୋକା ଖରୁଡା ର ଗାଁ ବଉଳାବନ୍ଧ । ତେଣୁ ଲୋକା ଖରୁଡା ମୋ ଜେଜେ-ମା (ଅନ୍ନପୂର୍ଣ୍ଣା ପରିଡା) କୁ ଭଉଣୀ କରିଥିଲା । କଂସା ବାସନ ଜିନିଷର ଅଖା ଧରି ଆମ ଘରେ ପଶୁ ପଶୁ ଲୋକା ଖରୁଡା ବଡ ପାଟିରେ ଡାକ ଛାଡିବ, 'ଅନୁ, ଏଇ ମାଛ ରଖେ, ଆଜି ରାତିରେ ମାଛ ଭାତ ସମସ୍ତେ ଖାଇବା' । ଲୋକା ଖରୁଡାର କଂସା ବାସନ ଜିନିଷର ଅଖା ଆମ ଘରେ ସେମିତି ମାସ ମାସ ରହେ, ଯାହା ବିକ୍ରି ହେଲା, ହେଲା ନହେଲେ ଆର ଥରକୁ ଆସିବା ଯାଏ ଥିବ । ପୁରୁଣା କଂସା ବାସନ ନେଇଯିବ, ଆର ଥରକୁ ପୁଣି ନୂଆ କିଛି ଆଣି ଆସିଥିବ । ଆମ ଘରଠୁ ଅଳ୍ପ କିଛି କିଛି ମୁଣ୍ଡରେ ଧରି ପାଖ ପଡିଶା ରେ ଦୁଇ ଦିନ ବିକା ବିକି କରି ପୁଣି ଫେରିଯିବ । କେବେ କାହାର ବାହା ପୁଆଣି ପାଇଁ ଅଧିକ ବରାଦ ଥିଲେ, ଅଧିକ ଅଖାରେ ଭାରୁଆ ଟିଏ ଆଉ ଜଣକୁ ସାଥିରେ ଆଣି ଆସିଥିବ । ଅଧିକ ଜଣେ ଲୋକ ଆସିଥିଲେ ବି ତା ଖାଇବା ବ୍ୟବସ୍ଥା କରେ ଜେଜେ-ମା । ଲୋକା ଖରୁଡା ବେପାରୀ ସିନା ବିବେକୀ ଲୋକ । ତା ଭଉଣୀ (ମୋ ଜେଜେ ମା) କାଳେ ହଇରାଣ ହେବ ବୋଲି, ମୁଢି ଗଣ୍ଠିଲା ଧରେଇ ଦେଇ ସେ ଲୋକକୁ ଫେରେଇ ଦିଏ ସେହିଦିନ ।

କଂସା ବାସନ ଜିନିଷର ଅଖା ଧରି ଲୋକା ଖରୁଡା ଆସୁଥିଲା ସେ ନିଜେ ବୁଢା ହେବା ଯାଏଁ, ଅନେକ ବର୍ଷ । ଲୋକା ଖରୁଡା ଆଉ ନାହିଂ । ମୋ ଜେଜେ, ଜେଜେ-ମା ଚାଲି ଗଲେଣି (ଆଜିକୁ ଚାଳିଶି ବର୍ଷ ହେଲା) । ବୁଢ଼ା-ଶଙ୍ଖାରୀ ର ଯୁଗ ଆଉ ନାହିଁ । ଏବେ ଆଉ ମୁଣ୍ଡରେ ବୁହା ହୋଇ ଆସୁନି କଂସା ବାସନ ଜିନିଷ । ଆସୁଛି ଡାଲା ବନ୍ଧା ମଟର ସାଇକେଲ ଅବା ଟ୍ରଲି ଗାଡିରେ, ଯେଉଁଥିରେ ବେଶୀ ଥିବ ଷ୍ଟିଲ, ସିଲ୍ଭର ବାସନ କୁସନ, ଖୁବ କମ ଥିବ କଂସା ବାସନ ଜିନିଷ । ଲୋକା ଖରୁଡାର କଂସା ବାସନ ଜିନିଷ କଥା ମନେ ପକାଇଲା ବେଳେ ମନେପଡେ ମୋ ଜେଜେ-ମା ର ଶେଷ ଦିନ ଗୁଡିକ

କଥା । ଶେଷ ତାର କାଶ କଫ ଅତି ମାତ୍ରାରେ ହୋଇଥିଲା । କାଶି କୁଣ୍ଢେଇ କଫ କାଢୁଥିଲା ବାରମ୍ବାର । ଶିତ ରାତିରେ କେତେଥର ବା ବାହାରକୁ ଯାଇ ପାରିବ କଫ ପକାଇବା ପାଇଁ ? ରାତିରେ ସେ ତା ପିତ୍ତଳ ଥୁକ ଦାନୀରେ ପକାଉଥିଲା କଫ । ଲୋକା ଖରୁଡା (ତା ସାନ ଭଉଣୀ କୁ) ଦେଇଥିବା ପିତ୍ତଳ ଥୁକ ଦାନୀ । ସକାଳ ହେଲେ କେହିଜଣେ ସଫା କରିଦେଉଥିଲେ ସେ ପିତ୍ତଳ ଥୁକ ଦାନୀ କୁ । ରାତି ହେଲେ ସେ ତା ବଡ ବୋହୁ କୁ ମନେ ପକାଉ ଥିଲା ସେ ପିତ୍ତଳ ଥୁକ ଦାନୀ ରଖି ଦେବାକୁ, ତା ପାଖରେ।

କଂସା ବାସନ ଜିନିଷର ଯୁଗ କେବେଠୁ ଗଲାଣି, କିନ୍ତୁ ତାକୁ ଭୁଲି ନାହାନ୍ତି ସେ ଯୁଗର (ଗାଁ ର) ମଣିଷ । ମୋ ଝିଅର ବାହାଘର ଖୋଜା ହେବା ଯଥେଷ୍ଟ ଆଗରୁ ମୋ ବୋଉ (ମୋତେ ନକହି) ଅନେକ କଂସା ବାସନ ଜିନିଷ ତା ନାତୁଣୀ (ମୋ ଝିଅ) ପାଇଁ କିଣି, କାଠ ସିନ୍ଦୁକରେ ସାଇତି ରଖୁଥିଲା । ମୋ କଥା ଶୁଣୁ ନଥିଲା । କହୁଥିଲା, ‘ସବୁ ଖୋଜିଲା ଜିନିଷ ସବୁବେଳେ ମିଳିବନି, ବେଳ ଥାଉ ରଖିବାକୁ ହେବ’ । ମୋ ଝିଅ ର ବାହାଘର ହେଲା, ଦୂର ଜାଗାରେ । ଚାକିରି ସ୍ଥାନ ଆହୁରି ଦୂରରେ । ଝିଅ ତା ଜେଜେ-ମା କୁ ବୁଝାଇ ଦେଲା, (ମନ କଷ୍ଟ ନକରିବା ପାଇଁ) କଂସା ବାସନ ଜିନିଷ ଆଉ ନେଲା ନାହିଁ । ଗାଁରେ ଅଛି କଂସା ବାସନ ଜିନିଷ, ସିନ୍ଦୁକରେ ।

[ବିଂଦ୍ରଂ : ଏହି ଲେଖା ଅନୁଭୁତି ଲେଖା । ବୃତ୍ତି, ସଂପ୍ରଦାୟ ସମ୍ପର୍କରେ ନୁହେଁ । ବୃତ୍ତି ସଂପ୍ରଦାୟ ଦୃଷ୍ଟିରୁ ସ୍ଥଳ ବିଶେଷରେ କଂସାରି ଓ ଖରୁଡାଙ୍କୁ ପୃଥକ ଭାବରେ ବର୍ଣନା କରାଯାଇପାରେ । କଂସାରି, କଂସା ଧାତୁରେ ତିଆରି ଘଣ୍ଟ ନିର୍ମାଣ କରୁଥିବା ବେଳେ ଖରୁଡାମାନେ କଂସା ପିତ୍ତଳ ଆଦି ଅନ୍ୟ ଧାତୁ ସାମଗ୍ରୀ (ଯଥା, ଘଣ୍ଟ) ବ୍ୟବସାୟ କରିଥାନ୍ତି । ପୁରୀ ସହରର ଖରୁଡା, ସାଧାରଣତଃ ମୂଳ କୁମୁଟି ପାଟଣା, କୁମୁଟି ସାହି, କୁଣ୍ଢେଇବେଣ୍ଟ ସାହିର ମୂଳ ବାସିନ୍ଦା । କ୍ରମେ ସେମାନଙ୍କ ମଧ୍ୟରୁ କେତେକ ଅନ୍ୟ ଜାଗାମାନଙ୍କୁ ସ୍ଥାନାନ୍ତରିତ ହୋଇ ମଧ୍ୟ, ଏବେ ବି ଜଗନ୍ନାଥଙ୍କ ସେବା କରିଆସୁଛନ୍ତି । କେତେକ ଖରୁଡା ଓଡିଶା ବାହାରେ ବସବାସ କରୁଥିଲେ ମଧ୍ୟ, ରଥଯାତ୍ରା ସମୟରେ ପୁରୀ ଆସି ସେମାନଙ୍କ ସେବା କରିଥାନ୍ତି । ଖରୁଡାମାନଙ୍କ ଘଣ୍ଟୁଆ ସେବା, ବଂଶାନୁକ୍ରମେ ଶାଢୀବନ୍ଧା ସେବା ଭାବେ ମାନ୍ୟତା ପାଇଥିବା କଥା ଅନେକ ବହିରେ ଉଲ୍ଲେଖ ଅଛି ।]

୧୭ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ଅନୁଭୂତି

ଏମ.ବି.ଏ. ଶିକ୍ଷାର ଏକ୍ତୁଡ଼ିଶାଳ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁରରେ ଆସି ଚାକିରୀ କରିବା, ମୋ ପାଇଁ ଯେମିତି ଥିଲା ଏକ ଦୈବୀ ସଂଯୋଗ । ବ୍ରହ୍ମପୁର ସହର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମତେ ଅନେକ କିଛି ଦେଇଛି । ଏଠାରେ ମୁଁ କେବଳ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ପର୍କିତ ଅନୁଭୂତି କଥା ହିଁ କହିବି, ଏବଂ ଏକ ନୂଆ ବିଭାଗର ସଂସ୍ଥାପନା ଓ ବିକାଶ କଥା କହିବି । ଆଲୋଚନା କରିବା, ଓଡ଼ିଶାରେ କିପରି ଏମ.ବି.ଏ. ଶିକ୍ଷାର ଶୁଭାରମ୍ଭ ବ୍ରହ୍ମପୁରରୁ ହୋଇଥିଲା ।

ମୋ ପାଠପଢ଼ା ସରୁ ସରୁ, ଚାକିରୀ ଖଣ୍ଡିଏ ଦୈବାତ୍ ମିଳିଗଲା ବ୍ରହ୍ମପୁର ସହରରେ, ଏକ କେନ୍ଦ୍ରସରକାର ସଂସ୍ଥାରେ । ୧୯୮୬ ମସିହା ମଧ୍ୟଭାଗ ସମୟ । ଆଗରୁ ମୋର କିଛି ବ୍ୟାଚଲର ସାଙ୍ଗ ବ୍ରହ୍ମପୁରରେ ଚାକିରୀ କରୁଥିଲେ ଓ ଘରଭଡ଼ା ନେଇ ରହୁଥିଲେ । ତେଣୁ ଅନ୍ନ ସଂସ୍ଥାନ ସହ ବାସଗୃହ ମିଳିଗଲା ସୁବିଧାରେ । ସଂଯୋଗ ବଶତଃ (ଏବଂ ମୋର ସୌଭାଗ୍ୟକୁ) ସେହି ବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନୂଆକରି ଏମ.ବି.ଏ ବିଭାଗ ଚାଲୁଥାଏ ।

ଏଇଠି କହିବା ପ୍ରାସଙ୍ଗିକ ହେବ ଯେ, କର୍ମନିଯୁକ୍ତି ର ଯଥେଷ୍ଟ ସମ୍ଭାବନା ଥିବା ଭଳି ବିଷୟ (ଯଥା MBA, Electronics, Marine Science, Biotechnology) ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଥାଏ ସବୁଠୁ ଆଗରେ । MBA- ବିଜନେସ ଆଡ୍-ମିନିଷ୍ଟ୍ରେସନ ରେ ସ୍ନାତକୋତ୍ତର ଶିକ୍ଷା ମଧ୍ୟ ପ୍ରଥମେ ବ୍ରହ୍ମପୁରରୁ ଆରମ୍ଭ ହୋଇଥିଲା । ପ୍ରଥମେ SMIT ଶିକ୍ଷାନୁଷ୍ଠାନ ଏହି ପାଠ୍ୟକ୍ରମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅନୁବନ୍ଧନରେ ୧୯୮୧ ମସିହାରୁ ଆରମ୍ଭ କରିଥିଲା । ତା ପରେ ହିଁ ସରକାରୀ ସ୍ତରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ୧୯୮୬ ବର୍ଷ ବାଣିଜ୍ୟ ବିଭାଗର ଶିକ୍ଷକ ମାନଙ୍କୁ ନେଇ ଆରମ୍ଭ କରାଯାଇଥିଲା, କିନ୍ତୁ UGC ନିର୍ଦ୍ଦେଶ ଅନୁସାରେ ଏହି ବିଭାଗ ପାଇଁ ପୃଥକ ଭାବେ ଏବଂ ପର୍ଯ୍ୟାପ୍ତ ଭାବେ ଆର୍ଥିକ ଅନୁଦାନ ଆସିଥିବାରୁ, ପୃଥକ ଭାବେ MBA ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତା ପଡିଥିଲା । ସେହି କ୍ରମରେ ମୋତେ ଅଧ୍ୟାପକ ହେବାର ସୁଯୋଗ ମିଳିଗଲା । ୧୯୮୭ରୁ ନିଜସ୍ୱ ଶିକ୍ଷକ ତଥା ସଫଳତାର ସହ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମ.ବି.ଏ. ବିଭାଗ । ମୁଁ ଏମ.ବି.ଏ ପାଠ ପଢିନଥିଲେ ମଧ୍ୟ ସେହି ବିଭାଗରେ ମୋର ପଢା ବିଷୟ (ପରିସଂଖ୍ୟାନ ବା ଷ୍ଟାଟିସଟିକ୍ସ) ପାଇଁ ପ୍ରାର୍ଥୀଙ୍କ ଆବଶ୍ୟକତା ଥାଏ । ବିଭାଗ ଖୋଲିଦେଇ ଅତିଥି ଅଧ୍ୟାପକ ମାନଙ୍କ

ମାଧ୍ୟମରେ କାମ ଚଳାଯାଉଥାଏ । ସେତେବେଳେ ବିଶ୍ୱବିଦ୍ୟାଳୟରେ ଥାଆନ୍ତି ଜଣେ କଡ଼ା ପ୍ରଶାସକ - ଶ୍ରୀ. ଏମ. ଯଶୋବନ୍ତ ରାଓ । ଯାହା କେବେ ବିଶ୍ୱବିଦ୍ୟାଳୟ ଇତିହାସରେ ଘଟିନଥିଲା, ତାହା ସେ ମହାଶୟ ବର୍ଷକ ମଧ୍ୟରେ କରି ଦେଖାଇଲେ । ଚାକିରୀ, ନିଯୁକ୍ତି, ସାକ୍ଷାତକାର ବିଶ୍ୱବିଦ୍ୟାଳୟ ପରିସରରେ ନକରି, ସେ ରାଜଧାନୀ ଭୁବନେଶ୍ୱରରେ କରାଇଲେ । ପ୍ରାର୍ଥୀ, ବିଶାରଦ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀ - ସମସ୍ତଙ୍କୁ ଭୁବନେଶ୍ୱରସ୍ଥିତ ଓ.ୟୁ.ଏ.ଟି ଗେଷ୍ଟ ହାଉସକୁ ଡକାଗଲା । ଫଳାଫଳ ତୁରନ୍ତ ଘୋଷଣା କରାଯିବା ସହ ପ୍ରମାଣପତ୍ର ସେହିଠାରେ ଯାଞ୍ଚ କରାଗଲା । ନିଯୁକ୍ତିପତ୍ର ସେହି ସ୍ଥାନରେ ମିଳିଗଲା. ତାହା ଥିଲା ଏକ ଅଭିନବ ଅନୁଭୁତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ନୂଆ କଥା ଥିଲା ।

ମୁଁ କେବେ ଭାବିନଥିଲି ଅଧ୍ୟାପକ ହେବି ବୋଲି, ହୋଇଗଲି ।

ମ୍ୟାନେଜମେଣ୍ଟ (ପରିଚାଳନା) ବିଭାଗରେ ଶିକ୍ଷକ ହେବି ବୋଲି ସ୍ୱପ୍ନରେ ବି ଭାବିନଥିଲି. ଶିକ୍ଷକତାର ପ୍ରଥମ ପାହାଚ ମୋ ପାଇଁ ଏପରି ଥିଲା ଭଞ୍ଜବିହାରର ଶିକ୍ଷା-ଶ୍ରୀମନ୍ଦିରରେ । ପୂର୍ବର କେନ୍ଦ୍ର ସରକାର ଚାକିରୀ ଛାଡି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯୋଗଦେଲି, ୧୯୮୭ ସେପ୍ଟେମ୍ବରରେ । ସଦ୍ୟ କଲେଜ ଛାଡ଼ିଥିବା ପିଲାଟିଏ ଭଳି ମୋର (ଅତି ନିରୀହ) ଚେହେରା ଥିଲା । ଭଞ୍ଜବିହାର ଚାକିରୀ ଯୋଗଦେବା ର ପ୍ରଥମ ଦିନରେ, ହେଲା ଏକ ଅଭୁଲା (ତଥା ବିଚିତ୍ର) ଅନୁଭୂତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନେକ ନିଜସ୍ୱ ବସ୍ ଥାଏ । ପୃଥକ ଭାବେ, କିଛି ବସ ଛାତ୍ରମାନଙ୍କ ପାଇଁ, ଆଉ ଦୁଇଟି ବସ୍ କର୍ମଚାରୀ ଓ ଶିକ୍ଷକ ମାନଙ୍କପାଇଁ ଥିଲା ।

ଶିକ୍ଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବସ୍ ରେ ପ୍ରଥମ ଥର ପାଇଁ ଉଠିବାକୁ ଗଲାବେଳେ, ହେଲ୍ପର ମୋତେ ତାଗିଦ କଲାଭଳି କହିଥିଲା, "ଦେଖହେ, ତମ ବସ୍ ପଛରେ ଆସୁଛି । "ଏତେ ତନ୍ଦରା କିଆଁ? ମୋତେ ଜଣେ ଛାତ୍ରଟିଏ ଭାବି ସେ କହିଦେଇଥିଲା । ପରେ ଆଉ ଜଣେ ଅଧ୍ୟାପକ ବନ୍ଧୁ ସମସ୍ୟାର ସମାଧାନ କରି ଦେଇଥିଲେ । ମୋତେ ଶିକ୍ଷକ ମାନଙ୍କ ପାଇଁ ଉଦିଷ୍ଟ ବସ ରେ ଉଠିବାକୁ ସୁଯୋଗ ମିଳିଥିଲା । ଘଟଣାଟି ବେଶ ହାସ୍ୟରୋଳ କରିଥିଲା ସେତେବେଳେ ।

ଅନଭିଜ୍ଞ ଥିବାରୁ ଏବଂ ସର୍ବୋପରି ନିଜ ପାଠର 'ପରିଚାଳନା ବିଦ୍ୟା ରେ ପ୍ରୟୋଗ ଓ ଭଲ ସବୁ ଦୃଷ୍ଟାନ୍ତ' ସମ୍ବନ୍ଧରେ ସେତେବେଳେ କମ୍ ଜ୍ଞାନ ଥିବାରୁ, ମୋର ପ୍ରଥମ ବର୍ଷର ଶିକ୍ଷକତା ଭଲ ହେଉନଥାଏ । ଭାବୁଥାଏ "ଶିକ୍ଷକତା ମୋ ପାଇଁ ଉଦ୍ଦିଷ୍ଟ ନୁହେଁ କି?" କିନ୍ତୁ ସୌଭାଗ୍ୟକୁ ଭଲ ଟ୍ରେନିଂର ସୁଯୋଗ ମିଳିଲା, ଯେଉଁଠି ଦୁଇଜଣ ବରିଷ୍ଠ ଶିକ୍ଷକଙ୍କ ବିଚକ୍ଷଣ ପ୍ରତିଭା (ଓ ନମ୍ର ସ୍ୱଭାବ) ମୋତେ ଗଭୀର ଭାବେ ପ୍ରଭାବିତ କଲା ଏବଂ ମୋ ଭିତରେ ସଫଳ ପରିବର୍ତ୍ତନ ଆସିଲା । ଶିକ୍ଷକତା ଶ୍ରୀମନ୍ଦିରର ଆଗାମୀ ପାହାଚ ଗୁଡ଼ିକ ସହଜରେ ଚଢ଼ିବା ସମ୍ଭବ ହୋଇଗଲା । କିଛି ବର୍ଷ ଭିତରେ, ବୋଧହୁଏ

ମୁଁ ମୋ ପଢ଼ାଇବା ଶୈଳୀ ପାଇଁ ପ୍ରିୟଭାଜନ ହୋଇପାରିଲି । ପଢ଼ାଇବାରେ ଯଥେଷ୍ଟ ଆତ୍ମସନ୍ତୋଷ ମିଳିଲା ସୁଖ୍ୟାତି ମିଳିଲା ।

ଭଞ୍ଜବିହାର ମୋ ପାଇଁ ଥିଲା ଜୀବନର ସର୍ବଶ୍ରେଷ୍ଠ କର୍ମକ୍ଷେତ୍ର, ଯେଉଁଠି ଅଧ୍ୟାପନା ସହ ମୋତେ ଆଉକିଛି ଅମୂଲ୍ୟ/ସ୍ମରଣୀୟ ଅନୁଭୂତି ମିଳିଛି । ଚାକିରୀ ପରେ ପରେ ଯେଉଁ ପ୍ରଥମ (ଓ ଏକମାତ୍ର) ବିବାହ-ପ୍ରସ୍ତାବ ଆସିଲା, ସେ (ମୋ ସ୍ତ୍ରୀ) ସେତେବେଳର ଭଞ୍ଜବିହାର ଛାତ୍ରୀ ଥିଲେ । ତେଣୁ ସେହି ମର୍ମରେ ଭଞ୍ଜବିହାର ମୋ ପାଇଁ ଅଭୂଲା ହୋଇ ରହିବ । ଶିକ୍ଷକତା ଆରମ୍ଭ କରିବା ସମୟରେ ଆମେ କନିଷ୍ଠ ଥିବାବେଳେ, ଅନେକ ବରିଷ୍ଠ ଅଧ୍ୟାପକ (ପ୍ରଫେସର) ସେମାନଙ୍କ ବ୍ୟକ୍ତିତ୍ୱ ଓ ସ୍ନେହ ମାଧ୍ୟମରେ ଆମକୁ ପ୍ରଭାବିତ କରିପାରୁଥିଲେ । ସମସ୍ତେ ଅପରାହ୍ନରେ ଫେରିବା ପାଇଁ ବସ୍ କୁ ଅପେକ୍ଷା କରିବା ସମୟରେ, ନିଶ୍ଚୟ ମୂରବୀ-ପଣିଆ ସ୍ୱରରେ, ସ୍ନେହବୋଳା ସମ୍ଭାଷଣ ମିଳୁଥିଲା- "କଣ ସୁବୁଦ୍ଧି, ଆଉ ସବୁ ଭଲ!"

ପ୍ରଫେସର ଦାଶରଥି ଦାଶ, ପ୍ର. ସୁଦର୍ଶନ ଆଚାର୍ଯ୍ୟ, ପ୍ର. ପ୍ରହଲ୍ଲାଦ ପଣ୍ଡା, ପ୍ର. ବିବେକାନନ୍ଦ ଦାସ, ପ୍ରଫେସର ହରିହର ଦାସ (ରାଜନୀତି ବିଜ୍ଞାନ), ପ୍ରଫେସର ସୁବାସ ପତି (ରସାୟନ ବିଜ୍ଞାନ), ପ୍ର. ଖାନ (ଉଦ୍ଭିଦ ବିଜ୍ଞାନ), ପ୍ର. ଶାରଦା ମହାନ୍ତି, ପ୍ର. ଜି.ପି. ପାଣିଗ୍ରାହୀ, ପ୍ର. ପ୍ରମୋଦ ସାହୁ, ପ୍ର. ସୌଭାଗ୍ୟ ମିଶ୍ର ଏବଂ ଆହୁରି ଅନେକ.....ସେମାନଙ୍କ ବ୍ୟକ୍ତିତ୍ୱକୁ ସମ୍ମାନ ଦେବାକୁ ସ୍ୱତଃ ଇଚ୍ଛାହୁଏ. ଭଞ୍ଜବିହାର କ୍ୟାମ୍ପସ ପାଠପଢା ବାତାବରଣ ଭଲ ଲାଗୁଥିଲା ସେତେବେଳେ. ଛୋଟ ବିଶ୍ୱବିଦ୍ୟାଳୟଟିଏ ହେଲେ ମଧ୍ୟ ସେହିଠାରୁ ଅନେକ ଅଧ୍ୟାପକ, ଗବେଷକ ବିଦେଶ ଯାଇ ନିଜପାଇଁ ତଥା ଅଞ୍ଚଳ ପାଇଁ ସୁନାମ ଆଣୁଥିଲେ ।

ଏମ୍.ବି.ଏ ବିଭାଗ ପ୍ରଥମେ ବାଣିଜ୍ୟ ବିଭାଗର ତତ୍ତ୍ୱାବଧାନରେ 'ଯୁଗ୍ମ-ବିଭାଗ' ଭାବେ ଚାଲିଥାଏ, ପୁରୁଣା ପ୍ରକୋଷ୍ଠରେ. ବାଣିଜ୍ୟ ବିଭାଗ ଅପେକ୍ଷା, ଏମ୍.ବି.ଏ ବିଭାଗ ପାଇଁ ଅଧିକ ଅନୁଦାନ ଆସୁଥାଏ - ବହି ପାଇଁ, କୋଠା ଘର, ନିଜସ୍ୱ ବସ୍ ପାଇଁ. ଆମେ ଯେତେବେଳେ ଅଲଗା ହେବା ପାଇଁ କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରିଥିଲୁ, ବାଣିଜ୍ୟ ବିଭାଗର ଅଧ୍ୟାପକ ବନ୍ଧୁମାନେ ସ୍ୱାଭାବିକ ଭାବେ ବିରୋଧ କରିଥିଲେ । ଅଲଗା କିଛି ନିଆରା କରି ଦେଖାଇବା ଆଗ୍ରହ ଓ ସଂକଳ୍ପ ନେଇ ଅଲଗା ହେଲୁ. ନିଜସ୍ୱ ଏମ୍.ବି.ଏ ଡିପାର୍ଟମେଣ୍ଟକୁ ଗଲୁ ପାଠ୍ୟକ୍ରମ ଆରମ୍ଭ ହେବାର ସାତବର୍ଷ ପରେ ।

ଏହି ବିଭାଗରେ ଏବଂ ଅନ୍ୟ ବିଭାଗର ସମଭାବାପନ୍ନ ଅଧ୍ୟାପକ ମାନଙ୍କ ସହ ଘନିଷ୍ଠ ବନ୍ଧୁତାର ସୁଯୋଗ ଦେଇଥିଲା ଏହି ଭଞ୍ଜବିହାର । ମନପ୍ରାଣ ଦେଇ, ସବୁ କାମରେ ସାମିଲ ହେବାକୁ ଭଲଲାଗୁଥିଲା ମୋତେ. ବିଶେଷ କରି ପ୍ରଫେସର ଅଶୋକ ମହାନ୍ତି ବିଭାଗୀୟ ମୁଖ୍ୟ ହେବା ପରେ, ମୋତେ ସେ ଗଭୀର ଆସ୍ଥା ଓ ବିଶ୍ୱାସର ସହ ସବୁ ଦାୟିତ୍ୱ ଦେଉଥିଲେ. ରିସର୍ଚ୍ଚ ଜର୍ଣ୍ଣାଲ ସଂପାଦନା, ଷ୍ଟଡି ମ୍ୟାଟେରିଆଲ ପ୍ରସ୍ତୁତି,

ଏମ.ବି.ଏ ଏଣ୍ଟ୍ରାନ୍ସ ଫଳାଫଳ ପ୍ରକାଶନ, କମ୍ପ୍ୟୁଟର ଲ୍ୟାବ ଦାୟିତ୍ୱ, ବିଭାଗୀୟ ସେମିଷ୍ଟାର ସହ ଜାତୀୟ ସ୍ତରର କର୍ମଶାଳା, ଏମିତି ବହୁତ କିଛି ସମ୍ଭବ ହୋଇଥିଲା ସେ ସମୟରେ । ଏଇଠି ଥାଇ ମୁଁ ସୁଯୋଗ ପାଇଥିଲି ଆଇ.ଆଇ.ଟି (ଖଡଗପୁର) ରେ କମ୍ପ୍ୟୁଟର ଟ୍ରେନିଂ ପାଇଁ ଏବଂ ଆଇ.ଆଇ.ଏମ. ଅହମଦାବାଦ ରେ ମ୍ୟାନେଜମେଣ୍ଟ ଶିକ୍ଷାରେ (ଚାରି ମାସର) ଟ୍ରେନିଂ ପାଇଁ । ୧୯୯୦-୨୦୦୦ ଦଶବର୍ଷ ମୋ ପାଇଁ ଘଟଣା ବହୁଳ ଥିଲା । ମୋ ଅଧ୍ୟାପନା ଜୀବନର ପ୍ରଥମ ୧୫ବର୍ଷ କେତେବେଳେ, କେତେ ସୁରୁଖୁରୁରେ ପାର ହୋଇଗଲା, ଜାଣି ହେଲାନାହିଁ. ଭଲ ଦିନ ଭଲରେ ଖୁବଶୀଘ୍ର କଟିଯାଏ । କିନ୍ତୁ ଦୁଃଖପ୍ରଦ, ଅସୁଖ-ଅବସ୍ଥାର ଦିନ, ଭଲରେ କଟେ ନାହିଁ ବା ଶୀଘ୍ର କଟେ ନାହିଁ ।

ପରେ ପରେ ଛାତ୍ର ରାଜନୀତି ସହ ସଂଘ ରାଜନୀତି ବାତାବରଣକୁ କିଛି ମାତ୍ରାରେ ତିକ୍ତ କରିଥିଲା ସହସ୍ରାବ୍ଦିର ଅନ୍ତ ବେଳକୁ. ପଦୋନ୍ନତି ପାଇଁ ଅନ୍ୟ ମାଧ୍ୟମ ଆପଣେଇବାର ଦୁଃଖଦ ଦୃଷ୍ଟାନ୍ତ କିଛି ଯୋଗ୍ୟ କର୍ମୀଙ୍କୁ ମର୍ମାହତ କରିଥିଲା । କିନ୍ତୁ ତାହା ବୋଧେ ସେ ସମୟର ଯୁଗନୀତି । ବିଶ୍ୱବିଦ୍ୟାଳୟ ତା ବାଟରେ ଚାଲିଲା, ଆଉ କିଛି ବ୍ୟକ୍ତି ତାଙ୍କ ରାସ୍ତା ଖୋଜି, ଅନ୍ୟ ଗନ୍ତବ୍ୟ ସ୍ଥଳ ଖୋଜି ଚାଲିଯିବାକୁ ଶ୍ରେୟ ମଣିଲେ । ପଳାୟନକୁ ପରାଜୟ କୁହାଯାଇପାରେ । କିନ୍ତୁ ପ୍ରାକାରନ୍ତରେ, ଭଲବାଟକୁ ବରିନେବା ଓ ସ୍ୱେଚ୍ଛା କୃତ ଅବସର ସହ, ସମ୍ପର୍କ ପୂର୍ବାବତ କାଏମ ରଖି, ସ୍ୱଧର୍ମ ଓ ସ୍ୱକର୍ମରେ ଅଗ୍ରସର ହେବା ଉଭୟ ପକ୍ଷରେ ହିତକାରୀ ହେଲା ।

ମୋ ଭଳି କିଛି ଅଧ୍ୟାପକ ଅନ୍ୟତ୍ର ସ୍ଥାପିତ ହେଲେ, (ବୋଧହୁଏ) ଯଥେଷ୍ଟ ସୁନାମ ଅର୍ଜନ କଲେ । ଅନ୍ୟତ୍ର କର୍ମନିଯୁକ୍ତି ପରେ ମଧ୍ୟ, ପ୍ରଥମ କର୍ମଭୂମି ପ୍ରତି ଶ୍ରଦ୍ଧା ଓ ସମ୍ମାନ ଅତୁଟ ରହିଲା । ଅନ୍ତତଃ ଏହା ମୋ ଅନ୍ତରର କଥା । ଯେତେବେଳେ ସୁଯୋଗ ବା ନିମନ୍ତ୍ରଣ ଆସେ, ଭଞ୍ଜବିହାର ପରିସରକୁ ଛୁଟି ଆସିବାକୁ ମୋର ଇଚ୍ଛାହୁଏ । ସୌଭାଗ୍ୟକୁ, ଏବେ ବି ଅଧ୍ୟାପକ ବନ୍ଧୁମାନେ ଅନ୍ତରର ସହ ଭଲପାଆନ୍ତି ମୋତେ । ଅତିଥି ନିମନ୍ତ୍ରଣ ମିଳେ । ଏକାଠି ହୋଇ, ଅନ୍ତତଃ କିଛିକ୍ଷଣ ପାଇଁ ପ୍ରାଣଖୋଲା ହସିବାର ସୁଯୋଗ ମିଳେ । ସେହି ମଧୁର ସମ୍ଭାଷଣ "କିସ ହେ ବାପ" ଭିତରେ ଆତ୍ମୀୟତା ମହକ ମହକୁଥାଏ ।

ସ୍ମୃତି ତ ଅନେକ । ବାଇଶି ବର୍ଷ ବିତିଛି ବ୍ରହ୍ମପୁରରେ । ପ୍ରତି ବର୍ଷର ପାହାଚରେ ଲିପିବଦ୍ଧ ହୋଇ ରହିଛି । କିଛି ଅସ୍ପଷ୍ଟ ହୋଇଥିଲେ ବି, ଏବେବି ମନେ ଅଛି ବର୍ଷ ବର୍ଷର ଅଭୁଲା ଅନୁଭୂତି । ୧୯୮୭ ମସିହାର ମୋ ପ୍ରଥମ ଏମ.ବି.ଏ ଛାତ୍ର ଭାବେ ମୋର କେତେକ ସମବୟସ୍କ ବନ୍ଧୁ ଯୋଗ ଦେଇଥିଲେ । ସେଥିରେ ଜଣେ ଥିଲେ ମୋ ଠାରୁ ବର୍ଷେ ବଡ଼ । ଏବେ ୩୫ବର୍ଷର ଶିକ୍ଷକତା ପରେ ପୁରାତନ ଛାତ୍ରଙ୍କ ପୁତ୍ର-କନ୍ୟା, ଏବର ଛାତ୍ର ଭାବେ ମୋ ପାଖରେ ପଢୁଛନ୍ତି । ପଚିଶି ବର୍ଷ ପୂର୍ବେ ପଢାଇଥିବା ଜଣେ ଛାତ୍ର (ବ୍ରହ୍ମପୁର କମାପଲ୍ଲୀର) ସନ୍ଦିପ ମହାପାତ୍ର, ହଠାତ୍ ଯେତେବେଳେ ଇଂଲଣ୍ଡର

ଲିସେଷ୍ଟର ସହରରେ ମୋ ସହ ଦେଖା ହୋଇଥିଲା, କି ଆନନ୍ଦ ସତରେ । ଏହି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ହିଁ ତ ସେ ସମ୍ବନ୍ଧର ଯୋଗସୂତ୍ରକାରୀ । ଅମୂଲ ମୂଲ ସେ ସମ୍ପର୍କ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନେକ ସଫଳ ଛାତ୍ର ଦେଶ ବିଦେଶରେ ଏବେ ପ୍ରତିଷ୍ଠିତ । ଏହି ସ୍ୱର୍ଣ୍ଣିମ ଅବସରରେ ସେମାନଙ୍କୁ ମଧ୍ୟ ସୁଯୋଗ ଦିଆଯାଉ, ସେମାନେ ବଖାଣନ୍ତେ ଆଉ କେତେ ଅଭୁଲା, ଅକୁହା କଥା ।

ଏହି ଭଞ୍ଜମାଟି ତ ମୋତେ ଦେଇଛି ସାହିତ୍ୟ ସ୍ୱୀକୃତି ।ଏହି ବ୍ରହ୍ମପୁରରୁ ମୁଁ କାମ କରିବାର ସୁଯୋଗ ପାଇଲି ସାହିତ୍ୟ ପତ୍ରିକା "ଦିଶା" ଓ "ସୁମନ"ରେ. କିଛି ବନ୍ଧୁ ଓ ଆଗ୍ରହୀ ପ୍ରଶାସକ (ସର୍ବୋପରି ଶ୍ରୀ ଜଗଦାନନ୍ଦ ପଣ୍ଡା ଓ ଶ୍ରୀ ଅରୁଣ କୁମାର ପଣ୍ଡା-ଆଇ.ଏ.ଏସ) ଙ୍କ ସହଯୋଗରେ ବ୍ରହ୍ମପୁର ପୁସ୍ତକମେଳା ଭଳି ଉତ୍ସବରେ ମୁଁ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିଲି ।

ମୋ ପାଇଁ ବ୍ରହ୍ମପୁରରେ କଟିଥିବା ବାଇଶି ବର୍ଷ, ଜୀବନର ଶ୍ରେଷ୍ଠ ସମୟ, ଅବିସ୍ମରଣୀୟ ସମୟ । ଭଞ୍ଜବିହାର କର୍ମକର୍ତ୍ତାଙ୍କୁ ପ୍ରଣାମ ଜଣାଉଛି, ସୁଯୋଗ ପାଇଁ । ମୁଁ ମୋ 'ଆତ୍ମଜୀବନୀ' ପୁସ୍ତକରେ ମାଧ୍ୟମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତି ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ବ୍ରହ୍ମପୁର ରେଳ ଷ୍ଟେସନ

୧୮ |

ମୋ ପତ୍ରିକା ପ୍ରକାଶନ ଅନୁଭୂତି

ନାମକରଣ କରିଥିଲେ ଶ୍ରୀ ଚନ୍ଦ୍ରଶେଖର ରଥ

ଗାଁ' ପରିବେଷରୁ ଆସି ମୁଁ ବିଜେବି ମହାବିଦ୍ୟାଳୟ, ଭୁବନେଶ୍ୱରରେ ପଢ଼ିବାବେଳେ, ସେତେବେଳେ ଅଧକ୍ଷ ଗୁରୁପ୍ରସାଦ ମହାନ୍ତି ଓ ଉପାଧକ୍ଷ ଚନ୍ଦ୍ରଶେଖର ରଥଙ୍କ ସହ ସମ୍ପର୍କରେ ଆସିଥିଲି । ତା' ପରେ ରେଭେନ୍ସା ମହାବିଦ୍ୟାଳୟ, କଟକରେ ପଢ଼ିବା ବେଳେ ମଧ ଆଉ କିଛି ପ୍ରତିଷ୍ଠିତ ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସିଥିଲି । ମୋର କିଛି ସାଙ୍ଗ ମଧ ସେତେବେଳେ ଭଲ ଲେଖାଲେଖି କରି ସୁନାମ ଅର୍ଜନ କରିଥିଲେ । ବି.ଏ ପଢ଼ିବା ପର୍ଯ୍ୟନ୍ତ ନିଜେ ସେମିତି କିଛି ଭଲ ଲେଖା ପ୍ରକାଶ କରିନଥିଲେ ବି ଅନେକ ସାହିତ୍ୟ ସଭାରେ ଯୋଗଦେଇ ମୁଁ ଓଡିଆ ସାହିତ୍ଯ ପ୍ରତି ଅନୁପ୍ରାଣିତ ହୋଇଥିଲି । ବାଣୀବିହାରରେ ପି.ଜି କରୁଥିବା ବେଳେ ଗୋଟିଏ ନୂଆ ଦୈନିକ ଖବରକାଗଜ ପ୍ରକାଶ ପାଉଥାଏ, ବାଣୀବିହାର ରେଳଷ୍ଟେସନ ନିକଟସ୍ଥ ଶିକ୍ଷାଞ୍ଚଳରୁ । ଦୈନିକ ଖବରକାଗଜ ର ନାଁ ଥିଲା 'ଖବରକାଗଜ' । ସେଥିରେ ମୋର ଦୁଇ, ତିନୋଟି (ମୁଖ୍ୟ) ଲେଖା ପ୍ରକାଶ ପାଇଥିଲା ୧୯୮୪ ମସିହାରେ, ପ୍ରଥମ କରି । ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧାପନା ସମୟରେ କବି ସୌଭାଗ୍ୟ ମିଶ୍ର, ଭାଷାବିତ ସୁଦର୍ଶନ ଆଚାର୍ଯ୍ୟ ଓ ଦାଶରଥି ଦାଶ ଓ ଗଗନେନ୍ଦ୍ର ନାଥ ଦାଶଙ୍କ ସହ ମୋର ଆତ୍ମୀୟତା ବଢ଼ିଥିଲା । ସାହିତ୍ୟ ପ୍ରତି ଓ ସାହିତ୍ୟ ପତ୍ରିକା ପ୍ରକାଶନ ପାଇଁ ଆଗ୍ରହ ବଢ଼ିଥିଲା ।

ଯେତେବେଳେ ଗବେଷଣା ପାଇଁ ମୋତେ ବୃତ୍ତି ମିଳିଲା ଓ ଭୁବନେଶ୍ୱରରେ ଏକବର୍ଷ (ଏକୁଟିଆ) ଘରଭଡ଼ା ନେଇ ରହିବାକୁ ହେଲା, ସେତେବେଳେ ଇଚ୍ଛା ହେଲା ପତ୍ରିକାଟିଏ ପ୍ରକାଶ କରିବା ପାଇଁ । ଆପ୍ରାଣ ଚେଷ୍ଟା କଲି ଭଲ ଓ ନିଆରା ପତ୍ରିକାଟିଏ କରିବା ପାଇଁ । କିଛି ବିଶିଷ୍ଟ ସାହିତ୍ୟିକଙ୍କୁ ଭେଟିଲି, ସମର୍ଥନ ଲୋଡ଼ିଲି, ଲେଖା ପାଇଁ ଅନୁରୋଧ କଲି । ଦେଖା କଲି ଶ୍ରୀ ଚନ୍ଦ୍ରଶେଖର ରଥଙ୍କୁ, ଅନୁରୋଧ କଲି ପତ୍ରିକାର ନାମକରଣ କରିବାପାଇଁ । କିଛି ସମୟ ଚିନ୍ତାକରି, ମୋ ସହ ବିଚାର ବିମର୍ଶ କରି କହିଲେ, ତୁମେ "ଭୂମା" କିମ୍ବା "ଦିଶା" ନାମ ଦେଇପାର ।

ମୁଁ ଯେଉଁଠି ଭଡ଼ାଘର ନେଇ ରହିଥିଲି (ସୈନିକ ସ୍କୁଲ ନିକଟସ୍ଥ ପ୍ରେସ୍ ଛକ), ସେଇଠି ରହୁଥାନ୍ତି ରାମଚନ୍ଦ୍ର ସେଠି (ରିଜିଓନାଲ କଲେଜ ଅଧାପକ ଥିଲେ) । ସେ ଅତି ଆଦରରେ ସମର୍ଥନ କଲେ ମୋ ଉଦ୍ୟମକୁ, ସବୁ ମତେ ସାହାଯ୍ୟ କଲେ । ସେ ନିଜେ ତାଙ୍କ ଗାଡିରେ ମୋତେ ନେଇ ଗୌରହରି ଦାସଙ୍କ ସହ ପରିଚୟ କରାଇଦେଇଥିଲେ (ତାଙ୍କ ବରମୁଣ୍ଡାସ୍ଥିତ ବାସଭବନରେ) । ପତ୍ରିକା ପାଇଁ ଗୋଟେ ଛୋଟ ବିଜ୍ଞାପନ ଦେଇ, ଆରମ୍ଭ ହେଲା ମୋ ସାହିତ୍ୟ (ଫିଚର) ପତ୍ରିକା "**ଦିଶା**" ।

ପ୍ରଥମ ସଂଖ୍ୟା ହାତରୁ ଖର୍ଚ୍ଚକରି ଉନ୍ନତ ମୁଦ୍ରଣ କୌଶଳରେ (ଅଫସେଟ ପ୍ରିଣ୍ଟିଂରେ) ଛପାହେଲା ଦୁଇହଜାର ଖଣ୍ଡ । ଜଣେ ଯୁବକ ବହୁତ ସାହାଯ୍ୟ କରିଥିଲେ ଦୁଇମାସ ପତ୍ରିକାର ବିତରଣ ପାଇଁ । ଆମେ ପ୍ରଥମ ସଂଖ୍ୟା, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରର ରେଳଷ୍ଟେସନ ଓ ବସଷ୍ଟାଣ୍ଡ ମାନଙ୍କରେ ଥିବା ପତ୍ରିକା ଦୋକାନରେ ଦେଲୁ ଓ ରାଜ୍ୟର ଅନ୍ୟ କିଛି ପ୍ରମୁଖ ସହରକୁ ବସ ଯୋଗେ ପଠାଇଥିଲୁ । ଆଶା ଥିଲା ଦୁଇମାସ ପରେ ଅନ୍ତତଃ ହାତରୁ ଖର୍ଚ୍ଚ ହୋଇଥିବା ଅଧା ଟଙ୍କା ଫେରି ଆସିବ । ହେଲା ନାହିଁ ।

ମୋ ଶ୍ୱଶୁର (ପଦ୍ମଲୋଚନ ପାଲଟାସିଂହ) ମୋ ପତ୍ରିକା ପ୍ରକାଶନ କଥା ଶୁଣି ଦିନେ ହଠାତ ଆସି ମୋ ଭୁବନେଶ୍ୱର (ଛୋଟ) ଭଡ଼ା ଘରେ ପହଞ୍ଚିଗଲେ । କହିଲେ, ପ୍ରଥମ ସଂଖ୍ୟାରେ ବହୁତ ଭୁଲ ରହିଯାଇଛି । ଓଡ଼ିଆ ପତ୍ରିକା ନିର୍ଭୁଲ ହେବା ଦରକାର । ସେ ସେଦିନ ରାତିରେ ମୋ ପାଖରେ ରହି, ପତ୍ରିକାର ଦ୍ୱିତୀୟ ସଂଖ୍ୟା ପ୍ରୁଫ ଦେଖିଲେ ଓ ସମ୍ପାଦକୀୟ ମଧ୍ୟ ଲେଖିଦେଇଥିଲେ (ଯାହାର ଶୀର୍ଷକ ଥିଲା, "ପହଁରା ଶିଖିବାକୁ ହେଲେ, ପାଣିରେ ପଶିବାକୁ ହୁଏ, ପହଁରା ନ ଜାଣି").

ଦ୍ୱିତୀୟ ସଂଖ୍ୟା ବିତରଣ ପରେ ଯେତେବେଳେ ଦେଖିଲି, ନୂଆ ପତ୍ରିକା କିଣି ପଢ଼ିବା ଗ୍ରାହକ ଓଡ଼ିଶାରେ ବହୁତ କମ ଏବଂ ବିକ୍ରେତା ମଧ୍ୟ ସହଯୋଗ କରୁନାହାନ୍ତି, ସେତେବେଳେ ମୋର ଆଗ୍ରହ କମି କମି ଆସୁଥାଏ । ଭାବୁଥାଏ, ଆଉ ପ୍ରକାଶ କରିହେବନି ପତ୍ରିକା ।

ଏମିତି ଏକ ସମୟରେ ଦିନେ ଭୁବନେଶ୍ୱରରୁ ମୁଁ ବ୍ରହ୍ମପୁର ଫେରୁଥାଏ କୋଣାର୍କ ଏକ୍ସପ୍ରେସ ଟ୍ରେନରେ । (ସେତେବେଳେ ମୋ ନିଜ ଘର ଥାଏ ବ୍ରହ୍ମପୁରରେ, ସେଇଠି ରହୁଥାନ୍ତି ମୋ ପରିବାର । ପୁଅ ସେଠାରେ ପାଠ ପଢୁଥାଏ । ତେଣୁ ପ୍ରତି ସପ୍ତାହରେ ଯିବାକୁ ପଡୁଥାଏ ବ୍ରହ୍ମପୁର) । ସେଦିନ ମୁଁ ଯେଉଁ ଡ଼ବାରେ ବସିଥିଲି, ସେଇଟା ଖାଲିଥିଲା, ସାମ୍ନାରେ ବସିଥାନ୍ତି ମାତ୍ର ଦୁଇଜଣ । ଜଣେ ମୋ ବୟସର, ଯିଏ ସେଦିନ ତାଙ୍କ ପାଖରେ ଅତି କମରେ ଦଶଟି ଖବରକାଗଜ କିଣି ରଖିଥାନ୍ତି । ମତେ ଆଶ୍ଚର୍ଯ୍ୟ ଲାଗିଲା, ନବେ ଦଶକର କଥା, ଏମିତି କିଏ ସେ ଓଡ଼ିଆ ପାଠକ ଯେ ଏକାବେଳେ ଦଶଟା ଖବରକାଗଜ କିଣି ପଢିବ? ମୋ ଛଡା ଆଉ ଜଣେ ବ୍ୟକ୍ତି ଯିଏ ବସିଥିଲେ, ସେ ତାଙ୍କୁ ମାଗିଲେ, 'ଖଣ୍ଡେ ଦୁଇ ଖଣ୍ଡ ଖବରକାଗଜ ଦେଲେ, ଟିକେ ପଢ଼ିବା' । ସେ ଭଦ୍ରବ୍ୟକ୍ତି ମୁହଁ ଛିଙ୍କାଡ଼ି ହଠାତ କହିଲେ, ପଢିବା କଥା ଯଦି ଖଣ୍ଡେ ଖବରକାଗଜ କିଣିକି ପଢୁନାହାନ୍ତି, ମାଗୁଛନ୍ତି କାହିଁକି?

ଏଇ ପଦୁଟିଏ କଥାରେ ସାମନାରେ ବସିଥିବା ସେ ଲୋକ ପ୍ରତି ମୋର ଆହୁରି ଆଗ୍ରହ ବଢ଼ିଲା, ମୁଁ ତାଙ୍କ ପାଖକୁ ଯାଇ ବସିଲି । ଦୈବାତ ସେଦିନ ମୋ ପାଖରେ ମୋ ନିଜର ଦୁଇଖଣ୍ଡ ଖବରକାଗଜ ଥିଲା, ସେଗୁଡିକ ମୁଁ ପଢୁଥିଲି । ଟ୍ରେନ କିଛି ବାଟ ଗଲା ପରେ ମୁଁ ତାଙ୍କ ସହ ଆଳାପ ଜମେଇଲି ଓ ଜାଣିଲି ଯେ ସେ ଜଣେ ଯୁବ ଶିଳ୍ପୋଦ୍ୟୋଗୀ, ତାଙ୍କ ନାଁ କାଳିଚରଣ ପଣ୍ଡା । ସେ ବ୍ୟାଙ୍କ ଲୋନ କରି ଗୋଟେ ଭଲ ଅଫସେଟ ପ୍ରିଣ୍ଟିଂ

ପ୍ରେସ ପକେଇଥାନ୍ତି । ସେ ଜଣେ ଅତ୍ୟନ୍ତ ସ୍ୱାଭିମାନୀ ବ୍ୟକ୍ତି ଥିଲେ । ସେ ଆଗରୁ 'ସମ୍ବାଦ' ଖବରକାଗଜର ବ୍ରହ୍ମପୁର ସଂସ୍କରଣ ନିଜ ପ୍ରେସରେ ଛାପିବା କାମ ନେଇଥିଲେ। କିନ୍ତୁ କିଛି ମନାନ୍ତର କାରଣରୁ 'ସମ୍ବାଦ' ଛାପିବା ବନ୍ଦ କରିଦେଇ ଥାଆନ୍ତି ଏବଂ ସେ ନିଜେ କିଛି ପତ୍ରପତ୍ରିକା ପ୍ରକାଶ କରିବାପାଇଁ ଯୋଜନା କରୁଥାନ୍ତି ।

ମୁଁ ମୋର ପରିଚୟ ଦେଲି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ଭାବରେ । ନିଜ ଆଗ୍ରହ କାରଣରୁ ଏବେ ଗୋଟେ ସାହିତ୍ୟ ପତ୍ରିକା ପ୍ରକାଶ କରୁଥିବା କଥା ମଧ୍ୟ ତାଙ୍କୁ କହିଲି । ବିତରଣ ଏବଂ ମୁଦ୍ରଣରେ ମୁଁ ଆସୁବିଧାର ସମ୍ମୁଖୀନ ହେଉଥିବା କଥା ତାଙ୍କୁ କହିଲି । ଏଇ ପଦେ କଥାରେ ତାଙ୍କର ମୋ ପ୍ରତି ପ୍ରବଳ ଆଗ୍ରହ ଓ ଶ୍ରଦ୍ଧା ଜନ୍ମିଥିଲା । ଯେମିତି ଗୋଟିଏ ମଣିକାଞ୍ଚନର ସଂଯୋଗ ଘଟିଗଲା । ସେ ଖୋଜୁଥିଲେ ଗୋଟେ ପତ୍ରିକା, ଆଉ ମୁଁ ଖୋଜୁଥିଲି ଜଣେ ପ୍ରକାଶକ । ଖାଣ୍ଟି ଗଞ୍ଜାମୀ ଭାଷାରେ ସେ କହିଲେ, 'ଆପଣ ଆଜ୍ଞା ମାଷ୍ଟର ଲୋକ, ଛାପିବା କାମରେ ଘାଣ୍ଟି ହଉଛନ୍ତି କାହିଁକି? ଛାପିବା କାମ ଆମର । କାଲି ମୋ ପ୍ରେସକୁ ଆସନ୍ତୁ, ସେ ପତ୍ରିକା ମୁଁ ଛାପିବି'। ଏତିକି କଥାରେ ମୋ ମୁଣ୍ଡରୁ ଗୋଟେ ମସ୍ତବଡ଼ ବୋଝ ଖସିଗଲା ଭଳି ଲାଗିଲା । ପତ୍ରିକା ପ୍ରକାଶନରେ ନିଜ ହାତରୁ ମୁଁ ଆଉ ଖର୍ଚ୍ଚ କରିବିନି ବୋଲି ଭାବିଥିଲି, ସେ ଅସୁବିଧା ଦୂର ହୋଇଗଲା ।

ଯେହେତୁ ମୁଁ ଗବେଷଣା ପାଇଁ ଛୁଟିରେ ଥିଲି, ତେଣୁ ମୁଁ ପରବର୍ତ୍ତୀ ଦୁଇ ତିନିଦିନ ତାଙ୍କ ବ୍ରହ୍ମପୁର ଆଙ୍କୁଲି ଶିଳ୍ପାଞ୍ଚଳରେ ଥିବା (ଲକି ଅଫସେଟ) ପ୍ରେସ ପରିସରକୁ ଯିବାକୁ ଲାଗିଲି । ସେ ମତେ ବଡ଼ ଭାଇର ସମ୍ମାନ ଦେଲେ ଏବଂ ବହୁତ ଆଦର କଲେ, ଭାଇନା ବୋଲି ସମ୍ବୋଧନ କଲେ । ମୋ "ଦିଶା" ପତ୍ରିକାର ତୃତୀୟ ସଂଖ୍ୟା ଅତି ସୁନ୍ଦର ଭାବେ, ଅଧିକ ପୃଷ୍ଠା ସହ ନିଜ ଖର୍ଚ୍ଚରେ ମୁଦ୍ରଣ କରିବା ସହ ବିତରଣ ମଧ୍ୟ କରିଦେଲେ ।

ମୁଁ ଖୁସି ତ ହେଲି, କିନ୍ତୁ ତାଙ୍କର ଏତେ ଖର୍ଚ୍ଚ ହୋଇଥିବା କଥା ଜାଣି, ମନେ ମନେ ଖରାପ ଲାଗୁଥାଏ । ସେ ମଧ୍ୟ ଗୋଟେ ବଡ଼ ଯୋଜନାରେ ଥାଆନ୍ତି । ଅନେକ ସାହିତ୍ୟିକ, ସାମ୍ବାଦିକ ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କର ପରାମର୍ଶ ନେଉଥାନ୍ତି। ଦୁଇ ସପ୍ତାହ ପରେ କାଳି ବାବୁ କହିଲେ, ଆମେ କିଛି ଲୋକଙ୍କୁ ନିଯୁକ୍ତି ଦେବା , ଭଲ ସମ୍ପାଦକ ରଖିବା ଓ ନୂଆ ନାମରେ ଏକ ପତ୍ରିକା ପଞ୍ଜିକରଣ କରି ପ୍ରକାଶ କରିବା । ଆପଣ ଉପଦେଷ୍ଟା ଭାବେ ମୋ ପାଖରେ ରହିବେ । ଏଥିରେ ମୋର ଆପତ୍ତି ନଥିଲା ବରଂ ଖୁସି ହୋଇଥିଲି ଯେ, ଆଉ ଏକ ଭଲ ପତ୍ରିକାର ପ୍ରକାଶନରେ ମୋର ସହଯୋଗ ରହିବ । "ଦିଶା" ପତ୍ରିକା ବନ୍ଦ ହେଲା, ନୂଆ ପତ୍ରିକାର ନାମକରଣ କରାଗଲା "ଅନୁପମା" । (ଦିଶା ପତ୍ରିକା ବନ୍ଦ ହେବାପରେ ମୋ ସ୍ତ୍ରୀ ସବୁଠୁ ଅଧିକା ଖୁସିହେଲେ ଯେ, ମୁଁ ଅଯଥା ଅର୍ଥ ଓ ସମୟ ବର୍ବାଦ କରିବି ନାହିଁ) । ନୂଆ ପତ୍ରିକା "ଅନୁପମା" ପାଇଁ ବ୍ରହ୍ମାନନ୍ଦ ସିଂହ ସମ୍ପାଦକ ଭାବେ ବଛାଗଲେ ଓ ଆଉ ତିନିଚାରି ଜଣ ଯୁବ ସାହିତ୍ୟ ଅନୁରାଗୀଙ୍କୁ ନିଯୁକ୍ତି ଦିଆଗଲା । ପ୍ରସ୍ତୁତି ସପ୍ତାହ ସପ୍ତାହ ଧରି ଚାଲିଲା । ତଥାପି କାଳି ବାବୁ "ଅନୁପମା"

ପ୍ରକାଶ କରୁନଥାନ୍ତି । ଆମ ମାନଙ୍କର ଆଗ୍ରହ କମୁଥାଏ, ବିରକ୍ତି ବଢୁଥାଏ । ଦିନେ କାଳି ବାବୁ କହିଲେ, 'ଭାଇନା, ଏ ମାସିକ ପତ୍ରିକା କଲେ ଚାଲିବ ନାହିଁ, ଆମେ ଗୋଟେ ଦୈନିକ ଖବରକାଗଜ ପ୍ରକାଶ କରିବା । ସେଥିରେ ଆପଣ ଗୋଟେ ପୃଷ୍ଠାର ଦାୟିତ୍ୱ ନେବେ' ।

ପଣ୍ଡିଚେରିରେ ରହୁଥିବା ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଖବର କାଗଜର ନାମ ଦେଲେ "ଅନୁପମ ଭାରତ"। କଲିକତାରୁ ଜଣେ ବରିଷ୍ଠ ସାମ୍ବାଦିକ ଶରତ ମିଶ୍ର ଆସି ସମ୍ପାଦକ ଭାବେ ଯୋଗ ଦେଲେ । ଅଧିକ ଲୋକଙ୍କୁ ନିଯୁକ୍ତି ଦିଆଗଲା । କାଳି ବାବୁ ଚାହୁଁଥିଲେ ଯେ ଖବରକାଗଜ ଟା ଓଡ଼ିଶାର ଶ୍ରେଷ୍ଠ ଖବରକାଗଜ ହେଉ । ଭଲ କାଗଜ, ଭଲଲୋକଙ୍କ ଲେଖା, ଭଲ ଭାବରେ ମୁଦ୍ରଣ "ଅନୁପମ ଭାରତ" ର ବୈଶିଷ୍ଟ୍ୟ ଥିଲା । ମୁଁ ଶିଳ୍ପ-ବାଣିଜ୍ୟ ପୃଷ୍ଠା ଦେଖିଲି, ବ୍ରହ୍ମାନନ୍ଦ ସିଂହ ରବିବାର ସାହିତ୍ୟ ବିଶେଷାଙ୍କ ପୃଷ୍ଠା ଦେଖିଲେ, ସମୁଦାୟ ପରିଚାଳନାର ଉପଦେଷ୍ଟା ଭାବେ ଅଧ୍ୟାପକ ସରୋଜ କୁମାର ପଣ୍ଡା ପରାମର୍ଶ ଦେଲେ । ଖବରକାଗଜ ଯେତେବେଳେ ପ୍ରଥମ କରି ଆତ୍ମପ୍ରକାଶ କଲା, ସେତେବେଳେ ସାରା ଦକ୍ଷିଣ ଓଡ଼ିଶାରେ ଚହଳ ପକାଇଦେଲା । କିଛି ମାସ ମଧ୍ୟରେ ଏହା ସମ୍ବାଦ, ସମାଜ ଭଳି ଅଗ୍ରଣୀ ଖବରକାଗଜର ବିତରଣ ସଂଖ୍ୟାଠୁ ବି ଟପି ଯାଇଥିଲା । ଏଥିରେ ପ୍ରତି ସପ୍ତାହରେ ଥରେ ସମ୍ପାଦକୀୟ ଲେଖୁଥିଲେ ଶ୍ରୀ ମନୋଜ ଦାସ ।

ଖବରକାଗଜ ସହିତ ସମ୍ପର୍କ ଥିବାରୁ ମୁଁ ନିଜେ ଅନେକ ଲେଖା ଏଥିରେ ପ୍ରକାଶ କରିବାରେ ଲାଗିଲି । ଏଥିରେ ମୋର ଉତ୍ସାହ ବଢ଼ିଲା ଓ କିଛି ସ୍ୱୀକୃତି ବି ମିଳିଲା । ଏଥିରେ ନୂଆ ନୂଆ ଫିଚର ଲେଖା ମୁଁ ଦେଉଥିଲି ।

ମୋର କିନ୍ତୁ ପତ୍ରିକା ପ୍ରକାଶନ ନିଶା ଛାଡ଼ିନଥାଏ । ପିଲାମାନଙ୍କ ପାଇଁ ଓଡ଼ିଶାରେ ଭଲ ପତ୍ରିକାର ଅଭାବ ରହିଛି କହି କାଳି ବାବୁଙ୍କୁ ରାଜି କରାଇଲି ଏକ ଶିଶୁ ପାକ୍ଷିକ ପତ୍ରିକା "**ସୁମନ**" ପ୍ରକାଶ ପାଇଲା । ମୁଁ ଏହି ପତ୍ରିକାର ସମ୍ପାଦକ ହେଲି । ଖବରକାଗଜ ସହିତ ଏହା ଅତି କମ ଦାମରେ ଯାଉଥିବାରୁ, ଖୁବ କମ ଦିନରେ ଏହାର ବହୁଳ ପ୍ରସାରଣ ଘଟିବା ସହ ଯଥେଷ୍ଟ ଆଦର ଲାଭ କଲା ସୁମନ । ଏହି ସୁମନ ପତ୍ରିକା ପାଇଁ ଓ ପିଲାଙ୍କର ବୌଦ୍ଧିକ ବିକାଶ ପାଇଁ, ଆମେ ସାରା ରାଜ୍ୟରେ ପ୍ରତିଯୋଗିତା କରିବା ସହ ପୁରସ୍କାର ବିତରଣ କଲୁ । ଏଥିରେ ପିଲାମାନଙ୍କ ଆଗ୍ରହ ବଢିବାରେ ଲାଗିଲା । ୧୯୯୬-୨୦୦୦ ପର୍ଯ୍ୟନ୍ତ ଚାରି ବର୍ଷ ମୁଁ ଏହାର ସମ୍ପାଦକ ରହିବା ପରେ, ହଠାତ ମୋର ଆଇ.ଆଇ.ଏମ. ଅହମଦାବାଦକୁ ପାଠ ପଢିବାକୁ ଯିବାକୁ ପଡ଼ିବାରୁ ଏହି ପତ୍ରିକାର ସମ୍ପାଦନ ଦାୟିତ୍ୱ ଶ୍ରୀ ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ଦେଇଥିଲି । ଦୁର୍ଭାଗ୍ୟକୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କାଳି ବାବୁଙ୍କର ଅକାଳ ବିୟୋଗ ଘଟିଲା ଓ ପରେ ପରେ ତାଙ୍କ ପରିବାରରେ ଅନେକ ଦୁର୍ଘଟଣା ମଧ୍ୟ ଘଟିଲା । ମୁଁ ବ୍ରହ୍ମପୁର ଛାଡ଼ି ଭୁବନେଶ୍ୱର ଆସିଲି । ନୂଆ ପ୍ରକାଶକଙ୍କ ଅନାଗ୍ରହରୁ "ସୁମନ" ପତ୍ରିକା ମଧ୍ୟ ବନ୍ଦ ହୋଇଗଲା ।

Anupam Bharat (Kalicharan memorial) state-level competiotion





୧୯ |

ପୁଅ, ଝିଅ ବାହାଘର କଥା

ପିଲାମାନଙ୍କୁ ଲାଳନ ପାଳନ କରି ବଡ କଲାପରେ ଗୋଟେ ବଡ ଦାୟିତ୍ୱ ହେଉଛି ସୁପାତ୍ର ଖୋଜି ଭଲରେ ବାହାଘର କରିବା । ମୋ ପୁଅ ଝିଅ ବଡ ହୋଇ ବିବାହ ଯୋଗ୍ୟ ହୋଇଯିବାପରେ ପ୍ରସ୍ତାବ ଖୋଜା ହେଲା । ଇଚ୍ଛା ଥିଲା (ମୋ ଭାଇ ଭଉଣୀଙ୍କ ବାହାଘର ଭଳି) ସୁଯୋଗ ମିଳିଲେ ଏକାଥରେ ବାହାଘର କରିଦେବା ପାଇଁ । ଛ' ଆଠ ମାସର ଖୋଜାଖୋଜି ପରେ, ପ୍ରଥମେ ପୁଅ ପାଇଁ ଠିକ ହୋଇଗଲା । ଭୁବନେଶ୍ବର ନିବାସୀ ଶ୍ରୀ ପଙ୍କଜ ପ୍ରତାପ ଦେବ ଙ୍କ ଏକମାତ୍ର କନ୍ୟା ଏଲ୍ଲିନା ଙ୍କ ସହ । ଜୁଲାଇ ୧୫, ୨୦୧୮ ରେ ନିର୍ବନ୍ଧ ହେଲା (ବାପୁଜୀ ନଗର ସ୍ଥିତ ଏକ ମନ୍ଦିରରେ) । ବାହାଘର ହୋଇଥିଲା ଡିସେମ୍ବର ୨ ତାରିଖ (ରବିବାର), ୨୦୨୮ ରେ (ହୋଟେଲ କଳିଙ୍ଗ ଅଶୋକା ପରିସର ମଧ୍ୟରେ) । ଆମ ପକ୍ଷରୁ ପ୍ରୀତିଭୋଜନ ଅଭ୍ୟର୍ଥନା, ପଟିଆ ସ୍ଥିତ ଆଙ୍ଗନ ମଣ୍ଡପ ରେ ଡିସେମ୍ବର ୫ (୨୦୧୮) ରେ ଆୟୋଜିତ ହୋଇଥିଲା । ବାହାଘର ସମୟରେ ଏଲ୍ଲିନା (ବୋହୂ) ଟି.ସି.ଏସ. ଭୁବନେଶ୍ୱର ଚାକିରି କରୁଥିଲା । କିଛି ମାସ ପରେ ବଦଳି ସମ୍ଭବ ହୋଇଯିବାରୁ, ପୁଅ ବୋହୁ ଉଭୟ ଏବେ ବାଙ୍ଗାଲୋର ରେ କାର୍ଯ୍ୟରତ ।

ଝିଅ ବାହାଗର ପାଇଁ ବରପାତ୍ର ଖୋଜିବାରେ ବିଳମ୍ବ ହେଲା, ପୁଣି ନିର୍ବନ୍ଧ ଓ ବାହାଘର ତାରିଖ ଠିକ କରିବାରେ କୋଭିଡ୍ କଟକଣା ଅଧିକ ପ୍ରତିବନ୍ଧକ ସାଜିଥିଲା । ସମୁଦୀ (ଶ୍ରୀ ଅକ୍ଷୟ କୁମାର ନାୟକ) ରାଉରକେଲା ନିବାସୀ ଜଣେ ଅତ୍ୟନ୍ତ ଭଦ୍ରବ୍ୟକ୍ତି ଥିଲେ । ସେମାନେ ସମସ୍ତ ସହଯୋଗ କଲେ । ନିର୍ବନ୍ଧ ରାଉରକେଲା ହନୁମାନ ବାଟିକରେ (ମାର୍ଚ୍ଚ ୭, ୨୦୨୧) ନିରାଡମ୍ବର ଭାବରେ କିନ୍ତୁ ଅତ୍ୟନ୍ତ ଶୃଙ୍ଖଳାରେ ସମାପନ ହୋଇଥିଲା । ଉଭୟ ପରିବାର ନିଷ୍ପତ୍ତି ନେଲୁ ବାହାଘର ମଇ ମାସ ୫ ତାରିଖ ରେ କରିବାକୁ । ଉଭୟ ପକ୍ଷ ପ୍ରସ୍ତୁତ ହେଉଥିଲୁ ବାହାଘର ଦିନ ପାଇଁ । ଭୁବନେଶ୍ବର ରେ ହୋଟେଲ ପାଇଁ ଅଗ୍ରୀମ ଦେଇସାରିଥିଲୁ । କିନ୍ତୁ ବାହାଘର ଠିକ ପୂର୍ବ ଦିନ ସରକାରୀ କଟକଣା ଲାଗିଗଲା କୋଭିଡ୍ ପାଇଁ । ବାହାଘର ଆୟୋଜନ ୫୦ ଜଣ ମଧ୍ୟରେ ସୀମିତ ରହିବ । ରାସ୍ତାରେ ଯାତାୟାତ ସମ୍ପୂର୍ଣ ବନ୍ଦ ହୋଇଗଲା । ଆମର ଭାଳେଣି ପଡିଗଲା । ଏତେ କମ ଲୋକରେ କେମିତି ବାହାଘର ହେବ, କେଉଁ ବନ୍ଧୁଙ୍କୁ ମନା କରିବା ନ ଆସିବା ପାଇଁ ? ସମୁଦୀ ସମୁଦୁଣି ସହଯୋଗ କଲେ । ରାଉରକେଲା (ଝାରସୁଗୁଡା ଦେଇ) ବିମାନ ଯୋଗେ ପହଞ୍ଚିଗଲେ । ମୋ ଅନ୍ତରଙ୍ଗ ବନ୍ଧୁ ମାନେ

ସରକାରୀ ଅନୁମୋଦନ ଆଣିଦେବାରେ ସହଯୋଗ କଲେ । ବାହାଘର ସମ୍ପନ୍ନ ହୋଇପାରିଲା । ଦୁଇଟି ଗାଡ଼ି (ଇନୋଭା) ରେ ସେମାନେ ରାଉରକେଲା ଫେରିବା ପାଇଁ ଅନୁମତି ପାଇଲେ ।

ମୁଁ ବାହାଘର ୧୫/ ୨୦ ଦିନ ପରେ (ସେହି କୋଭିଡ଼ କଟକଣା ମଧ୍ୟରେ) ଟ୍ରେନ ଯୋଗେ ରାଉରକେଲା ଯାଇ ସାକ୍ଷାତ କରି ଫେରିଥିଲି । ଅଭୂଲା ରହିଛି ସେ ଅନୁଭୂତି ।

ପୁଅ ବାହାଘର ଅଭ୍ୟର୍ଥନା

ଝିଅ ବାହାଘର ଅଭ୍ୟର୍ଥନା

୨୦ |

ବିଦେଶ ଭ୍ରମଣ ଅନୁଭୂତି

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୧ବର୍ଷ ଅଧ୍ୟାପନା ସମୟରେ ଥରେ ହେଲେ ମୋତେ ବାହାର ଦେଶକୁ ଯିବାର ସୁଯୋଗ ମିଳିନଥିଲା। ମୁଁ ବ୍ରହ୍ମପୁର ଛାଡ଼ି ଭୁବନେଶ୍ୱର ଆସି କିଟ ବିଶ୍ୱବିଦ୍ୟାଳୟ ରେ ପ୍ରଫେସର ଭାବେ (୨୦୦୭ରେ) ଯୋଗ ଦେବାପରେ, ବିଦେଶ ଗ୍ରସ୍ତ ପାଇଁ ଅନେକ ସୁଯୋଗ ମିଳିଲା। ସେଥିରୁ କିଛି ସୁଯୋଗ, ନିଜ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଥିଲା। ମୁଖ୍ୟତଃ ଗବେଷଣା ସମ୍ପର୍କିତ ବିଦେଶ ଭ୍ରମଣ ସମୟର ମୋର କିଛି ଅନୁଭୂତି ଏଠାରେ ଉଲ୍ଲେଖ କରୁଛି । ଏଥିରେ ଥିବା ସୂଚନା ପଠନ ଯୋଗ୍ୟ ହେବ ବୋଲି ଆଶା ।

ଭୁଟାନ:

ହିମାଳୟ ପର୍ବତାଞ୍ଚଳର ଛୋଟିଆ ଶାନ୍ତିପ୍ରିୟ ଦେଶ ଭୁଟାନ। ସେ ଦେଶକୁ ଯିବାପାଇଁ ଭାରତୀୟ ମାନଙ୍କୁ ବିଶେଷ କିଛି କଟକଣା ନଥାଏ। ମୁଁ ମୋ ପରିବାର ସହ (ଜୁନ,୨୦୧୨) କେବଳ ପରିଭ୍ରମଣ ଲକ୍ଷ୍ୟରେ ଯାଇଥିଲେ ହେଁ, ସେଠାକାର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲି। ଆମେ ପଶ୍ଚିମବଙ୍ଗ ସୀମାନ୍ତ ଜୟ ଗାଁ ପର୍ଯ୍ୟନ୍ତ ଟ୍ରେନ ଯୋଗେ ଯାଇ, ସେଠାରୁ ଫୁଏନ୍ ସୋଲିଙ୍ଗ ସହର ସୀମା ଦ୍ୱାର ମଧ୍ୟ ଦେଇ ଭୁଟାନ ପ୍ରବେଶ କରିଥିଲୁ। ମୋର ଛାତ୍ର (ରବି ଜୈନ) ସେହି ସୀମାନ୍ତ ସହରରେ ରହୁଥିଲା । ତେଣୁ ସେ ଆମ ପାଇଁ ସେଠାରୁ ଗାଡି ଓ ଡ୍ରାଇଭର ଯୋଗାଡ଼ କରିଦେଇଥିଲା। ଭୁଟାନ ଟଙ୍କା ମଧ୍ୟ କିଛି ଦେଇଥିଲା। ପାହାଡ଼ିଆ ଘାଟି ରାସ୍ତାରେ 3-4 ଘଣ୍ଟା ଯିବା ପରେ, ସନ୍ଧ୍ୟା ସୁଦ୍ଧା ଆମେ ପାରୋ ସହରରେ ପହଞ୍ଚିଥିଲୁ। ସେଠି ଗୋଟିଏ ରାତି ରହି ଭୁଟାନ ରାଜଧାନୀ ଥିମ୍ପୁ ସହରରେ ପହଞ୍ଚିଲୁ। ସେଠାରେ ଦୁଇ ରାତି ରହି ବିଭିନ୍ନ ସ୍ଥାନ ବୁଲି ଦେଖିଲୁ। ସବୁ ସ୍ଥାନ ଗୋଟିଏ, ଗୋଟିଏ ପୃଥକ ପାହାଡ଼ ଉପରେ ଥିବାରୁ, ଘାଟି ରାସ୍ତାରେ ଯିବା ଆସିବା କରି ମୁଁ ଟିକେ ଅସୁସ୍ଥ ହୋଇପଡିଲି। ଉଚ୍ଚ ଯାଗାରେ ନିଶ୍ୱାସ ନେବାରେ କଷ୍ଟ ହେଲା। ତେଣୁ ଆମେ ଖୁବ ଶୀଘ୍ର ଭାରତ ସୀମାନ୍ତ ସମତଳ ଅଞ୍ଚଳର ସହର ଫୁଏନ୍ ସୋଲିଙ୍ଗ କୁ ଫେରି ଆସିଲୁ।

ଡ୍ରାଇଭର ପ୍ରାପ୍ୟ ଓ ରବି ଦେଇଥିବା ଟଙ୍କା ଫେରସ୍ତ କରି ଆମେ କଲିକତା ଦେଇ ଭୁବନେଶ୍ୱର ଫେରିଆସିଲୁ।

ବାହାର ଦେଶରେ ବୁଲା ବୁଲି ସାରିବା ପରେ, ଘରେ ପହଞ୍ଚିବା ପରେ, ନିଜ ଘର, ନିଜ ଜାଗା, ନିଜ ଜଳବାୟୁ କେତେ ଯେ ଭଲ ଲାଗିଲା, ତାହା କହି ହେବନାହିଁ। ସବୁଠୁ ସୁନ୍ଦର ଆମ ନିଜ ଗାଁ, ଆମ ନିଜ ଘର ।

ନେପାଳ:



ନେପାଳ ଗ୍ରସ୍ତ ଏକ ଗବେଷଣା ସମ୍ମିଳନୀ ରେ ଯୋଗ ଦେବା ଅବସରରେ (୨୦୧୯ ରେ) ହୋଇଥିଲା। ନେପାଳ ରାଜଧାନୀ କାଠମାଣ୍ଡୁ ସ୍ଥିତ ତ୍ରିଭୁବନ ବିମାନବନ୍ଦର ରୁ ଆମକୁ ନେଇ, ସ୍ଥିରୀକୃତ ହୋଟେଲ (ୟେଲୋ ପାଗୋଡା) ରେ ରଖିବା ଦାୟିତ୍ୱ ସ୍ଥାନୀୟ ଅନୁଷ୍ଠାନ ନେଇଥିଲେ। ପ୍ରଥମ ଦୁଇଦିନ ଆମେ (ଭୁବନେଶ୍ୱର କିଟ ଅନୁଷ୍ଠାନର ଆଉ ଚାରିଜଣ ସହକର୍ମୀ) ପାଖ-ଆଖର କିଛି ଦର୍ଶନୀୟ ସ୍ଥାନ ବୁଲି ଦେଖିବାକୁ ଯାଇଥିଲୁ। ପୃଥିବୀର ଏକମାତ୍ର ହିନ୍ଦୁରାଷ୍ଟ୍ର ହେଉଛି ନେପାଳ। କାଠମାଣ୍ଡୁ ସ୍ଥିତ ପ୍ରଖ୍ୟାତ ପଶୁପତିନାଥ ମନ୍ଦିର ସହ ପ୍ରାଚୀନ ହିନ୍ଦୁ ସାମ୍ରାଜ୍ୟର ଅଂଶାବଶେଷ (ଭକ୍ତପୁର, ବସନ୍ତପୁର ଅଞ୍ଚଳରେ) ଦେଖି ଆମେ ଆତ୍ମବିଭୋର ହୋଇଥିଲୁ। ତାହାର ନିର୍ମାଣ କଳା, ସଂସ୍କୃତି ସତରେ ପ୍ରଶଂସନୀୟ। ଏହି ସ୍ଥାନ ଗୁଡିକରେ ଅନେକ ହିନ୍ଦୀ ସିନେମା ସୁଟିଙ୍ଗ ହୋଇଛି । ସେଠାକାର (ନେପାଳର) ମହିଳାମାନେ (ଆମ ଦେଶ ତୁଳନାରେ) ଅଧିକ ସ୍ୱାବଲମ୍ବି। ମହିଳା ସଶକ୍ତିକରଣ କଥା ସେଠାରୁ ଶିଖିବାର କଥା। ଆମର ଯିବା ଓ ଆସିବା ଦିଲ୍ଲୀ ଦେଇ, ଆକାଶ ପଥରେ ହୋଇଥିଲା। ସେହି ବିମାନଯାତ୍ରା ସମୟରେ ବରଫାବୃତ ହିମାଳୟର କିଛି ଗିରିଶୃଙ୍ଗ ଦେଖି ଚମକୃତ ହୋଇଥିଲି। ନେପାଳ ଗସ୍ତ ଓ ରହଣି ଖୁବ ସୁଖଦ ରହିଥିଲା । ଭଲ ଲାଗିଥିଲା ନେପାଳ ଗସ୍ତ ।

ମାଳଦ୍ବୀପ (ମାଲଡିଭସ):



ଶତାଧିକ ଛୋଟ ଛୋଟ ଦ୍ବୀପକୁ ନେଇ ଗଠିତ, ଛୋଟିଆ ଏକ ଦେଶ ହେଉଛି ମାଳଦ୍ବୀପ। ବର୍ତ୍ତମାନ ମୁସଲମାନ ସମ୍ପ୍ରଦାୟ ଅଧିବାସୀ ଓ

ଗଣତନ୍ତ୍ର ସରକାର ସେଠାରେ ଶାସନ କରୁଛନ୍ତି । ଦିଭେଦି ହେଉଛି ସେମାନଙ୍କର ରାଷ୍ଟ୍ର ଭାଷା, ରୁଫିଆ ହେଉଛି ତାଙ୍କ ପ୍ରଚଳିତ ମୁଦ୍ରା। ଏହି ଦ୍ବୀପ-ଦେଶକୁ ଦୁଇଥର ଯିବାର ସୁଯୋଗ ମିଳିଛି ମୋତେ (୨୦୧୯, ୨୦୨୨ ରେ), ଉଭୟଥର ମୋ ଗବେଷଣା ସମ୍ପର୍କିତ ସମ୍ମିଳନୀ ପାଇଁ। ଏହି (ଗବେଷଣା ସମ୍ପର୍କିତ) ସମ୍ମିଳନୀରେ ଭାରତ ସହ ଆଠଟି ଅନ୍ୟଦେଶର ସଦସ୍ୟ ଯୋଗ ଦେଇଥିଲେ। ଦେଶଟି ଛୋଟ ହୋଇଥିଲେ ମଧ ନୀଳ ଜଳରାଶି ପରିବେଷ୍ଟିତ ଏହି ଦ୍ବୀପପୁଞ୍ଜର ପ୍ରାକୃତିକ ଶୋଭା ଅବର୍ଣ୍ଣନୀୟ। ଡିଜେଲ ଜେନେରେଟରରୁ ମିଳୁଥିବା ବିଜୁଳିରେ ଦେଶର ଦ୍ବୀପ ଗୁଡିକ ଆଲୋକିତ ହୁଏ। ଗୋଟିଏ ଦ୍ବୀପରୁ ଆଉ ଗୋଟିଏ ଦ୍ବୀପକୁ ଯିବାପାଇଁ ଫେରି-ଘାଟ ସବୁ ସୁସଂଗଠିତ ଓ ସୁସଂଯୋଜିତ। ମୋତେ ଖୁବ ଭଲ ଲାଗିଥିଲା ଫେରି ଘାଟରୁ ଯାତ୍ରୀ ବାହୀ ମଟର ବୋଟ ଯୋଗେ ଗୋଟିଏ ଦ୍ଵିପ ରୁ ଆଉ ଗୋଟାକୁ ଯିବାକୁ । ଛୋଟ, ଛୋଟ ଅନେକ ଦ୍ଵିପ ରହିଛି ସେଠାରେ । ମାତ୍ର 200-400 ମଧ୍ୟରେ ଜନସଂଖ୍ୟା ଥିବା ଅନେକ ଦ୍ଵିପ ସେଠାରେ ଦେଖିବାକୁ ମିଳିବ ।

ମାଳଦ୍ବୀପ ଜାତୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆମ ସମ୍ମିଳନୀ ଦୁଇଥର ଯାକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଦ୍ବୀପ ମାଲେ ସହରରେ ଏହା ଅବସ୍ଥିତ। ଏଥି ସହିତ ପାଖ,ଆଖର ଅନ୍ୟ ୫,୬ ଟି ଦ୍ବୀପକୁ ଯାଇ ପ୍ରାକୃତିକ ଶୋଭା ଦେଖିବାର ସୁଯୋଗ ମିଳିଥିଲା। ଆକାଶରୁ ଛୋଟ, ଛୋଟ ଦ୍ବୀପ ସବୁ ଏକ ମାଳ ଭଳି ଦେଖାଯାଏ ଏହି ଦେଶ, ତେଣୁ ବୋଧେ ଏହାର ନାମ ମାଳଦ୍ବୀପ।

ବଙ୍ଗଳାଦେଶ

(ଜୁନ ୨୦୨୨):



ଆମେ ଯେଉଁ ଏକ ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହ ମିଳିତ ହୋଇ ପ୍ରୋଜେକ୍ଟ ନେଇଥିଲୁ, ତାହାର ସଭା-ସମିତି ଦକ୍ଷିଣ-ଏସୀୟ ଦେଶ ଗୁଡ଼ିକରେ କରାଯାଇ ସ୍ଥାନୀୟ ସ୍ଥିତି (କୃତ୍ରିମ ସାର ପ୍ରୟୋଗ ଜନିତ ସାସ୍ଥ୍ୟବ୍ୟ କୁପ୍ରଭାବ ଉପରେ ଏକ ଗବେଷଣା) ଅନୁଧ୍ୟାନ ଉଦେଶ୍ୟରେ ବଙ୍ଗଳାଦେଶର ଢାକା ସହର ଯିବାକୁ ହୋଇଥିଲା, ଚାରିଦିନ ପାଇଁ। ଭୁବନେଶ୍ବର ରୁ କଲିକତା ଏବଂ ସେଠାରୁ ଢାକା । ଏହି ଢାକା ସହର, କଲିକତା ଭଳି ଅବିକଳ ଚାଲି ଚାଳନ ଓ ପ୍ରବଳ ଜନଗହଳି । ସେହିଭଳି ଚାଲିଚଳଣ ଦେଖିଲେ ମାନେ ହେବ ଆମେ ସତେ ଏବେ ଭାରତ ଭିତରେ ଅଛେ ।

ଢାକା ସହରରେ ରହିଥିବା ସମୟରେ କିଛି ହିନ୍ଦୁମନ୍ଦିର ସହ, ଆଉ କିଛି ଐତିହାସିକ ସୌଧ ବୁଲି ଦେଖିଥିଲୁ। ଢାକା ବିଶ୍ୱବିଦ୍ୟାଳୟ ର ଏକ ଛାତ୍ରାବାସର ନାମ ଏ ପର୍ଯ୍ୟନ୍ତ "ଜଗନ୍ନାଥ ଛାତ୍ରାବାସ" ରହିଥିବା ଦେଖି ଆଶ୍ଚର୍ଯ୍ୟ ଲାଗିଲା ଓ ଅତ୍ୟନ୍ତ ଖୁସି ମଧ୍ୟ ଲାଗିଥିଲା । ଢାକା ସହରର ଦୁଇଜଣ (ବାଙ୍ଗଲାଦେଶୀ) ଅଧ୍ୟାପକ ମୋର ଛାତ୍ର ଥିଲେ (ଓମାର ଫାରୁକ ଓ ପରଭେଜ)। ସେମାନେ ଢାକା ସହର ମୋତେ ବୁଲାଇ ନେବା ସହ (ପଦ୍ମା ନଦୀର) ଭଲ ମାଛ-ଚିଙ୍ଗୁଡି ତରକାରୀ ଖୁଆଇଥିଲେ। ସେଠାକାର ପ୍ରବଳ ଜନଗହଳି ମୋତେ ଭଲ ଲାଗିଲା ନାହିଁ । ଏବେ ସେଠାକାର ରାଜନୈତିକ ସ୍ଥିତି ଏତେ ଭଲ ନାହିଁ ।

ଶ୍ରୀଲଙ୍କା

(ଅକ୍ଟୋବର, ୨୦୧୯, ୨୦୨୩)

ମୁଁ ସମ୍ପୃକ୍ତ ଥିବା ଗବେଷଣା ସମ୍ପର୍କିତ ସମ୍ମିଳନୀ ପାଇଁ ଶ୍ରୀଲଙ୍କା ଦୁଇଥର ଯିବାପାଇଁ ସୁଯୋଗ ମିଳିଥିଲା। ପ୍ରଥମେ ୨୦୧୯ରେ ଓ ପୁଣିଥରେ ୨୦୨୩ ରେ। ଶ୍ରୀଲଙ୍କା ସହ ଭାରତର ସମ୍ପର୍କ ଉଭୟ ଐତିହାସିକ ଏବଂ ପୌରାଣିକ ମଧ୍ୟ। ସମ୍ରାଟ ଅଶୋକଙ୍କ ନିର୍ଦ୍ଦେଶରେ ସେଠାରେ ବୌଦ୍ଧଧର୍ମ ର ପ୍ରଚାର ପ୍ରସାର ହୋଇଥିବା ବେଳେ, ଶ୍ରୀଲଙ୍କା ତାମିଲନାଡୁ ପ୍ରଦେଶର ଅତି ନିକଟରେ ଅବସ୍ଥିତ ଥିବାରୁ ସେଠାରେ (ଉତ୍ତର ଶ୍ରୀଲଙ୍କାରେ) ତାମିଲ ଭାଷାଭାଷି ଅଧିବାସୀ ଅନେକ ରହୁଛନ୍ତି। ତେଣୁ ଭାରତୀୟ ଯାତ୍ରୀଙ୍କୁ ସେଠାରେ ଭାରତର ସଂସ୍କୃତି କିଛି ମାତ୍ରାରେ ଦେଖିବାକୁ ମିଳିପାରେ। କିନ୍ତୁ ଏଠାରେ ନିଶ୍ଚୟ ଉଲ୍ଲେଖ କରାଯିବା ଉଚିତ ଯେ ଶ୍ରୀଲଙ୍କାର ନିଜସ୍ୱ (ପ୍ରାଚୀନ) ସଂସ୍କୃତି ଯାହା ଅଛି ତାହା ଅତ୍ୟନ୍ତ ନିଆରା, ଓ ପ୍ରଶଂସନୀୟ।

ଆମେ ପ୍ରଥମ ଥର କଲମ୍ବୋ ସହରରେ ତାଜ-ସମୁଦ୍ର ହୋଟେଲରେ ରହିଥିଲୁ ଏବଂ ସେଠାକାର ମୁଖ୍ୟ ପ୍ରେକ୍ଷାଳୟ (ଅଡିଟୋରିୟମ) ରେ ଆମ ସଭା କରିଥିଲୁ। ପ୍ରଥମ ସଭାରେ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ, ଉପ-ରାଷ୍ଟ୍ରପତି ତଥା ବରିଷ୍ଠ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସେଠାରେ ଆମ ପାଇଁ କରାଯାଇଥିଲା। ଆମମାନଙ୍କୁ ପ୍ରତିଥର ହୋଟେଲରୁ ଅଡିଟୋରିୟମ୍ ପର୍ଯ୍ୟନ୍ତ କଡ଼ା ପୋଲିସ ସୁରକ୍ଷା ସହ ନିଆଯାଉଥିଲା। (କାରଣ ଆମ ସହ ଅନେକ ବିଦେଶୀ ନାଗରିକ ମଧ୍ୟ ସେହି ସମ୍ମିଳନୀରେ ଯୋଗ ଦେଇଥିଲେ।)

ସଭା, ଗବେଷଣା ସହ ଆମେ ପାଖଆଖର ଦର୍ଶନୀୟ ସ୍ଥାନ ସବୁ ବୁଲି ଦେଖିଥିଲୁ। ମୁଁ ନିଜେ (ମୋ ବ୍ୟକ୍ତିଗତ ସମ୍ପର୍କରୁ) ଦୁଇଟି ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଯାଇ ବୁଲି ଦେଖିଥିଲି। ଅନେକ ପ୍ରାଚୀନ ବୌଦ୍ଧବିହାର ଦେଖିବା ସୁଯୋଗ ମିଳିଥିଲା। ବୌଦ୍ଧ ଗୁରୁମାନଙ୍କର ସେଠାକାର ରାଜନୀତିରେ ବିଶେଷ ପ୍ରଭାବ ରହିଛି। ଶ୍ରୀଲଙ୍କା ଦେଶ, ଜାତି/ଭାଷାଗତ ବିବାଦରେ ବର୍ଷ ବର୍ଷ ଧରି ସମସ୍ଯା ରେ ବୁଡ଼ି ରହିଥିଲା। ଏବେ (୨୦୧୯-୨୨ ମଧ୍ୟରେ) ଦେଶଟି ଆର୍ଥିକ ସଙ୍କଟରେ ବୁଡ଼ି ରହିଛି। କିନ୍ତୁ ମୋର ବ୍ୟକ୍ତିଗତ ଅନୁଭୂତି, ସେଠାକାର ଅଧିବାସୀ ସାଧାରଣତଃ ଭଦ୍ର, ସଚ୍ଚୋଟ୍ ଓ ସଂସ୍କୃତି ସମ୍ପର୍ଣ୍ଣ। ପୁଣି ବଳିଷ୍ଠ ରାଜନୈତିକ ନେତୃତ୍ୱ ମିଳିଲେ ଏହି ଦେଶ ପୁନଃ ବିକଶିତ ହୋଇପାରିବ।

ପ୍ରଥମ ଥର ବୁଲି ଯାଇଥିବା ବେଳେ ସାଙ୍ଗରେ ମୋ ଝିଅ ଯାଇଥିଲା । ସେହି ସମୟରେ ଜେନ ଅତ୍ୟନ୍ତ ଭଦ୍ର ଅଟୋ ଚାଳକ ସହ ପରିଚୟ ହୋଇଥିଲା । ମୁଁ ତା ଘରକୁ ଯାଇଥିଲି । ବୌଦ୍ଧ ଧର୍ମାବଲମ୍ବୀ ଥିଲା ସେ । ତା ଅଟୋ ରେ ଆମେ ଦୁଇ ଦିନ କଲୋମ୍ବୋ ସହର ର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିଥିଲୁ ।

ପୁଣିଥରେ ୨୦୨୩ ରେ ଶ୍ରୀଲଙ୍କା ଯିବା ସମୟରେ ମୋ ସହ ପତ୍ନୀ ଯାଇଥିଲେ । ଆମେ ପେରେଡାନିୟା ସହର ରେ ରହିବା ସହ ସେଠାକାର ବିଶ୍ୱବିଦ୍ୟାଳୟ ରେ ସଭା କରିଥିଲୁ । ସେଠାରେ ରହିବା ସମୟରେ (ଶ୍ରୀଲଙ୍କା ର ଇଂଲଣ୍ଡ କୁହାଯାଉଥିବା) ନୁଏରା ଏଲ୍ଲିୟା ସହର (ଶୈଳ ନିବାସ) ବୁଲି ଯାଇଥିଲୁ । ଇଂରେଜ ଶାସନ ସମୟରେ ଏହି ସ୍ଥାନରେ ଇଂରେଜ ଶାସନ ଉଚ୍ଚ ପଦାଧିକାରୀ ମାନେ ରହୁଥିଲେ । ସେହି ସମଯରୁ ଏଠାରେ ଚା' ବଗିଚା, ରେସ କୋର୍ସ ଇତ୍ୟାଦି ପ୍ରଖ୍ୟାତ । ପୌରାଣିକ ବର୍ଣ୍ଣନା ଅନୁଯାୟୀ ସୀତା ମାତା ଙ୍କୁ ଅଟକ ରଖିଥିବା ଅଶୋକ ବନ ଏହିଠାରେ ବୋଲି ବିଶ୍ୱାସ କରାଯାଏ । ସେହି ସ୍ଥାନରେ ରହିଛି (ନିର୍ମାଣ ହୋଇଛି) ସିତା ମାତାଙ୍କ ମନ୍ଦିର । ନୁଏରା ଏଲ୍ଲିୟା ସହର (ଶୈଳ ନିବାସ) ଖୁବ ଭଲ ଲାଗିଲା । ଆମେ କଲମ୍ବୋ ରୁ ଚେନ୍ନାଇ ଦେଇ ଭୁବନେଶ୍ବର ଫେରିଲୁ ।

ସିଙ୍ଗାପୁର (୨୦୧୫)



ଅଷ୍ଟ୍ରେଲିଆ ଯିବା ବାଟରେ ଗୋଟିଏ ଦିନ ବିତେଇବାର ସୁଯୋଗ ମିଳିଥିଲା। ସିଙ୍ଗାପୁରରେ ୨୦୧୫ ମସିହାରେ ରେ। ସେହି ବର୍ଷ ସିଙ୍ଗାପୁର

ଦେଶ ସ୍ୱାଧୀନତାର ସ୍ୱର୍ଣ୍ଣଜୟନ୍ତୀ (୫୦ ବର୍ଷ ପୂର୍ତ୍ତି) ପାଳନ କରୁଥାଏ। ତେଣୁ ଅନ୍ୟ ଦେଶର ନାଗରିକମାନଙ୍କୁ ସେତେବେଳର ସରକାରଙ୍କ ତରଫରୁ ମାଗଣାରେ ଦ୍ବୀପ ଭିତରକୁ ପାଛୋଟି ନେଇ, ସେମାନଙ୍କୁ ଟୁରିଷ୍ଟ ବସ ଯୋଗେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇ ଦେଖାଇବାର ବ୍ୟବସ୍ଥା କରିଥାନ୍ତି। ସେହି ଯୋଜନା ଅନ୍ତର୍ଗତ ସେବା ମୁଁ ପାଇପାରିଥିଲି ସେହିଦିନ । ଗୋଟିଏ ଦିନ ହିଁ ରହିଥିଲେ ହେଁ ଖୁବ ଭଲ ଲାଗିଥିଲା ମୋତେ ଏହି ଛୋଟିଆ ଦ୍ବୀପଦେଶ। ଭଦ୍ର ଓ ଶୃଙ୍ଖଳିତ ନାଗରିକ, ଅତି ପରିଷ୍କାର ପରିବେଶ ଓ ରାସ୍ତାଘାଟ। ଅର୍ଥନୀତି ଓ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଏବେ ଏହି ଦେଶ ଅଗ୍ରଣୀ । ବାଣଜ୍ୟ ବ୍ୟବସାୟ ବଢ଼ିବା ସାଙ୍ଗକୁ ଜନସଂଖ୍ୟା (ବିଦେଶୀ କର୍ମଚାରୀ ମାନଙ୍କ ସଂଖ୍ୟା) ବଢୁଥିବାରୁ, ସମୁଦ୍ରରେ ମାଟି ପୋତି ଏହି ଦେଶର ସ୍ଥଳଭାଗ ଏବେ ବୃଦ୍ଧି କରାଯାଇଛି। ଏକ ଚତୁର୍ଥାଂଶ ଭାଗ ଏହିପରି ଭାବେ ଭୌଗୋଳିକ ପରିସୀମା ବୃଦ୍ଧି କରାଯାଇଛି (ଯେପରି, ମାଳଦ୍ବୀପର ମାଲେ ସହରର ଆୟତନ ବୃଦ୍ଧି କରାଯାଉଛି, ଚାରିପଟେ ପ୍ରସସ୍ତ ରାସ୍ତା କରିବା ପାଇଁ ସମୁଦ୍ର ପୋତା ଯାଉଛି)। ସିଙ୍ଗାପୁରର ଜନସଂଖ୍ୟା ମାତ୍ର ୫୬ ଲକ୍ଷ, ଯାହା ଭାରତର ବଡ଼ ବଡ଼ ସହରର ଜନସଂଖ୍ୟାର ଅଧାରୁ ବି କମ୍। ସିଙ୍ଗାପୁରର (ଚାଙ୍ଗି) ବିମାନବନ୍ଦର ଖୁବ୍ ବଡ଼, ବ୍ୟସ୍ତବହୁଳ ଓ ଖୁବ୍ ମନଲୋଭା। କେବଳ ବିମାନବନ୍ଦର ଭିତରେ ବୁଲୁଥିଲେ ବି ସମୟ ଖୁସିରେ କଟିଯାଇପାରିବ।

ସିଙ୍ଗାପୁର ଏପରି ଏକ (ଛୋଟ) ଦେଶ, ଯେଉଁଠି ଅନେକ ଲୋକ ଏମିତି ଅଛନ୍ତି ଯେଉଁମାନେ କୌଣସି ବି ଧର୍ମର ନୁହଁନ୍ତି (ସମୁଦାୟ ଜନସଂଖ୍ୟା ର ୨୦% ଏହି ବର୍ଗର)। ଏହି ଦେଶରେ ସର୍ବାଧିକ (୩୦%) ବୌଦ୍ଧ ଧର୍ମାବଲମ୍ବୀ ହୋଇଥିବାବେଳେ, ୧୯% ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟନ୍ତି। ତାମିଲ ଭାରତୀୟ (ମୂଳ ବାସିନ୍ଦା) ଙ୍କ ସଂଖ୍ୟା ମଧ୍ୟ ପ୍ରଣିଧାନ ଯୋଗ୍ୟ ।

ସିଙ୍ଗାପୁର ସହର ବୁଲିବାପରେ ସେହିଦିନ ରାତିରେ ହିଁ ମୁଁ ଅଷ୍ଟ୍ରେଲିଆର ଆଡିଲେଡ଼ ସହରକୁ ଯାଇଥିଲି, ଚାଙ୍ଗି ବିମାନବନ୍ଦରରୁ ସିଲ୍କ ଏୟାର ବିମାନ ଯୋଗେ।

ଆଡିଲେଡ୍, ଅଷ୍ଟ୍ରେଲିଆ (୨୦୧୫)



ଆମେ ତ ଜାଣିଛେ ଅଷ୍ଟ୍ରେଲିଆ ଏକ ବିଶାଳ ଭୂଖଣ୍ଡ, ଲୋକସଂଖ୍ୟାର ଅନୁପାତ (ସମୁଦାୟ ଆୟତନ ବିଚାରକୁ ନେଲେ) ଭରତ ଅପେକ୍ଷା ଖୁବ୍ କମ। ପ୍ରାକୃତିକ

ସମ୍ପଦରେ ଭରା ଅତି ସୁନ୍ଦର ଏହି ଦେଶ. ବ୍ରିଟିଶ ଶାସନାଧିନ ଥିଲା ବହୁ ବର୍ଷଧରି ।

ମୁଁ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆଡିଲେଡ଼ ଯାଇଥିଲି । ଓଲ୍ହେଇଲା ବେଳକୁ ଝିପି ଝିପି ବର୍ଷା ସହ, ମେଘୁଆ ଆକାଶ ଓ ଅଳ୍ପ ଶୀତ ଥିଲା । ଚାରିପଟର ଦୃଶ୍ୟ ଅତି ମନୋରମ ଥିଲା । ଆମ ସଭା ସହରର ମୁଖ୍ୟ ପ୍ରେକ୍ଷାଳୟ (ଆଡିଲେଡ଼ କାନଭେନ୍ସନ ସେଣ୍ଟର) ରେ ଆୟୋଜିତ ହୋଇଥିଲା । ବିମାନ ବନ୍ଦରରୁ ସହରର ମଧ୍ୟସ୍ଥଳ ଭିକ୍ଟୋରିଆ ଛକ ପର୍ଯ୍ୟନ୍ତ ସ୍ଥାନୀୟ ବସ ରେ ଯିବା ପାଇଁ ସ୍ଥିର କଲି । ଜଣେ ହୃଷ୍ଟ ପୃଷ୍ଟ ମହିଳା ବସ ଡ୍ରାଇଭର ସେ ହିଁ କଣ୍ଡକ୍ଟର । ତାଙ୍କ ଦକ୍ଷତା ଦେଖି ମୁଁ ବିସ୍ମିତ ହୋଇଥିଲି ।

୨୦/୨୫ ଟି ଦେଶର ପ୍ରାୟ ୧୫୦ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ ଏବଂ ଏହି ସମ୍ମିଳନୀକୁ ସ୍ଥାନୀୟ ସରକାର ପ୍ରୋତ୍ସାହନ/ସହାୟତ ଦେଇଥିଲେ । ପ୍ରଥମ ଦିନ ଗଭର୍ଣ୍ଣର ମୁଖ୍ୟ ଅତିଥି ହୋଇ ଯୋଗ ଦେଇଥିବା ବେଳେ ତା ପର ଦିନ ପ୍ରଧାନମନ୍ତ୍ରୀ (ପ୍ରିମିୟର), ଶ୍ରୀ ଜୟ ୱିଥେରିଲ୍ ଯୋଗ ଦେଇଥିଲେ । ସବୁ ପ୍ରତିନିଧି ମାନଙ୍କୁ ଗଭର୍ଣ୍ଣର ନିଜେ ନିମନ୍ତ୍ରଣ ଦେଇଥିଲେ, ତାଙ୍କ ବାସଭବନରେ ଭୋଜିରେ ଯୋଗ ଦେବାପାଇଁ । ରାଜପ୍ରାସାଦ ଭଳି ତାଙ୍କ ସରକାରୀ ବାସଭବନ । ସେଠାକୁ ଯାଇ ନୈଶ୍ୟ ଭୋଜିରେ ଯୋଗ ଦେବା ମୋ ପାଇଁ ଏକ ଅବିସ୍ମରଣୀୟ ଘଟଣା।

ସମୁଦାୟ ଚାରିଦିନ ରହିବା ମଧରେ ଦୁଇଟି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ ପ୍ରସିଦ୍ଧ ଆଡିଲେଡ଼ କ୍ରିକେଟ ଷ୍ଟାଡିୟମ ବୁଲି ଦେଖିଥିଲି ।

ଏହି ସମ୍ମିଳନୀରେ ଖାଇବା ପିଇବା ସେତେ ଭଲ ହୋଇନଥିଲା । ତେଣୁ ଦୁଇଥର ମୁଁ ବାହାରେ କଷ୍ଟେମଷ୍ଟେ ଖାଇ ଚଳେଇ ଦେଇଥିଲି । ସେଠାରେ ଖୋଲାଖୋଲି ଗୋ ମାଂସ ବିକ୍ରି, ରନ୍ଧା ଓ ଭକ୍ଷଣ ହେଉଥିବାରୁ ମୋର ଅରୁଚି ହୋଇଯାଇଥିଲା । କେବଳ ଫଳମୂଳ ଖାଇ ଗୋଟିଏ ରାତି ସେଠାରେ ବିତାଇଦେବାକୁ ପଡିଥିଲା ।

ଆମେରିକା (୨୦୧୩ ଅକ୍ଟୋବର):



ଗୋଟିଏ ଆନ୍ତର୍ଜାତୀୟ ସମ୍ମିଳନୀରେ ମୋର ଗବେଷଣା ସନ୍ଦର୍ଭ ପାଠ କରିବା ପାଇଁ ଆମେରିକାର ମିନେପଲିସ୍- ମିନେସୋଟା ରୁ ନିମନ୍ତ୍ରଣ ଆସିଥିଲା। ଯିବା ପାଇଁ ମୋ ବିଶ୍ୱବିଦ୍ୟାଳୟ (କିଟ୍) ପକ୍ଷରୁ ଆର୍ଥିକ ସହାୟତା ମଧ ମିଳିଗଲା। ହାଇଦ୍ରାବାଦରେ ଦୁଇଦିନ ରହି ଭିସା

ପାଇଁ ଲମ୍ବା ଲାଇନରେ ଛିଡା ହେବାକୁ ପଡ଼ିଲା। ଅନୁଷ୍ଠାନର ଉନ୍ନୟନ ଅଧିକାରୀ ସମାବେଶ ନାୟକ ମୋର ଯିବା ଆସିବା ଟିକେଟ କରିଦେଇଥିଲେ।

ଭୁବନେଶ୍ୱରରୁ ଦିଲ୍ଲୀ ବିମାନ ଯୋଗେ ଅପରାହ୍ନରେ ପହଞ୍ଚିବା ପରେ ସେଠାରୁ ସିକାଗୋ ସହର ପାଇଁ ଏୟାର ଇଣ୍ଡିଆ (ବୋଇଙ୍ଗ) ବିମାନ ରାତି ୧୨ଟା ପରେ ଛାଡ଼ିଲା। ୧୬/୧୭ ଘଣ୍ଟାର ବିମାନ ଯାତ୍ରା ପରେ ଆମେରିକା ମାଟିରେ (ସିକାଗୋ ସହରରେ) ଓହ୍ଲାଇବାର ଆନନ୍ଦମୟ ଅନୁଭୂତି ଅବିସ୍ମରଣୀୟ । ବହୁତ୍ ବଡ଼ ବିମାନ ବନ୍ଦର । ଭିତରେ ହିଁ ଗୋଟିଏ ପାଖରୁ (ଆନ୍ତର୍ଜାତୀୟ ବିମାନ ଟର୍ମିନାଲରୁ ସେମାନଙ୍କର ଘରୋଇ ବିମାନ ଟର୍ମିନାଲ ପର୍ଯ୍ୟନ୍ତ) ଅନ୍ୟପଟକୁ ଯିବା ପାଇଁ ସ୍କାଇ- ରେଲ୍ (ମାଗଣା ସେବା ଉପଲବ୍ଧ) ରେ ଯିବାକୁ ହେବ । ସିକାଗୋରୁ ମିନିଆପଲିସ କୁ (ପୃଥକ ବିମାନରେ) ଯାଇ, ନିର୍ଦ୍ଦିଷ୍ଟ ହୋଟଲରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇ ଆସୁଥାଏ । ଅଳ୍ପ ଶୀତ ଥାଏ। ବାହାରର ଦୃଶ୍ୟ ଅତି ମନୋରମ ଥିଲା। କିନ୍ତୁ ହୋଟେଲ ରେ ପ୍ରବେଶ କଲା ପରେ ଜାଣିଲି ମୋ ହୋଟେଲ ରୁମ୍ ବୁକିଂ ହୋଇପାରିନାହିଁ। ବିଦେଶ ମୁଦ୍ରା ମୋ ପାଖରେ ନଥାଏ କି ସ୍ଥାନୀୟ ମୋବାଇଲ ସିମ୍ ବି ମୋ ପାଖରେ ନଥାଏ। ଟିକେ ଅଡୁଆ ରେ ପଡ଼ିଲି ପ୍ରଥମେ। କିନ୍ତୁ ହୋଟେଲ କାଉଣ୍ଟର ରୁ ଲୋକାଲ ଫୋନ୍ ମାଧ୍ୟମରେ ଆମେରିକାରେ ରହିଥିବା ମୋର ଦୁଇଜଣ ବନ୍ଧୁ (ଦିଲ୍ଲୀପ ରଥ ଓ ତାର ସାନଭାଇ ଆର୍ତ୍ତତ୍ରାଣ ରଥ) ଙ୍କୁ ଯୋଗାଯୋଗ କରିପାରିଲି। ସେମାନେ ମୋ ପାଇଁ ହୋଟେଲ ବୁକିଙ୍ଗ ପ୍ରାପ୍ୟ ସଙ୍ଗେ ସଙ୍ଗେ ଦେଇଦେଲେ। ସେ ପଇସା ମୁଁ ତାଙ୍କ ଘରକୁ ଯାଇ ଫେରାଇ ଦେଇ ଆସିଥିଲି କିନ୍ତୁ ଅଭାବ ଅସୁବିଧା ସମୟରେ ତାଙ୍କ ସାହାଯ୍ଯ ପାଇଁ ମୁଁ ଏଇଠି ସାଧୁବାଦ ଜଣାଇବି ।

ମୁଁ ମୋ ରୁମ୍ ରେ ସାମାନ୍ୟ ବିଶ୍ରାମ ନେବାପରେ ହୋଟେଲ ବାହାରେ ଯାଇ କିଛି ବାଟ ବୁଲିଆସିଲି। (ଜେଟ ଲ୍ୟାଗ ଥକା ପରେ) ବାହାରେ ବୁଲିବା ଯୋଗୁଁ ଟିକେ ଭଲ ଲାଗିଲା। ବାହାରର ସୁନ୍ଦର, ସବୁଜ ଓ ପରିଷ୍କାର ବାତାବରଣ ଦେଖି ଅଭିଭୂତ ହେଲି। ତା ପରେ ମୁଁ ମୋ ଏଟିଏମ କାର୍ଡ ଚାଲୁଛି କି ନାହିଁ ପରୀକ୍ଷା କଲି, ଯାହା ଚାଲୁଥିଲା। କିନ୍ତୁ ଡଲାର ଏଟିଏମ ରୁ ଉଠାଇଲି । ହୋଟେଲ ଇଣ୍ଟରନେଟ୍ ବ୍ୟବହାର କରି ସବୁ ଆଡେ ଫୋନ୍ କଲି ଓ ବାର୍ତ୍ତା ପଠାଇଲି । ବହୁତ୍ ହାଲିଆ ହୋଇଯାଇଥିଲେ ମଧ୍ୟ ପ୍ରଥମ ରାତିରେ କାହିଁକି କେଜାଣି ଆଦୌ ନିଦ ହେଲାନି।

ଦ୍ୱିତୀୟ ଦିନ ସକାଳେ ପୁଣି ବାହାରକୁ ଆଉ ଟିକେ ସାହସ କରି, ଆଉ ଟିକେ ଦୂର ବାଟକୁ ଚାଲିଗଲି । ତଥାପି ଡର ଲାଗୁ ଥାଏ। ଏକା ହଠାତ୍ ଦୁଃସାହସ କରି ଖୁବ୍ ଦୂରକୁ ଚାଲିଯିବା ଠିକ୍ ହେବ ନାହିଁ ବୋଲି ଭାବି ଫେରି ଆସିଲି । ହୋଟେଲ ରେ ହିଁ

ସେମିନାର ଚାଲିଥାଏ। କେତେକ ନୂଆ ବିଦେଶୀ ପ୍ରତିନିଧିଙ୍କ ସହ ପରିଚିତ ହୋଇ, ଭାବର ଆଦାନ ପ୍ରଦାନ ହେଲା । ଭାରତୀୟ ବଂଶଜ ଦୁଇ ପ୍ରଫେସର୍ (ବେନ୍ ବାଲିଗା ଓ ହିରାଲ୍ ଶାହ) ଆମ ମାନଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝୁଥାନ୍ତି। ଭାରତ ରୁ ଯାଇଥିବା ଆଉ ଜଣେ ବରିଷ୍ଠ ପ୍ରଫେସର୍ (ଉପିନ୍ଦର୍ ଧର୍) ଓ ମୋ ପାଇଁ ସେମାନେ ଗୋଟିଏ କାର ଓ ଡ୍ରାଇଭର ଯୋଗାଇ ଦେଲେ । ଆମେ ସେଣ୍ଟ କ୍ଲାଉଡ୍ ବିଶ୍ୱବିଦ୍ୟାଳୟ କୁ (ମିସିସିପି ନଦୀ କୂଳରେ ଅବସ୍ଥାପିତ) ବୁଲିବାକୁ ଗଲୁ ଓ ପ୍ରଫେସର୍ ମାନଙ୍କ ସହ ବିଚାର ବିମର୍ଷ କଲୁ । ବାଟର ଏକ ବହୁତ ବଡ଼ ମଲ୍ (ବଜାର) ବୁଲି ଦେଖିଲୁ। ସେଣ୍ଟ କ୍ଲାଉଡ୍ ବିଶ୍ୱବିଦ୍ୟାଳୟ ନିକଟରେ ନିଜ ଘର କରି ଆର୍ତ୍ତତ୍ରାଣ ରଥ ରହୁଥିଲେ । ସେ ଆମେରିକା ନାଗରିକ ଭଦ୍ରମହିଳା (ଡାନିଏଲା) ଙ୍କୁ ବାହା ହୋଇଛନ୍ତି । କିନ୍ତୁ ତାଙ୍କ ଦୁଇ ଝିଅ ଙ୍କ ର ଭାରତୀୟ ନାମ ଦେଇଛନ୍ତି (ଉଷା ଓ ଇଣ୍ଡିଆ) । ସେ ଜଳଖିଆ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ । ତାଙ୍କ ଘରକୁ ଯାଇ ତାଙ୍କ ଟଙ୍କା ଫେରାଇ ଆସିଥିଲି ।

ତା'ପର ଦିନ ଆମ ସମସ୍ତଙ୍କ (ସମ୍ମିଳନୀ ପ୍ରତିନିଧି ମାନଙ୍କ) ପାଇଁ ଶିଳ୍ପାନୁଷ୍ଠାନ ପରିଭ୍ରମଣରେ ନେଇଥିଲେ । ବିଶ୍ୱ ବିଖ୍ୟାତ 3-M (ମିନେସୋଟା ମାଇନିଙ୍ଗ ଓ ମିନେରାଲ) କମ୍ପାନୀର ନୂତନ ଜ୍ଞାନ କୌଶଳ ର ନମୁନା ସବୁ ଦେଖିଲୁ । ତୃତୀୟ ଦିନରେ ମୋର ଦୁଇଟି ଗବେଷଣା ସନ୍ଦର୍ଭ ପାଠ କରିବାର ଥିଲା । ଭଲ ମଧ ହେଲା । ପଞ୍ଚମ ଦିବସ ରେ ଭାରତ ଫେରିବାର ଥିଲା । ସେହି ଭଳି ପୁନଶ୍ଚ ୧୭/୧୮ ଘଣ୍ଟାର ବିମାନ ଯାତ୍ରା ପରେ ଭାରତରେ ପହଞ୍ଚିଲି । ଆମେରିକା ରେ ସମ୍ପଦର ଉତ୍ତମ ବିନିଯୋଗର ଦୃଷ୍ଟାନ୍ତ ଦେଖିକରି ଆସିବାପରେ ଭାରତ ଅବ୍ୟବହୃତ, ଅବହେଳିତ, ଉପେକ୍ଷିତ ସମ୍ପଦ କଥା ତୁଳନା କଲା ବେଳେ ଦୁଃଖ ଲାଗୁଥିଲା ଯେ, ସେହି ଭାରତୀୟମାନେ ଆମେରିକା ଯାଇ ସୁସଂଯତ, ମାର୍ଜିତ ଓ ବିକଶିତ । ଏଠାରେ ଆମେ କେତେ ଅବହେଳା କରୁଛେ ନିଜେ ନିଜକୁ।

ଆମେରିକାରୁ ଆସି ଓଡ଼ିଶାରେ ପହଞ୍ଚିବାର ଠିକ୍ ଦୁଇ ସପ୍ତାହ ପରେ ଭୟଙ୍କର ବାତ୍ୟା (ଫାଇଲିନ) ସମଗ୍ର ପୂର୍ବ ଓଡ଼ିଶା କୁ ଶ୍ରୀହୀନ କରିଦେଇଥିଲା।

ଇଂଲଣ୍ଡ (ସେପ୍ଟେମ୍ବର -୨୦୧୬)

ଇଂଲଣ୍ଡ ଗ୍ରସ୍ତ ପାଇଁ (ଆମେରିକା ଭଳି) ଓଡ଼ିଶା ବାହାରକୁ ଯାଇ ଭିସା ଆବେଦନ କରିବାକୁ ପଡୁଥିଲା । ଆମେ କଲିକତା ଯାଇ ସାରା ଦିନର ଅପେକ୍ଷା ପରେ

ଭିସା ଆବେଦନ ସଫଳ ହୋଇଥିଲା ଓ ଇଂଲଣ୍ଡ ଗ୍ରସ୍ତ ପାଇଁ ଦିନ ସ୍ଥିରୀକୃତ ହୋଇଥିଲା (ସେପ୍ଟେମ୍ବର ୨୦୧୬) । ଇଂଲଣ୍ଡ ର ଲିସେଷ୍ଟର ସହର ସ୍ଥିତ ଲିସେଷ୍ଟର ବିଶ୍ୱବିଦ୍ୟାଳୟରେ ' ସମାନ ବିଜ୍ଞାନ ସଂଘ ' ପକ୍ଷରୁ ' ରିସର୍ଚ୍ଚ ମେଥୋଡୋଲୋଜି' ସମ୍ପର୍କିତ ସମ୍ମିଳନୀ ଥିଲା ଏବଂ ସେଥିରେ ଗୋଟିଏ ସ୍ୱତନ୍ତ୍ର ଅଧିବେଶନର ଅଧକ୍ଷତା କରିବାର ସୁଯୋଗ ମୋତେ ମିଳିଥିଲା ।

ଏହି ସମ୍ମିଳନୀରେ ଭୁବନେଶ୍ୱରର (ଜଣେ ବରିଷ୍ଠ ନାଗରିକ ବନ୍ଧୁ) ଶ୍ରୀ ବଂଶୀଧର ମହାପାତ୍ର ଏବଂ ମୋ ନିଜର ଗବେଷଣା ଛାତ୍ର (ତଥା ବନ୍ଧୁ) ବିଶ୍ୱ ବିହାରୀ ଦାସ ମଧ ଯାଇଥିଲେ। ଲିସେଷ୍ଟର ହେଉଛି ଏମିତି ଏକ ସହର ଯେଉଁଠି ସବୁଠୁ ଅଧିକ ଅନୁପାତରେ ଭାରତୀୟ ମାନେ ବସବାସ କରନ୍ତି । ସେହି ସମୟରେ ମୋର ଜଣେ MBA ଛାତ୍ର (ବ୍ରହ୍ମପୁର ସହରର ମୂଳ ବାସିନ୍ଦା, ସନ୍ଦୀପ ମହାପାତ୍ର) ସେଠାରେ ନାଗରିକ ଭାବେ ନିଜ ଘର କରି ରହୁଛନ୍ତି। ତେଣୁ ସେଠାକାର ରହଣୀ ଖୁବ୍ ସହଜ, ଆରାମ ଦାୟକ ହୋଇଥିଲା । ଆମେ କଲିକତା ବିମାନ ବନ୍ଦରରୁ ଲଣ୍ଡନର ହିଥ୍ରୋ ବିମାନ ବନ୍ଦର ଯାତ୍ରା କରିଥିଲୁ । ଏହି ଯାତ୍ରା ପାଇଁ ମୋତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ଦେଇଥିଲେ । ଆମେ ଆଗରୁ ଜଣେ ସ୍ଥାନୀୟ ଟ୍ୟାକ୍ସି ଡ୍ରାଇଭରକୁ ଯୋଗାଯୋଗ କରି ରଖିଥିଲୁ। ସେ ଆମକୁ ଲଣ୍ଡନ ବିମାନ ବନ୍ଦରରୁ ଲିସେଷ୍ଟର ବିଶ୍ୱବିଦ୍ୟାଳୟ କୁ (୧୮୦କି.ମି.) ଅଢ଼େଇ ଘଣ୍ଟା ମଧ୍ୟରେ ପହଞ୍ଚାଇ ଦେଇଥିଲେ । ବାଟରେ ଦୁଇ ପଟର ଦୃଶ୍ୟ ଉପଭୋଗ କରିବାର ସୁଯୋଗ ମଧ ମିଳିଲା । ସେ ଟ୍ୟାକ୍ସି ଡ୍ରାଇଭର ଭାରତୀୟ ବଂଶଜ ଗୁଜୁରାଟି ଥିଲା । ଅତି ଭଦ୍ର ମାର୍ଜିତ ବ୍ୟବହାର । କିନ୍ତୁ ସେତିକି ବାଟକୁ ଆମେ ଭାରତୀୟ ମୁଦ୍ରାରେ ୯୦୦୦ ଟଙ୍କା ଦେଇଥିଲୁ ।

ବିଶ୍ୱବିଦ୍ୟାଳୟ ଅତିଥି ଭବନ ରେ ରହି ଆଖ ପାଖ ଅଞ୍ଚଳ ବୁଲି ଦେଖିଲୁ । ତା ପର ଦିନ ସନ୍ଧ୍ୟାରେ ସେହି ସହରରେ ମୋର ଜଣେ ପୁରାତନ ଛାତ୍ର (ସନ୍ଦିପ ମହାପାତ୍ର) ତା' ଦାମୀ କାର ରେ ଆଉ ଦୁଇଟି ସହର (ଓ ସେକ୍ସପିୟର ଙ୍କ ଜନ୍ମସ୍ଥାନ) ବୁଲାଇ ଦେଖାଇଲା । ସେଦିନ ରାତିରେ ସେ ଆମକୁ ଏକ ସ୍ଥାନୀୟ ଭାରତୀୟ ହୋଟେଲରେ ଖାଇବାକୁ ଦେଇଥିଲା ଓ ତା' ପରିବାର ସହ ପରିଚୟ କରାଇ ଦେଇଥିଲା ।

ଦୁଇଦିନ ଲିସେଷ୍ଟରରେ ରହିବା ପରେ ଆମେ ସ୍କଟଲାଣ୍ଡ ଓ ଲଣ୍ଡନ ବୁଲି ଦେଖିବାକୁ ବାହାରିଲୁ । ଲିସେଷ୍ଟର ରୁ ସ୍କଟଲାଣ୍ଡ ଟ୍ରେନରେ ବସି ଯାଇଥିଲୁ । ସେ ବିଳାସପୂର୍ଣ୍ଣ ଦ୍ରୁତଗାମୀ ଟ୍ରେନ ଅତି ସୁନ୍ଦର ପ୍ରାକୃତିକ ପରିବେଶ ବେଷ୍ଟିତ ବିଭିନ୍ନ ପାହାଡ଼, ନଦୀ ଓ ସହର ଦେଇ ୪ଘଣ୍ଟା ପରେ ରାଜଧାନୀ ସହର ଏଡିନବର୍ଗରେ ପହଞ୍ଚିଥିଲା । ପୂର୍ବ ଯୋଜନା ଅନୁସାରେ ଆମ ଆପାର୍ଟମେଣ୍ଟ ପଡୋଶୀ ଙ୍କ ପୁଅ (ତତ୍ତ୍ୱମସି ମହାପାତ୍ର)

ଷ୍ଟେସନକୁ ଆସି ଆମକୁ ତାଙ୍କ ଘରକୁ ସାଦରେ ପାଛୋଟି ନେଇଥିଲେ । ଏଡିନବର୍ଗରୁ ୩/୪ କି. ମି. ଦୁରସ୍ଥ ଏକ ଛୋଟ ସହରରେ ଘର । ଅତି ସୁନ୍ଦର ଘର । ଆମେ ଦୁଇ ଜଣ (ବଂଶୀଧର ବାବୁ ଓ ମୁଁ) ଯାଇ ତାଙ୍କ ଘରେ ରହିଲୁ । ତାଙ୍କ ଆଦର ଓ ସତ୍କାର ଭୁଲି ହେବ ନାହିଁ। ଆମ ଦୁଇ ଜଣଙ୍କ ପାଇଁ ତାଙ୍କ ଉପର ମହଲାର ଦୁଇଟି ପ୍ରକୋଷ୍ଠ ସଜାଡି ରଖିଥିଲେ । ସେଠି ରାତିରେ ଓଡ଼ିଆ ଭୋଜନ ଖାଇ ମନ ବହୁତ ଖୁସି ହୋଇଗଲା ।

ତା ପରଦିନ ତତ୍ତ୍ୱମସି ବାବୁ ଆମ ଦୁଇ ଜଣଙ୍କୁ ନେଇ ବିଭିନ୍ନ ଜାଗା ବୁଲାଇଲେ। ଏଡିନବର୍ଗ ସହରର ପ୍ରାଚୀନ ସୌଧ, ସମୃଦ୍ଧ ଅତୀତର ମୁକାସାକ୍ଷୀ । ଭଲ ଲାଗିଲା ସହର । ପର ଦିନ ସନ୍ଧ୍ୟା ରେ ହିଁ ଆମେ ଲଣ୍ଡନ ଫେରି ଆସିଲୁ, ଟ୍ରେନ ଯୋଗେ। କିଙ୍ଗସ୍ କ୍ରସ (King's cross) ଷ୍ଟେସନ ପାଖରେ କମ୍ ଦରରେ ଗୋଟିଏ ହୋଟେଲ ରୁମ୍ ଆମେ ଦୁଇ ଜଣ ନେଇଥିଲୁ । କଷ୍ଟେ ମଷ୍ଟେ ରାତିଟା କଟାଇଦେଲୁ। ତା ପରଦିନ ସକାଳୁ ମୋର ଭି.ଆଇ.ଟି. ଭେଲୋର ର MBA ଛାତ୍ରୀ ପାୟଲ ଗାଡ଼ି ପଠାଇ ଆମ ଦୁଇ ଜଣକୁ ତା ଘରକୁ ନେଇଗଲା। ଆଳୁ ପରଠା ଓ ଗରମ ଚା ପରଶିଦେଲା। ଅତି ଶ୍ରଦ୍ଧାରେ ସେ ତା ସ୍ବାମୀ (ସୁଜନ) ଓ ପୁଅ ସହ ଲଣ୍ଡନ ସହରର ବିଭିନ୍ନ ପ୍ରସିଦ୍ଧ ସ୍ଥାନ (ଯଥା - ଲଣ୍ଡନ ବ୍ରିଜ, ବିଗବେନ୍ ଓ ପାର୍ଲିଆମେଣ୍ଟ ଭବନ, କାନ୍ନରୀ - ରାଫ୍ ଇତ୍ୟାଦି) ବୁଲାଇ ଦେଖାଇଥିଲେ । ସେହି ରାତିରେ ହିଁ ଆମକୁ ଭାରତ ଫେରିବାର ଥିଲା। ପାୟଲ ଓ ସୁଜନ ଆମକୁ ନିର୍ଦ୍ଧିଷ୍ଟ ମେଟ୍ରୋ ଟ୍ରେନରେ ବସାଇ ଦେଇ ବିଦାୟ ଦେଇଥିଲେ ।

ପରଦିନ ସକାଳ ସୁଦ୍ଧା କଲିକତା ବିମାନ ବନ୍ଦରରେ ଏବଂ ତା ପର ଦିନ ଆମେ ଭୁବନେଶ୍ୱର ରେ ପହଞ୍ଚିଥିଲୁ।

ମାଲୟେସିଆ (୨୦୧୪):

ମାଲେସିଆ ଦକ୍ଷିଣ ପୂର୍ବ ଏସିଆର ଏକ ଦେଶ । ଏହାର ମୁଖ୍ୟ ଭାଗ ମାଳୟ ଉପଦ୍ୱୀପରେ ଅଛି। କୁଆଲାଲମ୍ପୁର ଏହାର ରାଜଧାନୀ । ଏହି ରାଜଧାନୀ, ନିକଟରେ (ନବ ନିର୍ମିତ ସହର) ପୁତ୍ରଜୟାକୁ ସ୍ଥାନାନ୍ତରିତ ହୋଇଛି । ଇସଲାମ ହେଉଛି ଏହି ଦେଶର ସରକାରୀ ଧର୍ମ, କିନ୍ତୁ ଅଣ-ମାଳୟ ନାଗରିକମାନେ ଅନ୍ୟ ଧର୍ମ ପାଳନ କରିବାର ସ୍ୱାଧୀନତା ରହିଛି । ୧୭୮୬ ମସିହା ପର ଠାରୁ ମାଲେସିଆର ରାଜ୍ୟଗୁଡିକ ବ୍ରିଟିଶ ସାମ୍ରାଜ୍ୟର ଅଧୀନରେ ଏକ ଉପନିବେଶ ପାଲଟିଥିଲେ (ପରବର୍ତ୍ତୀ ୧୫୦ ବର୍ଷ ପର୍ଯ୍ୟନ୍ତ)। ୧୯୫୭ ଅଗଷ୍ଟ ୩୧ ତାରିଖରେ ଏହି

ଦେଶ ସ୍ୱାଧୀନ ହୋଇଥିଲା । ଏହାର ବର୍ତ୍ତମାନ ର ଜନସଂଖ୍ୟା ୩.୫ କୋଟି । ଆମ ଦେଶ ପରେ ସ୍ୱାଧୀନତା ପାଇ ମଧ୍ୟ ଏହି ଦେଶ ଆମ ଠାରୁ ଅଧିକ ଉନ୍ନତ ବୋଲି କହି ହେବ ।

ଚାକିରୀ ରୁ ଅବସର ପରେ ମୁଁ ଆଉ ତିନି ଜଣ ବନ୍ଧୁଙ୍କ ସହ ବୁଲିବା ଉଦ୍ଦେଶ୍ୟ ରେ ଯାଇଥିଲି, ୨୦୨୪ ଜୁଲାଇ ୧୬-୨୦ ମଧ୍ୟରେ । ଏହି ଯାତ୍ରା ଟୁର ଅପରେଟର ଦ୍ୱାରା ପରିଚାଳିତ ହୋଇଥିବାରୁ ଆମର କିଛି ଅସୁବିଧା ହୋଇନଥିଲା । ବିମାନ ବନ୍ଦର ଠାରୁ ହୋଟେଲ ପର୍ଯ୍ୟନ୍ତ ନେବା ସହ ସବୁ ଆଡେ ବୁଲାଇଦେବା ଓ ପୁଣି ଫେରିବା ସମୟରେ ବିମାନ ବନ୍ଦର ପର୍ଯ୍ୟନ୍ତ ଆଣି ଛାଡିଦେବା ସେମାନେ ବୁଝି ଦେଇଥିଲେ । ବାଟୁ କେଭ (ଗୁମ୍ଫା), ଜେଣ୍ଟିଙ୍ଗ ହାଇଲ୍ୟାଣ୍ଡ, ସନ ସିଟି ୱାଟର ୱାର୍ଲ୍ଡ , କେ-ଏଲ ଆକ୍ୱାରିଆ, ପେଟ୍ରୋନାସ ଓ କେ-ଏଲ ଟାୱାର ଇତ୍ୟାଦି ବୁଲି ଦେଖିବା ସହ ଜଣେ ସ୍ଥାନୀୟ ବନ୍ଧୁଙ୍କ ସହ ସେଠାକାର ମୋନାଶ ବିଶ୍ୱବିଦ୍ୟାଳୟ ବୁଲି ଦେଖିଲୁ ।

ଖୁବ ଭଲ ଲାଗିଲା ମାଲେସିଆ ରହଣି । ଆମେ ଯିବା ସମୟରେ ଭୁବନେଶ୍ୱରରୁ ଏହି ଦେଶ କୁ ସିଧା ସଳଖ ବିମାନ ଉଡାଣ ଚାଲୁଥିଲା ।

୨୧ |

ମୋ ପ୍ରକାଶିତ ଲେଖା

ନିର୍ବୋଧ

ପିଲାଦିନର କଥା, ସ୍କୁଲରେ ପଢିବାବେଳର କଥା । ଆମେ ଆମ ଗାଁ ରୁ ଚାଲି ଚାଲି ଯାଉଥିଲୁ ପାଖର ଏକ ବଡ ଗାଁ କୁ ଯେଉଁଠି ବଡ ସ୍କୁଲ୍ ଥିଲା ଆଉ ବଜାର ଟିଏ ଥିଲା । ସ୍କୁଲ୍ ପାଠ ପଢା ସରିବା ପରେ ବଜାରରୁ ଘର ପାଇଁ କେବେ କେମିତି ପରିବା ଅଥବା ଆଉ କିଛି ଛୋଟ ମୋଟ ଜିନିଷ ନେଇ ଆସିବାକୁ ଘରୁ ବରାଦ ଥାଏ । ସ୍କୁଲ୍ ବ୍ୟାଗ୍ ସହ ପରିବା ବ୍ୟାଗ୍ ଓ ପଇସା ଧରାଇ ଦେଇଥାଏ ବୋଉ । ସେଦିନ ଆଳୁ କିଣିବାର ଥିଲା । ସାଥୀ ପିଲାମାନେ ସ୍କୁଲ୍ ସରିବା ପରେ ତର ତର ହେଉଥିଲେ ଘରକୁ ଯିବାପାଇଁ । ସାଂଗ ହୋଇ ଏକାଠି ଫେରିବା କଥା। ତେଣୁ ମୁଁ ତର ତର ହୋଇ ଆଳୁ କିଣି ବସିଲି । କିଣା ସରିଲେ ଆମେ ଗାଁ କୁ ସାଥୀ ହୋଇ ଚାଲି ଚାଲି ଫେରିବୁ । ଆମ ତରବର ଦେଖି ଦୋକାନୀ ବାବୁ ଦୟା ଦେଖାଇଲେ। କହିଲେ, 'ବାପରେ, ରହ ମୁଁ ତୋ ପାଇଁ ଭଲ ଆଳୁ ବାଛି ଦେଉଛି' । ବଡ ବଡ ଆଳୁ ଦେଖି ଦୋକାନୀ କେଜିଏ ଓଜନ କରି ମୋ ବ୍ୟାଗରେ ପୁରାଇ ଦେଲେ ଓ ଆମେ ଗାଁ କୁ ଫେରିଲୁ ।

କିନ୍ତୁ ଘରେ ମୋ ଉପରେ ଆରମ୍ଭ ହୋଇଗଲା ପ୍ରଚଣ୍ଡ ଗାଳି ।

'କେତେ ବୋକା ପିଲାଟା, ସବୁ ଯାକ ପଚା, ଫଟା ଆଳୁ ଆଣିଛୁ!!!'
ବୋଉର ରାଗିବାର କାରଣ ଥିଲା । ମୁଁ ପାଠ ପଢୁଛି ମାନେ, ବୋଉ ଭାବୁଛି ମୁଁ ଚାଲାକ୍ ହେବା କଥା, ଠକିଯିବା କଥା ନୁହେଁ । ତା' ପରେ, ଆଳୁ ନଥିଲେ ପରଦିନ କଣ କେମିତି ରନ୍ଧା ହେବ ? ମୁଁ ସ୍କୁଲ୍ କୁ ଖାଇକରି ଯିବି କେମିତି ?

ଦୋକାନୀ ବାବୁ ମୋ ସରଳତା ଓ ନିର୍ବୋଧ ପଣିଆ ଠଉରାଇ, ଯାହା କରିବାର (ନ) ଥିଲା, ତାହା କରିଥିଲା ।

....

ଘର କୋଉଠି ?

ଘୁରି ମୁଁ ବୁଲୁଛି, ଘରକୁ ଘର, କେତେ ଯେ ଘର, ଥରକୁ ଥର ...।
ପ୍ରଥମେ ଥିଲା, ମୋ ଜେଜେଙ୍କ ଘର,

ଜନ୍ମ ସେଇଠି, ସେଇଟା ଥିଲା ମୋ ଷଠି-ଘର ।

ବଡ ହେବା ପରେ, ବାପା ତୋଳିଦେଲେ ଅଲଗା ଘର, କହିଲେ ଏଇଟା 'ଆମର ଘର'॥

ପାଠ ପଢିଲି କାହିଁ କେତେ ଦୂରେ ଚାକିରି କଲି ।

ଚାକିରି କାଳରେ ନେଇଥିଲି ସେବେ ମୋ ଭଡାଘର,

ବଦଳୁଥିଲା ଥରକୁ ଥର ସେ ଭଡାଘର ।

ହେଲା ପୁଣି ଶେଷେ ମୋ 'ନିଜ ଘର',

ଥରେ, ଆଉଥରେ, ପୁଣି ତୃତୀୟ ଥର ...

ବ୍ରହ୍ମପୁର ଆଉ ଭୁବନେଶ୍ୱର,

ବଦଳୁଛି ଘର, ଥରକୁ ଥର, ...କେତେ ସହର ||

ଏବେ ପୁଣି ଅଛି, ପୁଅ-ଝିଅଙ୍କ ଘର,

ଯିବାକୁ ଯେ ହେଉଛି ଥରକୁ ଥର,

ଘୁରି ମୁଁ ବୁଲୁଛି, ଘରକୁ ଘର, ଥରକୁ ଥର ॥

ଜାଣି ମୁଁ ପାରୁନି କିଏ ମୋ ଘର ?

....

ମୋ ପ୍ରଥମ ଲେଖା

ଉଚ୍ଚ ବିଦ୍ୟାଳୟ ପ୍ରାଚୀର ପତ୍ର ରେ ବୋଧ ହୁଏ ମୋର ପ୍ରଥମ 'ରଚନା' ପ୍ରକାଶ ପାଇଥିଲା | ରେଭେନ୍ସା ପଶ୍ଚିମ ଛାତ୍ରାବାସ ପ୍ରାଚୀରପତ୍ର ରେ କବିତା ତାପରେ ପ୍ରକାଶ ପାଇଥିଲା 1982 ରେ (ଦେବାଶିଷ ମହାନ୍ତି ସମ୍ପାଦକ ଥିଲେ) | କିନ୍ତୁ 1983 ରେ ବାଣୀବିହାର ରେ ପଢିବା ବେଳେ (ନିକଟସ୍ଥ ଶିଳ୍ପାଞ୍ଚଳ ରୁ ପ୍ରକାଶ ପାଉଥିବା) **ଦୈନିକ ଖବର କାଗଜ** ରେ ମୋ **ପ୍ରଥମ ଲେଖା** (ଫିଚର) ପ୍ରକାଶ ପାଇଥିଲା | ସମ୍ପାଦକ ଥିଲେ **ଶ୍ରୀ ଧୀରେନ ପଟନାୟକ** |

୧ - *ବିଶ୍ୱ ବିଜୟର ଅନୁଚିନ୍ତା* (16-7-1983)

୨ - *କପେ ଚା' ଆଉ ଶହେ ପକୁଡିର ଇତିହାସ* (31-7-1983)


ରବିବାର, ଖବରକାଗଜ
31.07.1983
Editor: Driren Patnaik
ସାହିତ୍ୟ
'କପେ ଟି' ଆଉ ଶହେ ପକୁଡ଼ିର ଇତିହାସ
● ରବିନାରାୟଣ ସୁବୁଦ୍ଧି
ମୋ ଗ୍ରାଣ୍ଡ ଅଚିସ୍ୱଳକୁ ଲୁପ୍ତ କ୍ୟୋଦ ଫେରାଇବାରେ ଅସମର୍ଥ ହେବା ସ୍ୱାଭାବିକ । ପ୍ରଦୀପ୍ କିନ୍ତୁ ଅତ୍ୟନ୍ତ ଟ୍ରାଫିକ୍ ପୋଲିସପରି ତା ସ୍ମାର୍ଟନେସ୍ ଦେଖାଉଥିଲ । ରାଜଧାନୀ-ଙ୍କାର୍ଥ ପାଇଁ ପାସପୋର୍ଟ ପ୍ରଚେଷ୍ଟାରେ ପୁଣି ଫେରିଲୁ । ପ୍ରଦୀପ ଆଗେ ଆଗେ ଆଉ ତା ପଛେ ପଛେ ପାଦ ଦୁଇଟିକୁ ଟାଣି ଟାଣି ଶିଶୁପରି ମୁଁ ଯାଉଥିଲି । ଶ୍ରାନ୍ତ ଶରୀର ମୋର ପୂର୍ଣ୍ଣବିଶ୍ରାମ ଖୋଜୁଥିଲା । ପରସ୍ପର ଅପେକ୍ଷାକୃତ ଶାନ୍ତ ଥିଲ । ସେକେଣ୍ଡ ଶୋ' ପାଇଁ ଯଥେଷ୍ଟ ସମୟ ବାକି ଥିଲା । କିନ୍ତୁ "ଙ୍କର୍ ବା ମାଲ ଆଠ ମେ" କହୁଥିବା ବାଳକ ଦୁଇଟି ଏପାଖ ସେପାଖ ହେଉଥିଲେ । ପ୍ରଦୀପ ସେଗୁଡ଼ାକ ନିଜସ୍ୱର ଦାଦା ବୋଲି କହିଲା । ଗୁଣ ଚିନ୍ତା ଗୁଣିଆ ପ୍ରଦୀପ, ଦୁଃଖ ଜଣାଇବାକୁ ଯାଇ ସେ ଦୁଇଜଣଙ୍କୁ ଆମ ଅବସ୍ଥା
ସମାପ୍ତି ପରେ ହିଁ ବୋଧହୁଏ ବୃତ୍ତାନ୍ତ ବିଜୟର ଅଧକ୍ଷତା ପାଇଁ (ସୌଭାଗ୍ୟ ବଶତଃ) ଜଣେ ପୁଲିସ ବାପୁତାଙ୍କ ହସ୍ତକ୍ଷେପ ଫଳରେ ଦାଦା ବାବୁ ତାଙ୍କ ବାଟ ସୁଟ, ସାର୍ଟ ସଜାଡ଼ି ସଜାଡ଼ି ପଳାଇଥିଲେ । ପୁଲିସ ବି ଅଧକ୍ଷତା ପରେ ତାଙ୍କ ବାଟରେ ସେ ଯାଇଥିଲେ । ମୁଁ କିନ୍ତୁ ଭାବୁଥିଲି ଆବର୍ଜନା ଗଦା ଭିତରୁ, ଭାବନା ରାଜ୍ୟର ଡ଼ନ୍ ଲପ୍ ଗଦି ଉପରେ, ମୋ ଆଉ ପ୍ରଦୀପମାନଙ୍କ କଥା । ପ୍ରଦୀପ ଉଠାଇବା ପରେ ବି କପେ ଟି ଆଉ ଶହେ ପକୁଡ଼ି ଇତିହାସରୁ 'ହାତ ଖର୍ଚ୍ଚର କନ୍ଦ'ର ସମ୍ପର୍କକୁ ଅଲଗା କରିପାରୁ ନଥିଲି ।
ଅନ୍ଧ ସ୍ୱଭାବ
● ଦିବାକର ସାହୁ
ପଣ୍ଡିତ ଚନ୍ଦ୍ରଚୂଡ଼ ମିଶ୍ରଙ୍କ ପାହାଚରେ ଓହ୍ଲାଇ ଆସୁଥିଲେ । ଅଷ୍ଟସଖିଙ୍କ ଗହଣରେ ଶୋଭା ପାଉଥିବା ଯୁଗଳ ମୂର୍ତ୍ତିର ଆଖି ତାଙ୍କ ମନପ୍ରାଣ ଆଚ୍ଛନ୍ନ କରିଥାଏ । ତାଙ୍କ ଗୋଡ଼ ତଳେ ଯୁବତୀଟିଏ ପଡ଼ିଗଲା । ହେଲ୍, ହେଲ, ଉଠ୍, ଉଠ, କହି ପଛକୁ ଟିକେ ଲନ……ସେ' ବାବୁଘର ପରିବାରର ଜଣେ ସଦସ୍ୟ ପରି ବଢ଼ି ଚାଲିଲା । ତା' ରୂପଶ୍ରୀ ବଳରେ ନରସିଂହ ବାବୁଙ୍କ ଛୋଟ ପିଲାଙ୍କ ମନରେ ସେ' ବୁଲାମାଉସୀ ପାଲଟିଲା । ବାବୁଙ୍କ ବୃଦ୍ଧାମାତାର ମମତାରେ ସେ' ଚରମ ସେବାକର କନ୍ୟା ପାଲଟିଲା ।


ଖବର କାଗଜ
ଶିଳ୍ପ ପ୍ରସାର ଓ ବେକାରୀ
Employment Planning
ବିଶ୍ୱ ବିଜୟ
● ଶ୍ରୀ ରବିନାରାୟଣ ସୁବୁଦ୍ଧି

ମୋ ପତ୍ରିକା ପ୍ରକାଶନ ପ୍ରସଂଗରେ:

ଲେଖକ, ଗ୍ରାହକ ଓ ବିତରକ, ତ୍ରିଭୁଜାବଦ୍ଧ ତ୍ରିକୋଣ-ସମ୍ପର୍କ,

ମଝିରେ ଥାଏ ବିଚରା ପ୍ରକାଶକ |

|୦|: ଦରଦୀ ବନ୍ଧୁର ଦରଦ, ଦୟାରୁ ମିଳେ କିଛି ଲେଖା (ଓ ଆଉ କେବେ ବ୍ୟଥା),

ଥାଏ କିନ୍ତୁ ବେଶି, ଅଯାଚିତ ଅବାଂଛିତ ଲକ୍ଷ୍ୟହୀନ ଲେଖା |

|୧|: ଲେଖକର ଲକ୍ଷେ ପ୍ରଶ୍ନ କିନ୍ତୁ:

କାହା ଲେଖା ଛାପୁଛ/ ଛାପୁନ କାହିଁକି ?

ପ୍ରକାଶକ, ତମେ କିଏ, ମୋ ଲେଖା କାଟିଲ କାହିଁକି ?

|୨|: ଗର୍ଜୁଥିବ ଗ୍ରାହକ ଈଶ୍ବର: ଇଏ ଏତେ ଭଲ ଆଉ, ସିଏ କେତେ ଭଲ,

ଇସ୍, ତମେ ଇଏ କଣ କଲ ....|

|୩|: ଆଉ ବିତରକ?

ସୁଷ୍ଠ, ସୁନ୍ଦର, ସୁଦୃଶ୍ୟ

କେବେ ଥାଏ ବିରାଗ ବିମୁଖ, ଆଉ କେବେ ସମ୍ପୂର୍ଣ ଅଦୃଶ୍ୟ....|

[୧୮.୮.୨୦୧୬: ଏହା ମୋର ଏକାନ୍ତ ବ୍ୟକ୍ତିଗତ ଭାବନା, କିଛି ଲେଖକ ବନ୍ଧୁ ମାନଂକୁ ହୁଏତ ଭଲ ଲାଗି ନପାରେ]

....

କାର୍ତ୍ତିକ ମାସରେ ଆକାଶଦୀପ ଲଗା ଯିବାର କାରଣ

ପବିତ୍ର କାର୍ତ୍ତିକ ମାସରେ ଅନେକ ମଠ, ମନ୍ଦିର ତଥା ବ୍ୟକ୍ତି ବିଶେଷ ସ୍ଥାନରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଆୟୋଜନ କରାଯାଇଥାଏ। ଯେପରି ପ୍ରଭାତ କୀର୍ତ୍ତନ, ଭାଗବତ, ଶ୍ରୀରାମଚରିତ ମାନସ, ଗୀତା ଓ ଅନ୍ୟାନ୍ୟ ପୁରାଣ ଆଦିର ପାରାୟଣ ଅନୁଷ୍ଠିତ ହୋଇଥାଏ। ସେହିପରି ମାସବ୍ୟାପି ଆକାଶ ଦୀପ ପ୍ରଜ୍ଵଳିତ ମଧ୍ୟ ହୋଇଥାଏ। ସାଧାରଣତଃ କାର୍ତ୍ତିକ ମାସରେ ବିଭିନ୍ନ ମଠ, ମନ୍ଦିର ତଥା ଧାର୍ମିକ ସ୍ଥଳରେ ଆକାଶ ଦୀପ ଲଗାଯାଇଥାଏ। ବିଶ୍ବାସ ରହିଛି ଏହି ଆକାଶ ଦୀପ ଉର୍ଦ୍ଧ୍ବରେ ଲାଗିଲେ ଜୀବ ଉର୍ଦ୍ଧ୍ବମୁଖୀ ହୋଇ ଭଗବଦ ଚରଣାରବିନ୍ଦକୁ ପ୍ରାପ୍ତ କରିଥାଏ। ଏହାସହ ନିଜ ଭିତରେ ଜ୍ଞାନଗ୍ନି ପ୍ରଜ୍ଵଳିତ ହୋଇଥାଏ। ଏହାସହ ପିତୃଲୋକଙ୍କୁ ମଧ୍ୟ ଆଲୋକ ଓ ଶାନ୍ତି ପ୍ରାପ୍ତହୋଇ ଅମୃତ ଲୋକକୁ ଯିବାର ପଥ ପରିଷ୍କାର ହୋଇଥାଏ। ଯହେତୁ କାର୍ତ୍ତିକ ମାସ ହେଉଛି

ସବୁମାସ ଠାରୁ ଶ୍ରେଷ୍ଠ ମାସ, ସେଥିପାଇଁ ଏହି କାର୍ତ୍ତିକ ମାସରେ ଏହି ଆକାଶ ଦୀପ ଲଗାଯାଇଥାଏ।

ସାଧାରଣ ଦୀପଠାରୁ ଆକାଶ ଦୀପ ଭିନ୍ନ ପ୍ରକାରର ହୋଇଥାଏ। ଏକ ମାଟି ହାଣ୍ଡିରେ କେତେକ ଛିଦ୍ର କରିବା ପରେ ସେଥିରେ ବାଲି ରଖାଯାଇଥାଏ। ଏହି ବାଲି ଉପରେ ଏକ ଦୀପ ରଖାଯାଇ ଅଗ୍ନି ସଂଯୋଗ କରାଯାଇଥାଏ। ଏହାପରେ ଏକ ମାଟି ଢାଙ୍କୁଣୀ ଦ୍ବାରା ଢଙ୍କଯାଇ ଶିକାରେ ରଖାଯାଏ। ଏହି ଦୀପ ଶିକାକୁ ଏକ ଉଚ୍ଚ ବାଉଁଶରେ ବାନ୍ଧି ଉପରକୁ ଉଠାଯାଏ। ସାଧାରଣତଃ ଏହାକୁ ଏକ ରଶି ସାହାର୍ଯ୍ୟରେ ଉପରକୁ ଭିଡାଯାଏ। କାରଣ ପୁଣି ତେଲ ସରିଗଲେ ସେହି ରଶି ଦ୍ବାରା ଦୀପକୁ ତଳକୁ ଖସାଯାଇଥାଏ। ଏହା ପୁରା ରାତିସାରା ଜଳିବାର ବିଧି ରହିଛି।

ବହୁ ସ୍ଥାନରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସ ସାରା ଏହି ଦୀପ ଲଗାଯାଇଥାଏ। କେତେକ ସ୍ଥାନରେ ଦୀପାବଳି ପରେ, ଆଉ କେତେକ ସ୍ଥାନରେ ଅଁଳା ନବମୀ ପରେ ଏହି ଦୀପ ଲଗାଯାଇଥାଏ। ଯେଉଁ ସାଂସାରିକ ଲୋକ କାର୍ଯ୍ୟ ବ୍ୟସ୍ତତା ହେଉ ଅବା କୌଣସି କାରଣ ବଶତଃ ହେଉ ଅଧିକାଂଶ ପଞ୍ଚୁକ ପାଞ୍ଚଦିନ ଏହି ଆକାଶ ଦୀପ ସ୍ଥାପନ କରିଥାନ୍ତି। ଏହି ଆକାଶ ଦୀପ ପରଂପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛି, ସବୁଠି । ସବୁ ଗାଁ ଭଳି ଆମ ଗାଁ ଦାଣ୍ଡରେ ଓ ମନ୍ଦିର ପାଖରେ ଜଳେ ଆକାଶ ଦୀପ । ଗାଁ ସଂସ୍କୃତିର ଏକ ନିଆରା ନିଦର୍ଶନ ।

ପ୍ରକାଶିତ ଲେଖାରୁ କିଛି

ଛୁଟିଦିନ | ୧୩-୧୯ ଅଗଷ୍ଟ, ୨୦୧୭ | ଧରିତ୍ରୀ ୧୦

ପ୍ରଥମ ରୋଜଗାର

ବୋଉକୁ ଦେଇଥିଲି କାଞ୍ଜିବରମ୍ ପାଟ

ଘର ଖୋର୍ଦ୍ଧା ଜିଲା କୁହୁଡି ନିକଟସ୍ଥ ଚିଲିକା କୂଳରେ ଅବସ୍ଥିତ ତରାପି ଗାଁରେ। କୁହୁଡି ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ବର ପଳେଇ ଆସିଥିଲି। ଷ୍ଟାଟିଷ୍ଟିକ୍ସରେ ଏମ୍.ଏ. ସାରି ଏମ୍.ଫିଲ୍ ପରୀକ୍ଷା ଦେଇଥାଏ। କିନ୍ତୁ ରେଜଲ୍ଟ ବାହାରିବା ପୂର୍ବରୁ ଏନ୍ଏସ୍ଏସ୍ଓ (ନ୍ୟାଶନାଲ୍ ସାମ୍ପୁଲ୍ ସର୍ଭେ ଅଫିସ୍)ରେ ଷ୍ଟାଟିଷ୍ଟିକାଲ୍ ଇନ୍‌ଭେଷ୍ଟିଗେଟର ଭାବେ ନିଯୁକ୍ତି ପାଇଲି। ଦରମା ମାତ୍ର ୧୨୦୦ ଟଙ୍କା। ବାପା ବାହାରେ ଚାକିରି କରୁଥିଲେ। ଆମେ ତିନି ଭାଇଭଉଣୀ ଭିତରୁ ମୁଁ ଥିଲି ବଡ଼। ଆମର ସବୁ ଦାୟିତ୍ୱ ବୋଉ ବୁଝୁଥିଲା। ତେଣୁ ଚାକିରି କରି ରୋଜଗାର କରିବା ପରେ ବୋଉ ପାଇଁ ଗୋଟେ ଶାଢ଼ି କିଣିବା ପାଇଁ ଚିନ୍ତା କଲି। କାଞ୍ଜିବରମ୍ ପାଟ କିଣି ବୋଉକୁ ନେଇ ଦେଲି। ବୋଉ ଭାରି ଖୁସି ହେଲା, ଆଉ ସାହିପଡିଶା ଲୋକଙ୍କୁ ବି ଦେଖେଇଲା। ହେଲେ ଶାଢ଼ିର ରଙ୍ଗ ଟିକେ ଗର୍ଜିୟସ୍ ଥିବାରୁ ବୋଉ ତାକୁ ପିନ୍ଧିଲା ନାହିଁ କିନ୍ତୁ ବେଶ୍ କିଛିଦିନ ପର୍ଯ୍ୟନ୍ତ ପାଖରେ ସାଇତିକି ରଖିଲା। ପରେ ଜଣେ ସମ୍ପର୍କୀୟାଙ୍କୁ ଆମ ଘର ତରଫରୁ ଶାଢ଼ି ଦିଆଯିବାର ଥିଲା ତ ବୋଉ ସେ ଶାଢ଼ିଟିକୁ ତାଙ୍କୁ ଦେଇଦେଲା। ଏ କଥା ଜାଣିବାପରେ ମନ ମୋର ଟିକେ ଦୁଃଖ ହୋଇଥିଲା ସତ, କିନ୍ତୁ ନିଜକୁ ବୁଝାଇ ଦେଇଥିଲି। ଆଉ ତା'ପରଠୁ କେବେ ବି ଶାଢ଼ି କିଣିବା ପାଇଁ ସାହସ କରିନି। ବୋଉ ହେଉ କି ଧର୍ମପତ୍ନୀ ତାଙ୍କୁ ଟଙ୍କା ଧରେଇ ଦିଏ, ସେମାନେ ତାଙ୍କ ପସନ୍ଦରେ ଶାଢ଼ି କିଣନ୍ତି। ମାତ୍ର ବର୍ଷେ ଏନ୍ଏସ୍ଏସ୍ଓରେ କାମ କରିବା ପରେ ବ୍ରହ୍ମପୁର ୟୁନିଭର୍ସିଟିର ଏମ୍‌ବିଏ ଡିପାର୍ଟମେଣ୍ଟରେ ଷ୍ଟାଟିଷ୍ଟିକ୍ସ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଲା। ପ୍ରାୟ ୨୨ ବର୍ଷ ଧରି ସେଠାରେ କାମ କଲି। ପ୍ରମୋଶନ ପାଇ ଅଧ୍ୟାପକରୁ ପ୍ରାଧ୍ୟାପକ ହେଲି। ତା' ଭିତରେ ପିଏଚ୍.ଡି ବି ସାରି ଦେଇଥିଲି। କିନ୍ତୁ ପ୍ରଫେସର ଭାବେ ପ୍ରମୋଶନ ପାଇବାକୁ ଡେରି ହେବାରୁ ୟୁନିଭର୍ସିଟିରୁ ଭଲ୍ୟୁଣ୍ଟାରି ରିଟାର୍ଡମେଣ୍ଟ ନେଇ ଭେଲୋର ଭିଆଇଟି ୟୁନିଭର୍ସିଟିରେ ପ୍ରଫେସର ଭାବେ ଜଏନ୍ କଲି। କିନ୍ତୁ ବର୍ଷେ ପରେ ବାପା ଚାଲିଗଲେ। ତେଣୁ ମା' କହିଲେ ତୁ ବାହାରେ କାହିଁକି ରହିବୁ, ଓଡିଶା ପଳେଇ ଆସେ। ମା'ଙ୍କ କଥା ମାନି ଭିଆଇଟି ୟୁନିଭର୍ସିଟି ଛାଡି ଏବେ କିଟ୍ ୟୁନିଭର୍ସିଟିର ଏମ୍‌ବିଏ ଡିପାର୍ଟମେଣ୍ଟରେ ଷ୍ଟାଟିଷ୍ଟିକ୍ସ ପ୍ରଫେସର ଭାବେ କାମ କରୁଛି। ଚାକିରି ବାଦ୍ ଲେଖାଲେଖିରେ ବି ମୋର ରୁଚି ରହିଛି। ବିଶେଷକରି ଶିଶୁ ସାହିତ୍ୟ, ଅର୍ଥନୀତି ସମ୍ପର୍କିତ ଲେଖା ମୁଁ ଲେଖିଥାଏ। ଯା' ଭିତରେ ମୋର ପ୍ରାୟ ୨୦୦ଟି ଲେଖା ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇସାରିଲାଣି। ତା'ଛଡ଼ା 'ଶତାବ୍ଦୀ ପୁରୁଷ' ନାମକ ଗୋଟିଏ ଓଡ଼ିଆ ବହି ଏବଂ 'ଏନର୍ଜି ଇକୋନୋମିକ୍ସ', 'ରୁରାଲ୍ ଡେଭଲପ୍‌ମେଣ୍ଟ', 'ଏନର୍ଜି ମ୍ୟାନେଜ୍‌ମେଣ୍ଟ', 'ଡିସ୍‌ପ୍ଲେସ୍‌ମେଣ୍ଟ' ନାମକ ୪ଟି ଇଂଲିଶ ଭାଷାର ବହି ପ୍ରକାଶ ପାଇସାରିଲାଣି। ସେହିପରି ଏକ ମ୍ୟାନେଜ୍‌ମେଣ୍ଟ ରିସର୍ଚ୍ଚ ଜର୍ନାଲ 'ପରିକଳ୍ପନା'ର ସମ୍ପାଦକ ରହିବା ସହ ଅପରେଶନ ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆ(ଓଆର୍ଏସ୍ଆଇ)ର ଓଡିଶା ଶାଖାର ସଭାପତି ଦାୟିତ୍ୱ ତୁଲାଉଅଛି। ତା'ଛଡ଼ା ଇଂଲଣ୍ଡ, ଆମେରିକା, ଅଷ୍ଟ୍ରେଲିଆ ଆଦି ଦେଶରେ ଗବେଷକ ଭାବେ ଅନେକ ସମ୍ମିଳନୀରେ ଯୋଗଦେଇ ସନ୍ଦର୍ଭ ପାଠ ବି କରିଛି।

ପ୍ରଫେସର
ଡ. ରବି ନାରାୟଣ ସୁବୁଦ୍ଧି
ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି.....

-ଅମ୍ବିତା

Dharitri Sunday suppliment 13.8.17

ସାମାଜିକ ସଂସ୍କାରର ନବକଳେବର

ପ୍ରଫେସର୍ ରବି ନାରାୟଣ ସୁବୁଦ୍ଧି

ରବିନାରାୟଣ

ପୁରାଣ ବର୍ଣ୍ଣିତ 'ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ'ର ଭିନ୍ନଭିନ୍ନ ଅନୁଭୂତି ଆମେ ଏଇ ପୃଥିବୀ (ଭୂଲୋକ)ରେ ମଧ୍ୟ ପାଇପାରିବା । ଧର୍ମ କଲେ ସ୍ୱର୍ଗପ୍ରାପ୍ତି ଏବଂ ଘୋର ପାପରୁ ନର୍କଗତି ହୁଏ ବୋଲି ଆମର ବିଶ୍ୱାସ । ଉଭୟ କାଳ୍ପନିକ । ଚିର ସବୁଜିମାରେ ଫଳଫୁଲ ଓ ପ୍ରାଚୁର୍ଯ୍ୟ ଭରା ରାଇଜ ହେଉଛି ସ୍ୱର୍ଗ ରାଜ୍ୟ । କାହାର ଅଭାବ ବା ଦୁଃଖ ନଥିବ ସେଠାରେ । ନର୍କ ହେଉଛି ଅନ୍ଧକାରମୟ, ନାହିଁ ନାହିଁ ରାଜ୍ୟ । ସବୁଠି ଅଭାବ । ଆଉ ମଝି-ମଝିଆ ଅବସ୍ଥା ହେଉଛି ମର୍ତ୍ତ୍ୟ, କିଛି ଥିବ, ଆଉ କିଛି ନଥିବ । ଏହା ହେଉଛି ଅନେକଙ୍କର ବିଶ୍ୱାସ । ଦୁଇବର୍ଷ ପୂର୍ବେ ମୋର ଆମେରିକା ସ୍ଥିତ

କରିଦେଲା । ବିଜୁଳି ଆଲୋକ ନାହିଁ, ରାସ୍ତାଘାଟ ଅନ୍ଧାର । ରାସ୍ତାଘାଟରେ ଲୁହ ଲୁହ ଆବର୍ଜନା । ମନେ ହେଲା, ଆମ ମର୍ତ୍ତ୍ୟ ନର୍କ ପାଲଟି ଯାଇଛି । ଆମେରିକାରୁ ଫେରିବା ପରେ ମୁଁ ନିଜେ ଯେମିତି ଦେଖିଲି ତିନି ଭୁବନ : ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପରେ ପରେ ଏକ ନର୍କ ପ୍ରାୟ ଅବସ୍ଥା । ଅଙ୍ଗେ ନିଭାଇଥିବା କଥା । ଫାଇଲିନ ପରେ ଯଥେଷ୍ଟ ସରକାରୀ ସହାୟତା ଆସିଲା । ରାସ୍ତାଘାଟ, ଘର ସବୁ ମରାମତି କରି ସଜାଡ଼ି ଦିଆଗଲା । କିଛି କୋଠାବାଡ଼ିର 'ନବକଳେବର' କରାଗଲା । ଅନ୍ୟ ଅର୍ଥରେ ଦେଖିଲେ, କେତେବେଳେ କେଉଁଠି କ'ଣ ଘଟିବ,

କରିବ । ସମାଜରେ ଘଟୁଥିବ । ସାଂସ୍କୃତିକ ଅବକ୍ଷୟ, ହିଂସା, ଦ୍ୱେଷ, ଈର୍ଷା, ଦୁର୍ନୀତି ହେଉଛି ଦୁଃଖ ଓ ଅଶାନ୍ତିର କାରଣ । ଆମ ଚିନ୍ତାଧାରାରେ ଏବଂ ସମାଜର ସାମୂହିକ ପରିବର୍ତ୍ତନ ବା ନୂଆ ଏକ ସ୍ୱର୍ଗୀୟ 'ନବକଳେବର' ନିତାନ୍ତ ଆବଶ୍ୟକ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବକଳେବର ଅବସରରେ ଏତିକି

ଅଲୌକିକ ଦିବ୍ୟ... କେବଳ ଜଣେ ଅନୁ... କରିପାରେ । ତାହା... ପ୍ରଭୁଙ୍କର ଅପାର... ନିଭୃତ ପ୍ରଦେଶରୁ... ଭାବଗ୍ରାହୀ ପ୍ରଭୁ... ଛୁଇଁବାକୁ ଚେଷ୍ଟା... ତାଙ୍କରି ଦିବ୍ୟ ସାନ୍ନି... ସୌଭାଗ୍ୟ ଲାଭ କ... ସବୁଦିନ ମନର ବି... କରେ । କଥାରେ ଅ... ହରି, ତର୍କେ ବହୁଦୂ...

୧୯୮୦/୮...

ଆମେ ଯେତେ... ସହରରେ ରହୁଥା...



ଶୌଚାଳୟରେ ସାତଦିନ !

ଅଧ୍ୟାପକ ରବିନାରାୟଣ

ପାଠ ବନାମ ଶାଠ

ହାଟବାହୁଡ଼ା

ଡଃ ରବି ନାରାୟଣ

ଗଉଡ ଘରେ କମ୍ପ୍ୟୁଟର

ହାଟବାହୁଡ଼ା

ଡଃ ରବିନାରାୟଣ

Anupam Bharat - May 2002
'Hatbahuda' - by Dr. Rabi Narayan



August 17, 2000 (9)

କୁହୁକ ସଂଖ୍ୟା-କୌତୁକ ପ୍ରଶ୍ନ

ଅଧ୍ୟାପକ ରବିନାରାୟଣ ୮

କୌତୁକ ପ୍ରଶ୍ନ :

୧. ଗୋଟିଏ ଗଉଡ଼ ଆଠଲିଟର କ୍ଷୀର ଧରି ଯାଉଥିଲା । କ୍ଷୀର ମାପିବା ପାଇଁ ତା' ପାଖରେ କେବଳ ତିନିପ୍ରକାରର

May 26, 2000 (9)

କୁହୁକ ସଂଖ୍ୟା-କୌତୁକ ପ୍ରଶ୍ନ

ଅଧ୍ୟାପକ ରବିନାରାୟଣ - ୩



ହାଟବାହୁଡ଼ା

ରବିନାରାୟଣ

1.1.97

ଶ୍ରେଷ୍ଠ ବିଜିନେସ୍ ସ୍କୁଲ୍

ବ୍ୟବସାୟ ପ୍ରଶାସନ ବା ପରିଚାଳନା ବିଜ୍ଞାନରେ ଉନ୍ନତ ତଥା ମାନ୍ୟତାପ୍ରାପ୍ତ ପାଠ୍ୟକ୍ରମ ପାଇଁ ଆମେରିକାର ବିଜିନେସ୍ ସ୍କୁଲ୍ ବିଶ୍ୱବିଖ୍ୟାତ । ଗୁଣ ଓ ମାନର ନିୟମିତ ପରୀକ୍ଷା କରାଯାଇ ସେହି ଶିକ୍ଷାନୁଷ୍ଠାନ ଗୁଡ଼ିକର ମାନ୍ୟତା ତାଲିକା ପ୍ରକାଶ କରାଯାଇଥାଏ । ବିଦେଶରେ ପଢ଼ିବା, ବିଶେଷକରି ଆମେରିକାରେ ପଢ଼ିବାପାଇଁ ଆମମାନଙ୍କ ମଧ୍ୟରୁ ଅନେକ ପାଗଳ ପ୍ରାୟ । ଏବେ ବୃତ୍ତି ବା ସରକାରଙ୍କ ଅନୁଦାନ ଯଥେଷ୍ଟ ମିଳୁ ନ ଥିବାରୁ ଏବଂ ଆମେରିକାରେ ଏମ୍.ବି.ଏ. ପଢ଼ିବା ଅତ୍ୟଧିକ ବ୍ୟୟସାପେକ୍ଷ ହୋଇଥିବାରୁ ଅନେକଙ୍କ ଆଶା କେବଳ ସ୍ୱପ୍ନ ହୋଇ ରହିଯାଉଛି । ବିଶିଷ୍ଟ ଶିଳ୍ପପତିମାନେ ଯାହା ନିଜ ଖର୍ଚ୍ଚରେ ଉପାଧି ହାସଲ କରିପାରୁଛନ୍ତି । ନିକଟରେ ଆମେରିକାର ବିଶିଷ୍ଟ ବିଜିନେସ୍ ସ୍କୁଲ ଗୁଡ଼ିକର ମାନ୍ୟତା ତାଲିକା ପ୍ରକାଶ ପାଇଛି । ପ୍ରଥମ ଦଶଟି ଅନୁଷ୍ଠାନ ଗୁଡ଼ିକ ହେଲେ-ହର୍ଭାର୍ଡ, ହ୍ୱାର୍ଟନ, ଷ୍ଟାନଫୋର୍ଡ, ସିକାଗୋ ଗ୍ରାଜୁଏଟ୍ ସ୍କୁଲ୍, କଲମ୍ବିଆ, ଜନ୍ ଆଣ୍ଡରସନ୍, ଇଣ୍ଡିଆନା, ଓ୍ୱାକ୍ଲର ହାସ୍, ମିଚିଗାନ୍ ଏବଂ କାର୍ନେଗୀ ମେଲନ୍ ସ୍କୁଲ୍ ।

ଏହି ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରମୁଖ ଭାରତୀୟ ଶିଳ୍ପପତିମାନେ ହେଲେ : ଆନନ୍ଦ ମହିନ୍ଦ୍ରା (ମହିନ୍ଦ୍ରା-ମହିନ୍ଦ୍ରାର ଉପ ପରିଚାଳନା ନିର୍ଦ୍ଦେଶକ, ହର୍ଭାର୍ଡରୁ), ରିଲାଏନ୍ସର ଅନିଲ ଅମ୍ବାନି (ଷ୍ଟାନ୍‌ଫୋର୍ଡ), ଉଇପ୍ରୋର ଅଜୀମ ପ୍ରେମଜୀ (ଷ୍ଟାନ୍‌ଫୋର୍ଡ), ଅନିଲଙ୍କ ଭାଇ ମୁକେଶ ଅମ୍ବାନି (ହ୍ୱାର୍ଟନ ସ୍କୁଲ୍), ଗୋଦରେଜ୍ ସାବୁନ କମ୍ପାନିର ନାଦିର ଗୋଦରେଜ୍ (ହାର୍ଭାର୍ଡ), ବଜାଜ ଅଟୋର ମାଲିକ ରାହୁଲ ବଜାଜ (ହାର୍ଭାର୍ଡ), ଡ୍ୱାବର କମ୍ପାନିର ଭି. ସି. ବର୍ମନ (ମିଆମି ସ୍କୁଲ୍), ଆଇ.ଟି.ସି.ର ଚେୟାରମ୍ୟାନ୍ ଯୋଗୀ ଦେବେଶ୍ୱର (ଜନସନ୍ ଗ୍ରାଜୁଏଟ୍ ସ୍କୁଲ୍) ଏବଂ ଏପରି ଆହୁରି ଅନେକ । ଭାରତର ଆଇ.ଆଇ.ଏମ୍.ଅହମେଦାବାଦ ବିଶ୍ୱର ଅଗ୍ରଣୀ ବିଜିନେସ୍ ସ୍କୁଲମାନଙ୍କ ମଧ୍ୟରେ ପରିଗଣିତ । ଆଇ.ଆଇ.ଏମ୍.ଭଳି ଆହୁରି କେତେକ ଭଲ ଶିକ୍ଷାନୁଷ୍ଠାନ ଏମ୍.ବି.ଏ. ଉପାଧି ଦେଉଛନ୍ତି । ବିଦେଶ ମୁହାଁ ନ ହୋଇ ଦେଶର ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଉପାଧିପାଇଁ ଏବେ ଅନେକ ମେଧା ଭାରତରେ କାମ କରିବାକୁ ଆଗ୍ରହ ହେଉଛନ୍ତି । ଭାରତରେ ମଧ୍ୟ ଆମେରିକାଭଳି ସୁବିଧା ଓ ଆକର୍ଷଣୀୟ ବେତନ ଦିଆଯାଉଛି । ଆଇ.ଆଇ.ଏମ୍.ରୁ ପଢ଼ିବା ପରେ ପରେ ପ୍ରଥମରୁ ମାସିକ ପଚାଶ ହଜାର ଟଙ୍କା ବେତନର ଚାକିରୀ ଯୋଗାଇ ଦିଆଯାଉଥିବା ଖବର ପ୍ରକାଶ ପାଇଛି ।

ପ୍ରତିଯୋଗିତା ପାଖାପାଖି ଆଉ ଏକ ପ୍ରତିଯୋଗିତା ହୋଇଥିଲା । ଭାରତ ଓ ଦକ୍ଷିଣ-ଆଫ୍ରିକା ମଧ୍ୟରେ ଟାଇଟାନ୍ କପ୍ କ୍ରିକେଟର ଏକ-ଦିବସୀୟ ଖେଳର ଫାଇନାଲ୍ ଅନୁଷ୍ଠିତ ହୋଇଥିଲା । ଏହି ଖେଳର ପ୍ରସାରଣ ଅଧିକ ସଂଖ୍ୟକ ଦର୍ଶକ ଦେଖିଥିଲେ ବୋଲି ପ୍ରକାଶ ପାଇଛି । ସମସ୍ତ ସହରରେ ୫୦ ରୁ ୮୦ ପ୍ରତିଶତ ଦର୍ଶକ ଏହି ଖେଳ ଦେଖିଥିଲେ ବୋଲି ଜଣାପଡ଼ିଛି ।

ହାଟବାହୁଡ଼ା

ରବିନାରାୟଣ

13.1.97

ମହାନ୍ତି, ମହାଜନ ଓ ମଣ୍ଡେକ୍

ଶିଳ୍ପଜଗତରେ ସଦ୍ୟତମ ବିବାଦ ହେଉଛି ଟାଟା କମ୍ପାନିର ପ୍ରସ୍ତାବିତ ବିମାନସେବା
ପ୍ରକଳ୍ପ ସମ୍ବନ୍ଧରେ । ଟାଟା ଏବଂ ସିଙ୍ଗାପୁର ଏୟାରଲାଇନ୍‌ସର ମିଳିତ ଉଦ୍ୟମରେ ୨୪୮
କୋଟି ଟଙ୍କା ମୂଲ୍ୟର ଏହି ଯୋଜନା ଏଫ.ଆଇ.ପି.ବି. (ବିଦେଶୀ ପୁଞ୍ଜିନିବେଶ ଉନ୍ନୟ
ବୋର୍ଡ)ର ଅନୁମୋଦନ ଲାଭ କରିଛି । ଏହି ଅନୁମୋଦନ ଖବର ପ୍ରକାଶ ପାଇବାଠାରୁ
ହଟଗୋଳ ଆରମ୍ଭ ହୋଇଯାଇଛି । କେନ୍ଦ୍ରର ଶାସକ ଦଳର ସାଂସଦମାନଙ୍କ ସହ ମୁଖ୍
ବିରୋଧିଦଳ ବିଜେପି ମଧ୍ୟ ଏହାର ବିରୋଧ କରୁଛି । ଏହି ପ୍ରସ୍ତାବିତ ବିମାନସେବା ଯୋଜ
ସହ ଜଡ଼ିତ ତିନିଜଣ 'ମ' ମହାଶୟ । ଏମାନେ ପୁଣି ଟାଟା ବା ସିଙ୍ଗାପୁର ଏୟାର୍‌ଲାଇ
ସଂସ୍ଥାର କୌଣସି ଟିକେ ନାହାନ୍ତି । ଏମାନଙ୍କୁ ନେପଥ୍ୟ କୋଳାହଳର ନାୟକ ବୋ
କହିବା । ଏମାନେ ହେଲେ କେନ୍ଦ୍ର ଶିଳ୍ପ ସଚିବ ଏନ୍.ମହାନ୍ତି, ବିତ୍ତ ସଚିବ ମଣ୍ଡେକ୍ (ଭି
ଆଲୁୱାଲିଆ) ଏବଂ ବିଜେପିର ଅନ୍ୟତମ ମୁଖପାତ୍ର (ପ୍ରମୋଦ) ମହାଜନ ।

ଏଫ୍.ଆଇ.ପି.ବି.ରେ ଅନେକ ଦିନଧରି ପଡ଼ିରହିଥିବା ଏହି ବିମାନ ସେବା ଯୋଜନା
ଆବେଦନ ପତ୍ର ସେହିପରି ପଡ଼ିରହିବାଟା ଉଚିତ୍ ହୋଇଥାନ୍ତା ବୋଲି କେତେକ ସାଂସ
ମତ ଦେଉଛନ୍ତି । ମହାଜନଙ୍କ ମତରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚି
ଯୋଗେଶ ଚନ୍ଦ୍ରଙ୍କୁ ଏ ବିଷୟରେ ପରାମର୍ଶ କରାଯାଇନାହିଁ । ଯୋଗେଶ ଏବେ ଲଣ୍ଡନରେ
ସେ କାଳେ ଏହି ପ୍ରସ୍ତାବକୁ ଅନୁମୋଦନ ନ କରିବାକୁ କହିଯାଇଥିଲେ । ବିଜେପି ଏବ
ବିରୋଧ କରୁଥିବା ଅନ୍ୟ ଦଳର ସାଂସଦଙ୍କ ମତରେ ଏହି ନୂତନ ବିମାନ ସେବା ଆର
ହୋଇଗଲେ ଭାରତର ନିଜସ୍ୱ ବିମାନ ସେବା (ଏୟାର୍ ଇଣ୍ଡିଆ ଓ ଇଣ୍ଡିଆନ୍ ଏୟା
ଲାଇନ୍ସ) କ୍ଷତିର ସମ୍ମୁଖୀନ ହେବ । ଟାଟା ସିଙ୍ଗାପୁରର ପ୍ରସ୍ତାବିତ ବିମାନ ସେବା ଯୋଜନା
ସପକ୍ଷରେ ମତଦେଇଥିଲେ ମଣ୍ଡେକ୍ ଓ ମହାନ୍ତି, ଦୁଇ ଅଭିଜ୍ଞ ସଚିବ
ଏଫ୍.ଆଇ.ପି.ବି.ପ୍ରସ୍ତାବଟିକୁ ଏପରି ପକାଇ ରଖିବା ଅପେକ୍ଷା ଶୀଘ୍ର ଅନୁମୋଦନ କରାଯି
ସପକ୍ଷରେ ଥିଲେ ସେମାନେ । ବିମାନସେବା ଦେଶର ଶିଳ୍ପ ବିକାଶ ପାଇଁ ଏକ ଅପରିହାର
ଭିତ୍ତିଭୂମି ଓ ଦାୟିତ୍ୱପୂର୍ଣ୍ଣ ସେବା । ସେବାରେ ସାଲିସ୍ ବା ପକ୍ଷପାତ ନୀତି ନ ରହୁ
ଭାରତୀୟ ବିମାନ ସେବା, ରେଳସେବା ଏବଂ ସରକାରୀ ବସ୍ ସବୁ କିପରି ଚାଲିଛି ତା
ସମସ୍ତଙ୍କୁ ଭଲଭାବେ ଜଣା । ଭଲସେବା ପାଇଁ ଆଉଜଣେ ପ୍ରତିଯୋଗୀ ବା ଆଉ ଏ
ସଂସ୍ଥା ଯଦି ଆଗେଇ ଆସେ ତାହା ଗ୍ରାହକ ପାଇଁ ସୁଖବର ନିଶ୍ଚୟ । ଶିଳ୍ପଜଗତରେ ମୁ
ପରିବେଶ ପାଇଁ ଦେଶ ପ୍ରସ୍ତୁତ ହେଉଥିବାବେଳେ ନାଲିଫିତାର ଅଙ୍କୁଶ ଏମିତି ସବୁ
ଲଗାଇବାର ମାନେ କିଛି ନ ଥାଏ ।

ମହାରାଷ୍ଟ୍ରର ଏନ୍‌ରନ୍ ବିଦ୍ୟୁତ୍ ପ୍ରକଳ୍ପର ଅବସ୍ଥା ଏହିପରି ହୋଇଥିଲା । ହଁ, ନାହିଁ
ହଁ, ଏଭଳି ଅନିଶ୍ଚିତତା ମଧ୍ୟରେ ସମ୍ପୃକ୍ତ ପ୍ରକଳ୍ପକୁ ଅନେକ ଦିନ ପାଇଁ ବନ୍ଦ କରାଇ ଦେ
ପୁଣି ଚାଲୁ କରିବାକୁ ଅନୁମତି ଦେବାରେ ଲାଭ କଣ ହେଲା ? ମହାରାଷ୍ଟ୍ରର ଜଣେ
ବରିଷ୍ଠମନ୍ତ୍ରୀ ଏନ୍‌ରନ୍ - ଝଗଡ଼ା ଦୁର୍ଭାଗ୍ୟଜନକ ଥିଲା ବୋଲି ଏବେ ମାନିଛନ୍ତି ।
ପୃଷ୍ଠଭୂମିରେ ଆମେ ଏବେ ବିଚାର କରିବା ଚର୍ଚ୍ଚିତ ବିବାଦରେ କେଉଁ ମହାଶୟ (ମ)
କହୁଛନ୍ତି ।



ଇଣ୍ଟରନେଟ୍‌ର ଇତିହାସ ଓ ଭବିଷ୍ୟତ

ଅଧ୍ୟାପକ ରବି ନାରାୟଣ ସୁବୁଦ୍ଧି

ରାମାୟଣ, ମହାଭ
ବା ଶ୍ରୀକୃଷ୍ଣ ଭଳି ଅ
ଜନପ୍ରିୟ ଧାରାବା
ଇଣ୍ଟରନେଟ୍‌ରେ ପ୍ର
କରାଯାଉଥାଏ

କମ୍ପ୍ୟୁଟର୍‌ର କରାମତି

ଅସମ୍ଭବକୁ ସମ୍ଭବ କରିଛି କମ୍ପ୍ୟୁଟର । ଖୁବ୍ କମ୍ ସମୟରେ ଖୁବ୍ ବେଶି କାମ ନିର୍ଭୁଲ ଭାବେ କରି ପାରୁଛି କମ୍ପ୍ୟୁଟର । ଅସ୍ତ୍ରୋପଚାର ଠାରୁ ଅଙ୍କକଷା ଯାଏଁ ସବୁଠି ଆଜି କମ୍ପ୍ୟୁଟରର ଚାହିଦା । ଏହି ନୂତନ କ୍ଷମ କମ୍ପ୍ୟୁଟର ବ୍ୟବହାରର ନୂତନ ଦିଗନ୍ତ ସମ୍ପର୍କରେ

ଇଣ୍ଟରନେଟ୍‌ର ବ୍ୟବହାର :

କେନ୍ଦ୍ର ବଜେଟର ପ୍ରସାରଣ

୨୨ |

ଜୀବନରେ ଗଭୀର ରେଖାପାତ କରିଥିବା ଭଲ ମଣିଷ

ଯେଉଁ କିଛିଜଣ ବିଶିଷ୍ଟ ବ୍ୟକ୍ତି ମୋ ଜୀବନରେ ଗଭୀର ରେଖାପାତ କରିଛନ୍ତି, ସେ ଭିତରେ ଅନେକ ଅଛନ୍ତି। ଏଠି ସମୟକ୍ରମେ କିଛି ଲୋକଙ୍କର ସଂକ୍ଷିପ୍ତ ବିବରଣୀ ଲେଖିବା ଉଚିତ ମନେକରୁଛି। ଏହି ବିଭାଗ ପରବର୍ତ୍ତୀ ସଂସ୍କରଣରେ ଅଧିକ ବ୍ୟକ୍ତିଙ୍କ ବିଷୟରେ ମୋ ଅନୁଭୂତି ସମ୍ପର୍କରେ ବିସ୍ତୃତ ଭାବେ ଲେଖାଯିବ ।

ପ୍ରଫେସର ରୋଜର ଜେଫ୍ରି

ଯେଉଁ ଶିକ୍ଷାବିତ ମାନଙ୍କ ସଂସ୍ପର୍ଶରେ ମୁଁ ଆସିଛି, ତନ୍ମଧ୍ୟରୁ ସ୍କଟଲ୍ୟାଣ୍ଡ ସ୍ଥିତ ବିଶ୍ୱବିଦ୍ୟାଳୟ ର ପ୍ରଫେସର ରୋଜର ଜେଫ୍ରି, ଯିଏ ସାମାଜିକ ବିଜ୍ଞାନରେ ବିଶିଷ୍ଟ ଗବେଷକ, ବରିଷ୍ଠ ପ୍ରଫେସର, ତାଙ୍କ ସହ କାମ କରିବାର ସୁଯୋଗ ଆସିଛି। ଅନେକ କର୍ମଶାଳାରେ ତାଙ୍କ ସହ ଦେଖା ହେଇଛି, ବିଚାର ବିମର୍ଷ ହେଇଛି। ଆମେ ଦୁହେଁ ରାସାୟନିକ ସାରର ବହୁଳ ବିନିଯୋଗରୁ କିଭଳି ଅପକାର ହେଉଛି, ସେ ସମ୍ପର୍କିତ ଗୋଟେ ଗବେଷଣାରେ ସଂଶ୍ଳିଷ୍ଟ ଥିଲୁ । ଯେଉଁଥିଲାଗି ତାଙ୍କ ସହିତ ଅନେକ ସ୍ଥାନରେ ଦେଖାହେଇଛି। ନେପାଳ ର କାଠମାଣ୍ଡୁ, ଶ୍ରୀଲଙ୍କା ର କଲମ୍ବୋ, ବାଂଲାଦେଶ ର ଢାକା ଏବଂ ମାଳଦ୍ୱୀପ ର ମାଲେ ସହରରେ ମଧ୍ୟ ତାଙ୍କ ସହ ଦେଖା ହେଇଛି। ତାଙ୍କଠୁ ବହୁତ କଥା ଶିଖିବାର ଅଛି। ସେ ଏତେ ନମ୍ର ସ୍ୱଭାବର ଯେ ତାଙ୍କ ନମ୍ରତା ମତେ ବିଶେଷ ଭାବରେ ଛୁଇଁଛି।

ପ୍ରଫେସର ସି. ଆର. ରାଓ

ଆଉ ଜଣେ ଶିକ୍ଷାବିତ ହେଉଛନ୍ତି ପ୍ରଫେସର ସି. ଆର. ରାଓ। ସେ ମୋ ଭଳି ଜଣେ ପରିସଂଖ୍ୟାନ ଛାତ୍ର ଥିଲେ। ଏବେ ନିକଟରେ ସେ ଶହେ ବର୍ଷ ବୟସ ଅତିକ୍ରମ କରିଛନ୍ତି। ବର୍ତମାନ ତାଙ୍କୁ ଶହେ ଦୁଇ ବର୍ଷ। ପରିସଂଖ୍ୟାନ ବିଷୟରେ ତାଙ୍କର ଯାହା ଅବଦାନ, ତାହା ସାରା ଭାରତରେ ବିରଳ। ସେ ବର୍ତମାନ ଆମେରିକାର ନାଗରିକତ୍ୱ ନେଇଛନ୍ତି। ବର୍ତମାନ ସୁଦ୍ଧା ୩୫ ରୁ ଅଧିକ ଡ଼କ୍ଟରେଟ ପାଇ ସାରିଲେଣି। ତାଙ୍କର ଯେତିକି ଗବେଷଣା ପତ୍ରିକା ଏବଂ ଲେଖା, ବହୁତ ପରିସଂଖ୍ୟାନ ଛାତ୍ରଛାତ୍ରୀ ମାନେ ପଢ଼ନ୍ତି। ତାଙ୍କୁ ଦେଖିବା ପାଇଁ ଅଧ୍ୟାପକ ହେବା ଦିନଠାରୁ ମୋର ପ୍ରବଳ ଇଚ୍ଛା ଥିଲା। କେବଳ ତାଙ୍କୁ ଦେଖିବା ପାଇଁ ମୁଁ ଗୋଟେ ଅନ୍ତର୍ଜାତୀୟ କର୍ମଶାଳାରେ ଯୋଗ ଦେଇଥିଲି। ସେତେବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେଇଠି ମୁଁ ଦେଖିଲି, ପ୍ରତିଟି ପେପର ପାଠ ସମୟରେ ସେ କେମିତି ଅତି ଆଗ୍ରହ ସହ ଶୁଣୁଥିଲେ। ତାଙ୍କର ନମ୍ର, ଶାନ୍ତ ଓ କମନୀୟ ସ୍ୱଭାବ ମୋ ଜୀବନରେ ଗଭୀର ରେଖାପାତ କରିଥିଲା। ମୋତେ ସୁଯୋଗ ମିଳିଥିଲା ତାଙ୍କର ଶତବାର୍ଷିକୀ ପାଳନ ସେମିନାର ସମୟରେ ଯିବାକୁ। ସେଠାକୁ ମୁଁ ଜଣେ ବକ୍ତା ଭାବେ ନିମନ୍ତ୍ରିତ ହୋଇଥିଲି। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ତିରୁପତି ବିଶ୍ୱବିଦ୍ୟାଳୟ ର ମିଳିତ ଉଦ୍ୟମରେ ତାଙ୍କ ସମ୍ମାନାର୍ଥେ ଯେଉଁ ଅନ୍ତର୍ଜାତୀକ ସେମିନାର ହୋଇଥିଲା, ସେଥିରେ ମୁଁ ଗୋଟେ ସନ୍ଦର୍ଭ ପାଠ କରିଥିଲି। ସେ ଭାରତ ପାଇଁ ଗର୍ବ। ସେ ବର୍ତ୍ତମାନ ଉଭୟ ଭାରତ ଓ ଆମେରିକାର ଦ୍ୱୈତ୍ୟ ନାଗରିକତ୍ୱ ଗ୍ରହଣ କରିଛନ୍ତି। ୨୦୨୩ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ ।

ଜାନକୀ ବଲ୍ଲଭ ପଟ୍ଟନାୟକ

(୩ ଜାନୁଆରୀ ୧୯୨୭ - ୨୧ ଅପ୍ରେଲ ୨୦୧୫):

ସେ ଜଣେ ରାଜନୀତିଜ୍ଞ, ବାଗ୍ମୀ, ସାମ୍ବାଦିକ ଓ ସାରସ୍ୱତ ସ୍ରଷ୍ଟା ଥିଲେ। ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳାଧିପତି, ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମେଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭଳି ବହୁ ଦାୟିତ୍ୱ ସମ୍ଭାଳିଛନ୍ତି ।

୧୯୪୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଉପାଧି ହାସଲ କରିବା ପରେ ୧୯୪୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ । ଏହାପରେ ସେ 'ଇଷ୍ଟର୍ଣ୍ଣ ଟାଇମ୍ସ' ଖବରକାଗଜରୁ ସାମ୍ବାଦିକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ

କରିଥିଲେ । ୧୯୫୦ରେ ଏହାର ଯୁଗ୍ମ ସମ୍ପାଦକ ଓ ଦୁଇବର୍ଷ ପରେ ଏହାର ସମ୍ପାଦକ ହୋଇଥିଲେ । ଏହା ସହ ସେ ଓଡ଼ିଆ ଦୈନିକ 'ପ୍ରଜାତନ୍ତ୍ର'ର ମଧ୍ୟ ସମ୍ପାଦକ ହୋଇଥିଲେ । ୧୯୬୭ ପର୍ଯ୍ୟନ୍ତ ସେ ଉଭୟ ଖବରକାଗଜର ସମ୍ପାଦକ ରହି ଆସିଥିଲେ । ୧୯୬୭ ଜୁଲାଇରେ ସେ ''ପୌରୁଷ' ପତ୍ରିକା ପ୍ରତିଷ୍ଠା ଓ ସଂପାଦନା କରିଥିଲେ ।

ଜାନକୀବଲ୍ଲଭ କୈଶୋରରୁ ଛାତ୍ର ରାଜନୀତି ସହ ଜଡ଼ିତ ଥିଲେ । ୧୯୫୦ ମସିହାରେ ସେ ରାଜ୍ୟ ଯୁବକଂଗ୍ରେସ ସଭାପତି ଥିଲେ । ୧୯୫୪ରୁ ୧୯୬୦ ମସିହା ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ରହି ଆସିଥିଲେ । ୧୯୭୧ ମସିହାରେ ପ୍ରଥମ ଥର ଲାଗି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟ୍‌ରେ ୧୯୭୩ରୁ ୧୯୭୫ ପର୍ଯ୍ୟନ୍ତ ସେ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୮୦ ଜାନୁଆରୀ ସାଧାରଣ ନିର୍ବାଚନରେ ପୁଣିଥରେ ଲୋକ ସଭାକୁ ନିର୍ବାଚିତ ହୋଇ ସେ ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ ଓ ଶ୍ରମ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିଲେ । ୧୯୮୦ ଜୁନ ମାସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଂକୃତ କରିଥିଲେ ଜାନକୀବଲ୍ଲଭ ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀରୁ ଉପନିର୍ବାଚନରେ ବିଜୟୀ ହୋଇଥିଲେ । ଦ୍ୱିତୀୟ ଥର ପାଇଁ ୧୯୮୫ ନିର୍ବାଚନରେ ସେ ଉଭୟ ଖୋର୍ଦ୍ଧା ଓ ଆଠଗଡ଼ ଆସନରୁ ବିଧାନ ସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୯୫ ମସିହାରେ ସେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୦୦୯ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାନକୀବଲ୍ଲଭଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ । ସେହିବର୍ଷ ଡିସେମ୍ବର ୧୧ତାରିଖରେ ସେ ମହାମହିମ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ସହ ମୋର ଦୁଇ ଥର ଦେଖାହୋଇଛି ।

ବିଜୟାନନ୍ଦ ପଟ୍ଟନାୟକ (**ବିଜୁ ପଟ୍ଟନାୟକ** ଓ **ବିଜୁ ବାବୁ** ନାମରେ ଅଧିକ ପରିଚିତ, ୫ ମାର୍ଚ୍ଚ ୧୯୧୬ – ୧୭ ଅପ୍ରେଲ ୧୯୯୭):

୧୯୯୦ ମାର୍ଚ୍ଚ ୫ରୁ ୧୯୯୫ ମସିହା ମାର୍ଚ୍ଚ ୧୫ ଯାଏ ଓ ୧୯୬୧ ଜୁନ ୨୩ରୁ ୧୯୬୩ ମସିହା ଅକ୍ଟୋବର ୨ ଯାଏ ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକରିଥିଲେ । ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଆଶାଲତା ପଟ୍ଟନାୟକଙ୍କଠାରୁ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଦିନ କଟକର ତୁଳସୀପୁରଠାରେ ତୃତୀୟ ସନ୍ତାନ ଭାବେ ଜନ୍ମ ନେଇଥିଲେ।

ରାଜନୀତି କ୍ଷେତ୍ରରେ ବିଜୁ ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନ ୧୯୪୬ରେ ଆରମ୍ଭକରି ନିର୍ବିରୋଧ ଭାବେ ଓଡ଼ିଶା ବିଧାନ ସଭାକୁ ଉତ୍ତର କଟକ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୧୯୫୨ ଏବଂ ୧୯୫୭ରେ ସେ ଯଥାକ୍ରମେ ଜଗନ୍ନାଥ ପ୍ରସାଦ ଏବଂ ସୋରଡ଼ାରୁ ଜିତିଥିଲେ । ୧୯୬୧ରେ ସେ ରାଜ୍ୟ କଂଗ୍ରେସର ସଭାପତିତ୍ୱ ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ୧୪୦ରୁ ୮୨ଟି ଆସନରେ ବିଜୟ ଲାଭକରିଥିଲା । ତୌଦ୍ୱାରରୁ ନିର୍ବାଚିତ ବିଜୁ ପଟ୍ଟନାୟକ ପ୍ରଥମଥର ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ୨ ଅକ୍ଟୋବର ୧୯୬୩ ଯାଏଁ ପଦବୀରେ ରହିଥିଲେ । ୧୯୭୧ରେ ସେ କଂଗ୍ରେସ ପାର୍ଟି ଛାଡ଼ି ଉତ୍କଳ କଂଗ୍ରେସ ନାମରେ ଏକ ନୂତନ ଦଳ । ୧୯୮୦ରେ ବିଜୁ ବାବୁ ଲୋକ ସଭାକୁ ନିର୍ବାଚିତ ହେଲେ ଏବଂ ପୁଣିଥରେ ୧୯୯୬ରେ ଲୋକ ସଭାକୁ ନିର୍ବାଚିତ ହେଇଥିଲେ । ୧୯୯୦ ରାଜ୍ୟ ବିଧାନ ସଭା ନିର୍ବାଚନରେ ଜନତା ଦଳ ଜିତିଲା ଏବଂ ଆଉଥରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୧୯୯୫ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥଲେ । (ସଂଗୃହିତ)

ତାଙ୍କ ସହ ଦେଖା ହୋଇ କଥା ହେବା, ମୋର ପରମ ସୌଭାଗ୍ୟ ଥିଲା ।

ଅନ୍ନପୂର୍ଣ୍ଣା ମହାରଣା (୧୯୧୭-୨୦୧୨)

ଜଣେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ୧୯୧୭ ମସିହା ନଭେମ୍ବର ୩ ତାରିଖରେ କଟକର ବାଖରାବାଦଠାରେ ଜନ୍ମଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ବାପା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ ଚୌଧୁରୀଙ୍କ ସଂଗ୍ରାମମୟ ଜୀବନର ଛିଟାପଡିଥିଲା ତାଙ୍କ ଉପରେ । ତାଙ୍କର ଶ୍ରଦ୍ଧାନାମ ଥିଲା "ଚୁନୁ" । ତେଣୁ ପରବର୍ତ୍ତୀ ସମୟରେ ସେ "ଚୁନୁଅପା" ନାମରେ ବେଶୀ ପରିଚିତ ହେଲେ । ଗୋପବନ୍ଧୁଙ୍କ ସପରିବାର ଗାନ୍ଧୀ-ନୀତି ଗ୍ରହଣ କରିଥିବାରୁ, ଅନ୍ନପୂର୍ଣ୍ଣାଙ୍କ ଉପରେ ପିଲାଦିନରୁ ଏହାର ପ୍ରଭାବ ପଡ଼ିଥିଲା ଓ ଏହି ଆଦର୍ଶରେ ସେ ଆଜୀବନ ବଞ୍ଚିଥିଲେ । ଗୋପବନ୍ଧୁ ନିଜର ସନ୍ତାନଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଇଚ୍ଛୁକ ନଥିବାରୁ, ଅନ୍ନପୂର୍ଣ୍ଣାଙ୍କ ଶିକ୍ଷା ଘର ମଧ୍ୟରେ ହୋଇଥିଲା ।

ମାତ୍ର ୧୩ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଦେଇଥିଲେ। ହେଲେ ୧୯୩୨ ମସିହାରେ ମାତ୍ର ୧୫ ବର୍ଷ ବୟସରେ ସେ କାରାବରଣ କରିଥିଲେ। ୧୯୩୪ ମସିହାରେ ଅନ୍ନପୂର୍ଣ୍ଣା ମହାତ୍ମା ଗାନ୍ଧୀଙ୍କ ସହ ପୁରୀରୁ-ଭଦ୍ରକ ହରିଜନ ପଦଯାତ୍ରାରେ ଯୋଗ ଦେଇଥିଲେ । ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦି, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ଭାଇଙ୍କ ନାମ ଥିଲା ମନମୋହନ ଚୌଧୁରୀ । ହରିଜନ ସେବାକୁ ଜୀବନର ବ୍ରତ ମାନିନେଇଥିବା ଅନ୍ନପୂର୍ଣ୍ଣା, ୧୯୪୨ ମସିହାରେ ପିତା ଗୋପବନ୍ଧୁଙ୍କ ଇଚ୍ଛା ଅନୁଯାୟୀ ଅସବର୍ଣ୍ଣ ବିବାହ କରିଥିଲେ । ତାଙ୍କ ପତିଙ୍କ ନାମ ଥିଲା ଶରତ ଚନ୍ଦ୍ର ମହାରଣା ଓ ସେ ଜାତିରେ ବୈଶ୍ୟ ଥିଲେ । ଅନ୍ନପୂର୍ଣ୍ଣା ଦୁଇଟି ପୁତ୍ର ସନ୍ତାନର ଜନନୀ ହୋଇଥିଲେ। ଅନ୍ନପୂର୍ଣ୍ଣା ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହେବା ସହିତ ମା' ରମାଦେବୀ ଓ ଖୁଡ଼ୀ ମାଳତୀ ଦେବୀଙ୍କ ସହିତ କୁଜଙ୍ଗରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ । ଏହି ସମୟରେ କଟକ ଓ ଯାଜପୁର ଜେଲରେ ତାଙ୍କର ଦୁଇବର୍ଷ ତିନିମାସ କଟିଥିଲା । ତେବେ ଜୟପ୍ରକାଶଙ୍କ ନେତୃତ୍ୱରେ ଚମ୍ବଲର ଡକାୟତମାନଙ୍କ ଆତ୍ମସମର୍ପଣ କାର୍ଯ୍ୟକ୍ରମର ଅନ୍ନପୂର୍ଣ୍ଣା ଅଂଶଗ୍ରହଣ କରି,ଜାତୀୟ ସ୍ତରରେ ଖୁବ ଚର୍ଚ୍ଚିତ ହୋଇଥିଲେ । ଏଥିସହିତ ଅନ୍ନପୂର୍ଣ୍ଣା ରଚିତ "ଦସ୍ୟୁ ହୃଦୟର ଦେବତା", ଏହି ବିଷୟ ଉପରେ ପର୍ଯ୍ୟବେକ୍ଷିତ ଅଟେ । ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଆନ୍ଦୋଳନ ସମୟରେ ଅନ୍ନପୂର୍ଣ୍ଣା ବାଂଲାଦେଶ ସୀମାରେ କାର୍ଯ୍ୟ କରିଥିଲେ । ଚମ୍ବଲ ଦସ୍ୟୁମାନଙ୍କ ସହିତ ରହି ୧୯୭୨ ମସିହାରେ ସେମାନଙ୍କୁ ଆତ୍ମସମପର୍ଣ ପାଇଁ ପ୍ରବର୍ତ୍ତାଇ ଥିଲେ । ୩୧ ଡିସେମ୍ବର୨୦୧୨ ଦିନ ଅନ୍ନପୂର୍ଣ୍ଣା ୯୫ ବର୍ଷ ବୟସରେ ଇହଲିଳା ସମ୍ବରଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଓ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଅନ୍ନପୂର୍ଣ୍ଣାଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ନିଜର ଆତ୍ମ ଜୀବନୀ "ଅମୃତ ଅନୁଭବ' ପାଇଁ ଅନ୍ନପୂର୍ଣ୍ଣାଙ୍କୁ ଶାରଳା ପୁରସ୍କାର ଦିଆଯାଇଥିଲା । (ସଂଗୃହିତ)

ତାଙ୍କ ସହ ଦେଖା ହୋଇ କଥା ହେବା, ମୋର ପରମ ସୌଭାଗ୍ୟ ଥିଲା ।

ପ୍ରଫେସର ଅଚ୍ୟୁତ ସାମନ୍ତ

ସେହିପରି କ୍ରମରେ ମନେ ପଡନ୍ତି, ବିଶାଳ ଘରୋଇ ଶିକ୍ଷା ଅନୁଷ୍ଠାନ ଗଢ଼ିଥିବା ଦୁଇଜଣ ସଫଳ ବ୍ୟକ୍ତିତ୍ୱ । ଜଣେ ହେଉଛନ୍ତି କିଟ୍ (ଓ କିସ ବିଶ୍ୱବିଦ୍ୟାଳୟ) ର ପ୍ରତିଷ୍ଠାତା ସଂସ୍ଥାପକ, ଶ୍ରୀ ଅଚ୍ୟୁତ ସାମନ୍ତ। ମୁଁ କିଟ୍ ବିଶ୍ୱବିଦ୍ୟାଳୟ ରେ ଯୋଗଦେବା

ପୂର୍ବରୁ ତାଙ୍କୁ ବିଶେଷ ଭାବେ ଜାଣିନଥିଲି। ମୁଁ କିଟ୍ ରେ ୧୭ ବର୍ଷ ଅଧ୍ୟାପନା କରିବା ସମୟରେ, ଯେତେଥର ତାଙ୍କୁ ଦେଖିଛି ଏବଂ ତାଙ୍କ କଥା ଭାବିଛି, ତାଙ୍କର ଦୃଢ ମନୋବଳ ଓ କାର୍ଯ୍ୟଦକ୍ଷତା ମୋତେ ସେତେ ଅଧିକ ବିସ୍ମିତ କରିଛି। ପ୍ରଥମେ ତାଙ୍କ ପାଖରେ କିଛି ନ ଥାଇ ମଧ ବହୁତ ବଡ଼ ଅନୁଷ୍ଠାନ ଟିଏ ଗଢିବାର ସ୍ବପ୍ନ ଦେଖି, ତାକୁ ସାକାର କରି ପାରିଛନ୍ତି । ସେ ଚିରନମସ୍ୟ। ଯେତେବେଳେ ପ୍ରଥମେ କିଟ୍, ଭୁବନେଶ୍ୱରର ଛୋଟ ଅଞ୍ଚଳରେ ଆରମ୍ଭ ହୋଇଥିଲା। ସେତେବେଳେ ତାଙ୍କ ପାଖେ କିଛି ସମ୍ବଳ ନଥିଲା। ଏବେ ତାଙ୍କର ଆପ୍ରାଣ ଉଦ୍ୟମ ଯୋଗୁ ଏହା ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ହୋଇପାରିଛି। ସେ ଏତେ ଲୋକଙ୍କୁ କିଭଳି ମନେ ରଖନ୍ତି ଏବଂ କିଭଳି ଏତେ ଲୋକଙ୍କୁ ନେଇ ସୁଚାରୁ ରୂପେ କାର୍ଯ୍ୟ କରନ୍ତି ତାହା ଏକ ବିସ୍ମୟ। ତାଙ୍କ ଦ୍ୱାରା ମୁଁ ଦୁଇଥର ପୁରସ୍କୃତ ହୋଇଛି ଏବଂ ତାଙ୍କର ଜୀବନଶୈଳୀ ମୋ ଜୀବନ ଉପରେ ଗଭୀର ରେଖାପାତ କରିଛି। ଦେଶ ବିଦେଶରେ ସେ ଅନେକ ସ୍ଥାନରେ, ଅନେକ ଥର ସମ୍ମାନିତ ହୋଇଛନ୍ତି ।

ଜି. ବିଶ୍ୱନାଥନ

ଏହି କ୍ରମରେ ଆଉ ଜଣେ ବିଶାଳ ଅନୁଷ୍ଠାନ ଗଢ଼ିଥିବା ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ଭି.ଆଇ.ଟି. ଭେଲୋରସ୍ଥିତ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ଜି. ବିଶ୍ୱନାଥନ । ମୁଁ ଯେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାଡ଼ିଲି, ସେତେବେଳେ ମୁଁ ସେଠି ରିଡର ଥାଏ ଏବଂ ପ୍ରଫେସର ହେବାକୁ ଇଚ୍ଛାଥାଏ। ମୁଁ ପ୍ରଫେସର ସିଲେକ୍ସନ ଟେଷ୍ଟ ରେ ସଫଳତା ପାଇଲି। ସେଥିରେ ନିଜେ ବସିଥାନ୍ତି ବିଶ୍ୱବିଦ୍ୟାଳୟର ସଂସ୍ଥାପକ ଜି. ବିଶ୍ୱନାଥନ। ମୋତେ ଯେଉଁ ସରଳ ପ୍ରଶ୍ନ ସବୁ ପଚାରିଥିଲେ, ମୁଁ ତାକୁ ଅତି ପ୍ରାଞ୍ଜଳ ଭାବେ କହିଥିଲି ଏବଂ ମୋ ଉତ୍ତରରେ ସେ ବହୁତ ଖୁସି ହୋଇଥିଲେ। ସେଠି ମତେ ବହୁତ ଆଦର କରୁଥିଲେ। କିନ୍ତୁ ମୋ ବାପା ଚାଲିଯିବା ପରେ ମତେ ଓଡିଶା ଫେରିବାକୁ ପଡିଥିଲା। ମୁଁ ଯେତେବେଳେ ବର୍ଷେ ପରେ ଫେରିଆସିବାକୁ ଚାହିଁଥିଲି, ସେ ନିଜେ କହିଥିଲେ ଯେ

ଯେଉଁମାନେ ଏଠୁ ଛାଡିକି ଯାଆନ୍ତି ମୁଁ ତାଙ୍କୁ କେବେ ଡାକେନାହିଁ କିନ୍ତୁ ତମେ ଭଲ କାମ କରିଥିଲ, ତେଣୁ ତମେ ଯେବେ ବି ଚାହିଁବ ପୁଣି ଏଇ ଭି.ଆଇ.ଟି. କୁ ଫେରି ଆସିପାରିବ।

ଏହି କ୍ରମରେ ମୁଁ ନିଶ୍ଚୟ ମନେ ପକେଇବି ବର୍ତ୍ତମାନର କିଟ୍ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କୁ। ମୁଁ ଯେତେବେଳେ ପ୍ରଥମେ ଯୋଗ ଦେଇଥିଲି ସେ ସେତେବେଳେ କିଟ୍ ବିଶ୍ୱବିଦ୍ୟାଳୟର ନମଲେଖା ବିଭାଗର ନିର୍ଦ୍ଦେଶିକା ଥିଲେ। ତାଙ୍କର ନିଜର କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ବଳରେ ସେ କିଟ୍ ର କୁଳପତି ହୋଇପାରିଥିଲେ। ସେ ବର୍ତ୍ତମାନ ସାରା ଭାରତରେ ଜଣେ ପ୍ରଭାବଶାଳୀ ମହିଳା ଭାବରେ ପ୍ରତିଷ୍ଠିତା। ତାଙ୍କର କାର୍ଯ୍ୟଶୈଳୀ ମଧ୍ୟ ଗଭୀର ରେଖାପାତ କରିଛି।

ମନୋଜ ଦାସ

ପ୍ରସିଦ୍ଧ ଗାଳ୍ପିକ ଓ ଔପନ୍ୟାସିକ **ମନୋଜ ଦାସ** (୨୭ ଫେବୃଆରୀ ୧୯୩୪ - ୨୭ ଅପ୍ରେଲ ୨୦୨୧) ସହ ସାକ୍ଷାତ ଓ ସମ୍ପର୍କ ମୁଖ୍ୟତଃ (ଦୈନିକ ଖବର କାଗଜ ଅନୁପମ ଭାରତ ର ପ୍ରତିଷ୍ଠାତା) କାଳି ଚରଣ ପଣ୍ଡାଙ୍କ ମାଧ୍ୟମରେ ହୋଇଥିଲା । ସେ ଶିଶୁ ସାହିତ୍ୟ, ଭ୍ରମଣ କାହାଣୀ, କବିତା, ପ୍ରବନ୍ଧ ଆଦି ବିଭାଗରେ ନିୟମିତ ଲେଖି ସୁନାମ ଅର୍ଜନ କରିଥିଲେ । ସେ ପାଞ୍ଚଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍

ଉପାଧି ଲାଭ ସହିତ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ସରସ୍ୱତୀ ସମ୍ମାନ ଓ ଭାରତ ସରକାରଙ୍କଠାରୁ ପଦ୍ମଶ୍ରୀ (୨୦୦୧) ଓ ମସିହାରେ ପଦ୍ମ ଭୂଷଣ (୨୦୨୦) ଉପାଧି ପାଇଥିଲେ । ମୁଁ ତାଙ୍କ ସହ ଏକାଧିକ ବାର ବ୍ରହ୍ମପୁର ଓ ଭୁବନେଶ୍ବର ରେ ସାକ୍ଷାତ କରିବାର ସୁଯୋଗ ପାଇଥିବାବେଳେ ତାଙ୍କ ପଣ୍ଡିଚେରୀ ବାସଭବନ ରେ ମଧ୍ୟ ଦୁଇ ଥର ସାକ୍ଷାତ କରିଛି । ତାଙ୍କ ଠାରୁ ଦୁଇଥର ଚିଠି ପାଇଥିବା ମୋର ସୌଭାଗ୍ୟ ।



MANOJ DAS C/o SRI AUROBINDO INTERNATIONAL CENTRE OF EDUCATION PONDICHERRY - 605 002 / INDIA

Dr. R.N. Subudhi, (F.D.P.)
D.05.18, I.I.M. Vastrapur,
Ahmedabad.

19 January 2002

Dear Rabi Babu,

Your kind letter written on the auspicious Siddhi Day (24 November 2001) probably reached here on time, but remained hidden in a huge stack of letters most of which remained unanswered partly because of my absence and partly because of my inability to cope with the demands on my time. I am sorry.

I fondly remember your visit to Pondicherry and your company at Berhampur. I can imagine the impact of the tragedy concerning dear Kali Babu on you from my own reaction to it, even though I know that our concept of life and death had hardly anything to do with a soul's decision.

The xerox copy of what I wrote for you seems misplaced. I enclose a small diary with my best wishes. I presume, you are still at Ahmedabad.

With best wishes,

Affly,

(Manoj Das)

Phones: (0413) 335466 / 338177

ମନ୍ମଥ ନାଥ ଦାସ

ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଓ ଐତିହାସିକ **ମନ୍ମଥ ନାଥ ଦାସ** (୫ ଜାନୁଆରୀ ୧୯୨୬- ୧୮ ଜୁଲାଇ ୨୦୦୯), ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଥିବାବେଳେ ସେ କୁଳପତି ଥିଲେ (୧୯୮୩-୧୯୮୫) । ସେ ସମୟରେ ମୁଁ ସବୁ ଛାତ୍ରାବାସ ପାଇଁ ସାଂସ୍କୃତିକ (ଏକକ ଅଭିନୟ ପ୍ରତିଯୋଗିତା) କରିବା ସମୟରେ ସେ ଆର୍ଥିକ ଓ ବୌଦ୍ଧିକ ସହାୟତା ଦେଇଥିଲେ । ସେ ଓଡ଼ିଶାରୁ ରାଜ୍ୟ ସଭାର ସଦସ୍ୟ (୧୯୯୮-୨୦୦୪)

ହୋଇଥିଲେ । ମୁଁ ତାଙ୍କୁ ତାଙ୍କ ରାମ ମନ୍ଦିର ଛକ ନିକଟସ୍ଥ ବାସଭବନ ରେ ମଧ୍ୟ ଦେଖା କରିଥିଲି । ସରଳ, ଆମାୟିକ, ମେଳାପି ମଣିଷ ଥିଲେ ସେ ।

ସୌଭାଗ୍ୟ କୁମାର ମିଶ୍ର

ସୌଭାଗ୍ୟ କୁମାର ମିଶ୍ର (ଜନ୍ମ ୫ ସେପ୍ଟେମ୍ବର ୧୯୪୧) ବିଜେବି ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଦାନ କରିବା ପରେ, ସେ ୧୯୭୮ରୁ ୨୦୦୧ ଯାଏଁ ବହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ । ବହ୍ମପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପନା ସମୟରେ (୧୯୮୭ – ୨୦୦୬) ମୋର ତାଙ୍କ ସହ ବରାବର ଦେଖା ହେଉଥିଲା, ସହକର୍ମୀ ଭାବେ ଖୁବ ଭଲ ସମ୍ପର୍କ ଥିଲା । ସେ ମୋ ଦିଶା ପତ୍ରିକା ପାଇଁ ଗୋଟେ ଭଲ କବିତା ଦେଇଥିଲେ । ସେ ୧୯୮୬ ମସିହାରେ ତାଙ୍କ କବିତା ସଂକଳନ 'ଦ୍ୱା ସୁପର୍ଣ୍ଣା' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, 'ଅନ୍ଧ ମହୁମାଛି' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୭୯ ମସିହାରେ) ପାଇଥିଲେ (ଆହୁରି ଅନେକ ଯଥା, ସାହିତ୍ୟ ଭାରତୀ ସମ୍ମାନ, ବିଷୁବ ପୁରସ୍କାର, ସାରଳା ସମ୍ମାନ ପାଇଥିଲେ ସେ।) ଅତ୍ୟନ୍ତ ସ୍ନେହୀ ତଥା ଖୁବ ସ୍ବାଭିମାନୀ ଲାଗନ୍ତି । ଦୁଇ ପଦ କଥା ହେଲେ ମନ ମୋହିନେବେ ଯେମିତି ।



ବିଭୁତି ଭୁଷଣ ଦେଓ

ବିଭୁତି ଭୁଷଣ ଦେଓ ୧୯୨୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୪୬ ମସିହାରେ ସମଗ୍ର ରାଜ୍ୟରେ ଦଶମ ସ୍ଥାନ ଅଧିକାର କରି ମାଟ୍ରିକ ପାସ କରିଥିଲେ । ଏହା ପରେ ୧୯୫୦ ମସିହରେ ରେଭେନ୍ସା ମହାବିଦ୍ୟାଳୟରୁ ଶ୍ରେଷ୍ଠ ସ୍ନାତକ ଭାବେ ଉତୀର୍ଣ୍ଣ ହୋଇ ଆଲ୍ଲାହବାଦ ବିଶ୍ୱବିଦ୍ୟାଳୟରୁ ୧୯୫୨ ମସିହାରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲକରିଥିଲେ । ସେ ଇଂଲଣ୍ଡର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ପଦାର୍ଥବିଜ୍ଞାନୀ ପଫେସର ଲିୟନ ରୋଜେନଫିଲ୍ଡଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ୧୯୫୮ ମସିହାରେ ପିଏଚଡି ପାଇଥିଲେ । ୧୯୬୭ ମସିହାରେ ଆମେରିକାର କାର୍ନେଗୀ ମେଲନ ବିଶ୍ୱବିଦ୍ୟାଳୟରେ ୩ ବର୍ଷ ଗବେଷଣା କରିଥିଲେ। ସେଠାରୁ ଫେରି ସେ, ୧୯୬୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ନବଗଠିତ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପଦ ଅଳଙ୍କୃତ କରିଥିଲେ । ୧୯୭୦ ମସିହାରେ ତାଙ୍କ ପ୍ରଚେଷ୍ଟାରେ, ଓଡ଼ିଶାର ପ୍ରଥମ କମ୍ପ୍ୟୁଟର, ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ସ୍ଥାପନ ହୋଇପାରିଥିଲା । ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ଛତ୍ର ଥିବାବେଳେ ତାଙ୍କୁ ନିକଟରୁ ଦେଖିଥିଲି ଜଣେ ଭଲ ପଦାର୍ଥ ବିଜ୍ଞାନ ବିଶାରଦ ଭାବେ । ପରେ ମୁଁ ଅଧ୍ୟାପକ ଥିବା ବେଳେ, ୧୯୮୯-୧୯୯୨ ମଧ୍ୟରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇ ଥିଲେ । ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ (Physics Institute) ର ପ୍ରତିଷ୍ଠା ପ୍ରାରମ୍ଭିକ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।

ସୁଦର୍ଶନ ଆଚାର୍ଯ୍ୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ (ମୋର ଦୁଇ ଦଶନ୍ଧି ରୁ ଅଧିକ ସମୟର ଅଧ୍ୟାପନା ସମୟରେ) ଯେଉଁ କେତେଜଣଙ୍କ ବଳିଷ୍ଠ ବ୍ୟକ୍ତିତ୍ବ ଓ ପ୍ରଭାବୀ ପ୍ରତିଭା ମୋତେ ଅନୁପ୍ରାଣିତ କରିବା ସହ ମୋ ମନରେ ଗଭୀର ରେଖାପାତ କରିଥିଲେ, ସେମାନଙ୍କ ମଧ୍ୟରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଅନ୍ୟତମ । ମୁଁ ସାହିତ୍ୟ ନପଢି (/ନପଢାଇ), ସାହିତ୍ୟରେ ଗଭୀର ରୁଚି ରଖୁଥିବାରୁ, ତାଙ୍କୁ ଜଣେ ଆଦର୍ଶ ଭାବେ ଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା । ସେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଯିବା ପାଇଁ ବିଶ୍ୱବିଦ୍ୟାଳୟ ବସ ସୁବିଧା ଥିଲା । ଆମେ ଗୋଟିଏ ଛକରୁ ଉଠୁଥିଲୁ , ତେଣୁ ବସ ଆସିବା ପର୍ଯ୍ୟନ୍ତ (କମାପଲ୍ଲୀ/ ଟାଟା ବେଞ୍ଚ ଛକ ହେଉ ବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ) କିଛି ଗପିବା ସୁଯୋଗ ମିଳୁଥିଲା । ମୁଁ ସେତେବେଳେ ଥିଲି କନିଷ୍ଠ ଅଧ୍ୟାପକ, ସେଥିଲେ ବରିଷ୍ଠ ପ୍ରଫେସର । କିନ୍ତୁ ତାଙ୍କର ସ୍ନେହପୂର୍ଣ୍ଣ କଥା, ଆଦର ଓ ଦିଗଦର୍ଶନ, ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ । ସେ ଥିଲେ ଜଣେ ଯୁଗଜୟୀ ସ୍ରଷ୍ଟା, ପ୍ରଜ୍ଞା ମଣିଷ; ତଥାପି ଥିଲେ ଅତ୍ୟନ୍ତ ଉଦାର, ଶାନ୍ତ; ସହକର୍ମୀ ଓ ଗବେଷକ ଙ୍କ ପ୍ରିୟ ମଣିଷ। ତାଙ୍କର ହସ ହସ ମୁହଁ ଓ ସ୍ନେହପୂର୍ଣ୍ଣ କଥା ଗୁଡ଼ିକ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ।

ଆମେ ବ୍ରହ୍ମପୁର ସହରରେ କିଛି ବର୍ଷ ଗୋଟିଏ ଅଞ୍ଚଳ (ପାଖ ସାହି) ରେ ରହୁଥିବାରୁ (ଓ ତାଙ୍କ ପୁଅ ବାବୁ ସହ ସମ୍ପର୍କ ଥିବାରୁ), ଅନେକ ଥର ତାଙ୍କ ବାସ ଭାବନକୁ ଯିବା ସୁଯୋଗ ମିଳିଛି, ସାର ଙ୍କ ଅବସର ପରେ ମଧ୍ୟ । ତାଙ୍କ ଦ୍ୱାରା ସଂଗୃହୀତ ଶତାଧିକ ତାଳପତ୍ର ପୋଥି, ପ୍ରାଚୀନ ପତ୍ରପତ୍ରିକା ଓ ପୁରାତନ ପୁସ୍ତକାବଳୀ ପଠନରେ ସବୁବେଳେ ସେ ନିମଗ୍ନ ଥିବେ । (ଏହି ଲେଖା ପ୍ରଦତ୍ତ ଛବି ସେକଥା କହିବ ।) ଜଣେ ଉଚ୍ଚ କୋଟିର ଗବେଷକ ଥିଲେ ସେ । ତାଙ୍କ ଠାରୁ ଅନେକ କଥା ଶିଖିବାର ଥିଲା । ତେଲୁଗୁ, ସଂସ୍କୃତ ସହ ଓଡ଼ିଆ ଭାଷା ସାହିତ୍ୟରେ ପାଣ୍ଡିତ୍ୱ ଥିବା ସେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ।

ରେଭେନ୍ସା ମହାବିଦ୍ୟାଳୟରୁ ପଢା ସାରି, ଆନ୍ଧ୍ର ପ୍ରଦେଶ ର ଶ୍ରୀକାକୁଲମ ଡିଗ୍ରୀ ମହାବିଦ୍ୟାଳୟ ରେ ପ୍ରଥମ ଓଡ଼ିଆ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । କିଛିକାଳ ଖଲ୍ଲିକୋଟ ମହାବିଦ୍ୟାଳୟ ରେ ଅଧ୍ୟାପନା ପରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରଫେସର୍ ଓ ବିଭାଗ ମୁଖ୍ୟ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଭାରତ ସରକାରଙ୍କ ଭାଷା

ଭାରତୀ ସମ୍ମାନ, ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହିତ, ଆହୁରି ଅନେକ ପୁରସ୍କାର ପାଇଛନ୍ତି । ତାଙ୍କ ସହ ମୋର ପାରିବାରିକ ସମ୍ପର୍କ ଥିଲା ।

ବିଭୂତି ପଟ୍ଟନାୟକ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଜଣେ ଓଡ଼ିଆ ଗାଳ୍ପିକ ଓ ଔପନ୍ୟାସିକ **ବିଭୂତି ପଟ୍ଟନାୟକ** (ଜନ୍ମ: ୨୫ ଅକ୍ଟୋବର ୧୯୩୭) ସଭାସମିତି ରେ ଅନେକ ଥର ଦେଖା ହୋଇଛି । ତାଙ୍କର ପ୍ରକାଶିତ ଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ ମୋ ଯୁବାବସ୍ଥା ରେ ପଢିବାକୁ ଖୁବ ଭଲ ଲାଗୁଥିଲା । ସେ ୧୯୭୦-୧୯୯୫ ମସିହା ପର୍ଯ୍ୟନ୍ତ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ । ତେଣୁ ମୁଁ ୧୯୮୭ ରେ ଅଧ୍ୟାପକ ହେବା ପରେ ତାଙ୍କୁ ବରିଷ୍ଠ ସହକର୍ମୀ ଭାବରେ ଦେଖିଛି । ମୁଁ ଅନୁପମ ଭାରତ ଖବର କାଗଜ ସମ୍ପର୍କରେ ଆସିବା ପରେ ତାଙ୍କ ସହ ଅଧିକ ସମ୍ପର୍କ ସ୍ଥାପନ ହୋଇପାରିଥିଲା ।

ଫତୁରାନନ୍ଦ (ରାମଚନ୍ଦ୍ର ମିଶ୍ର, ୧୯୧୫-୧୯୯୫):

ଫତୁରାନନ୍ଦ ଓଡ଼ିଆ ଭାଷାର ଜଣେ ବିଶିଷ୍ଟ ବ୍ୟଙ୍ଗ ସାହିତ୍ୟିକ ଥିଲେ । ତାଙ୍କର ପ୍ରକୃତ ନାମ ଥିଲା ରାମ ଚନ୍ଦ୍ର ମିଶ୍ର । ଛଦ୍ମ ନାମ "ଫତୁରାନନ୍ଦ ବ୍ୟବହାର କରି ସେ ବ୍ୟଙ୍ଗ ସାହିତ୍ୟ ରଚନା କରୁଥିଲେ । ସେ ୫୦୦ରୁ ଅଧିକ ହାସ୍ୟଗଳ୍ପ ରଚନା କରିଥିଲେ । ଫତୁରାନନ୍ଦଙ୍କ ଆତ୍ମଜୀବନୀ "ମୋ ଫୁଟା ଡଙ୍ଗାର କାହାଣୀ" ବ୍ୟଙ୍ଗ ରଚନା ଭାବରେ ବେଶ ଜଣାଶୁଣା ଥିଲା । ସେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଲେଖିବାକୁ ଆରମ୍ଭ କରିଥିଲେ। ସେ ଡଗର ପତ୍ରିକାରେ ତାଙ୍କର ଅନେକ ଲେଖା ଲେଖିଥିଲେ।

କିଛିବର୍ଷ ସେ ଡଗର ପତ୍ରିକାର ସମ୍ପାଦନା ଦାୟିତ୍ୱ ବି ତୁଲାଇଥିଲେ। ମୁଁ କଟକ ରେ ପଢିଲାବେଳେ ଅନେକ ଥର ତାଙ୍କ ସହ ଦେଖା ହୋଇଛି । ବନ୍ଧୁ ପ୍ରସାଦ ହରିଚନ୍ଦନ ଛାତ୍ର ଥିଲା ବେଳେ ସବୁଜ ମୈତ୍ରୀ ନାମରେ ଏକ ସଙ୍ଗଠନ କରିଥିଲେ । ତାହାର ରାଜ୍ୟସ୍ତରୀୟ ସଭା ପାଇଁ ଫତୁରାନନ୍ଦ ଙ୍କୁ ମୁଁ ଗାଡିରେ ବସାଇ କଟକରୁ ଭୁବନେଶ୍ବର ସୂଚନା ଭବନ କୁ ନେଇଥିଲି । ତାଙ୍କୁ ଦେଖା ଯାଉ ନଥିବାରୁ ସେଦିନ ସେ ମୋ କାନ୍ଧରେ ହାତରଖି ଯେତେବେଳେ ସଭା ମଣ୍ଡପ ଉପରକୁ ଉଠିଲେ ସେତେବେଳେ ଅନେକ ଦର୍ଶକ ସେଦିନ ଭାବିଥିଲେ ମୁଁ ତାଙ୍କ ପୁଅ ବୋଲି ।

ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥ (୧୯୨୯-୨୦୧୮):

ଚନ୍ଦ୍ରଶେଖର ରଥ ମୁଁ ବିଜେବି କଲେଜ ରେ ପଢିବା ବେଳେ ଉପାଧ୍ୟକ୍ଷ ଥିଲେ । ସେ ବିଜେବି କଲେଜ କଳା ବିଭାଗ ପ୍ରକୋଷ୍ଠ ରେ ବସଥିଲେ ଓ ଆମେ କଳା ବିଭାଗ ଛାତ୍ର ଥିବାରୁ ବରାବର ଦେଖା ହୁଏ । ବଳିଷ୍ଠ ବ୍ୟକ୍ତିତ୍ୱ ସୁଉଚ୍ଚ ଚେହେରା । ଗୁରୁ ଗମ୍ଭୀର ସ୍ୱର । ଯେକେହି ଛାତ୍ର ପ୍ରଥମ ଦେଖରେ ଡରିଯିବ । ମୁଁ ଅନୁପମ ଭାରତ ଖବର କାଗଜ ସମ୍ପର୍କରେ ଆସିବା ପରେ ତାଙ୍କ ସହ ଅଧିକ ସମ୍ପର୍କ ସ୍ଥାପନ ହୋଇପାରିଥିଲା । ସେ ମୋ ପ୍ରଥମ ପତ୍ରିକା (ଦିଶା) ର ନାମକରଣ କରିଥିଲେ ।

"ଯନ୍ତ୍ରାରୁଢ଼" ଓ "ନବଜାତକ" ଉପନ୍ୟାସ ତଥା "ପାଠଚକ୍ର ଡାଏରି" ଆଦି ରଚନା ବ୍ୟତୀତ, ତାଙ୍କର ତିନୋଟି ଉପନ୍ୟାସ {ଯନ୍ତ୍ରାରୁଢ଼ (୧୯୬୭), ଅସୂର୍ଯ୍ୟ ଉପନିବେଶ (୧୯୭୪) ଓ ନବଜାତକ (୧୯୮୧)}, ଚଉଦଟି ଗଳ୍ପ ସଂକଳନ, ବାରଟି ନିବନ୍ଧ ଗ୍ରନ୍ଥ ପ୍ରକାଶିତ ହୋଇଛି । ସେ ପଦ୍ମଶ୍ରୀ (୨୦୧୮), କେନ୍ଦ୍ର ସାହିତ୍ୟ ଏକାଡେମୀ (୧୯୯୭) ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ପୁରସ୍କାରରେ ସମ୍ମାନିତ ।

ରମେଶ ଚନ୍ଦ୍ର ଭଞ୍ଜ



ଓଡ଼ିଆ ଶିଶୁ ସାହିତ୍ୟିକ, ଶିକ୍ଷାବିତ ଓ ଭାଷାବିତ **ରମେଶ ଚନ୍ଦ୍ର ଭଞ୍ଜ** (୧୭ ଅପ୍ରେଲ ୧୯୪୧ - ୧୮ ମାର୍ଚ୍ଚ ୨୦୧୫) ଜଣେ ସ୍ନେହୀ ମଣିଷ ଥିଲେ । ତାଙ୍କ ସହ ମୋର ପାରିବାରିକ ସମ୍ପର୍କ । ମୁଁ ଶିଶୁ ପତ୍ରିକା ସୁମନ ପ୍ରକାଶ କରିବା ପଛରେ ତାଙ୍କ ସହଯୋଗ ଓ ଦିଗଦର୍ଶନ ଥିଲା । ଅନେକ ଲେଖା ଲେଖିଥିଲେ ସେ ସୁମନ ପତ୍ରିକା ପାଇଁ। "ଗପ ଗଣ୍ଠିଲି" ପୁସ୍ତକ ପାଇଁ, ସେ ୧୯୮୨ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ତାଙ୍କ ବଡ ପୁଅ ପ୍ରତାପ (ଗାନୁ) ମୋର ଅନୁଜ ତଥା ଛାତ୍ର ଥିଲା । ଖୋର୍ଦ୍ଧା ବୁଢିବଗିଚା ସ୍ଥିତ ତାଙ୍କ ବାସଭବନ କୁ ଯେତେ ଥର ଯାଇଛି, ସବୁଠାର ସେ ପ୍ରବଳ ଖାଇବାକୁ ଦେବେ ।

ରଙ୍ଗନାଥ ମିଶ୍ର

ଭାରତୀୟ ସୁପ୍ରିମ କୋର୍ଟର ଭୂତପୂର୍ବ ପ୍ରଧାନ ବିଚାରପତି **ରଙ୍ଗନାଥ ମିଶ୍ର** (୧୯୨୬-୨୦୧୨) ଙ୍କ ସହ ମୋର ପ୍ରଥମ ଦେଖା ହେବାର ସୌଭାଗ୍ୟ ମିଳିଥିଲା, ୧୯୮୪ ରେ ବାଣୀବିହାର ରେ ପଢୁଥିବା ସମୟରେ । ସେ ରାଜ୍ୟ ସଭା ସାଂସଦ ତଥା ଭାରତୀୟ ଜାତୀୟ ମାନବିକ ଅଧିକାର କମିଶନର ପ୍ରଥମ ଅଧକ୍ଷ

ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ସେ ଭାରତୀୟ ସୁପ୍ରିମ କୋର୍ଟର ପ୍ରଥମ ଓଡ଼ିଆ ବିଚାରପତି ଥିଲେ । ୧୯୨୬ ମସିହା ନଭେମ୍ବର ମାସ ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରଠାରେ, ପିତା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ପରିବାରରେ ରଙ୍ଗନାଥ ମିଶ୍ର ଜନ୍ମଗ୍ରହଣ କରିଥିଲେ । ବାଣପୁର ହାଇସ୍କୁଲରୁ ମାଟ୍ରିକ ପାସ କଲା ପରେ, ସେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ତାପରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିଲେ । ଆମ ଅଞ୍ଚଳର ଜ୍ଞାନୀ ଲୋକ ତଥା ଏତେ ସରଳ ଅମାୟିକ ବ୍ୟକ୍ତିତ୍ୱ, କେବଳ ମୁଁ କାହିଁକି ଆମେ ସମସ୍ତେ ମୁଗ୍ଧ ଓ ବିଶେଷ ପ୍ରଭାଭିତ ହୋଇଥିଲୁ । ତାଙ୍କ ସହ ଦୁଇ ଥର ଦେଖା ହୋଇ କଥା ହୋଇପାରିଛି।

ରମା ଦେବୀ (୧୮୯୯- ୧୯୮୫)

ମା' ରମା ଦେବୀ ଙ୍କ ସହ ଦୁଇଥର ଦେଖା ହୋଇଛି ୧୯୮୦-୮୨ ମଧ୍ୟରେ ମୁଁ ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବାବେଳେ । ରମା ଦେବୀ ଭାରତୀୟ ମୁକ୍ତି ସଂଗ୍ରାମରେ ଝାସ ଦେଇ ସେବା ଓ ପରୋପକାରରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୧୮୯୯ ମସିହାରେ ଜନ୍ମ । ମାତ୍ର ୧୫ ବର୍ଷ ବୟସରେ ଗୋପବନ୍ଧୁ ଚୌଧୁରୀଙ୍କ ସହ ତାଙ୍କର ବିବାହ ହୋଇଥିଲା । ୧୯୨୨ରେ କଂଗ୍ରେସ୍ କମିଟିର ପ୍ରଥମ ସଭ୍ୟ ହୋଇଥିଲେ ଗୋପବନ୍ଧୁ ଚୌଧୁରୀ ଏବଂ ବାର୍ଷିକ ସମ୍ମିଳନୀରେ ଯୋଗଦେବାକୁ ଗୟା ଯାତ୍ରା କରିଥିଲେ । ତାଙ୍କ ସହିତ ଗୟା ଯାଇଥିଲେ ରମା ଦେବୀ । ସେଠାରେ କସ୍ତୁରବାଙ୍କ ସହ ତାଙ୍କର ଭେଟ ହୋଇଥିଲା । ୧୯୩୦ ବେଳକୁ ରମା ଦେବୀ ପ୍ରତ୍ୟକ୍ଷ ଭାବେ ସମାଜସେବାକୁ ଓହ୍ଲାଇଥିଲେ। ୧୯୩୦ରେ ଭାଗଲପୁର ଜେଲ, ୧୯୩୨ରେ ହଜାରୀବାଗ ଜେଲରେ ସେ ବନ୍ଦୀ ଥିଲେ । ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ୧୯୮୧ରେ ତାଙ୍କୁ ଯମୁନାଲାଲ୍ ବଜାଜ୍ ପୁରସ୍କାର ମିଳିଥିଲା । ୧୯୮୫ ଜୁଲାଇ ୨୧ ତାରିଖରେ ସେ ପ୍ରାଣତ୍ୟାଗ କରିଥିଲେ । ଏତେ ସରଳ ନଦେଖିଲେ ବିଶ୍ୱାସ କରିହେବନି ସତରେ ।

ଆଉ ଜଣେ ରମା ଦେବୀ

ମୋ ଶାଶୁ **ରମାବତୀ ଦେବୀ** (30.12.1935 - 09.01.2012) ଖୋର୍ଦ୍ଧା ଜିଲ୍ଲା ର ଜଣେ ଛାତ୍ର ବତ୍ସଳ ଶିକ୍ଷୟିତ୍ରୀ ଥିଲେ । ସେ 1951 ରେ ମାଟ୍ରିକ ପାସ କରିବା ପରେ, 1956 ରେ ଶୈଳ ବାଳା ମହିଳା ମହାବିଦ୍ୟାଳୟ ରୁ ସ୍ନାତକ ପାସ କରିଥିଲେ ।

1958 ରେ ଶିକ୍ଷକତା ଆରମ୍ଭ କରିଥିଲେ ହେଁ ବୋଲଗଡ ରେ ପ୍ରଥମ ମହିଳା ପ୍ରଧାନ ଶିକ୍ଷକ ଭାବେ ଉଚ୍ଚ ବିଦ୍ୟାଳୟ ଗଢିତୋଳିଥିଲେ । ବୋଲଗଡ ଜଟଣୀ ଓ ଖୋର୍ଦ୍ଧା ରେ ସେ ପ୍ରାୟ 25 ବର୍ଷ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରହିବା ପରେ ବିଦ୍ୟାଳୟ ନିରିକ୍ଷକ ଓ ତା ପରେ ଅଧ୍ୟକ୍ଷ ଭାବେ ଅବସର ନେଇଥିଲେ । ତାଙ୍କ ପ୍ରଚେଷ୍ଟାରେ ଗୁରୁଜଙ୍ଗ ଠାରେ ନୂଆ କରି ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରଯାଇଥିଲା ।

ତାଙ୍କର ଶିକ୍ଷକତା ସମୟରେ ନିମ୍ନୋକ୍ତ ଅନୁଷ୍ଠାନ ରେ ସେ କାର୍ଯ୍ୟରତ ଥିଲେ:

Govt Girls' M.E. School, Talcher Dt. Dhenaknal	Headmistress	15.09.58	10.08.61
Govt Girls' High School, Bolgarh	Headmistress	15.09.65	17.03.73
Govt Girls' High School, Jatni	Headmistress	20.03.73	24.08.80
Govt Girls' High School, Khurda	Headmistress	25.08.80	26.02.89
Govt Vocational Higher Sec. School, Mendhashal	Vice-Principal	27.02.89	05.12.90
Office of the Inspector's of Schools, Kalahandi	Addnl. Inspector	13.12.90	31.08.92
Govt. HS Vocational School Dura Ganjam	Principal	07.09.92	03.09.93
D.I.E.T, Bolangir	Principal	11.09.93	**31.12.93**

ପଦ୍ମଲୋଚନ ପାଲଟାସିଂହ

ପଦ୍ମଲୋଚନ ପାଲଟାସିଂହ (୧୯୩୩ – ୨୦୦୧) ମୋ ଶଶୁର, ସେ ଖୋରଧା ଜିଲ୍ଲାର ଜଣେ ସୁଦକ୍ଷ ଶିକ୍ଷକ ଥିଲେ । ଗୋବିନ୍ଦ ଶ୍ରୀଚନ୍ଦନଙ୍କ ପୁତ୍ର ଓ ସୁବଳ ପାଲଟାସିଂହଙ୍କ ପୋଷ୍ୟ ପୁତ୍ର, ପଦ୍ମଲୋଚନ ୧୯୩୩ ରେ ଜନ୍ମ ଗ୍ରହଣ କରିଥିଲେ । ୧୯୫୫ ରେ ସେ ଶିକ୍ଷକତା ଆରମ୍ଭ କରି ପୁରୀ ଓ ଖୋରଧା ରେ ସୁନାମ ଅର୍ଜନ କରିଥିଲେ । ଡେଲାଂଗ ଓ ଖୋର୍ଦ୍ଧା ହାଇ ସ୍କୁଲ୍ ରେ ପ୍ରଧାନ ଶିକ୍ଷକ ଥିବାବେଳେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେଇ ପ୍ରିୟ ଭାଜନ ହୋଇଥିଲେ । ସେ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ । ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାବେ ସେ ବେଶ ସୁପରିଚିତ ଥିଲେ । ରାଜନୀତିରେ ଯୋଗଦେବାପାଇଁ ୧୯୯୦ରେ ଅବସର ଗ୍ରହଣ କରି, ଖୋରଧା ଜିଲ୍ଲା ବିଜେପି ସଭାପତି ହୋଇଥିଲେ । ୨୬.୬.୨୦୦୧ ରେ ତାଂକର (ମୁମ୍ବାଇ ସହରରେ ଝିଅ ପାଖରେ ଥିବା ସମୟରେ) ବିୟୋଗ ହୋଇଥିଲା ।

ରାଜ୍ୟର ପ୍ରମୁଖ ଘଟଣା

* ୧ ଏପ୍ରିଲ ୧୯୩୬ ରେ ଭାଷାଭିତ୍ତିରେ "ଓଡ଼ିଶା" ପ୍ରଦେଶ ଆତ୍ମପ୍ରକାଶ କଲା l ସାର ଜନ ଅଷ୍ଟିନ ହବାକ ରାଜ୍ୟପାଳ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଲେ l
* ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ବେଳକୁ ଶ୍ରୀ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ରୂପେ ଅବସ୍ଥାପିତ ଥିଲେ । ୧୯୫୦ – ୫୬ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲେ ତା ପରେ (୧୯୫୬-୬୧) ଶ୍ରୀ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଥିଲେ ।
* ୧୯୬୦ ମସିହାରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଉଦ୍ଘାଟନ ହୋଇଥିଲା ।
* ୧୯୬୦ ମସିହାରେ ଶ୍ରୀ ବିନୋଦ କାନୁନଗୋଙ୍କ ସମ୍ପାଦନାରେ ଜ୍ଞାନମଣ୍ଡଳର ପ୍ରଥମ ଭାଗ ଉନ୍ମୋଚିତ ହୋଇଥିଲା ।
* ୧୯୬୧ ମସିହାରେ ଓଡ଼ିଶା ରାଜ୍ୟ ବିଧାନସଭା ଗୃହ ସ୍ଥାପିତ ହୋଇଥିଲା ।
* ୧୯୬୧ ମସିହାରେ ରାଉରକେଲା ସ୍ଥିତ ଇଂଜିନିୟରିଂ ମହାବିଦ୍ୟାଳୟ (REC/NIT) ଆରମ୍ଭ ହୋଇଥିଲା ।
* ୧୯୬୨ ମସିହାରେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ପାରାଦ୍ୱୀପ ବନ୍ଦରର ଭିତ୍ତିପ୍ରସ୍ଥର ସ୍ଥାପନା କରିଥିଲେ ।
* ୧୯୬୨ ମସିହାରେ ଭୁବନେଶ୍ୱରସ୍ଥିତ ସୈନିକସ୍କୁଲ ପ୍ରତିଷ୍ଠିତ ହୋଇଥିଲା ।
* ୧୯୬୨ ମସିହାରେ କୃଷି ବୈଷୟକ ବିଶ୍ୱବିଦ୍ୟାଳୟ ଓ.ୟୁ.ଏ.ଟି ପ୍ରତିଷ୍ଠା ହୋଇଥିଲା।
* ୧୯୬୩ ମସିହାରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ।
* ୧୯୬୪ ମସିହାରେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ତାଳଚେର ଠାରେ ଥର୍ମାଲ ପାୱାର କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ ।
* ୧୯୬୭ ମସିହାରେ ଉଭୟ ବ୍ରହ୍ମପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ।
* ୧୯୬୯ ମସିହା ଅଗଷ୍ଟ ୨୪ ତାରିଖ ଦିନ ଭି.ଭି. ଗିରି ଭାରତର ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

* ୧୯୭୦ ମସିହାରେ ଉତ୍କଳ କଂଗ୍ରେସ ନାମକ ଏକ ଆଞ୍ଚଳିକ ଦଳ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସଂଗଠିତ ହୋଇଥିଲା ।
* ୧୯୭୧ ମସିହାରେ ପୁରୀ ଠାରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ।
* ୧୯୮୦ ମସିହାରେ ଇଂଲଣ୍ଡର ରାଜକୁମାର ଚାର୍ଲସ ଓଡ଼ିଶା ଆସିଥିଲେ ।
* ୧୯୮୦ ମସିହାରେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ଶ୍ରୀ ବିଜୁ ପଟ୍ଟନାୟକ "ଭୁମିପୁତ୍ର" ଉପାଧିତରେ ଭୁଷିତ ହୋଇଥିଲେ ।
* ୧୯୮୧ ମସିହାରେ ଅନୁଗୁଳ ଠାରେ ନାଲକୋ କାରଖାନା ପ୍ରତିଷ୍ଠା ହୋଇଥିଲା ।
* ୧୯୮୪ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବଲାଙ୍ଗୀର ଜିଲ୍ଲାସ୍ଥିତ ସଇଁତଳା ଠାରେ ଗୋଳାବାରୁଦ କାରଖାନାର ଶିଳାନ୍ୟାସ କରିଥିଲେ ।
* ୧୯୮୪ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭୁବନେଶ୍ୱର ଠାରେ ତାଙ୍କର ଶେଷ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ ।
* ୧୯୮୭ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ଦେହାନ୍ତ ହୋଇଥିଲା ।
* ୧୯୮୭ ମସିହାରେ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା ।
* ୧୯୮୮ ମସିହାରେ କଟକର ଦୂରଦର୍ଶନ କେନ୍ଦ୍ରରେ ପ୍ରଥମ ଓଡ଼ିଆ ସମାଚାର ପ୍ରସାରିତ ହୋଇଥିଲା ।
* ୧୯୯୦ ମସିହାରେ ଜଷ୍ଟିସ ରଙ୍ଗନାଥ ମିଶ୍ର ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।
*୧୯୯୨ ମସିହାରେ ଓଡିଶାର ୧୩ ଟି ଜିଲ୍ଲା ବିଭାଜନ ହୋଇ ୩୦ ଟି ଜିଲ୍ଲାରେ ପରିଣତ ହୋଇଥିଲା ।
* ୧୯୯୭ ମସିହାରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରାଣତ୍ୟାଗ କରିଥଲେ ।
*୧୯୯୯ ମସିହାରେ ବାଲେଶ୍ବର ଜିଲ୍ଲାସ୍ଥିତ ଫକୀର ମୋହନ ବିଶ୍ବବିଦ୍ୟାଳୟ ଏବଂ ବାରିପଦାସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହୋଇଥିଲା ।

*୧୯୯୯ ମସିହା ଅକ୍ଟୋବର ମାସରେ ଭୟାବହ ମହାବାତ୍ୟା ଓଡିଶାର ଉପକୂଳବର୍ତୀ ଅଞ୍ଚଳ ଗୁଡିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲା ।

*୨୦୦୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ ।

*୨୦୦୦ ମସିହାରେ ଉତ୍କଳ ସଂସ୍କୃତି ବିଶ୍ୱବଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ।

*୨୦୦୪ ମସିହା ମେ ମାସ ୭ ତାରିଖରେ ଓଡିଶାର ରୂପା ମିଶ୍ର ପ୍ରଥମ ମହିଳା ଆଇ.ଏ.ଏସ୍ ଟପ୍ପର ହୋଇଥିଲେ ।

*୨୦୦୪ ମସିହା ଅଗଷ୍ଟ ମାସ ୨୧ ତାରିଖରେ ଆଧୁନିକ ଓଡିଆ ସାହିତ୍ୟର ଅଗ୍ରଦୂତ ପଦ୍ମଶ୍ରୀ ଉପାଧୀ ପ୍ରାପ୍ତ ସଚ୍ଚି ରାଉତରାୟଙ୍କର ପରାଲୋକ ଘଟିଥିଲା ।

*୨୦୦୪ ମସିହା ଅଗଷ୍ଟ ମାସ ୨୬ ତାରିଖରେ କବି ଗୁରୁ ପ୍ରସାଦ ମହାନ୍ତି ଦେହତ୍ୟାଗ କରିଥିଲେ । ସେ ମୋ ପଢିବା ବେଳେ ବିଜେବି କଲେଜ ରେ ଅଧକ୍ଷ ଥିଲେ।

* ୨୦୦୪ ମସିହା ଅକ୍ଟୋବର ଚାରି ତାରିଖରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କର ପରଲୋକ ଘଟିଥିଲା ।

* ୨୦୦୬ ମସିହାରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼କ୍ଟର ଏ.ପି.ଜେ ଅବଦୁଲ କଲାମ ଆଇ.ଆଇ.ଆଇ.ଟି, ଭୁବନେଶ୍ୱର ର ଭିତ୍ତିପ୍ରସ୍ତର ପକେଇଥିଲେ ।

* ୨୦୦୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ଦେହାନ୍ତ ହୋଇଥିଲା ।

* ୨୦୦୮ ମସିହାରେ ପ୍ରଥମ ମହିଳା ଭାବେ କଳ୍ପନା ଦାସ ଏସିଆର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ ଆରୋହଣ କରି ଆମ ରାଜ୍ୟ ପାଇଁ ଗୌରବ ଆଣିଥିଲେ ।

* ୨୦୦୯ ମସିହାରେ ଶ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ତୃତୀୟଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

* ୨୦୧୧ ମସିହାରେ ଓଡ଼ିଶାର ନାମ Orissa ରୁ Odisha ଏବଂ ଓଡିଆ ଭାଷା Oriya ରୁ Odia ଭାବେ ସଂଶୋଧିତ ହେଲା ।

* ୨୦୧୪ ମସିହାରେ ଓଡିଆ ଭାଷା ପ୍ରାଚୀନ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ପାଇଲା।

ଦେଶର ପ୍ରମୁଖ ଘଟଣା

*୧୯୬୪ ମସିହା ମେ ମାସ ୨୭ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ଦେହାନ୍ତ ହୋଇଥିଲା ।

* ୧୯୬୫ ମସିହା ସେପ୍ଟେମ୍ବର ୬-୨୩ ତାରିଖ ପର୍ଯ୍ୟନ୍ତ ପାକିସ୍ଥାନ ଓ ଭାରତ ମଧ୍ୟରେ ଦ୍ୱିତୀୟ ଯୁଦ୍ଧ ହୋଇଥିଲା ।

* ୧୯୬୬ ମସିହା ଜାନୁଆରୀ ୧୧ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ରହସ୍ୟଜନକ ଭାବେ ରୁଷିଆର ତସ୍କେଣ୍ଟ ଠାରେ ମୃତ୍ୟୁ ହୋଇଥିଲା ।

* ୧୯୬୬ ମସିହା ଜାନୁଆରୀ ୨୪ ତାରିଖରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ ।

* ୧୯୭୧ ମସିହା ଡିସେମ୍ବର ୩-୧୬ ତାରିଖ ପର୍ଯ୍ୟନ୍ତ ପାକିସ୍ତାନ ଓ ଭାରତ ମଧ୍ୟରେ ସୃଷ୍ଟ ହୋଇଥିବା ତୃତୀୟ ଯୁଦ୍ଧ ଚରମସୀମାରେ ପହଞ୍ଚିଥିଲା ଓ ବାଙ୍ଗଲାଦେଶର ଉତ୍ପତ୍ତି ସହ ପାକିସ୍ତାନ ଶୋଚନୀୟ ପରାଜୟ ବରଣ କରିଥିଲା । ସେ ସମୟରେ ମୁଁ ଚରବାଟିଆ ସ୍ଥିତ ମିଲିଟାରୀ ଅଞ୍ଚଳରେ ରହୁଥିଲି ଓ ଯୁଦ୍ଧ ସମୟର ଉତ୍ତେଜନା ଓ ଉତ୍କଣ୍ଠା ର ଅନୁଭବ ଥିଲା ।

*୧୯୮୨ ମସିହାରେ ଭାରତ ଏସିଆଡ ଖେଳ ଆୟୋଜନ କରିବା ସହ ପ୍ରଥମ କରି ରଙ୍ଗୀନ ଟେଲିଭିଜନ ପ୍ରସାରଣ କଲା ।

*୧୯୮୩ ମସିହାରେ ଭାରତ କପିଳ ଦେବଙ୍କ ପ୍ରତିନିଧିତ୍ୱରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମଥର ପାଇଁ ବିଶ୍ୱକପ ଜିତିଥିଲା । ସାରା ଭାରତରେ ଖୁସିର ଲହରୀ ଖେଳିଯାଇଥିଲା ।

* ୧୯୮୪ ମସିହାରେ ନିଜ ଶିଖ ଅଙ୍ଗରକ୍ଷକଙ୍କ ଦ୍ୱାରା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିହତ ହେବା ପରେ, ତାଙ୍କ ପୁତ୍ର ଶ୍ରୀ ରାଜୀବ ଗାନ୍ଧି ପ୍ରଧାନ ମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

*୧୯୯୧ ମସିହାରେ ଏକ ଆତ୍ମଘାତୀ ବିସ୍ଫୋରଣକାରୀ ଦ୍ୱାରା ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା ।

* ୧୯୯୨: ଅଯୋଧ୍ୟା ରେ ଥିବା ବାବରୀ ମସଜିଦ ହିନ୍ଦୁ 'କର-ସେବକ' ମାନେ ଭାଙ୍ଗି ଦେଇଥିଲେ । ଏଥିରେ ସାରା ଦେଶ ଓ ବିଶ୍ୱ ସ୍ତବ୍ଧ ହୋଇଯାଇଥିଲା ଓ ପରେ ପରେ ଦେଶ ବ୍ୟାପୀ ଦଙ୍ଗା ଆରମ୍ଭ ହୋଇଯାଇଥିଲା ।
* ୧୯୯୯ ମସିହା ମେ ମାସରେ ଭାରତୀୟ ସେନା କାର୍ଗିଲର ବରଫାବୃତ ଅଞ୍ଚଳରେ ପାକିସ୍ତାନୀ ସନ୍ୟମାନଙ୍କୁ ଘଉଡ଼େଇବା ରେ ଏକ ସଫଳ ଅପରେସନ ଆରମ୍ଭ କରିଥିଲେ ଯାହା କାର୍ଗିଲ ଯୁଦ୍ଧ ନାମରେ ପରିଚିତ ।
* ୨୦୦୧ ମସିହା ଜାନୁଆରୀ ମାସରେ ଗୁଜରାଟରେ ହୋଇଥିବା ଛାତିଥରା ଭୂମିକମ୍ପରେ ପଶ୍ଚିମ ଭାରତର ୨୦,୦୦୦ ଲୋକଙ୍କ ମୃତ୍ୟୁ ହେବା ସହ ପାଖାପାଖି ୧୬୬,୮୦୦ ଲୋକ କ୍ଷତାକ୍ତ ହୋଇଥିଲେ ।
* ୨୦୦୨: ଗୁଜୁରାଟ ର ଅହମଦାବାଦ ନିକଟସ୍ଥ ଗୋଧ୍ରା ଠାରେ ଏକ ଟ୍ରେନ ର ଗୋଟେ ଡବା/ ବଗି ପୋଡିଦେବାରୁ ୫୯ ଜଣ ହିନ୍ଦୁ ତୀର୍ଥ ଯାତ୍ରୀ ମୃତ୍ୟୁ ବରଣ କରିଥିଲେ । ଏହା ପରେ ପରେ ସାରା ଗୁଜୁରାଟ ରାଜ୍ୟରେ ଦଙ୍ଗା ହୋଇଗଲା ଓ ୧୫୦୦ ରୁ ଅଧିକ ଲୋକ ଙ୍କ ପ୍ରାଣହାନୀ ଘଟିଥିଲା । ଠିକ ସେହି ସମୟରେ ଆମେ ଅହମଦାବାଦ ଆଇଆଇଏମ ଭିତରେ ଥାଉ । ଘରକୁ ଫେରିବାର ଥିଲା କିନ୍ତୁ ସପ୍ତାହେ ପର୍ଯ୍ୟନ୍ତ କେହି ବାହାରକୁ ବାହାରିପାରି ନଥିଲୁ ।
* ୨୦୦୪: ପ୍ରଳୟଙ୍କରୀ ସୁନାମୀ ରେ ପୂର୍ବ ତଟ ରେ ତାଣ୍ଡବ ରଚିଗଲା ହଜାର ହଜାର ଲୋକ ମୃତ୍ୟୁ ବରଣ କଲେ ।
* ୨୦୦୮ ନଭେମ୍ବର ମାସରେ ହୋଇଥିବା ମୁମ୍ବାଇ ଆକ୍ରମଣ (ଯାହା ୨୬/୧୧ ଆକ୍ରମଣ ଭାବରେ ଜଣାଶୁଣା) ରେ ୧୭୪ ଜଣଙ୍କ ପ୍ରାଣହାନୀ ଘଟିଥିଲା, ଯେଉଁଥିରେ ପାକିସ୍ତାନର ଇସଲାମିକ ଆତଙ୍କବାଦୀ ସଂଗଠନ "ଲସ୍କର-ଏ-ତାଇବା" ର ମଧ୍ଯ ୯ଜଣ ଆତଙ୍କବାଦୀ ଥିଲେ ।
* ୨୦୧୧: ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱ ରେ ଭାରତ ବିଶ୍ୱ କପ ହାସଲ କଲା ।
* ୨୦୧୪: ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ରେ ବିଜେପି କେନ୍ଦ୍ରରେ ପୂର୍ଣ ବହୁମତ ସହ ସରକାର ଗଠନ କଲା ।
* ୨୦୨୦: ମସିହାରେ କୋଭିଡ଼-୧୯ କୁ ଏକ ବିଶ୍ୱସ୍ତରୀୟ ମହାମାରୀ ରୂପେ ଘୋଷଣା କରାଯାଇଥିଲା । 2021-22 ମଧ୍ୟରେ, ଏହି ମହାମାରୀ କବଳରେ ପଡି ସାରା ବିଶ୍ବରେ ଲକ୍ଷ ଲକ୍ଷ ଲୋକ ପ୍ରାଣତ୍ୟାଗ କରିଥିଲେ ।